ଆସିବ
‘ଜେଲର୍ ୩’
ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-121 ◆MONDAY ◆26 OCTOBER 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୧୨୧ ◆ସୋମବାର ◆୨୬ ଅକ୍ଟୋବର ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦

ମାଡ଼ି ଆସୁଛି ଅର୍ଣ୍ଣବ

୨୮ ତାରିଖ ସକାଳେ ଆନ୍ଧ୍ରର ବାପଟଲାରେ ଲ୍ୟାଣ୍ଡଫଲ୍

ବାତ୍ୟା ମୁହଁରେ ଦକ୍ଷିଣ ଓଡ଼ିଶାର ୫ ଜିଲ୍ଲା

■ ଭୁବନେଶ୍ୱର, ୨୫।୧୦ (ସମିସ): ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ଘନୀଭୂତ ହୋଇ ଗଭୀର ଅବପାତରେ ପରିଣତ ହୋଇଛି । ଏହା ସୋମବାର ବେଳକୁ ବାତ୍ୟାରେ ପରିଣତ ହୋଇଯିବ । ଏହାପରେ ବାତ୍ୟା ‘ଅର୍ଣ୍ଣବ’ ନାମରେ ନାମିତ ହେବ । ବାତ୍ୟା ସୃଷ୍ଟି ପରେ ପରବର୍ତ୍ତୀ ୨ ଦିନ ମଧ୍ୟରେ ଆହୁରି ଅଧିକ ଶକ୍ତିଶାଳୀ ହୋଇ ପ୍ରଥମେ ଭୀଷଣ ବାତ୍ୟା ଓ ପରେ ଅତି ଭୀଷଣ ବାତ୍ୟାର ରୂପ ଧାରଣ କରି ୨୮ ତାରିଖ ସକାଳେ ଆନ୍ଧ୍ରପ୍ରଦେଶର ବାପଟଲା ନିକଟସ୍ଥ ଅଞ୍ଚଳରେ ସ୍ଥଳଭାଗ ଛୁଇଁବ । ଏହି ସମୟରେ ପବନର ଘଣ୍ଟା ପ୍ରତି ସର୍ବାଧିକ ବେଗ ୧୪୦ କିମି ପର୍ଯ୍ୟନ୍ତ ରହିବା ନେଇ ଭାରତୀୟ ପାଣିପାଗ ବିଭାଗ(ଆଇଏମ୍‌ଡି) ପୂର୍ବାନୁମାନ କରିଛି । ବାତ୍ୟା ପ୍ରଭାବରେ ଆନ୍ଧ୍ର ଉପକୂଳବର୍ତ୍ତୀ ଜିଲ୍ଲାରେ

ଆନ୍ଧ୍ରରେ ଉଜାଡ଼ିବ, ଓଡ଼ିଶାରେ ଭୀଷଣ ବର୍ଷିବ

ଭୀଷଣ ବର୍ଷା ସାଙ୍ଗକୁ ପବନ ଆଶଙ୍କା କରାଯାଇଛି । ଏହି ବାତ୍ୟା ପ୍ରଭାବରେ ଓଡ଼ିଶାରେ ଅପେକ୍ଷାକୃତ କମ୍ ପ୍ରଭାବ ରହିବାର ସମ୍ଭାବନା ରହିଛି । ତେବେ ଦକ୍ଷିଣ ଓଡ଼ିଶାର ୫ଟି ଜିଲ୍ଲା ଉପରେ ବାତ୍ୟାର ସର୍ବାଧିକ ପ୍ରଭାବ ପଡ଼ିବା ଆଶଙ୍କା କରାଯାଉଛି । ଏହାକୁ ଦୃଷ୍ଟିରେ ରଖି ୨୮ ତାରିଖ ପାଇଁ ଗଜପତି, ଗଞ୍ଜାମ, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲ୍ଲା ପାଇଁ ରେଡ୍ ଆଲର୍ଟ ଜାରି ହୋଇଛି । ଏହି ଜିଲ୍ଲାଗୁଡ଼ିକରେ ସବୁଠୁ ଅଧିକ ବର୍ଷା ସହ ଘଣ୍ଟା ପ୍ରତି ୬୦ କିମି ବେଗରେ ପବନ ବହିପାରେ ବୋଲି ପାଣିପାଗ କେନ୍ଦ୍ର ଆକଳନ କରିଛି ।

ସେହିପରି କଳାହାଣ୍ଡି, କନ୍ଧମାଳ, ନୂଆପଡ଼ା, ନବରଙ୍ଗପୁର, ବଲାଙ୍ଗି, ବରଗଡ଼, ପୁରୀ, ଖୋର୍ଦ୍ଧା ଓ ନୟାଗଡ଼ ଆଦି ଜିଲ୍ଲାରେ ମଧ୍ୟ ମଧ୍ୟରୁ ପ୍ରବଳ ବର୍ଷା ହୋଇପାରେ ବୋଲି କେନ୍ଦ୍ର ପକ୍ଷରୁ ବୁଲେଟିନ୍‌ରେ ଜାରି କରାଯାଇଛି । ବାତ୍ୟା ସ୍ଥଳଭାଗରେ ମାଡ଼ ହେବା ପରେ ଦ୍ରୁତ ଗତିରେ ଦୁର୍ବଳ ହେବ ବୋଲି ଆକଳନ କରାଯାଉଛି । ତେଣୁ ୨୯ ତାରିଖରେ ଏହାର ପ୍ରଭାବ କମିବାର ସମ୍ଭାବନା ରହିଛି । ତେବେ ସୁରକ୍ଷା ଦୃଷ୍ଟିରୁ ଆସନ୍ତା ୨୯ ତାରିଖ ପର୍ଯ୍ୟନ୍ତ ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ଯିବାକୁ ବାରଣ କରାଯାଇଛି । ▶ପୃଷ୍ଠା-୭

ଆର୍‌ବିଆଇ ଡାଟା ସେଣ୍ଟର ଓ ସାଇବର ସୁରକ୍ଷା ତାଲିମ ପ୍ରତିଷ୍ଠାନ ଲୋକାର୍ପିତ

ଓଡ଼ିଶା ଲେଖିବ ନୂଆ ଭବିଷ୍ୟତ: ପ୍ରଧାନମନ୍ତ୍ରୀ

■ ଭୁବନେଶ୍ୱର/ଖୋର୍ଦ୍ଧା, ୨୫।୧୦ (ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରବିବାର ଖୋର୍ଦ୍ଧାରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ର ନୂତନ ଡାଟା ସେଣ୍ଟର ଏବଂ ସାଇବର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନର ଉଦ୍‌ଘାଟନ କରିଛନ୍ତି । ମହାପ୍ରଭୁ ଜଗନ୍ନାଥଙ୍କ ଆଶୀର୍ବାଦ କାରଣରୁ ଭୁବନେଶ୍ୱର

ମଜଭୁତ ହେବ ଦେଶର ଡିଜିଟାଲ ଭିତ୍ତିଭୂମି ଓ ସାଇବର ସୁରକ୍ଷା କ୍ଷମତା

ଆଜି ନୂଆ ଭାରତକୁ ଏକ ଗୁରୁତ୍ୱପୂର୍ଣ୍ଣ ନୂଆ ପ୍ରତିଷ୍ଠାନ ଦେଉଛି । ଏହା ଓଡ଼ିଶା ଓ ସମଗ୍ର ଦେଶର ଲୋକଙ୍କ ପାଇଁ ଅତ୍ୟନ୍ତ ଲାଭଦାୟକ ହେବ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

ପ୍ରଧାନମନ୍ତ୍ରୀ ପୂର୍ବ ଭାରତକୁ ‘ବିକଶିତ ଭାରତ’ର ଏକ ଶକ୍ତିଶାଳୀ ବିକାଶ ଇଞ୍ଜିନ୍ ଭାବେ ଅଭିହିତ କରି କହିଛନ୍ତି ଯେ ରାଜ୍ୟ ଏହାର ପାରମ୍ପରିକ ଖଣିଜଭିତ୍ତିକ ଶିଳ୍ପ ସହ ସେମିକଣ୍ଡକ୍ଟର, ଇଲେକ୍ଟ୍ରୋନିକ୍ସ, ଡାଟା ସେଣ୍ଟର ଓ ଆଡଭାନ୍ସଡ୍ କମ୍ପ୍ୟୁଟିଂର ନୂଆ ପରିବେଶ ଗଢ଼ି ତୋଳୁଛି । ଏହି ନୂଆ କ୍ଷେତ୍ରଗୁଡ଼ିକ ଓଡ଼ିଶାର ଯୁବପିଢ଼ି ପାଇଁ ବିପୁଳ ସୁଯୋଗ ସୃଷ୍ଟି କରିବ ଏବଂ ସେମାନଙ୍କ ବଡ଼ ସ୍ୱପ୍ନକୁ ସାକାର କରିବ । ଓଡ଼ିଶା ମାଇନ୍ସରୁ ମାଇକ୍ରୋଚିପ୍ ପର୍ଯ୍ୟନ୍ତ ନୂଆ ଭବିଷ୍ୟତ ଲେଖିବ । ଦେଶର ପ୍ରଶାସନିକ ଆଭିମୁଖ୍ୟରେ ଏକ ବଡ଼ ପରିବର୍ତ୍ତନ ଘଟିଛି । ଆଜିର ଶାସନ ବ୍ୟବସ୍ଥା ବିକାଶକୁ ପ୍ରାଥମିକତା ଦେବା, ଏହାର ପରିସର ବଢ଼ାଇବା ଏବଂ ଶେଷ ଲୋକ ପର୍ଯ୍ୟନ୍ତ ଏହାର ଲାଭ ପହଞ୍ଚାଇବା ଉପରେ ଆଧାରିତ ।

ଦେଶରେ ଆର୍ଥିକ ଅନ୍ତର୍ଭୁକ୍ତୀକରଣରେ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍‌ର ଭୂମିକା ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ କହିଛନ୍ତି ଯେ ଏବେ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍ ମାଧ୍ୟମରେ ପ୍ରତ୍ୟେକ ଭାରତୀୟ ୨୪ ଘଣ୍ଟିଆ ବ୍ୟାଙ୍କିଙ୍ଗ୍ ସେବା ପାଇପାରୁଛନ୍ତି । ପୂର୍ବରୁ ବ୍ୟାଙ୍କିଙ୍ଗ୍ ସେବାରୁ ବଞ୍ଚିତ ଥିବା ଗରିବ, କ୍ଷୁଦ୍ର ଚାଷୀ, ମହିଳା ଓ ଅସଂଗଠିତ କ୍ଷେତ୍ରର ଶ୍ରମିକମାନେ ଏବେ ଔପଚାରିକ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାର ସୁଫଳ ପାଉଛନ୍ତି । ଜନଧନ ଯୋଜନାରେ ଖୋଲାଯାଇଥିବା ପ୍ରାୟ ୬୦ କୋଟି ଖାତା ଯୋଗୁଁ ସରକାରୀ ସହାୟତା ସିଧାସଳଖ ହିତାଧିକାରୀଙ୍କ ଖାତାରେ ପହଞ୍ଚୁଛି ▶ପୃଷ୍ଠା-୭

୧ରେ କଂଗ୍ରେସର ଦିଲ୍ଲୀ ସମାବେଶ

■ ନୂଆଦିଲ୍ଲୀ, ୨୫।୧୦ (ଏଜେନ୍ସି): କଂଗ୍ରେସ ନେତୃତ୍ୱାଧିନ ବିରୋଧୀ ମେଣ୍ଟ ଇଣ୍ଡିଆ ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ପଦରୁ ହଟାଇବା ଦାବିରେ ନଭେମ୍ବର ୧ରେ ଦିଲ୍ଲୀର ରାମଲୀଳା ମୈଦାନରେ ବିଶାଳ ସମାବେଶ କରିବ । ଏହି ସମାବେଶରେ ପ୍ରାୟ ୧୦ ଲକ୍ଷ ଲୋକ ଯୋଗଦେବେ ବୋଲି କଂଗ୍ରେସ ଆଶା ରଖିଛି ।

ମୁଖ୍ୟ ନିର୍ବାଚନ କମିଶନରଙ୍କ ଅପସାରଣ ଦାବି
୧୦ ଲକ୍ଷ ଲୋକଙ୍କ ସମାଗମ ଆଶା

ନିର୍ବାଚନୀ ତାଲିକାରେ ଅନିୟମିତତା, ଭୋଟଦାନ ଅଧିକାରର ସୁରକ୍ଷା ଏବଂ ନିର୍ବାଚନ କମିଶନଙ୍କ କାର୍ଯ୍ୟଧାରାରେ ସ୍ୱଚ୍ଛତା ଏହି ଆନ୍ଦୋଳନର ପ୍ରମୁଖ ପ୍ରସଙ୍ଗ ରହିବ । ହରିୟାଣା କଂଗ୍ରେସ ପ୍ରଭାରୀ ସଞ୍ଜୟ ଦତ୍ତ ଓ ରାଜ୍ୟ କଂଗ୍ରେସ ସଭାପତି ରାଓ ନରେନ୍ଦ୍ର ସିଂହ ଶନିବାର ଏହି ସୂଚନା ଦେଇଛନ୍ତି । ସେମାନଙ୍କ କହିବା ଅନୁଯାୟୀ, ନିର୍ବାଚନୀ ତାଲିକାର ସଠିକତା ଓ ପ୍ରତ୍ୟେକ ଯୋଗ୍ୟ ନାଗରିକଙ୍କ ଭୋଟ ଅଧିକାର ଗଣତନ୍ତ୍ରର ମୂଳଦୁଆ । ଏହି ପ୍ରସଙ୍ଗରେ ଦଳ କୌଣସି ସାଲିସ କରିବ ନାହିଁ । କଂଗ୍ରେସର ‘ଭୋଟ୍ ବଞ୍ଚାଅ, ଦେଶ ବଞ୍ଚାଅ’ ଅଭିଯାନ ଏବେ ନିର୍ଣ୍ଣାୟକ ପର୍ଯ୍ୟାୟରେ ପହଞ୍ଚିଥିବା ଦଳୀୟ ନେତାମାନେ କହିଛନ୍ତି । ହରିୟାଣାର ପ୍ରତ୍ୟେକ ଜିଲ୍ଲା, ▶ପୃଷ୍ଠା-୭

‘ଭୋଟ୍ ଚୋରି’ ବିରୋଧୀ ରାଲିର ପ୍ରଚାର

ବିଜେପିକୁ ହୃଦୟରୁ ଧନ୍ୟବାଦ: ରାହୁଲ

■ ନୂଆଦିଲ୍ଲୀ, ୨୫।୧୦ (ଏଜେନ୍ସି): ନଭେମ୍ବର ୧ରେ କଂଗ୍ରେସର ପ୍ରସ୍ତାବିତ ‘ଭୋଟ ଚୋରି’ ରାଲିକୁ ନେଇ ବିଜେପି -କଂଗ୍ରେସ ମଧ୍ୟରେ ତୀବ୍ର ହେଉଛି ରାଜନୈତିକ ବାକ୍‌ଯୁଦ୍ଧ । ଏହାରି ମଧ୍ୟରେ ରାଲିକୁ ସମାଲୋଚନା କରି ବିଜେପି ଏହାର ପ୍ରଚାର କରୁଥିବା ଉଲ୍ଲେଖ କରି ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଏଥିଲାଗି ବିଜେପିକୁ ‘ହୃଦୟରୁ ଧନ୍ୟବାଦ’ ଜଣାଇଛନ୍ତି । ନିର୍ବାଚନ ପ୍ରକ୍ରିୟାର ସ୍ୱଚ୍ଛତା ଓ ଭୋଟର ତାଲିକାରେ ଅନିୟମିତତା ସଂକ୍ରାନ୍ତରେ ▶ପୃଷ୍ଠା-୭

ଚିଙ୍ଗୁଡ଼ି ଚାଷ ଜମି ବିବାଦରୁ ଅଘଟଣ

ଫାଣ୍ଡି ଅଧିକାରୀ ଓ ମହାଜନଙ୍କ ଚାପରେ ବୃଦ୍ଧଙ୍କ ଆତ୍ମହତ୍ୟା !

■ ପୁରୀ/ବ୍ରହ୍ମଗିରି, ୨୫।୧୦ (ସମିସ): ଫାଣ୍ଡି ଅଧିକାରୀ ଓ ମହାଜନଙ୍କ ଚାପ ଯୋଗୁଁ ମାନସିକ ଭାରସାମ୍ୟ ହରାଇ ଜଣେ ବୃଦ୍ଧ ଆତ୍ମହତ୍ୟା କରିଥିବା ନେଇ ଗୁରୁତର ଅଭିଯୋଗ ଉଠିଛି । ମୃତ୍ୟୁ ପୂର୍ବରୁ ବୃଦ୍ଧ ଜଣକ ଲେଖିଥିବା ସୁଇସାଇଡ୍ ନୋଟ୍‌ରେ ନୂଆପଡ଼ା ଫାଣ୍ଡି ଅଧିକାରୀ ମନୋରଞ୍ଜନ ଦାଶ ଓ ମହାଜନ ଦିଲ୍ଲୀପ ପଲେଇଙ୍କ ନାମ ଉଲ୍ଲେଖ ଥିବା ପରିବାର ପକ୍ଷରୁ କୁହାଯାଇଛି । ଏହି ଘଟଣାକୁ ନେଇ ଅଞ୍ଚଳରେ ଚର୍ଚ୍ଚା ଜୋର୍ ଧରିଥିବାବେଳେ ପୁଲିସର କାର୍ଯ୍ୟଶୈଳୀକୁ ନେଇ ମଧ୍ୟ ପ୍ରଶ୍ନ ଉଠିଛି । ମୃତକ ହେଉଛନ୍ତି ପୁରୀ ଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ଗୁରୁବାଇ ନୂଆସାହିର ପଞ୍ଚାନନ ସିଠ । ତାଙ୍କ ପୁଅ ପ୍ରିୟରଞ୍ଜନ ଏହି ଘଟଣାରେ ନ୍ୟାୟ ଦାବି କରିଛନ୍ତି । ସୁଇସାଇଡ୍ ନୋଟ୍‌କୁ ଆଧାର କରି ସମ୍ପୃକ୍ତ ଫାଣ୍ଡି ଅଧିକାରୀ ଓ ମହାଜନଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନେବାକୁ ସେ ଏତଲା ଦେଇଛନ୍ତି ।

ପରିବାର ଅଭିଯୋଗ ଅନୁସାରେ, ପଞ୍ଚାନନ ପଞ୍ଚପଡ଼ାଠାରୁ ପାଦ ଫାର୍ମ ପର୍ଯ୍ୟନ୍ତ ଅଞ୍ଚଳକୁ ଦୁଇ ବର୍ଷ ପାଇଁ ଲିଜ୍‌ରେ ନେଇଥିଲେ । ଏହି କାରବାରରେ ପାଦ ଫାର୍ମର ମହାଜନ ଦିଲ୍ଲୀପ ତାଙ୍କୁ ୨ ଲକ୍ଷ ୭୫ ହଜାର ଟଙ୍କା ସହ କିଛି ଚିଙ୍ଗୁଡ଼ି ଯାଆଁଳ ଦେଇଥିଲେ । ପଞ୍ଚାନନ ଘେରିରେ ଚାଷ କରିବା ପାଇଁ କିଛି କଙ୍କଡ଼ା ଯାଆଁଳ ଆବଶ୍ୟକ କରିଥିଲେ । ଏଥିପାଇଁ ସେ ମହାଜନ ଦିଲ୍ଲୀପଙ୍କୁ ଅନୁରୋଧ ▶ପୃଷ୍ଠା-୭

ବର୍ଷକରେ ଚିନି ଦର ୪୦% ବୃଦ୍ଧି

ଓଡ଼ିଶାରେ ସର୍ବାଧିକ

■ ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି): ତେଲ ଦର, ଏଲ୍‌ପିଜି ଗ୍ୟାସ୍ , ଇ-୨୦ ପେଟ୍ରୋଲ ଏବଂ ପିଆଜ ଦର ବୃଦ୍ଧିକୁ ନେଇ ଅସନ୍ତୋଷ କମି ନ ଥିବାବେଳେ ଏବେ ଚିନି ଦରବୃଦ୍ଧିକୁ ନେଇ ଗ୍ରାହକଙ୍କ ଚିନ୍ତା ବଢ଼ିଛି । ବର୍ତ୍ତମାନ ଦେଶର ଅଧିକାଂଶ ଭାଗରେ ଚିନି କିଲୋ ପିଛା ୭୦ ଟଙ୍କା ରହିଛି । ତେବେ ଚାରିଆଡେ ଚିନି ଦର ଯାହା ରହିଛି, ସେଥିରେ ଓଡ଼ିଶାରେ ଏହାର ମୂଲ୍ୟ ବୃଦ୍ଧି ଆଉ ଏକ ରେକର୍ଡ । ଓଡ଼ିଶାରେ ଚିନି କିଲୋ ୬୦-୬୫ ଟଙ୍କା ରହିଛି । କାରଣ ଦେଶରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି ହାର ଦୃଷ୍ଟିରୁ ଦେଖିଲେ, ଓଡ଼ିଶାରେ ଏହାର ସର୍ବାଧିକ ହାର ରେକର୍ଡ କରିଛି । ଚଳିତବର୍ଷ ସେପ୍ଟେମ୍ବରରେ ରାଜ୍ୟରେ ▶ପୃଷ୍ଠା-୭

ଚାପରେ କେନ୍ଦ୍ରୀୟ ସଶସ୍ତ୍ର ବଳ

୭ ବର୍ଷରେ ୧,୦୧୬ ଆତ୍ମହତ୍ୟା

■ ନୂଆଦିଲ୍ଲୀ, ୨୫ ।୧୦ (ଏଜେନ୍ସି): ଦେଶର ସୁରକ୍ଷା ଦାୟିତ୍ୱରେ ନିୟୋଜିତ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ ବଳ (ସିଏପିଏଫ୍)ର ଯବାନମାନେ ଅତ୍ୟଧିକ କାର୍ଯ୍ୟଚାପ, ନିଦ୍ରାଭାବ, ଛୁଟି ସମସ୍ୟା ଓ ପଦୋନ୍ନତିରେ ବିଳମ୍ବ ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଏହି ପରିସ୍ଥିତି ସେମାନଙ୍କ ମାନସିକ ସ୍ୱାସ୍ଥ୍ୟ ଓ କାର୍ଯ୍ୟକ୍ଷମତାକୁ ପ୍ରଭାବିତ କରୁଥିବା ନେଇ ଚିନ୍ତା ପ୍ରକାଶ ପାଇଛି । ଗୃହ ମନ୍ତ୍ରଣାଳୟର ତଥ୍ୟ ଅନୁଯାୟୀ, ୨୦୧୯ରୁ ୨୦୨୫ ମଧ୍ୟରେ ୧,୦୧୬ ଯବାନ ଆତ୍ମହତ୍ୟା କରିଥିବା ବେଳେ ଗତ ୫ ବର୍ଷରେ ନିଜ ସହକର୍ମୀଙ୍କ ଗୁଳିରେ ୨୪ ଜଣ ପ୍ରାଣ ହରାଇଛନ୍ତି । ଗତ ସେପ୍ଟେମ୍ବର ୨୯ରେ ଜମ୍ମୁ-କଶ୍ମୀରର କଠୁଆ ▶ପୃଷ୍ଠା-୭

୨୦ ବର୍ଷ ଯାଏ ପଦୋନ୍ନତି ନାହିଁ, ମିଳୁଛି ମାତ୍ର ୫ ଘଣ୍ଟା ନିଦ

କର୍ମଚାରୀ ଅଭାବରୁ କାର୍ଯ୍ୟଚାପ, ଛୁଟି ମିଳୁନି, ପରିବାରଠାରୁ ଦୂରରେ ଯବାନ, ପଦୋନ୍ନତିରେ ଦୀର୍ଘ ବିଳମ୍ବ

15001/123/2627

ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ୨୦୨୬ ପାଳନ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା

ଚଳିତ ବର୍ଷ ଅକ୍ଟୋବର ୨୬ ତାରିଖ ଠାରୁ ନଭେମ୍ବର ୧ ତାରିଖ ପର୍ଯ୍ୟନ୍ତ ସମଗ୍ର ରାଜ୍ୟରେ ଦୁର୍ନୀତି ନିବାରଣ ସଚେତନତା ସପ୍ତାହ ପାଳନ କରାଯାଉଛି । ଏହି ଅବସରରେ ମୁଁ ରାଜ୍ୟର ଜନସାଧାରଣଙ୍କୁ ଦୁର୍ନୀତି ବିରୋଧୀ ଅଭିଯାନରେ ସକ୍ରିୟ ଭାବେ ସାମିଲ ହୋଇ ସାଧାରଣ ଜୀବନରେ ସାଧୁତା ଓ ସ୍ୱଚ୍ଛତାକୁ ପାଳନ କରିବାକୁ ଅନୁରୋଧ କରୁଛି ।

ଦୁର୍ନୀତି ପ୍ରଗତିର ଅନ୍ତରାୟ । ଏକ ବିକଶିତ ଓ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଦୁର୍ନୀତିମୁକ୍ତ ଶାସନ ଅପରିହାର୍ଯ୍ୟ । କେବଳ ସରକାରୀ ପ୍ରୟାସ ନୁହେଁ, ବରଂ ସଚେତନ ନାଗରିକଙ୍କ ସକ୍ରିୟ ସହଭାଗିତା ହିଁ ଦୁର୍ନୀତି ବିରୋଧୀ ଅଭିଯାନକୁ ସଫଳ କରିପାରିବ । ରାଜ୍ୟର ପ୍ରତ୍ୟେକ ଜନସାଧାରଣ ଦୁର୍ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ସହିତ ସାଧାରଣ ଜୀବନରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ଆପଣାଇଲେ ଆମ ଶାସନ ବ୍ୟବସ୍ଥା ଅଧିକ ସୁଦୃଢ଼ ହେବ ।

ଆମ ରାଜ୍ୟକୁ ବିକାଶର ଶିଖରରେ ପହଞ୍ଚାଇବାକୁ ଆମ ସରକାର ଦୁର୍ନୀତି ବିରୁଦ୍ଧରେ 'ଜିରୋ ଟଲେରାନ୍ସ' ବା ଶୂନ୍ୟ ସହନଶୀଳତା ନୀତି ଗ୍ରହଣ କରିଛନ୍ତି । ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀଙ୍କୁ ଚାକିରିରୁ ବହିଷ୍କାର କରିବା ସହ ଅସାଧୁ ଅବସରପ୍ରାପ୍ତ ଅଧିକାରୀମାନଙ୍କ ପେନସନ ମଧ୍ୟ ବନ୍ଦ କରାଯାଇଛି । ଦୁର୍ନୀତି ବିରୋଧରେ ଓଡ଼ିଶା ଭିଜିଲାନ୍ସର କାର୍ଯ୍ୟାନୁଷ୍ଠାନ ଜାତୀୟ ସ୍ତରରେ ସ୍ୱୀକୃତି ପାଇଛି । ଜାତୀୟ ଅପରାଧ ରେକର୍ଡ ବ୍ୟୁରୋ (NCRB) ରିପୋର୍ଟ ଅନୁଯାୟୀ ଓଡ଼ିଶା ଭିଜିଲାନ୍ସ ଦେଶର ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନକାରୀ ଦୁର୍ନୀତି ନିବାରଣ ସଂସ୍ଥା ଭାବେ ସ୍ଥାନ ପାଇଛି । ଏହା ଆମ ସମସ୍ତଙ୍କ ପାଇଁ ଗୌରବର ବିଷୟ । ଏଥିପାଇଁ ମୁଁ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗର ଅଧିକାରୀ ଓ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଉଛି ।

ଆସନ୍ତୁ, ଦୁର୍ନୀତି ବିରୋଧୀ ଅଭିଯାନରେ ସାମିଲ ହେବା । ସାଧୁତା ଓ ସ୍ୱଚ୍ଛତାକୁ ଜୀବନର ପ୍ରତ୍ୟେକ କ୍ଷେତ୍ରରେ ଅବଲମ୍ବନ କରି "ସମୃଦ୍ଧ ଓଡ଼ିଶା" ଗଢିବାରେ ସହାୟକ ହେବା । ଆପଣଙ୍କ ସହଯୋଗ ହିଁ ହେବ ସମୃଦ୍ଧ ଓଡ଼ିଶାର ଆଧାର ।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-15001/15001/2/26-27/0122

‘ମନ୍ କି ବାତ୍’କୁ ୧୨ ବର୍ଷ

ଏହା ଏକ ପ୍ରେରଣାଦାୟୀ ଯାତ୍ରା: ମୋଦୀ

ନୂଆଦିଲ୍ଲୀ,୨୫ ।୧୦(ଏଜେନ୍ସି): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାସିକ ରେଡିଓ କାର୍ଯ୍ୟକ୍ରମ ‘ମନ୍ କି ବାତ୍’କୁ ୧୨ ବର୍ଷ ପୂରିଛି । ଏହାକୁ ଏକ ପ୍ରେରଣାଦାୟୀ ଯାତ୍ରା ବୋଲି ଅଭିହିତ କରିବା ସହ କାର୍ଯ୍ୟକ୍ରମ ସହ ଯୋଡ଼ି ହୋଇ ରହିଥିବା ଶ୍ରୋତାମାନଙ୍କୁ ମୋଦୀ ଧନ୍ୟବାଦ ଜଣାଇଛନ୍ତି । ରବିବାର କାର୍ଯ୍ୟକ୍ରମର ୧୩୧ତମ ଅଧ୍ୟାୟରେ ମୋଦୀ କହିଛନ୍ତି, ୨୦୧୪ ଅକ୍ଟୋବର ୩ ତାରିଖରେ ବିଜୟାଦଶମୀ ଅବସରରେ ଏହି ଯାତ୍ରା ଆରମ୍ଭ ହୋଇଥିଲା । ସେବେଠାରୁ ଏହା ନିରବଚ୍ଛିନ୍ନ ଭାବେ ଜାରି ରହିଛି । ଶ୍ରୋତାମାନେ ଏହି ଯାତ୍ରାର ସହଯାତ୍ରୀ ହେବା ସହ ପ୍ରେରଣାର ଉତ୍ସ ପାଲଟିଛନ୍ତି । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମାଜ ଓ ଦେଶ ପାଇଁ ନିଷ୍ଠାର ସହ କାମ କରୁଥିବା ସାଧାରଣ ଲୋକଙ୍କ ପରିଶ୍ରମ, ସାହସ ଓ ସେବା ମନୋଭାବକୁ ସମ୍ମାନ ଜଣାଇବାର ସୁଯୋଗ ମିଳୁଛି ବୋଲି ସେ କହିଛନ୍ତି । ଦେଶର ବିଭିନ୍ନ କୋଣରେ ରହି ଅସାଧାରଣ କାର୍ଯ୍ୟ କରୁଥିବା ଅନେକ ବ୍ୟକ୍ତିଙ୍କ ପ୍ରେରଣାଦାୟୀ କାହାଣୀ ଏହି ମଞ୍ଚ ମାଧ୍ୟମରେ ଲୋକଲୋଚନକୁ ଆସିଛି । ମୋଦୀ କହିଛନ୍ତି, ଦେଶ ଓ ସମାଜ ପାଇଁ ନିଜ ଜୀବନ ସମର୍ପିତ କରିଥିବା ଲୋକମାନେ ତୀର୍ଥସ୍ଥଳୀ ସଦୃଶ । ‘ମନ୍ କି ବାତ୍’ ତାଙ୍କୁ ଦେଶର ପରିବାରଗୁଡ଼ିକ ସହ ଯୋଡ଼ି ହେବାର ସୁଯୋଗ ଦେଇଛି । ଶ୍ରୋତାମାନଙ୍କ ସ୍ନେହ ଓ ଆତ୍ମୀୟତାକୁ ସେ ନିଜର ଅମୂଲ୍ୟ ସମ୍ପଦ ବୋଲି କହିଛନ୍ତି । ୨୦୧୪ ଅକ୍ଟୋବର ୩ରେ ଆକାଶବାଣୀ ଓ ଦୂରଦର୍ଶନ ମାଧ୍ୟମରେ ଏହି କାର୍ଯ୍ୟକ୍ରମର ପ୍ରଥମ ପ୍ରସାରଣ ହୋଇଥିଲା ।

୬ ମାସରେ ୨୩ ମୃତ୍ୟୁଦଣ୍ଡ ଶୁଣାଇଥିବା ବିଚାରପତିଙ୍କ ବଦଳି

ନୂଆଦିଲ୍ଲୀ,୨୫ ।୧୦(ଏଜେନ୍ସି): ମାତ୍ର ୬ ମାସ ମଧ୍ୟରେ ୧୧ଟି ମାମଲାରେ ୨୩ ଜଣଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଥିବା ଉତ୍ତରପ୍ରଦେଶର ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ରବି କୁମାର ଦିୱାକରଙ୍କ ବଦଳି ହୋଇଛି । ଆହ୍ଲାବାଦ ହାଇକୋର୍ଟଙ୍କ ଆଦେଶକ୍ରମେ ତାଙ୍କୁ ମୁଜାଫରନଗର ପରିବାର ଅଦାଲତର ଅତିରିକ୍ତ ପ୍ରଧାନ ବିଚାରପତି ଭାବେ ନିଯୁକ୍ତ କରାଯାଇଛି । ଦିୱାକର ଏକ ଫାଷ୍ଟ ଟ୍ରାକ୍ କୋର୍ଟରେ କାର୍ଯ୍ୟରତ ଥିଲେ । ହାଇକୋର୍ଟଙ୍କ ଆଦେଶ ଅନୁସାରେ ଶିବ କୁମାରୀ ଏହି ଅଦାଲତର ନୂତନ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ଭାବେ ଦାୟିତ୍ୱ ଗ୍ରହଣ କରିବେ । ଚଳିତ ବର୍ଷ ଏପ୍ରିଲରୁ ସେପ୍ଟେମ୍ବର ମଧ୍ୟରେ ଦିୱାକର ୧୧ଟି ମାମଲାରେ ୨୩ ଜଣଙ୍କୁ ମୃତ୍ୟୁଦଣ୍ଡ ଶୁଣାଇଥିଲେ । ନିକଟରେ ତାଙ୍କ ଅଦାଲତରେ ବିଚାରାଧୀନ ହତ୍ୟା ଓ ଅନ୍ୟ ଗୁରୁତର ଅପରାଧ ସମ୍ପର୍କିତ ୯୭ଟି ମାମଲାକୁ ପ୍ରଶାସନିକ ଆଦେଶ ଜରିଆରେ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ପ୍ରସଙ୍ଗରେ ସେ ପ୍ରଶ୍ନ ଉଠାଇଥିଲେ । ପ୍ରାୟ ୧୦ ବର୍ଷ ପୁରୁଣା ଏକ ନିଶାଦ୍ରବ୍ୟ ଆଇନ ସମ୍ପର୍କିତ ମାମଲାରେ ଅଭିଯୁକ୍ତଙ୍କୁ ଦୋଷମୁକ୍ତ କରିବା ସମୟରେ ସେ ବିଚାର ଆରମ୍ଭ ହୋଇସାରିଥିବା ମାମଲା ସ୍ଥାନାନ୍ତରର ଆଇନଗତ ପ୍ରକ୍ରିୟା ଉପରେ ମଧ୍ୟ ପ୍ରଶ୍ନ ଉଠାଇଥିଲେ । ଏହା ସହ ନ୍ୟାୟିକ ସ୍ୱାଧୀନତା ଓ ଜିଲ୍ଲା ଜଜ୍ଙ୍କ ପ୍ରଶାସନିକ କ୍ଷମତାର ସୀମା ସମ୍ପର୍କରେ ସେ ଉଦ୍‌ବେଗ ପ୍ରକାଶ କରିଥିଲେ ।

ବିଶେଷ ଟିପ୍ପଣୀ

ଭୋଟର ତାଲିକାରୁ ନାମ କଟାଯାଇଛି । ନିୟମ ଓ ଆଇନର ଉଲ୍ଲଂଘନ ହୋଇଛି । ପ୍ରଶ୍ନ ପଚାରିଥିବା ଲୋକଙ୍କ ଉପରେ ଲାଠି ଚାଳନା କରାଯାଇଛି । ଏବେ ଦେଶ ଏହାର ଜବାବ ଦେବ । ବିଜେପି ଓ ତାହାର ସହଯୋଗୀଙ୍କୁ ହୃଦୟରୁ ଧନ୍ୟବାଦ । ଆମ କାର୍ଯ୍ୟକ୍ରମର ଏତେ ଜୋର୍‌ଦାର ପ୍ରଚାର କରୁଛନ୍ତି । ଆସନ୍ତା ୭ ଦିନ ମଧ୍ୟ ଏହି ଉତ୍ସାହ ଓ ନିଷ୍ଠା ବଜାୟ ରଖନ୍ତୁ ।

-ରାହୁଲ ଗାନ୍ଧୀ (ବିରୋଧୀ ଦଳ ନେତା, ଲୋକସଭା)



ଆର୍‌ଏସ୍‌ଏସ୍‌ର ବିଚାରଧାରା ଦୂର ନ ହେବା ପର୍ଯ୍ୟନ୍ତ ଦେଶରେ ଶାନ୍ତି ରହିବ ନାହିଁ । ପଶ୍ଚିମବଙ୍ଗ, ହରିୟାଣା, ବିହାର ଓ ମହାରାଷ୍ଟ୍ରରେ ‘ଭୋଟ୍ ଚୋରି’ ମାଧ୍ୟମରେ ଗଠିତ ସରକାରଗୁଡ଼ିକୁ ହଟାଇବା ଦରକାର ।

- ମଲ୍ଲିକାର୍ଜୁନ ଖଡ଼ଗେ (କଂଗ୍ରେସ ସଭାପତି)

ଜେନ୍ Z

ଅଭିନେତ୍ରୀ ପୂଜା ବେଦୀ ବିଜେପି ଓ ମୋଦୀ ସରକାରଙ୍କୁ ନେଇ ଏକ ଭିଡିଓ ସହ ଟୁଇଟ୍ କରି କହିଛନ୍ତି ଯେ, ବିଜେପି ବିରୋଧରେ କହିବା ଦେଶବିରୋଧୀ ହେବା ନୁହେଁ । “ବିଜେପି ହିଁ ଭାରତ ନୁହେଁ । ଭାରତ ମଧ୍ୟ ବିଜେପି ନୁହେଁ । ବିଜେପି ଗଠନ ହେବା ପୂର୍ବରୁ ମଧ୍ୟ ଭାରତ ଥିଲା, ଏବଂ ବିଜେପି ପରେ ମଧ୍ୟ ଭାରତ ରହିବ ।” ବଲିଉଡ୍‌ରେ ଏପରି ସାହସର ସହ ନିଜ ମତ ପ୍ରକାଶ କରୁଥିବା ଲୋକ ପ୍ରାୟ ନାହାନ୍ତି ।

-ଦିନେଶ ଭରଦ୍ୱାଜ @bhardwaj2509

ନିର୍ବାଚନ କମିସନଙ୍କୁ ଘେରିଲା କଂଗ୍ରେସ

- ଇସିଆଇନେଟ୍ ସଫ୍ଟୱେର୍‌ରେ ତଥ୍ୟ ଲୁଚାଇବାର କାରଣ ପଚାରିଲେ ଜୟରାମ
- ମୁଖ୍ୟ ନିର୍ବାଚନ କମିସନରଙ୍କ ଇସ୍ତଫା, ଏସ୍‌ଆଇଆର୍ ସ୍ଥଗିତ ଦାବି



ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି): ଭୋଟର ତାଲିକାର ସଂଶୋଧନ (ଏସ୍‌ଆଇଆର୍) ପ୍ରକ୍ରିୟାରେ ବ୍ୟବହୃତ ଇସିଆଇନେଟ୍ ସଫ୍ଟୱେର୍‌ର ନାମ ଓ ସଂସ୍କରଣ ସମ୍ପର୍କିତ ତଥ୍ୟ ସାର୍ବଜନୀନ କରାଯାଉ ନ ଥିବା ଅଭିଯୋଗ କରି ନିର୍ବାଚନ କମିସନଙ୍କୁ ଘେରିଛି କଂଗ୍ରେସ । ଏହାର କାରଣ ସ୍ପଷ୍ଟ କରିବାକୁ ଦାବି କରିବା ସହ ମୁଖ୍ୟ ନିର୍ବାଚନ ଆୟୁକ୍ତ ଜ୍ଞାନେଶ କୁମାରଙ୍କ ଇସ୍ତଫା ଏବଂ ଏସ୍‌ଆଇଆର୍ ପ୍ରକ୍ରିୟା ସ୍ଥଗିତ ରଖିବାକୁ ଦଳ ଦାବି କରିଛି । କଂଗ୍ରେସର ସାଧାରଣ ସମ୍ପାଦକ ଜୟରାମ ରମେଶ ରବିବାର ସାମାଜିକ ଗଣମାଧ୍ୟମରେ ଏକ ରିପୋର୍ଟ ସେୟାର କରି ନିର୍ବାଚନ କମିସନଙ୍କ ସ୍ୱଚ୍ଛତା ଉପରେ ପ୍ରଶ୍ନ ଉଠାଇଛନ୍ତି । ଇସିଆଇନେଟ୍ ସଫ୍ଟୱେର୍‌ର ନାମ ଓ ସଂସ୍କରଣ ସମ୍ପର୍କରେ ସୂଚନା ଦେବାକୁ କମିସନ ମନା କରିଥିବା ଉକ୍ତ ରିପୋର୍ଟରେ ଦାବି କରାଯାଇଛି । ନିର୍ବାଚନ ସମ୍ବନ୍ଧୀୟ ଏକ ଗୁରୁତ୍ୱପୂର୍ଣ୍ଣ ସଫ୍ଟୱେର୍ ବିଷୟରେ ତଥ୍ୟ ଲୁଚାଯାଉଥିବା ଅଭିଯୋଗ କରି ଜୟରାମ ଏହାର କାରଣ ପଚାରିଛନ୍ତି । କଂଗ୍ରେସର ଅଭିଯୋଗ ଅନୁଯାୟୀ, ଏସ୍‌ଆଇଆର୍ ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ହୋଇଥିବା ସନ୍ଦେହ ରହିଛି । ସଫ୍ଟୱେର୍‌ର କାର୍ଯ୍ୟପ୍ରଣାଳୀ ଓ ଏହାର ବ୍ୟବହାର ସମ୍ପର୍କିତ ତଥ୍ୟ ସାର୍ବଜନୀନ ହେଲେ ଏହି ସନ୍ଦେହର ଯାଞ୍ଚ କରାଯାଇପାରିବ ବୋଲି ଦଳ କହିଛି । ଇସିଆଇନେଟ୍ ସଫ୍ଟୱେର୍‌ର ବିକାଶ ଟାଟା କନ୍‌ସଲଟାନ୍ସି ସର୍ଭିସେସ୍ (ଟିସିଏସ୍) କରିଥିବା ଦାବି ସମ୍ପର୍କରେ ନିର୍ବାଚନ କମିସନ ନିଜ ଆଡୁ ସ୍ପଷ୍ଟ ସୂଚନା କାହିଁକି ଦେଇନାହାନ୍ତି ବୋଲି ଜୟରାମ ପ୍ରଶ୍ନ କରିଛନ୍ତି । ଏଥିସହ ଭୋଟର ତାଲିକା ସଂଶୋଧନରେ କୃତ୍ରିମ ବୁଦ୍ଧିମତ୍ତାର ବ୍ୟବହାର ହେଉଥିବା ଅଭିଯୋଗ କରି ଏହାର ଭୂମିକା ସମ୍ପର୍କରେ ମଧ୍ୟ ସ୍ପଷ୍ଟୀକରଣ ଦାବି କରିଛନ୍ତି । କଂଗ୍ରେସର ଦାବି ଅନୁଯାୟୀ, ଇସିଆଇନେଟ୍ ଓ ନିର୍ବାଚନ କମିସନଙ୍କ ସୂଚନା ପ୍ରଯୁକ୍ତି ବିଭାଗର କାର୍ଯ୍ୟକୁ ନେଇ ନିର୍ବାଚନ ଆୟୁକ୍ତ ସୁଖବୀର ସିଂହ ସନ୍ଧୁ ଓ ବିବେକ ଯୋଶୀ ମଧ୍ୟ ଆପତ୍ତି ଉଠାଇଥିଲେ ।

ଏ ସମ୍ପର୍କିତ ଅଭିଯୋଗ କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି) ପର୍ଯ୍ୟନ୍ତ ପହଞ୍ଚିଥିବା ଜୟରାମ ଦାବି କରିଛନ୍ତି । ନିର୍ବାଚନ ବ୍ୟବସ୍ଥା ଉପରେ ଜନସାଧାରଣଙ୍କ ବିଶ୍ୱାସ ବଜାୟ ରଖିବାକୁ ସମସ୍ତ ସନ୍ଦେହ ଦୂର କରିବା ଆବଶ୍ୟକ ବୋଲି କଂଗ୍ରେସ କହିଛି । ତେବେ ସଫ୍ଟୱେର୍‌ରେ ହେରଫେର କିମ୍ବା ଏସ୍‌ଆଇଆର୍‌ରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ଦଳର ଅଭିଯୋଗ ଏଯାଏଁ ସ୍ୱତନ୍ତ୍ର ଭାବେ ପ୍ରମାଣିତ ହୋଇନାହିଁ । ଏହି ପ୍ରସଙ୍ଗରେ ନିର୍ବାଚନ କମିସନଙ୍କ ପ୍ରତିକ୍ରିୟାକୁ ଅପେକ୍ଷା କରାଯାଉଛି ।

ଆଜି ମାନହାନି ମାମଲାରେ ଅଦାଲତରେ ହାଜର ହୋଇପାରନ୍ତି ରାହୁଲ

୨୦୧୮ ରେ ଅମିତ ଶାହାଙ୍କ ବିରୋଧରେ ମନ୍ତବ୍ୟ ମାମଲା

ଆଜି ରାୟ ପ୍ରକାଶ ସମ୍ଭାବନା

ନୂଆଦିଲ୍ଲୀ,୨୫।୧୦(ଏଜେନ୍ସି): ମାନହାନି ମାମଲାରେ କଂଗ୍ରେସ ନେତା ତଥା ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଆସନ୍ତା ସୋମବାର, ଅକ୍ଟୋବର ୨୬ରେ ଉତ୍ତରପ୍ରଦେଶର ସୁଲତାନପୁରସ୍ଥିତ ସ୍ୱତନ୍ତ୍ର ସାଂସଦ-ବିଧାୟକ ଅଦାଲତରେ ହାଜର ହୋଇପାରନ୍ତି । ଏହି ମାମଲାରେ ଅଦାଲତ ସୋମବାର ରାୟ ପ୍ରକାଶ କରିବାର ସମ୍ଭାବନା ରହିଛି । ୨୦୧୮ରେ କର୍ଣ୍ଣାଟକର ବେଙ୍ଗାଲୁରୁଠାରେ ଏକ ସମ୍ମିଳନୀରେ ରାହୁଲ ଗାନ୍ଧୀ ତତ୍କାଳୀନ ବିଜେପି ଅଧ୍ୟକ୍ଷ ତଥା ବର୍ତ୍ତମାନର କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ବିରୋଧରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଥିଲା । ଏହାକୁ ନେଇ ସେତେବେଳର ବିଜେପି ଜିଲ୍ଲା ଉପାଧ୍ୟକ୍ଷ ବିଜୟ ମିଶ୍ର ଅଭିଯୋଗ ଦାଖଲ କରିଥିଲେ । ୨୦୧୮ ଅଗଷ୍ଟ ୪ରେ ଏହି ମାମଲା ଦାଖଲ ହୋଇଥିବା ବେଳେ ୨୦୨୩ ଡିସେମ୍ବର ୧୬ରେ ସୁଲତାନପୁରର ସାଂସଦ-ବିଧାୟକ ଅଦାଲତ ରାହୁଲଙ୍କୁ ହାଜର ହେବା ପାଇଁ ସମନ ଜାରି କରିଥିଲେ । ଅଭିଯୋଗକାରୀ ବିଜୟ ମିଶ୍ରଙ୍କ କହିବା ଅନୁଯାୟୀ, ରାହୁଲଙ୍କ ମନ୍ତବ୍ୟ ତାଙ୍କୁ ଆଘାତ ଦେଇଥିଲା । ତେଣୁ ସେ ଆଇନଗତ ପଦକ୍ଷେପ ନେଇଥିଲେ । ଅଭିଯୋଗକାରୀଙ୍କ ଓକିଲ ସନ୍ତୋଷ କୁମାର ପାଣ୍ଡେ କହିଛନ୍ତି, ମାମଲାରେ ରାହୁଲଙ୍କ ବିରୋଧରେ ପର୍ଯ୍ୟାପ୍ତ ପ୍ରମାଣ ମିଳିଲେ ତାଙ୍କୁ ସର୍ବାଧିକ ଦୁଇ ବର୍ଷ ଜେଲ୍‌ଦଣ୍ଡ ହୋଇପାରେ । ରାହୁଲ ଅଦାଲତରେ ହାଜର ହୋଇ ଜାମିନ ନେବା ଆବଶ୍ୟକ, ନଚେତ୍ ଅଦାଲତ ଆଇନ ଅନୁଯାୟୀ ପଦକ୍ଷେପ ନେଇପାରିବେ ବୋଲି ସେ କହିଛନ୍ତି । ତେବେ ମାମଲାରେ ରାହୁଲ ଗାନ୍ଧୀଙ୍କ ଦୋଷ ପ୍ରମାଣିତ ହୋଇଛି କି ନାହିଁ, ତାହା ଅଦାଲତଙ୍କ ରାୟ ପରେ ସ୍ପଷ୍ଟ ହେବ ।

ମୋଦୀଙ୍କ ପିତାଙ୍କୁ ନେଇ ଖଡ଼ଗେଙ୍କ ମନ୍ତବ୍ୟ

● ଅମିତ ଶାହା, ନିତିନ ନବୀନଙ୍କ ତୀବ୍ର ପ୍ରତିକ୍ରିୟା

ନୂଆଦିଲ୍ଲୀ, ୨୫।୧୦ (ଏଜେନ୍ସି): ବିହାରର ପାଟନାରେ ଏକ ସାର୍ବଜନୀନ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସ୍ୱର୍ଗତ ପିତାଙ୍କୁ ନେଇ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼ଗେଙ୍କ ମନ୍ତବ୍ୟକୁ କେନ୍ଦ୍ର କରି ରାଜନୈତିକ ବିବାଦ ଦେଖାଦେଇଛି । ଏହାକୁ ନେଇ ବିଜେପିର ବରିଷ୍ଠ ନେତାମାନେ କଂଗ୍ରେସକୁ ସମାଲୋଚନା କରିଛନ୍ତି । ପାଟନାରେ ଏକ କାର୍ଯ୍ୟକ୍ରମରେ ଖଡ଼ଗେ ନିର୍ବାଚନରେ ଭୋଟ୍ ଚୋରି ହେଉଥିବା ଅଭିଯୋଗ ଉଠାଇଥିଲେ । ଏହି ପ୍ରସଙ୍ଗରେ ଅଭିଯୁକ୍ତଙ୍କୁ ଜେଲ୍ ପଠାଇବା ନେଇ କହିବା ସମୟରେ ସେ ମୋଦୀଙ୍କ ସ୍ୱର୍ଗତ ପିତାଙ୍କ ସମ୍ପର୍କରେ ଅଶୋଭନୀୟ ମନ୍ତବ୍ୟ ଦେଇଥିବା ଅଭିଯୋଗ ହୋଇଛି । କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହ ସାମାଜିକ ଗଣମାଧ୍ୟମ ‘ଏକ୍ସ’ରେ ଏହାର ନିନ୍ଦା କରିଛନ୍ତି । ଖଡ଼ଗେଙ୍କ ମନ୍ତବ୍ୟ ରାଜନୈତିକ ମର୍ଯ୍ୟାଦାର ସମସ୍ତ ସୀମା ଅତିକ୍ରମ କରିଛି ବୋଲି ସେ କହିଛନ୍ତି । ମୋଦୀ ଓ ତାଙ୍କ ପରିବାରକୁ ନେଇ ପୂର୍ବରୁ ମଧ୍ୟ କଂଗ୍ରେସ ଅପମାନଜନକ ମନ୍ତବ୍ୟ ଦେଇଥିବା ଶାହ ଅଭିଯୋଗ କରିଛନ୍ତି । ଲଗାତାର ନିର୍ବାଚନୀ ପରାଜୟ ଯୋଗୁଁ କଂଗ୍ରେସ ହତାଶ ହୋଇ ଗାଳିଗୁଲଜର ରାଜନୀତି କରୁଛି ବୋଲି ମଧ୍ୟ ସେ କହିଛନ୍ତି । ସେହିପରି ବିଜେପି ଅଧ୍ୟକ୍ଷ ନିତିନ ନବୀନ ଖଡ଼ଗେଙ୍କ ମନ୍ତବ୍ୟକୁ କଂଗ୍ରେସର ବିଚାରଧାରାଗତ ଦୁର୍ବଳତାର ପ୍ରତିଫଳନ ବୋଲି କହିଛନ୍ତି । ରାଜନୈତିକ ବିରୋଧର ମଧ୍ୟ ଏକ ମର୍ଯ୍ୟାଦା ରହିଛି ଏବଂ ସାର୍ବଜନୀନ ମଞ୍ଚରେ ସ୍ୱର୍ଗତ ପରିବାର ସଦସ୍ୟଙ୍କୁ ଟାଣିବା ଅନୁଚିତ ବୋଲି ସେ କହିଛନ୍ତି । ଏହି ବିବାଦକୁ ନେଇ ଦୁଇ ଦଳ ମଧ୍ୟରେ ରାଜନୈତିକ ବାକ୍ୟୁଦ୍ଧ ତୀବ୍ର ହୋଇଛି ।

ବିଶିଷ୍ଟ ଚିତ୍ରଶିଳ୍ପୀ ଯୋଗେନ ଚୌଧୁରୀଙ୍କ ପରଲୋକ



କୋଲକାତା,୨୫ ।୧୦(ଏଜେନ୍ସି): ବିଶିଷ୍ଟ ଭାରତୀୟ ଚିତ୍ରଶିଳ୍ପୀ ତଥା ତୃଣମୂଳ କଂଗ୍ରେସର ପୂର୍ବତନ ରାଜ୍ୟସଭା ସାଂସଦ ଯୋଗେନ ଚୌଧୁରୀଙ୍କର ରବିବାର ସକାଳେ କୋଲକାତାର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ଘଟିଛି । ମୃତ୍ୟୁବେଳକୁ ତାଙ୍କୁ ୮୭ ବର୍ଷ ହୋଇଥିଲା । ସେ ଦୀର୍ଘ ୧୪ ମାସ ଧରି ଏକ ବିରଳ ପ୍ରକାର ରକ୍ତ କର୍କଟ ରୋଗରେ ପୀଡ଼ିତ ଥିଲେ । ୧୯୩୯ ଫେବ୍ରୁଆରି ୧୬ରେ ଅବିଭକ୍ତ ବଙ୍ଗର ଫରିଦପୁର ଅଞ୍ଚଳରେ ଜନ୍ମିତ ଚୌଧୁରୀ ବିଭାଜନ ପରେ କୋଲକାତା ଆସିଥିଲେ । ପ୍ୟାରିସ୍‌ରେ ଉଚ୍ଚତର କଳା ଶିକ୍ଷା ଗ୍ରହଣ କରି ସେ ନିଜସ୍ୱ ଚିତ୍ରଶୈଳୀ ପାଇଁ ପରିଚିତି ଲାଭ କରିଥିଲେ । ତାଙ୍କ ଚିତ୍ରରେ ସାମାଜିକ ଓ ରାଜନୈତିକ ବିଷୟବସ୍ତୁର ପ୍ରଭାବ ଦେଖିବାକୁ ମିଳୁଥିଲା । ୨୦୧୪ରୁ ୨୦୨୦ ପର୍ଯ୍ୟନ୍ତ ସେ ରାଜ୍ୟସଭା ସାଂସଦ ଥିଲେ । ୨୦୧୨ରେ ତାଙ୍କୁ ପଶ୍ଚିମବଙ୍ଗର ଅନ୍ୟତମ ସର୍ବୋଚ୍ଚ ନାଗରିକ ସମ୍ମାନ ‘ବଙ୍ଗ ବିଭୂଷଣ’ ପ୍ରଦାନ କରାଯାଇଥିଲା । ତାଙ୍କ ବିୟୋଗରେ କଳାଜଗତର ବହୁ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

■ ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ମାମଲା

ୟାସିନ୍ ମଲିକ, ଇଞ୍ଜିନିୟର ରସିଦଙ୍କ ବିଚାର ଆରମ୍ଭ

ନୂଆଦିଲ୍ଲୀ,୨୫ ।୧୦(ଏଜେନ୍ସି): ଆତଙ୍କବାଦୀଙ୍କୁ ଅର୍ଥ ଯୋଗାଣ ଓ ଅର୍ଥ ହେରଫେର ମାମଲାରେ କାଶ୍ମୀରର ବିଚ୍ଛିନ୍ନତାବାଦୀ ନେତା ୟାସିନ୍ ମଲିକ, ବାରାମୁଲା ସାଂସଦ ଇଞ୍ଜିନିୟର ରସିଦଙ୍କ ସମେତ ୭ ଜଣଙ୍କ ବିଚାର ହେବ । ଦିଲ୍ଲୀର ଏକ ସ୍ୱତନ୍ତ୍ର ଏନ୍‌ଆଇଏ ଅଦାଲତ ନଭେମ୍ବର ୧୯ରୁ ମାମଲାରେ ସାକ୍ଷ୍ୟ ଗ୍ରହଣ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ଅଭିଯୋଗ ଅନୁଯାୟୀ, ପାକିସ୍ତାନରୁ ହାୱାଲା ମାଧ୍ୟମରେ ପ୍ରାୟ ୮.୯୫ କୋଟି ଟଙ୍କା ଆସିଥିଲା । ଜମ୍ମୁ-କାଶ୍ମୀରରେ ବିଚ୍ଛିନ୍ନତାବାଦୀ ଓ ଆତଙ୍କବାଦୀ କାର୍ଯ୍ୟକଳାପକୁ ସମର୍ଥନ ଦେବା ପାଇଁ ଏହି ଅର୍ଥ ବ୍ୟବହାର ହୋଇଥିବା ଏଜେନ୍ସି ଦାବି କରିଛି । ଅନ୍ୟ ଅଭିଯୁକ୍ତଙ୍କ ମଧ୍ୟରେ ଜାହୁର ଅହମ୍ମଦ ଶାହ ୱାଟାଲି, ଶବିର ଅହମ୍ମଦ ଶାହ, ମସରତ ଆଲମ ଭଟ୍ଟ ଓ ନୱଲ କିଶୋର କପୁର ଅଛନ୍ତି । ତେବେ ୟାସିନ୍ ମଲିକ ଅଭିଯୋଗକୁ ଖଣ୍ଡନ କରି ମାମଲାର ସାମ୍ନା କରିବେ ବୋଲି କହିଛନ୍ତି ।

୨୮ ହଜାର କୋଟିର ସାଇବର ଠକେଇ: ଓକିଲ ଗିରଫ

ମୁମ୍ବାଇ ବିମାନବନ୍ଦରରୁ ଉଠାଇନେଲା ଇଡି

ନୂଆଦିଲ୍ଲୀ,୨୫ ।୧୦(ଏଜେନ୍ସି): ପ୍ରାୟ ୨୮ ହଜାର କୋଟି ଟଙ୍କାର କାରବାର ସହ ଜଡ଼ିତ ଏକ ସର୍ବଭାରତୀୟ ସାଇବର ଠକେଇ ଓ ‘ଡିଜିଟାଲ୍ ଆରେଷ୍ଟ’ ନେଟୱର୍କ ମାମଲାରେ ଜଣେ ଓକିଲଙ୍କୁ ଗିରଫ କରିଛି ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି) । ଗିରଫ ଓକିଲ ରଶେଶ ଉପାଧ୍ୟାୟ ଓରଫ ରଶେଶ ଶାହଙ୍କୁ ମୁମ୍ବାଇ ବିମାନବନ୍ଦରରୁ ଶନିବାର ଅଟକ ରଖାଯାଇଥିଲା । ପରେ ତାଙ୍କୁ ଗୋଆର ଏକ ସ୍ୱତନ୍ତ୍ର ଅଦାଲତରେ ହାଜର କରାଯିବା ପରେ ଅକ୍ଟୋବର ୨୯ ପର୍ଯ୍ୟନ୍ତ ଇଡି ହାଜତକୁ ପଠାଯାଇଛି । ଏହି ମାମଲାରେ ଗିରଫ ସଂଖ୍ୟା ସାତରେ ପହଞ୍ଚିଛି । ଇଡିର ପାଣାଜୀ ଶାଖାର ଏକ ଟିମ୍ ମୁମ୍ବାଇର ଛତ୍ରପତି ଶିବାଜୀ ମହାରାଜ ଅନ୍ତର୍ଜାତୀୟ ବିମାନବନ୍ଦରରେ ଦିଲ୍ଲୀ ଯିବାକୁ ଥିବା ବିମାନରେ ଚଢ଼ିବା ସମୟରେ ଉପାଧ୍ୟାୟଙ୍କୁ ଧରିଥିଲା । ତାଙ୍କୁ ଚିହ୍ନଟ କରିବାରେ ସୀମା ଶୁଳ୍କ ବିଭାଗ ଓ କେନ୍ଦ୍ରୀୟ ଶିଳ୍ପ ସୁରକ୍ଷା ବଳ ସହାୟତା କରିଥିଲେ । ଇଡିର ଅଭିଯୋଗ ଅନୁଯାୟୀ, ଉପାଧ୍ୟାୟ ଏହି ଠକେଇ ନେଟୱର୍କର ଜଣେ ପ୍ରମୁଖ ସଂଯୋଜକ ଥିଲେ । ସାଇବର ଠକେଇ ସହ ଜଡ଼ିତ ବ୍ୟାଙ୍କ ଖାତାଗୁଡ଼ିକୁ ପୁଲିସ ଅଭିଯୋଗ ପରେ ଅଚଳ କରାଯିବା ସମୟରେ ସେ ‘ଅଙ୍ଗାଡ଼ିଆ’ ନାମକ ନଗଦ ଅର୍ଥ ପରିବହନକାରୀ ମଧ୍ୟସ୍ଥଙ୍କ ଜରିଆରେ ଅଧିକାରୀମାନଙ୍କୁ ଲାଞ୍ଚ ଦେଇ ସେଗୁଡ଼ିକୁ ପୁନଃ ସଚଳ କରାଉଥିବା ଅଭିଯୋଗ ହୋଇଛି । ତଦନ୍ତ ଅନୁଯାୟୀ, ୨୦୨୫ ମେ ୨୧ରୁ ଜୁନ୍ ୨ ମଧ୍ୟରେ ଗୋଆର ଜଣେ ମହିଳାଙ୍କୁ ଡିଜିଟାଲ୍ ଆରେଷ୍ଟର ଭୟ ଦେଖାଇ ସାଇବର ଠକମାନେ ୨.୬୦ କୋଟି ଟଙ୍କା ଠକି ନେଇଥିଲେ । ଏହି ଟଙ୍କାକୁ ବିଭିନ୍ନ ମ୍ୟୁଲ୍ ବ୍ୟାଙ୍କ ଖାତାକୁ ପଠାଯାଇଥିଲା ।

ୟୁରୋପରେ ପୁଣି ଅଶାନ୍ତି

- ଲୁହବୁହା ଗ୍ୟାସ୍ ପ୍ରୟୋଗ
- ଜଳୁଛି ବ୍ୟାରିକେଡ୍
- ହଜାର ହଜାର ସୁରକ୍ଷାକର୍ମୀ ମୁତୟନ

ଫ୍ରାନ୍ସରେ ପ୍ରାୟ ହଜାରେ ଗିରଫ, ଇଟାଲୀରେ ୫୦୦ ଅତିରିକ୍ତ ସୈନ୍ୟ ମୁତୟନ, ସ୍ପେନ୍‌ରେ ଦୋକାନ ଲୁଟ୍, ୧୦୦ ଗିରଫ

ପ୍ୟାରିସ୍,୨୫ ।୧୦(ଏଜେନ୍ସି): ମହଙ୍ଗା ଜୀବନଯାପନ, ଘରଭଡ଼ା ବୃଦ୍ଧି, ଶିକ୍ଷା ଖର୍ଚ୍ଚ, କମ୍ ଦରମା ଓ ସରକାରୀ ନୀତିକୁ ବିରୋଧ କରି ୟୁରୋପର ବିଭିନ୍ନ ଦେଶରେ ଲଗାତାର ଦ୍ୱିତୀୟ ସପ୍ତାହାନ୍ତରେ ବ୍ୟାପକ ବିକ୍ଷୋଭ ଦେଖାଦେଇଛି । ଫ୍ରାନ୍ସ, ଇଟାଲୀ, ସ୍ପେନ୍, ପର୍ତ୍ତୁଗାଲ, ଆଲବାନିଆ ଓ ବେଲଜିୟମରେ ଲକ୍ଷାଧିକ ଲୋକ ରାସ୍ତାକୁ ଓହ୍ଲାଇଛନ୍ତି । କେତେକ ସ୍ଥାନରେ ବିକ୍ଷୋଭ ହିଂସାତ୍ମକ ରୂପ ନେବାରୁ ପୁଲିସ ଲୁହବୁହା ଗ୍ୟାସ୍ ଓ ଜଳକାମାନ ବ୍ୟବହାର କରିଛି । ଦୋକାନ ଲୁଟ୍ ଓ ଭଙ୍ଗାରୁଜା ରୋକିବାକୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଫ୍ରାନ୍ସରେ ଶନିବାରର ବିକ୍ଷୋଭରେ ପ୍ରାୟ ୪.୧ ଲକ୍ଷ ଲୋକ ସାମିଲ ହୋଇଥିବା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ କହିଛି । ଶ୍ରମିକ ସଂଗଠନଗୁଡ଼ିକ ଏହି ସଂଖ୍ୟା ୮ ଲକ୍ଷ ବୋଲି ଦାବି କରିଛନ୍ତି । ପ୍ରାୟ ୭୦ ହଜାର ପୁଲିସ କର୍ମଚାରୀ ମୁତୟନ ହୋଇଥିଲେ । ପ୍ୟାରିସ୍ ସମେତ ବିଭିନ୍ନ ସହରରେ ପ୍ରଦର୍ଶନକାରୀ ଓ ଦଙ୍ଗା ନିୟନ୍ତ୍ରଣକାରୀ ପୁଲିସ ମଧ୍ୟରେ ସଂଘର୍ଷ ହୋଇଥିଲା । ଗାଡ଼ି ଶୋ’ରୁମ୍‌ର କାଚ ଭଙ୍ଗାଯିବା ସହ ରାସ୍ତାରେ ବ୍ୟାରିକେଡ୍ ନିର୍ମାଣ କରାଯାଇଥିଲା । ଗତ ସପ୍ତାହର ହିଂସା ପରେ ମିଲାନ୍‌ରେ ଅତିରିକ୍ତ ୫୦୦ ସୈନ୍ୟ ମୁତୟନ କରିଛନ୍ତି ପ୍ରଧାନମନ୍ତ୍ରୀ ଜର୍ଜିଆ ମେଲୋନି । ରୋମ୍ ଓ ତୁରିନ୍‌ରେ ପୁଲିସ ଲୁହବୁହା ଗ୍ୟାସ୍ ବ୍ୟବହାର କରିଥିବାବେଳେ ରୋମ୍‌ର କଲୋସିୟମ୍‌ରେ ଛାତ୍ରଛାତ୍ରୀମାନେ ପାଲେଷ୍ଟାଇନ୍ ପତାକା ଧରି ଗାଜା ଯୁଦ୍ଧ ବିରୋଧରେ ପ୍ରତିବାଦ କରିଥିଲେ । ସ୍ପେନ୍‌ର ବାର୍ସିଲୋନାରେ ଦୋକାନ ଲୁଟ୍ ଓ ରାସ୍ତାକଡ଼ ସାମଗ୍ରୀରେ ନିଆଁ ଲଗାଇବା ଘଟଣାରେ ପ୍ରାୟ ୧୦୦ ଜଣ ଗିରଫ ହୋଇଛନ୍ତି । ୩୦ରୁ ଅଧିକ ଅଗ୍ନିକାଣ୍ଡ ଏବଂ ୧୪ଟି ଦୋକାନରେ ଭଙ୍ଗାରୁଜା କିମ୍ବା ଲୁଟ୍ ହୋଇଥିବା କାଟାଲୋନିଆର ଆଞ୍ଚଳିକ ସ୍ୱରାଷ୍ଟ୍ର ମନ୍ତ୍ରୀ କହିଛନ୍ତି । ପର୍ତ୍ତୁଗାଲରେ ଘରଭଡ଼ା ଓ ଘର କିଣିବା ଖର୍ଚ୍ଚ କମାଇବା ଦାବିରେ ହଜାର ହଜାର ଲୋକ ରାସ୍ତାକୁ ଓହ୍ଲାଇଥିଲେ ।

ଆଲବାନିଆର ରାଜଧାନୀ ତିରାନାରେ ଛାତ୍ରଛାତ୍ରୀ ଶିକ୍ଷା ଶୁଳ୍କ ହ୍ରାସ ଓ ପ୍ରଧାନମନ୍ତ୍ରୀ ଏଡି ରାମାଙ୍କ ଇସ୍ତଫା ଦାବି କରିଥିଲେ । ବେଲଜିୟମର ବ୍ରସେଲ୍ସରେ ମଧ୍ୟ ପୁଲିସ ବିକ୍ଷୋଭକାରୀଙ୍କୁ ଘଉଡ଼ାଇବା ପାଇଁ ଲୁହବୁହା ଗ୍ୟାସ୍ ବ୍ୟବହାର କରିଥିଲା । ୟୁରୋପର ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ କାରଣରୁ ଏହି ବିକ୍ଷୋଭ ହେଉଥିଲେ ମଧ୍ୟ ମହଙ୍ଗା ଜୀବନଯାପନ ଓ ସରକାରୀ ନୀତିକୁ ନେଇ ଜନଅସନ୍ତୋଷ ଏହାର ପ୍ରମୁଖ କାରଣ । ହିଂସା ରୋକିବା ସହ ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରିବା ୟୁରୋପୀୟ ସରକାରଙ୍କ ପାଇଁ ବଡ଼ ଆହ୍ୱାନ ପାଲଟିଛି ।

ୟୁକ୍ରେନ୍ ଷ୍ଟାରଲିଙ୍କ୍‌ର ଅପବ୍ୟବହାର କରିଛି: ଏଲନ୍ ମସ୍କ

କିଭ୍, ୨୫ ।୧୦ (ଏଜେନ୍ସି): ୟୁକ୍ରେନ୍‌ରେ ଷ୍ଟାରଲିଙ୍କ୍ ଉପଗ୍ରହ ଇଣ୍ଟରନେଟ୍ ସେବାର ଗତି ଉପରେ ଲଗାଯାଇଥିବା କଟକଣା ହଟାଯାଇଛି । ସେବା ପୂର୍ବ ସ୍ଥିତିକୁ ଫେରିଥିବା ୟୁକ୍ରେନ୍ ରାଷ୍ଟ୍ରପତି ଭୋଲୋଦିମିର୍ ଜେଲେନ୍‌ସ୍କି କହିଛନ୍ତି । ଏହି ସେବା ପରିଚାଳନା କରୁଥିବା ସ୍ପେସ୍‌ଏକ୍ସର ମୁଖ୍ୟ ଏଲନ୍ ମସ୍କ ମଧ୍ୟ ଗତି ନିୟନ୍ତ୍ରଣ କରାଯାଇଥିବା ସ୍ୱୀକାର କରିଛନ୍ତି । ମସ୍କଙ୍କ ଅଭିଯୋଗ ଅନୁଯାୟୀ, ୟୁକ୍ରେନ ସାଧାରଣ ବାଣିଜ୍ୟିକ ସେବା ଷ୍ଟାରଲିଙ୍କ୍‌କୁ ଆକ୍ରମଣାତ୍ମକ ଡ୍ରୋନ୍ ଆକ୍ରମଣରେ ଲୋକଙ୍କୁ ହତ୍ୟା କରିବା ପାଇଁ ବ୍ୟବହାର କରିଥିଲା । ଏହା ସେବାର ବ୍ୟବହାର ନିୟମର ଉଲ୍ଲଂଘନ ବୋଲି ସେ କହିଛନ୍ତି । ଗତ ସପ୍ତାହରେ ସେବାରେ ବାଧା ଯୋଗୁଁ ୟୁକ୍ରେନ୍‌ର ଯୁଦ୍ଧକ୍ଷେତ୍ରରେ ଡ୍ରୋନ୍ ପରିଚାଳନା, ଯୋଗାଯୋଗ ଓ ରସଦ ପରିବହନ ପ୍ରଭାବିତ ହୋଇଥିଲା । ଷ୍ଟାରଲିଙ୍କ୍‌ର ସାମରିକ ସଂସ୍କରଣ ଷ୍ଟାରସିଲ୍ଡ ସମ୍ପର୍କିତ ନିଷ୍ପତ୍ତି ଆମେରିକା ସରକାରଙ୍କ ନିୟନ୍ତ୍ରଣରେ ଥିବା ମସ୍କ କହିଛନ୍ତି । ଏହି ଘଟଣା ୱାସିଂଟନ୍ ଓ କିଭ୍ ମଧ୍ୟରେ ତିକ୍ତତା ବଢ଼ାଇଛି ।

ଇରାନ ଉପରେ ଆକ୍ରମଣ କରିପାରେ ଆମେରିକା

ଶାନ୍ତି ଚୁକ୍ତି ସହ ଟ୍ରମ୍ପଙ୍କ ଚେତାବନୀ

ୱାସିଂଟନ, ୨୫ ।୧୦(ଏଜେନ୍ସି): ଇରାନ ଉପରେ ଆମେରିକା ଯେକୌଣସି ସମୟରେ ପୁଣି ସାମରିକ ଆକ୍ରମଣ କରିପାରେ । ରବିବାର (ଅକ୍ଟୋବର ୨୫) ଆକ୍ରମଣ ହେବାର ସମ୍ଭାବନାକୁ ଏଡ଼ାଇ ନାହାନ୍ତି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ । ତେବେ ଯୁଦ୍ଧ ପରିବର୍ତ୍ତେ ଇରାନ ସହ ଏକ ବଡ଼ ଶାନ୍ତି ଚୁକ୍ତି ହେବାର ସମ୍ଭାବନା ମଧ୍ୟ ରହିଥିବା ସେ କହିଛନ୍ତି । ଏହାଦ୍ୱାରା ଉଭୟ ଦେଶ ମଧ୍ୟରେ ସାମରିକ ସଂଘର୍ଷ ପୁଣି ତୀବ୍ର ହେବା ଆଶଙ୍କା ବଢ଼ିଛି । ଶନିବାର ଫ୍ଲୋରିଡାରେ ସାମ୍ବାଦିକମାନଙ୍କ ସହ କଥା ହେବାବେଳେ ଟ୍ରମ୍ପ କହିଥିଲେ, ଆମେରିକା ଇରାନ ଉପରେ ଆକ୍ରମଣ କରିବ କି ନାହିଁ, ତାହା ସେ ସାମ୍ନାରେ କହିବେ ନାହିଁ । ରବିବାର ଆକ୍ରମଣ ହୋଇପାରେ, ତେବେ ଏକ ବଡ଼ ଚୁକ୍ତି ମଧ୍ୟ ହୋଇପାରେ । ଏହା ପୂର୍ବରୁ ଶୁକ୍ରବାର ଏକ ସଭାରେ ସେ ଇରାନ ବିରୋଧରେ ଆଉ ଏକ ସାମରିକ ଅଭିଯାନ ଆରମ୍ଭ କରିବାର ଧମକ ଦେଇଥିଲେ । ଏହାକୁ ସେ ପୂର୍ବ ଅଭିଯାନ ‘ଏପିକ୍ ଫ୍ୟୁରି’ର ଆଉ ଏକ ପର୍ଯ୍ୟାୟ ବୋଲି ସଙ୍କେତ ଦେଇଛନ୍ତି । ଟ୍ରମ୍ପ ଆମେରିକାର ସାମରିକ ସଫଳତାର ପ୍ରଶଂସା କରି କହିଛନ୍ତି ଯେ ଇରାନର ଯୁଦ୍ଧବିମାନ ଓ ଅନେକ ଜାହାଜ ନଷ୍ଟ କରାଯାଇଛି । ଇରାନରେ ରେକର୍ଡ ମୁଦ୍ରାସ୍ଫୀତି ରହିଥିବା ମଧ୍ୟ ସେ ଦାବି କରିଛନ୍ତି । ତେବେ ଏହି ସାମରିକ କ୍ଷୟକ୍ଷତି ସମ୍ପର୍କିତ ଦାବିଗୁଡ଼ିକର ସ୍ୱତନ୍ତ୍ର ପୁଷ୍ଟି ରିପୋର୍ଟରେ ଦିଆଯାଇନାହିଁ । ଆମେରିକା ସହ ଚୁକ୍ତି କରିବାକୁ ଇରାନ ଆଗ୍ରହୀ ବୋଲି ଟ୍ରମ୍ପ କହିଥିଲେ ମଧ୍ୟ ତେହେରାନ ଚୁକ୍ତିର ସର୍ତ୍ତ ପାଳନ କରିବ କି ନାହିଁ, ସେ ନେଇ ସନ୍ଦେହ ପ୍ରକାଶ କରିଛନ୍ତି । ଇରାନକୁ ପରମାଣୁ ଅସ୍ତ୍ର ବିକଶିତ କରିବାରୁ ରୋକିବା ତାଙ୍କ ପ୍ରଶାସନର ପ୍ରମୁଖ ଲକ୍ଷ୍ୟ ବୋଲି ସେ ପୁଣି ଦୋହରାଇଛନ୍ତି । ଅନ୍ୟପକ୍ଷରେ, ହର୍ମୁଜ୍ ପ୍ରଣାଳୀ ଖୋଲିବା ବଦଳରେ ଆମେରିକା ନୌସେନା ଅବରୋଧ ହଟାଇବାକୁ ଇରାନ ପାକିସ୍ତାନୀ ମଧ୍ୟସ୍ଥଙ୍କ ନିକଟରେ ନୂଆ ପ୍ରସ୍ତାବ ଦେଇଥିବା ଖବରକୁ ତେହେରାନ ଖଣ୍ଡନ କରିଛି ।

ଆରମ୍ଭ ହେଲା ଢେଙ୍କାନାଳର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା — ମୀନାବଜାର ଚାନ୍ଦି ମେଢ଼

ସରକାରଙ୍କ ବାତ୍ୟା ମୁକାବିଲା ପ୍ରସ୍ତୁତି

୮ ମନ୍ତ୍ରୀ, ୫ ଆଇଏଏସ୍‌ଙ୍କୁ ଦାୟିତ୍ୱ

ଭୁବନେଶ୍ୱର,୨୫।୧୦(ସମିସ): ବାତ୍ୟା ମୁକାବିଲା ଉପରେ ଗୁରୁତ୍ୱ ଦେଇ ରବିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨ ଉପମୁଖ୍ୟମନ୍ତ୍ରୀଙ୍କ ସମେତ ୮ ଜଣ ମନ୍ତ୍ରୀଙ୍କୁ ୮ଟି ଜିଲ୍ଲାର ଦାୟିତ୍ୱ ଦେଇଛନ୍ତି। କୋରାପୁଟ ଜିଲ୍ଲା ପାଇଁ କନକବର୍ଦ୍ଧନ ସିଂହଦେଓ, ରାୟଗଡ଼ା ପାଇଁ ପ୍ରଭାତୀ ପରିଡ଼ା, କନ୍ଧମାଳ ପାଇଁ ରବି ନାଏକ, ଗଞ୍ଜାମ ପାଇଁ ବିଭୂତି ଜେନା, ନବରଙ୍ଗପୁର ପାଇଁ କୃଷ୍ଣଚନ୍ଦ୍ର ପାତ୍ର, ମାଲକାନଗିରି ପାଇଁ ନିତ୍ୟାନନ୍ଦ ଗଣ୍ଡ, କଳାହାଣ୍ଡି ପାଇଁ ମୁକେଶ ମହାଲିଙ୍ଗ ଓ ଗଜପତି ଜିଲ୍ଲା ପାଇଁ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ଦାୟିତ୍ୱ ଦିଆଯାଇଛି। ବାତ୍ୟା ମୁକାବିଲା ପାଇଁ ଏହି ମନ୍ତ୍ରୀ ମାନେ ୨୭ ତାରିଖରୁ ୨୯ ତାରିଖ ପର୍ଯ୍ୟନ୍ତ ଏହି ଜିଲ୍ଲାରେ ରହିବେ ବୋଲି ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ୫ ଜଣ ଆଇଏଏସ୍‌ଙ୍କୁ ମଧ୍ୟ ଜିଲ୍ଲା ଦାୟିତ୍ୱ ଦିଆଯାଇଛି। ଆଇଏଏସ୍ କେ ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ରାୟଗଡ଼ା ଜିଲ୍ଲାର ଦାୟିତ୍ୱ ଦିଆଯାଇଥିବା ବେଳେ ଡଃ ପୋମା ଟୁଡୁଙ୍କୁ କୋରାପୁଟ, ବିଜୟ କୁମାର ଦାଶଙ୍କୁ ଗଜପତି, ଯାଦୁଲା ବିଜୟଙ୍କୁ ମାଲକାନଗିରି, ମହେଶ୍ୱର ସ୍ୱାଇଁଙ୍କୁ ନବରଙ୍ଗପୁର ଦାୟିତ୍ୱ ଦିଆଯାଇଛି। ସମ୍ପୃକ୍ତ ଅଧିକାରୀଙ୍କୁ ତୁରନ୍ତ ନିଜ ନିଜ ଜିଲ୍ଲାରେ ଯୋଗଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟପଟେ ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ, ମାଲକାନଗିରି ଜିଲ୍ଲାରେ ଅଧିକ ପ୍ରଭାବ ଆଶଙ୍କା କରି ଏହି ୫ଟି ଜିଲ୍ଲାରେ ସ୍କୁଲ, କଲେଜ ଏବଂ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକୁ ୨୮ ଓ ୨୯ ତାରିଖ ଦିନ ବନ୍ଦ ରଖିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହାସହିତ ସମ୍ଭାବ୍ୟ ବିପର୍ଯ୍ୟୟର ମୁକାବିଲା ପାଇଁ ସମସ୍ତ ଜିଲ୍ଲାସ୍ତରୀୟ ଓ ଅଧିକାରୀଙ୍କ ଛୁଟି ବାତିଲ କରାଯାଇଛି। ସମସ୍ତ ଅଧିକାରୀଙ୍କୁ ନିଜ ନିଜ ମୁଖ୍ୟାଳୟରେ ରହିବାକୁ କୁହାଯାଇଛି। ୨୪ ଘଣ୍ଟିଆ କଣ୍ଟ୍ରୋଲ ରୁମ୍ ଖୋଲିବା ସହ ବିପର୍ଯ୍ୟୟ ପରିଚାଳନା ପାଇଁ ଜିଲ୍ଲା ଜରୁରୀକାଳୀନ ଅପରେସନ୍ କେନ୍ଦ୍ର ସମେତ ସମସ୍ତ ବ୍ଲକ, ତହସିଲ ଓ ପୌରାଞ୍ଚଳରେ ୨୪/୭ କଣ୍ଟ୍ରୋଲ ରୁମ୍ କାର୍ଯ୍ୟକାରୀ କରାଯାଇଛି। ସେହିପରି ୫ ଜିଲ୍ଲାରେ ଜିଲ୍ଲାରେ ମୋଟ୍ ୨୪ଟି ଓଡ୍ରାଫ୍ ଟିମ୍ ଏବଂ ୬ଟି ଏନଡିଆରଏଫ୍ ଟିମ୍ ନିୟୋଜିତ କରାଯାଇଛି। ଦକ୍ଷିଣ ଓଡ଼ିଶାର ଏହି ୫ ଜିଲ୍ଲାରେ ପାହାଡ଼, ଜଳପ୍ରପାତ, ଡ୍ୟାମ୍ ଓ ପର୍ଯ୍ୟଟନସ୍ଥଳୀଗୁଡ଼ିକରେ ପର୍ଯ୍ୟଟକଙ୍କ ଯାତାୟାତ ଉପରେ କଟକଣା ଲଗାଯାଇଛି।

ସେହିପରି ଓଡ଼ିଶାରେ ସମ୍ଭାବ୍ୟ ବାତ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବରିଷ୍ଠ ପ୍ରଶାସନିକ ଅଧିକାରୀମାନଙ୍କୁ ଅକ୍ଟୋବର ୨୬ରୁ ମୁଖ୍ୟାଳୟରେ ଉପଲବ୍ଧ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରଶାସନିକ କାର୍ଯ୍ୟକୁ ସୁଗମ ରଖିବା ସହ ଜରୁରୀ ପରିସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତି ସୁନିଶ୍ଚିତ କରିବା ଲକ୍ଷ୍ୟରେ ଏହି ପଦକ୍ଷେପ ନିଆଯାଇଛି।

ଟ୍ରକ୍ ସହ ଜଳିଗଲେ ଦୁଇ ଚାଳକ

ରାଉରକେଲା,୨୫।୧୦(ସମିସ): ସୁନ୍ଦରଗଡ଼ ଜିଲ୍ଲା ଲେଫ୍ରିପଡ଼ା ଥାନା ଅନ୍ତର୍ଗତ କୋଇଲା କରିଡରର ଅଁଳାବାହାଲ ଛକ ନିକଟରେ ଶନିବାର ବିଳମ୍ବିତ ରାତିରେ ଏକ ଭୟଙ୍କର ସଡ଼କ ଦୁର୍ଘଟଣା ଘଟିଛି। ଦୁଇଟି କୋଇଲା ବୋଝେଇ ଟ୍ରେଲର ମୁହାଁମୁହିଁ ଧକ୍କା ହେବା ଫଳରେ ନିଆଁ ଲାଗି ଉଭୟ ଗାଡ଼ି ସହ ଚାଳକ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସୂଚନା ଅନୁଯାୟୀ, ରାତି ପ୍ରାୟ ୨ଟାବେଳେ ଏହି ଦୁର୍ଘଟଣା ଘଟିଥିଲା। ମହାନଦୀ କୋଲଫିଲ୍ଡ୍ସ ଲିମିଟେଡ୍ (ଏମସିଏଲ୍)ରୁ କୋଇଲା ନେଇ ଆସୁଥିବା ଏକ ଟ୍ରେଲର ସହିତ କୋଇଲା ଲୋଡିଂ ପଏଣ୍ଟ ଆଡ଼କୁ ଯାଉଥିବା ଅନ୍ୟ ଏକ ଟ୍ରେଲରର ମୁହାଁମୁହିଁ ଧକ୍କା ହୋଇଥିଲା। ଧକ୍କା ଏତେ ଜୋରଦାର ଥିଲା ଯେ ଗାଡ଼ିଗୁଡ଼ିକର ୟୁରିଆ ଟାଙ୍କି ଫାଟିଯାଇ ବିସ୍ଫୋରଣ ଘଟିଥିଲା। ଉଭୟ ଟ୍ରେଲର ହୁ ହୁ ହୋଇ ଜଳିଯାଇଥିଲା। ସେଥିରେ ଥିବା ୨ ଚାଳକ ଜୀବନ୍ତ ଦଗ୍ଧ ହୋଇ ଯାଇଥିଲେ। ସେହି ରାସ୍ତା ଦେଇ ଯାଉଥିବା ଅନ୍ୟ ଟ୍ରକ୍ ଚାଳକମାନେ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ନିଆଁର ପ୍ରକୋପ ଏତେ ଥିଲା ଯେ ଉଦ୍ଧାର କାର୍ଯ୍ୟ ସମ୍ଭବପର ହୋଇନଥିଲା। ଫଳରେ ଘଟଣାସ୍ଥଳରେ ହିଁ ୨ ଚାଳକ ଜଳି ଯାଇଥିଲେ। ମୃତ ଚାଳକଙ୍କ ପରିଚୟ ଏପର୍ଯ୍ୟନ୍ତ ମିଳିପାରିନାହିଁ। ସେମାନେ ବିହାର ଅଞ୍ଚଳର ବୋଲି ସନ୍ଦେହ କରାଯାଉଥିଲେ ମଧ୍ୟ ସେମାନଙ୍କ ନାମ ଓ ଠିକଣା ସମ୍ପର୍କରେ କୌଣସି ତଥ୍ୟ ମିଳିନାହିଁ।

କୋଟିଆରେ ଓଡ଼ିଶା-ଆନ୍ଧ୍ର ପୁଲିସ ମୁହାଁମୁହିଁ

ସିସିଟିଭି ଲଗାଇଲା ଆନ୍ଧ୍ର, ଫାଟକ ବସାଇଲା ଓଡ଼ିଶା

ପଟାଙ୍ଗି, ୨୫।୧୦ (ସମିସ): କୋଟିଆକୁ ନେଇ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ଦୀର୍ଘଦିନ ଧରି ଚାଲିଆସିଥିବା ସୀମା ବିବାଦ ପୁଣି ତୀବ୍ର ହୋଇଛି। କୋରାପୁଟ ଜିଲ୍ଲାର କୋଟିଆ ଅଞ୍ଚଳକୁ ସାମିଲ କରି ଆନ୍ଧ୍ରପ୍ରଦେଶ ପକ୍ଷରୁ ପଞ୍ଚାୟତ ନିର୍ବାଚନ ପ୍ରକ୍ରିୟା ଆଗକୁ ବଢ଼ାଯାଉଥିବାରୁ ଉଭୟ ରାଜ୍ୟର ପ୍ରଶାସନିକ ତତ୍ପରତା ବଢ଼ିଛି। ଆନ୍ଧ୍ର ପକ୍ଷରୁ ସିସିଟିଭି କ୍ୟାମେରା ଲଗାଯାଇଥିବାବେଳେ ଓଡ଼ିଶା ପୁଲିସ କୋଟିଆ ଥାନା ସମ୍ମୁଖରେ ଚେକ୍‌ଗେଟ୍ ସ୍ଥାପନ କରିଛି। ଉଭୟ ରାଜ୍ୟର ପୁଲିସ ଯାନବାହନ ଯାଞ୍ଚ ଜୋରଦାର କରିଥିବାରୁ ସୀମାନ୍ତ ଅଞ୍ଚଳରେ ଉତ୍ତେଜନା ଆଶଙ୍କା ବଢ଼ିଛି।

ସୂଚନା ଅନୁଯାୟୀ, ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆ ଅଞ୍ଚଳରେ ଏମ୍‌ପିଟିସି ଓ ଜେଡ୍‌ପିଟିସି ନିର୍ବାଚନ ପାଇଁ ମୋଟ ୩ ଜଣ ପ୍ରାର୍ଥୀ ନାମାଙ୍କନ ଦାଖଲ କରିଛନ୍ତି। ଗଞ୍ଜେଇପଦର ଅଞ୍ଚଳରୁ ୱାଇଏସ୍‌ଆର୍ କଂଗ୍ରେସର ମାଝୀ କାନପୁରି ଓ ତେଲୁଗୁ ଦେଶମ୍ ପାର୍ଟି (ଟିଡିପି)ର ତାଡ଼ିଙ୍ଗି ଚିରଞ୍ଜିବୀ ନାମାଙ୍କନ ଭରିଥିବାବେଳେ ଫଗୁଣସିନେରୀରୁ ଟିଡିପିର ରେଣ୍ଡୋ ହାରେକା ପ୍ରାର୍ଥୀ ହୋଇଛନ୍ତି। ଆସନ୍ତା ନଭେମ୍ବର ୩ ତାରିଖରେ ଆନ୍ଧ୍ର ପକ୍ଷରୁ ମତଦାନ କରାଇବା ପାଇଁ ପ୍ରସ୍ତୁତି ଚାଲିଥିବା କୁହାଯାଉଛି।

ଏହି ପରିପ୍ରେକ୍ଷୀରେ ଓଡ଼ିଶା ପ୍ରଶାସନ ମଧ୍ୟ କୋଟିଆରେ ନିଜର ଉପସ୍ଥିତି ଓ କାର୍ଯ୍ୟକଳାପ ବଢ଼ାଇଛି। ଉପଜିଲ୍ଲାପାଳ କୁମାରୀ ହାବି ରସିଦ କୋଟିଆରେ ରାତ୍ରିଯାପନ କରିବା ସହ ବିଭିନ୍ନ ଗ୍ରାମ ଗସ୍ତ କରି ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଲୋକଙ୍କ ସମସ୍ୟା ଶୁଣିବା ସହ ସୀମାନ୍ତ ଅଞ୍ଚଳରେ ପ୍ରଶାସନର ଉପସ୍ଥିତି ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି।

କୋଟିଆ ପ୍ରସଙ୍ଗକୁ ନେଇ ରାଜନୈତିକ ତତ୍ପରତା ମଧ୍ୟ ଜୋରଦାର ହୋଇଛି। ବିଜେଡିର ୧୬ ଜଣିଆ ନେତୃମଣ୍ଡଳୀ କୋଟିଆ ଗସ୍ତ କରି ଆନ୍ଧ୍ର ପକ୍ଷରୁ ଚାଲିଥିବା ନିର୍ବାଚନ ପ୍ରକ୍ରିୟାକୁ ବିରୋଧ କରିଛି। ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରିବା ସହ କୋଟିଆରେ ଓଡ଼ିଶାର ସ୍ୱାର୍ଥ ରକ୍ଷା ପାଇଁ ରାଜ୍ୟ ସରକାର ଅଧିକ ସକ୍ରିୟ ପଦକ୍ଷେପ ନେବାକୁ ଦଳ ଦାବି କରିଛି। ବିଜେପି ପକ୍ଷରୁ ମଧ୍ୟ କୋଟିଆର ବିଭିନ୍ନ ଗ୍ରାମକୁ ଗସ୍ତ କରାଯାଇଛି। ଆନ୍ଧ୍ର ପକ୍ଷରୁ ହେଉଥିବା ନିର୍ବାଚନରେ ଭାଗ ନ ନେବାକୁ ଦଳୀୟ ନେତା ଓ କର୍ମୀମାନେ ସ୍ଥାନୀୟ ଲୋକଙ୍କୁ ଆହ୍ୱାନ ଦେଇଛନ୍ତି। ଏହି ଗସ୍ତ ସମୟରେ ବିଜେପି କର୍ମୀଙ୍କ ସହ ଆନ୍ଧ୍ର ପୁଲିସର ବଚସା ହୋଇଥିବା ମଧ୍ୟ ଜଣାପଡ଼ିଛି।

ଓଡ଼ିଶା ପକ୍ଷରୁ ପ୍ରଶାସନିକ ଓ ରାଜନୈତିକ ତତ୍ପରତା ବଢ଼ିବା ପରେ ଆନ୍ଧ୍ର ପ୍ରଶାସନ ମଧ୍ୟ ସୀମାନ୍ତ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି। ଉପର ସେମ୍ବି ଗ୍ରାମରେ ଆନ୍ଧ୍ର ପୁଲିସ ମୁତୟନ କରାଯାଇଛି। ରାସ୍ତାରେ ଚେକ୍‌ଗେଟ୍ ସ୍ଥାପନ କରି ଯାତାୟାତ କରୁଥିବା ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଉଛି। ସନ୍ଦେହଜନକ ଗତିବିଧି ଉପରେ ନଜର ରଖିବା ସହ ରାସ୍ତାକଡ଼ରେ ସିସିଟିଭି କ୍ୟାମେରା ଲଗାଯାଇଛି।

ଅନ୍ୟପକ୍ଷରେ ଓଡ଼ିଶା ପୁଲିସ ମଧ୍ୟ କୋଟିଆ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିଛି। କୋଟିଆ ଥାନା ସମ୍ମୁଖରେ ଚେକ୍‌ଗେଟ୍ ସ୍ଥାପନ କରାଯାଇ ଯାନବାହନ ଯାଞ୍ଚ ଚାଲିଛି। ଏଥିସହ ଫାଟୁସିନେରୀ ଓ ନେରେଇୱାଳସା ଅଞ୍ଚଳରେ ପୁଲିସ ମୁତୟନ କରାଯାଇ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକ ଉପରେ ନଜର ରଖାଯାଉଛି।

ବର୍ଷିଲା ବିଜେଡି

ସରକାରଙ୍କର ନାହିଁ ଆନ୍ତରିକତା

କୋଟିଆ ପ୍ରସଙ୍ଗରେ ଚୁପ୍ ବସିଛି ଟ୍ରିପଲ୍ ଇଞ୍ଜିନ

ଭୁବନେଶ୍ୱର,୨୫।୧୦(ସମିସ): ଓଡ଼ିଆ ଅସ୍ମିତାର ଦ୍ୱାହି ଦେଉଥିବା ବିଜେପି ସରକାର କୋଟିଆ ପ୍ରସଙ୍ଗରେ ତିଳେ ମାତ୍ର ଆନ୍ତରିକତା ଦେଖାଉ ନାହିଁ । ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ କେନ୍ଦ୍ର ସରକାରରେ ବିଜେପିର ଟ୍ରିପଲ ଇଞ୍ଜିନ ସରକାର ଥିବା ସତ୍ତ୍ୱେ ରାଜ୍ୟ ସରକାର ଚୁପ ହୋଇ ବସିଛନ୍ତି। ଏନେଇ ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ସାଧାରଣ ସମ୍ପାଦକ, ପୂର୍ବତନ ସାଂସଦ ତଥା ଜାତୀୟ ମୁଖପାତ୍ର ପ୍ରଦୀପ ମାଝୀ ଓ ସାଧାରଣ ସମ୍ପାଦକ ତଥା ଜାତୀୟ ମୁଖପାତ୍ର ଭୃଗୁ ବକ୍ସିପାତ୍ର ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି।

- ଆନ୍ଧ୍ର ପ୍ରଦେଶକୁ କୋଟିଆ ଟେକି ଦେବାକୁ ରାଜ୍ୟ ସରକାରଙ୍କ ଚକ୍ରାନ୍ତ
- ମୋଦୀଙ୍କ ଓଡ଼ିଶା ଗସ୍ତ ଅବସରରେ କୋଟିଆ ସୀମା ବିବାଦର ସ୍ଥାୟୀ ସମାଧାନ ପାଇଁ ବିଜେଡିର ଅପିଲ

ଶ୍ରୀ ମାଝୀ କହିଛନ୍ତି ଯେ କୋଟିଆ ପ୍ରସଙ୍ଗରେ ବିଜେପି ସରକାର ନିର୍ବାଚନ ସମୟରେ ଦେଇଥିବା ପ୍ରତିଶ୍ରୁତି ପୂରଣ କଲେ ନାହିଁ। ନିର୍ବାଚନ ପୂର୍ବରୁ ଓ ପରେ ବିଜେପି ସରକାର ମାଳ ମାଳ ପ୍ରତିଶ୍ରୁତି ଦେଇଥିବା ବେଳେ ପୂରଣ କରିବାକୁ ଭୁଲି ଗଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କୋଟିଆ ଗସ୍ତ କରିଥିଲେ। ମାଆକୁ ଆମ୍ଭେ ମାନେ କେବେ ମାଉସୀ ବୋଲି ଡାକିବୁ ନାହିଁ ବୋଲି କହିବା ସହ ସେଠାରେ ଉତ୍କଳ ଦିବସ ମଧ୍ୟ ପାଳନ କରିଥିଲେ। ଉପମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ, କ୍ୟାବିନେଟ ମନ୍ତ୍ରୀଙ୍କ ବାରମ୍ବାର କୋଟିଆ ଗସ୍ତ ହୋଇଥିଲେ ସୁଦ୍ଧା ଫଳାଫଳ ଶୂନ୍ୟ ରହିଛି। କୋଟିଆ ଦୁର୍ଗମ ଓ ଅଗମ୍ୟ ହୋଇ ରହିଥିବା ବେଳେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳରେ ବିକାଶ ମୂଳକ କାର୍ଯ୍ୟ ହୋଇଥିଲା। ବିଜେଡି ଶାସନ କାଳର ବିକାଶ ସିଧାସଳଖ ଲୋକଙ୍କ ନିକଟରେ ପହଞ୍ଚିଥିଲା। କୋଟିଆ ପାଇଁ ୧୬୪କୋଟି ଟଙ୍କାର ସ୍ୱତନ୍ତ୍ର ପାଣ୍ଠି ପ୍ରଦାନ କରାଯାଇଥିଲା। କିନ୍ତୁ ବିଜେପି ସରକାରରେ ତାହା ଅବହେଳିତ ହୋଇରହିଛି। ଗତ ଅଢେଇ ବର୍ଷରେ ବିଜେପି ସରକାର କୋଟିଆରେ ରଙ୍ଗ ମଧ୍ୟ ମାରି ନାହାନ୍ତି। ବିଜେପି ସରକାରଙ୍କ ଖାଲି ଭାଷଣ ବାଜି, କାମରେ ହେଲେ ଜିରୋ। ବିଜେପି ସରକାରଙ୍କ ନିଦ ନଭାଙ୍ଗିଲେ କୋଟିଆ ଆନ୍ଧ୍ର ପ୍ରଦେଶ ସରକାରଙ୍କ ହୋଇଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ସେହିପରି ଶ୍ରୀ ବକ୍ସିପାତ୍ର କହିଛନ୍ତି ଯେ ଆଜି ପ୍ରଧାନମନ୍ତ୍ରୀ ଓଡ଼ିଶା ଗସ୍ତରେ ଆସିଛନ୍ତି। ବିଜେପିର ଟ୍ରିପଲ ଇଞ୍ଜିନ ସରକାର ଥିବା ବେଳେ କୋଟିଆ ସୀମା ବିବାଦର ପ୍ରଧାନମନ୍ତ୍ରୀ ସମାଧାନ କରି ଦେଇପାରନ୍ତେ। ଓଡ଼ିଶାବାସୀଙ୍କ ସମସ୍ୟାକୁ ପ୍ରଧାନମନ୍ତ୍ରୀ ବୁଝନ୍ତୁ, ଏଥି ସହିତ ଏହାର ସମାଧାନ କରନ୍ତୁ। ବିଜେପି ସରକାରଙ୍କ ପାଇଁ ଓଡ଼ିଶାର ସ୍ୱାର୍ଥ ସାଧିତ ହେବା ବଦଳରେ ଅନେକ କ୍ଷତି ହୋଇଛି । ମହାନଦୀ ପ୍ରସଙ୍ଗରେ ଛତିଶଗଡ ସରକାର ଏବଂ ପୋଲାଭରମ୍, କୋଟିଆ, ବଂଶଧାରା ଆଦି ସମସ୍ତ ପ୍ରସଙ୍ଗରେ କେନ୍ଦ୍ର ସରକାର ଆନ୍ଧ୍ର ପ୍ରଦେଶ ସରକାରଙ୍କ ସପକ୍ଷରେ ମତ ପୋଷଣ କରୁଛନ୍ତି। ଆନ୍ଧ୍ର ପ୍ରଦେଶ ସରକାର ଅପଚେଷ୍ଟା କରୁଥିବା ବେଳେ ଓଡ଼ିଶା ସରକାର ଚୁପ୍ ହୋଇ ବସିଛନ୍ତି। ଇତି ମଧ୍ୟରେ କେନ୍ଦ୍ର ସରକାର ଉକ୍ତ ପ୍ରସଙ୍ଗରେ ଜାଣି ଶୁଣି ହସ୍ତକ୍ଷେପ ନକରି ଆନ୍ଧ୍ର ପ୍ରଦେଶ ସରକାରଙ୍କ ସପକ୍ଷରେ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ବକ୍ସିପାତ୍ର କ୍ଷୋଭପ୍ରକାଶ କରିଥିଲେ।

'ଡିଜିଟାଲ୍ ବ୍ୟାଙ୍କିଙ୍ଗ୍' ନୁହେଁ; ପକେଟ୍ ମାର୍ : କଂଗ୍ରେସ

ଭୁବନେଶ୍ୱର,୨୫।୧୦(ସମିସ): ଜଟଣୀଠାରେ ଡାଟା ସେଣ୍ଟର ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦେଇଥିବା ଭାଷଣକୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଭକ୍ତ ଚରଣ ଦାସ ତୀବ୍ର ସମାଲୋଚନା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ 'ଫୋନ୍ ବ୍ୟାଙ୍କିଙ୍ଗ୍ ବନାମ ଡିଜିଟାଲ୍ ବ୍ୟାଙ୍କିଙ୍ଗ୍' ବକ୍ତବ୍ୟକୁ ଏକ ବଡ଼ ପ୍ରହସନ ବୋଲି ଦର୍ଶାଇ ଶ୍ରୀ ଦାସ କହିଛନ୍ତି ଯେ, କେନ୍ଦ୍ରର ମୋଦୀ ସରକାର ଡାଟା ସୁରକ୍ଷା ନାଁରେ କେବଳ ପାଣ୍ଠି ସଂଗ୍ରହ ଓ ପୁଞ୍ଜିପତିଙ୍କ ସ୍ୱାର୍ଥ ରକ୍ଷା କରୁଛନ୍ତି। ହେଲେ 'ଡିଜିଟାଲ୍ ବ୍ୟାଙ୍କିଙ୍ଗ୍' ନାଁରେ ସାଧାରଣ ଗରିବଙ୍କ ଉପରୁ ଟିକସ ଆଦାୟ ଚାଲିଛି। ବ୍ୟାଙ୍କ ଗୁଡ଼ିକରେ ସର୍ବନିମ୍ନ ବାଲାନ୍ସ ନ ରଖିଲେ, ଏଟିଏମ୍ ବ୍ୟବହାର କଲେ କିମ୍ବା ଡିଜିଟାଲ୍ କାରବାର କଲେ ସାଧାରଣ ଗରିବ ଲୋକଙ୍କ ଆକାଉଣ୍ଟରୁ କୋଟି କୋଟି ଟଙ୍କା କାଟି ନିଆଯାଉଛି। ଏହା ପ୍ରକୃତରେ 'ଡିଜିଟାଲ୍ ବ୍ୟାଙ୍କିଙ୍ଗ୍' ନୁହେଁ ବରଂ ଲୋକଙ୍କ ଉପରେ ଏକ ଅଦୃଶ୍ୟ 'ପକେଟ୍ ମାର୍' ବୋଲି ଶ୍ରୀ ଦାସ କହିଛନ୍ତି। ମୋଦୀଙ୍କ ଶାସନରେ ୨୨ ହଜାର ୮୪୨ କୋଟିର ଏଜିପି ସିପ୍‌ୟାର୍ଡ ବ୍ୟାଙ୍କ ଠକେଇ ହୋଇଛି। ୩୪ ହଜାର ୬୧୫ କୋଟିର ଡିଏଚ୍‌ଏଫଏଲ ସ୍କାମ୍, ପିଏନ୍‌ବି-ନିରବ ମୋଦି-ମେହୁଲ ଚୋକ୍ସି ୧୪-୧୫ ହଜାର କୋଟିର ସ୍କାମକୁ ଦେଶବାସୀ ଭୁଲିବେ ନାହିଁ। ପୁଣି ଡାଟାସେଣ୍ଟର ପାଇଁ ଓଡ଼ିଶା ଯୋଉ ପ୍ରଭୂତ ଜଳ ଓ ଶକ୍ତିସମ୍ପଦ ଉପଯୋଗ କରି ଅକଥନୀୟ ଯନ୍ତ୍ରଣା ଭୋଗିବାକୁ ଯାଉଛି, ସେ ବିଷୟରେ ରାଜ୍ୟବାସୀଙ୍କୁ ତାଙ୍କ ଡବଲ-ଇଂଜିନ ସରକାର ଆଶ୍ୱସ୍ତ କରିଛନ୍ତି କି ବୋଲି ଭକ୍ତ ପ୍ରଶ୍ନ କରିଛନ୍ତି।

ଏସ୍‌ସିବିରେ ଲିଫ୍ଟ ଅଚଳ; ଅଧଘଣ୍ଟାଏ ଫସିଲେ ୬ଜଣ

କଟକ,୨୫।୧୦(ସମିସ): ରାଜ୍ୟର ସର୍ବୋଚ୍ଚ ଚିକିତ୍ସାନୁଷ୍ଠାନ ଏସସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଘଟିଥିବା ଲିଫ୍ଟ ବିଭ୍ରାଟ ଘଟଣାରେ ଅଗ୍ନିଶମ ବାହିନୀର ତ୍ୱରିତ କାର୍ଯ୍ୟାନୁଷ୍ଠାନ ଯୋଗୁଁ ଏକ ବଡ଼ଧରଣର ଅଘଟଣରୁ ୬ ଜଣ ରୋଗୀଙ୍କ ସମ୍ପର୍କୀୟ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ହସ୍ପିଟାଲର ସର୍ଜରୀ ବିଭାଗରେ ଥିବା ଲିଫ୍ଟ ହଠାତ୍ ଅଚଳ ହୋଇଯିବାରୁ ସେଥିରେ ୬ ଜଣ ବ୍ୟକ୍ତି ପ୍ରାୟ ୩୦ ମିନିଟ୍ ଆତଙ୍କିତ ଅବସ୍ଥାରେ ଫସି ରହିଥିଲେ। ଏସସିବି ଫାୟାର ଷ୍ଟେସନ୍ ଟିମ୍ ଲିଫ୍ଟ ଅପରେଟରଙ୍କ ସହ ମିଶି ସମସ୍ତଙ୍କୁ ସୁରକ୍ଷିତ ଭାବେ ବାହାରକୁ ଆଣିବାରେ ସଫଳ ହୋଇଥିଲେ। ଉଦ୍ଧାର ହୋଇଥିବା ବ୍ୟକ୍ତିମାନେ ହେଲେ ଶେଖ ନୱାଜ (୩୨), ରାଜଦା ବେଗମ (୫୦), ପ୍ରଦ୍ୟୁମ୍ନ ମହାପାତ୍ର (୩୬), ବାଦଲ ଦାସ (୫୯), ବିମଳା ପ୍ରଧାନ (୪୨) ଏବଂ ସନାତନ ସାହୁ (୪୫)।

ଆଜିଠୁ କାର୍ତ୍ତିକ ବ୍ରତ

ପୁରୀ,୨୫।୧୦(ସମିସ): ସୋମବାରଠାରୁ ଆରମ୍ଭ ହେଉଛି କାର୍ତ୍ତିକ ମାସ। ଶ୍ରୀକ୍ଷେତ୍ରରେ ରହି କାର୍ତ୍ତିକ ବ୍ରତ ପାଳନ କରିବେ ହବିଷ୍ୟାଳି। ଏଥିପାଇଁ ରାଜ୍ୟ ସରକାରଙ୍କ ହବିଷ୍ୟାଳି ଯୋଜନାରେ ବ୍ରତଧାରୀଙ୍କ ପାଇଁ ବ୍ୟବସ୍ଥା କରାଯାଇଛି। ଏହି ଯୋଜନାରେ ନାମ ପଞ୍ଜୀକରଣ କରିଥିବା ବ୍ରତଧାରୀଙ୍କ ଲାଗି ୩ଟି ରହଣି କେନ୍ଦ୍ର କରାଯାଇଛି। ସ୍ଥାୟୀ ଶିବିର ବୃନ୍ଦାବତୀ ନିବାସ ବ୍ୟତୀତ ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପରେ ବ୍ରତଧାରୀଙ୍କୁ ରଖାଯାଇଛି।

ସୋମବାରଠାରୁ ଆରମ୍ଭ ହେଉଥିବା ହବିଷ ବ୍ରତ ନଭେମ୍ବର ୨୪ ତାରିଖ ପର୍ଯ୍ୟନ୍ତ ଏକ ମାସ ଧରି ଚାଲିବ। ହବିଷ୍ୟାଳି ଯୋଜନାରେ ଆସିଥିବା ବ୍ରତଧାରୀଙ୍କୁ ଏଥର ୩ଟି ରହଣି କେନ୍ଦ୍ର (ବୃନ୍ଦାବତୀ ନିବାସ, ମୋଚିସାହି କଲ୍ୟାଣ ମଣ୍ଡପ ଓ ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ)ରେ ରଖାଯାଇଛି। ହବିଷ୍ୟାଳି ଯୋଜନାରେ ୭୦ ବର୍ଷ ବୟସ୍କା ପର୍ଯ୍ୟନ୍ତ ବିଧବା ମା' ଓ ୫୦ରୁ ୭୦ ବର୍ଷ ବିବାହିତା ମହିଳାମାନେ ଏହି ବ୍ରତ ପାଇଁ ଆବେଦନ ଅନ୍‌ଲାଇନ୍ ମାଧ୍ୟମରେ କରିଥିଲେ। ଯାଞ୍ଚ ପରେ ଯୋଗ୍ୟ ବିବେଚିତ ହବିଷ୍ୟାଳି ମା'ମାନେ ସେମାନଙ୍କ ନିର୍ଦ୍ଧାରିତ ହବିଷ୍ୟାଳି କେନ୍ଦ୍ରରେ ପହଞ୍ଚିଥିଲେ। ବୃନ୍ଦାବତୀ ନିବାସରେ ପୁରୀ, ଖୋର୍ଦ୍ଧା, କେନ୍ଦୁଝର ଓ ଭଦ୍ରକ ଜିଲ୍ଲାର ହବିଷ୍ୟାଳି, ମୋଚି ସାହି କଲ୍ୟାଣ ମଣ୍ଡପରେ ଅନୁଗୁଳ, ଢେଙ୍କାନାଳ ଓ ଗଞ୍ଜାମ ଏବଂ ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ଅନ୍ୟ ସମସ୍ତ ଜିଲ୍ଲାର ହବିଷ୍ୟାଳି ମା'ମାନଙ୍କ ରହଣୀ ବ୍ୟବସ୍ଥା ରହିଛି। ବୃନ୍ଦାବତୀ ନିବାସ ହବିଷ୍ୟାଳି କେନ୍ଦ୍ରରେ ମା'ମାନେ ପହଞ୍ଚିବା ପରେ ସେମାନଙ୍କୁ ପ୍ରଶାସନ ପକ୍ଷରୁ ଫୁଲ, ଚନ୍ଦନ ଲଗାଯାଇ ଓ ହୁଳହୁଳି ପକାଯାଇ ସ୍ୱାଗତ କରାଯାଇଥିଲା। ସନ୍ଧ୍ୟା ସୁଦ୍ଧା ବୃନ୍ଦାବତୀ ନିବାସରେ ୧୦୪୪, ମୋଚି ସାହି କଲ୍ୟାଣ ମଣ୍ଡପରେ ୪୫୦ ଓ ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସରେ ୫୧୮ ଜଣ ରହିଛନ୍ତି। ସେମାନଙ୍କର ସୁରକ୍ଷିତ ରହଣି, ସୁରକ୍ଷା, ବୃନ୍ଦାବତୀ ପୂଜା, ମନ୍ଦିର ଦର୍ଶନ, ଗମନାଗମନ, ମହାପ୍ରସାଦ ସେବନ, ପ୍ରବଚନ, ଭଜନ, ପାଲା ଇତ୍ୟାଦି ବ୍ୟବସ୍ଥା, ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା, ପରିମଳ, ପାନୀୟ ଜଳ, ସ୍ୱେଚ୍ଛାସେବୀ ସହଯୋଗ ଇତ୍ୟାଦି ସମସ୍ତ ବ୍ୟବସ୍ଥା କରାଯାଇଛି। ଏହାକୁ ସୁନିୟନ୍ତ୍ରିତ କରିବାକୁ ସମ୍ପୃକ୍ତ ବିଭାଗର ଅଧିକାରୀ ଓ କର୍ମଚାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ସେହିପରି ତଦାରଖ କରିବାକୁ ନୋଡାଲ ଅଧିକାରୀ, ବରିଷ୍ଠ ଅଧିକାରୀମାନଙ୍କୁ ମଧ୍ୟ ନିୟୋଜିତ କରାଯାଇଛି। ରବିବାର ଅଧିକାରୀମାନେ ବିଭିନ୍ନ ରହଣି କେନ୍ଦ୍ର ବୁଲି ସ୍ଥିତି ପରଖିଛନ୍ତି।

ମନଦୁଃଖରେ ଫେରିଗଲେ ଶହଶହ ହବିଷ୍ୟାଳୀ

ପୁରୀ,୨୫।୧୦(ସମିସ): ଶ୍ରୀକ୍ଷେତ୍ରରେ ରହି ହବିଷ କରିବେ। ସକାଳୁ ଉଠି ତୀର୍ଥ ପୁଷ୍କରିଣୀରେ ସ୍ନାନ ସାରି ରାଇଦାମୋଦରଙ୍କୁ ପୂଜା କରିବେ। ଶ୍ରୀମନ୍ଦିରକୁ ଯାଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ ପରେ ଥରୁଟିଏ ମହାପ୍ରସାଦ ସେବନ କରି ସନ୍ଧ୍ୟାରେ ତୁଳସୀ ଚଉରାମୂଳେ ଆକାଶଦୀପ ଟାଣିବେ। ଭଜନ, ପ୍ରବଚନ ଶୁଣି ଧର୍ମ ମାସ କାର୍ତ୍ତିକରେ ଦିନ ବିତାଇବେ। ଏମିତି ଭକ୍ତି ଓ ବିଶ୍ୱାସକୁ ନେଇ ପୁରୀକୁ ଛୁଟି ଆସିଥିଲେ ଶହ ଶହ ହବିଷ୍ୟାଳୀମା'। ରାଜ୍ୟ ସରକାରଙ୍କ ହବିଷ୍ୟାଳୀଯୋଜନାରେ ପଞ୍ଜୀକରଣ ପରେ ହାତରେ ପଞ୍ଜିକୃତ କାଗଜ ଖଣ୍ଡେ ଧରି ରହଣି କେନ୍ଦ୍ରରେ ପହଞ୍ଚିଥିଲେ। ହେଲେ ରଖିବା ବଦଳରେ ଅନେକ ବ୍ରତଧାରୀଙ୍କ ଆଶା ଭାଙ୍ଗି ଦେଲେ ସରକାର। ଆବେଦନ ଖାରଜ ହୋଇଥିବା କହି ଫେରାଇଦେବା ପରେ କାନ୍ଦି ପକାଇଥିଲେ ହବିଷ୍ୟାଳୀମା'ମାନେ। ରବିବାର ଏମିତି ଦୃଶ୍ୟ ଦେଖିବାକୁ ମିଳିଥିଲା ହବିଷ୍ୟାଳୀରହଣି କେନ୍ଦ୍ର ସମ୍ମୁଖରେ। ରାତି ପର୍ଯ୍ୟନ୍ତ ୩ଟି ଶିବିର ଆଗରେ ଆଖିରେ ଆଖିଏ ଲୁହ ଧରି ବସି ରହିଥିଲେ ଶହ ଶହ ହବିଷ୍ୟାଳୀମା'। ପରେ ସେମାନେ ମନଦୁଃଖରେ ଫେରି ଯାଇଥିଲେ।

ପ୍ରତିବର୍ଷ କାର୍ତ୍ତିକ ବ୍ରତ ପାଳନ ନିମନ୍ତେ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ହବିଷ୍ୟାଳୀମା'ମାନେ ପୁରୀ ଆସିଥା'ନ୍ତି। ପରିଣତ ବୟସରେ ହବିଷ କରିବାକୁ ଆସୁଥିବା ବ୍ରତଧାରୀମାନେ ନିଜସ୍ୱ ଖର୍ଚ୍ଚରେ ବିଭିନ୍ନ ମଠ, ମନ୍ଦିର, ଧର୍ମଶାଳା ଏବଂ କେହି କେହି ସମ୍ପର୍କୀୟଙ୍କ ଘରେ ରହିଥା'ନ୍ତି। ଅନେକ ହବିଷ୍ୟାଳୀ ଆସନ୍ତି ଯେଉଁମାନେ କେବଳ ପଞ୍ଚୁକ ପାଞ୍ଚଦିନ ଶ୍ରୀକ୍ଷେତ୍ରରେ ରହି ହବିଷ କରିଥା'ନ୍ତି। ଏମିତି ବି ଅନେକ ବ୍ରତଧାରୀ ରହିଥା'ନ୍ତି, ଯେଉଁମାନେ ପୁରୀରେ ରହି ବ୍ରତ ପାଳିବାକୁ ଇଚ୍ଛା କରିଥିଲେ ହେଁ ଆର୍ଥିକ ସ୍ଥିତି ସେମାନଙ୍କୁ ପଛକୁ ଟାଣିଥାଏ। ଫଳରେ ଶ୍ରୀକ୍ଷେତ୍ରରେ ରହି ବ୍ରତ ପାଳନ କରିବାର ଇଚ୍ଛାକୁ ସେମାନେ ମନ ଭିତରେ ଚାପିଦିଅନ୍ତି। ଏହିଭଳି ବାସ୍ତବତାକୁ ଉପଲବ୍ଧି କରିଥିଲେ ପୂର୍ବର ବିଜେଡି ସରକାର। ହବିଷ୍ୟାଳୀମା'ମାନେ କିପରି ମାଗଣାରେ ରହି ବ୍ରତ ପାଳନ କରିବେ ସେଥିଲାଗି ୨୦୧୬ରେ ତତ୍କାଳୀନ ନବୀନ ସରକାର ଆରମ୍ଭ କରିଥିଲେ ହବିଷ୍ୟାଳୀଯୋଜନା। ପ୍ରତିବର୍ଷ ଏହି ଯୋଜନାର ଚାହିଦା ବଢୁଥିବାବେଳେ ସମାନ ଭାବେ ହବିଷ୍ୟାଳିଙ୍କ ସଂଖ୍ୟା ବି ବୃଦ୍ଧି ପାଇଥିଲା। ବିଗତ ବର୍ଷରେ ୩,୫୦୦ରୁ ଉର୍ଦ୍ଧ୍ୱ ବ୍ରତଧାରୀ ଏହି ଯୋଜନାରେ ଉପକୃତ ହୋଇଛନ୍ତି।

ହେଲେ ଗତ ଦୁଇବର୍ଷ ଭଳି ଏ ବର୍ଷ ମଧ୍ୟ ହବିଷ୍ୟାଳିଙ୍କ ସଂଖ୍ୟା ୨,୫୦୦କୁ ହ୍ରାସ କରିଦିଆଯାଇଛି। ସେହିପରି ଶିବିର ସଂଖ୍ୟାକୁ ବି କମାଇ ଦିଆଯାଇଛି। ଫଳରେ ଅନେକ ବ୍ରତଧାରୀ ଯୋଜନାରେ ସାମିଲ୍ ପାଇଁ ଆଶା ବାନ୍ଧିଥିଲେ ହେଁ ସେମାନଙ୍କୁ ନିରାଶ ହେବାକୁ ପଡୁଛି। ଚଳିତ ବର୍ଷ କେବଳ ଅନ୍‌ଲାଇନ୍‌ରେ ଆବେଦନ କରାଯାଇଥିଲା। ଯାଞ୍ଚ ପରେ ଆବେଦନକାରୀଙ୍କ ପାଖକୁ ସୂଚନା ଦିଆଯାଇଥିଲା। ହେଲେ ଅନେକ ସୂଚନା ପାଇ ନ ଥିଲେ। ତେଣୁ ଧାର୍ଯ୍ୟ ସମୟ ଅନୁଯାୟୀ, ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ଆବେଦନ କରିଥିବା ହବିଷ୍ୟାଳୀମା'ମାନେ ଆସି ପୁରୀରେ ପହଞ୍ଚିଥିଲେ। କିନ୍ତୁ ସେମାନଙ୍କୁ ଭିତରକୁ ଛଡ଼ାଯାଇ ନ ଥିଲା। ଏହାକୁ ନେଇ ବୃନ୍ଦାବତୀ ନିବାସ, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ଏବଂ ମୋଚିସାହି କଲ୍ୟାଣ ମଣ୍ଡପ ସମ୍ମୁଖରେ ଅପ୍ରୀତିକର ପରିସ୍ଥିତି ଉପୁଜିଥିଲା। ସ୍ଥିତି ଏମିତି ହୋଇଥିଲା ଯେ, ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ ସମ୍ମୁଖରେ ହବିଷ୍ୟାଳିମାନେ ଧାରଣା ସହ ଅସନ୍ତୋଷ ବ୍ୟକ୍ତ କରିଥିଲେ। ପୂର୍ବାହ୍ନରୁ ସନ୍ଧ୍ୟା ପର୍ଯ୍ୟନ୍ତ ନ ଖାଇ ନ ପିଇ ଆସବାବପତ୍ର ଧରି ବାହାରେ ବସି ରହିଥିଲେ। ସେମାନଙ୍କୁ ରଖିବା ଲାଗି ଜିଦ୍‌ରେ ଅଟଳ ରହିଥିଲେ।

ନବୀନ ଆମକୁ ମା' ପରି ରଖୁଥିଲା...

ନବୀନ ସରକାର ଆମ ପାଇଁ ସବୁ ସୁବିଧା କରିଥିଲା। କେଉଁବର୍ଷ ଆମେ ଏମିତି ଅବସ୍ଥାର ସମ୍ମୁଖୀନ ହୋଇ ନ ଥିଲୁ। ମା' ଭଳି ଆମକୁ ଆଣି ରଖୁଥିଲା ନବୀନ। ଖୁସିରେ ମାସଟାଯାକ ପୁରୀରେ ରହି ହବିଷ କରୁଥିଲୁ। ମହାପ୍ରଭୁଙ୍କ ଦର୍ଶନ ସହ ମହାପ୍ରସାଦ ସେବନ ସାଙ୍ଗକୁ ଭଜନ, କୀର୍ତ୍ତନରେ ଦିନ ବିତିଯାଉଥିଲା। ହେଲେ ବିଜେପି ସରକାର ଆମକୁ ଆଣି ହଇରାଣ କରୁଛି। ପଞ୍ଜୀକରଣ କଲୁ। ସାଥିରେ କାଗଜ ଆଣି ଆସିଛୁ। ହେଲେ ଏଠି ପହଞ୍ଚିବା ପରେ ଆମକୁ ମନା କରୁଛନ୍ତି। ଏ ସରକାରଙ୍କୁ ଧର୍ମ ସହିବନି। ଆମେ ବ୍ରତ କରିବାକୁ ଆସିଛୁ, ମଉଜ ପାଇଁ ନୁହେଁ। ଆମକୁ ଏତେ ହତାଦର କାହିଁକି? କେତେଜଣ ହବିଷ୍ୟାଳିଙ୍କୁ ରଖିପାରୁ ନ ଥିବା ଏ ସରକାର ରାଜ୍ୟ କିପରି ଚଳାଇବ ବୋଲି କ୍ଷୋଭର ସହ କହୁଥିଲେ ବ୍ରତଧାରୀ। ଏହାରି ଭିତରେ ଅନେକ ହବିଷ୍ୟାଳି ମା' ନବୀନ ପଟ୍ଟନାୟକଙ୍କୁ ଝୁରି ହେଉଥିଲେ। ରବିବାର ସକାଳୁ ଆସି ରହଣି କେନ୍ଦ୍ରରେ ପହଞ୍ଚିଥିଲେ। ହେଲେ ଅନେକଙ୍କ ଆବେଦନ ଖାରଜ କରାଯାଇଥିଲା। ପୂର୍ବରୁ ସେମାନ ଠିକ୍ ଭାବେ ସୂଚନା ପାଇ ନ ଥିବାରୁ ବ୍ରତଧାରୀମାନେ ନିଜ ନିଜର ଆସବାବପତ୍ର ଧରି ପହଞ୍ଚିଥିଲେ। ଦିନତମାମ ଭୋକ ଉପାସରେ ରେଲ୍‌ୱେ ଟୁରିଷ୍ଟ କମ୍ପ୍ଲେକ୍ସ, ବୃନ୍ଦାବତୀ ନିବାସ ଓ ମୋଚିସାହି କଲ୍ୟାଣ ମଣ୍ଡପ ଆଗରେ ଧାରଣା ଦେଇଥିଲେ।

ଏ ସରକାରକୁ ଧର୍ମ ସହିବନି

ସକାଳ THE SAKALA

୧୦୦ କୋଟି ମଞ୍ଜୁର, ୨୩ ମାସ ନିରବ; ସାତକୋଶିଆର ହିସାବ କିଏ ଦେବ?

ଅନୁଗୋଳ, ୨୫ ।୧୦(ସଂଗ୍ରାମ ରଞ୍ଜନ ଦାସ)

ବିଗତ ଦିନମାନଙ୍କରେ ‘ସକାଳ’ରେ ସାତକୋଶିଆ ଅଭୟାରଣ୍ୟର ଜରାଜୀର୍ଣ୍ଣ ଅବସ୍ଥା ସମ୍ପର୍କିତ ବିଭିନ୍ନ ଖବର ଅନେକ ପୃଷ୍ଠାମଣ୍ଡିତ କରିଛି। କେବଳ ‘ସକାଳ’ ନୁହେଁ ବରଂ ପ୍ରାୟ ସବୁ ଗଣମାଧ୍ୟମରେ ସାତକୋଶିଆର ଅନେକ କାହାଣୀ ପ୍ରସାରିତ ହୋଇଛି। କିନ୍ତୁ ଫରକ୍ କାହାକୁ ପଡୁଛି ! ସମସ୍ତେ ସବୁ ଜାଣି ଅଜଣା। କେନ୍ଦ୍ରଠୁ ଆରମ୍ଭ କରି, ରାଜ୍ୟ ସରକାର ପର୍ଯ୍ୟନ୍ତ ସମସ୍ତେ ପର୍ଯ୍ୟଟନକୁ ଗୁରୁତ୍ୱ ଦେଉଥିବା ଡିଣ୍ଡିମ ପିଟୁଥିବା ବେଳେ ବାସ୍ତବତା କିନ୍ତୁ ଢେର୍ ଦୂରରେ। ଯୋଜନା ମାଳ ମାଳ କିନ୍ତୁ କାମ ଦୁର୍ବଳ। ଓଡ଼ିଶାରେ ନୂଆ ସରକାର ଆସିବାର ପ୍ରାୟ ଅଢ଼େଇ ବର୍ଷ ବିତିଲାଣି, ଅନେକ ସ୍ଥାନରେ ପର୍ଯ୍ୟଟନଭିତ୍ତିକ ଉନ୍ନୟନ କାର୍ଯ୍ୟ ମଧ୍ୟ ହେଉଛି। କିନ୍ତୁ ସାତକୋଶିଆର ଉନ୍ନୟନ କାର୍ଯ୍ୟରେ ଯେମିତି ସରକାରୀ ବେଡ଼ି ବନ୍ଧାଯାଇଛି।

ପୂର୍ବରୁ ସାତକୋଶିଆ ଏବଂ ଡେବ୍ରିଗଡ଼ ଭିତରେ ଏକ ତୁଳନାତ୍ମକ ଖବର ‘ସକାଳ’ରେ ପ୍ରକାଶିତ ହୋଇଥିଲା। ତା’ ଉପରେ ଏକ ସଂକ୍ଷିପ୍ତ ତଥ୍ୟ ପୁଣି ଥରେ ଦେଉଛୁ। ସାତକୋଶିଆ ଓ ଡେବ୍ରିଗଡ଼ ଉଭୟ ମହାନଦୀର ନୀଳ ଜଳରାଶିର ପାର୍ଶ୍ୱରେ ସବୁଜ ବନାନୀ, ଜୀବଜନ୍ତୁ, ପକ୍ଷୀ, କୀଟପତଙ୍ଗ, ସରୀସୃପ, ସୁନ୍ଦର ପାହାଡ଼ ପର୍ବତ ଘେରା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ଉଭୟ ଅଭୟାରଣ୍ୟ ମାନ୍ୟତାପ୍ରାପ୍ତ ଓ ସମ୍ବଲପୁର ଲୋକସଭା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ। କିନ୍ତୁ ଡେବ୍ରିଗଡ଼ ପର୍ଯ୍ୟଟନ ଶିଳ୍ପରେ ଶିଖର ଛୁଇଁଲା ବେଳକୁ ସାତକୋଶିଆରେ ତା’ର ବିପରୀତ ପରିସ୍ଥିତି। ସମ୍ବଲପୁର ସାଂସଦ ଧର୍ମେନ୍ଦ୍ର ପ୍ରଧାନଙ୍କ ପ୍ରଚେଷ୍ଟାରେ ଉଭୟ ସ୍ଥାନର ବିକାଶ ପାଇଁ ବିପୁଳ ସରକାରୀ ଅନୁଦାନ ଅର୍ଥ ମଞ୍ଜୁର ହୋଇଛି। ଡେବ୍ରିଗଡ଼ କିନ୍ତୁ ତାହାର ଭରପୂର ସଦୁପଯୋଗ କରି ଦେଶବିଦେଶରେ ନିଜର ନାଁକୁ ଶୀର୍ଷ ସ୍ଥାନକୁ ନେଇଥିଲା ବେଳକୁ ସାତକୋଶିଆ ଆଜି ପର୍ଯ୍ୟଟନ ତଥା ସ୍ଥାନୀୟ ବାସିନ୍ଦାଙ୍କ ଜୀବନଶୈଳୀ ହେଉ ଅବା ଜଙ୍ଗଲ ତଥା ଜୀବଜନ୍ତୁଙ୍କ ଜୀବନ ରକ୍ଷା ହେଉ, ସବୁ କ୍ଷେତ୍ରରେ ରସାତଳଗାମୀ। ସାତକୋଶିଆ ଆଜି ଅବହେଳିତ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ। ତେବେ ଏଥିପାଇଁ ଦାୟୀ କିଏ? ବୋଧହୁଏ ପ୍ରଥମେ ସ୍ଥାନୀୟ ବାସିନ୍ଦା, ଯେଉଁମାନେ କିଛି ବି ପରିସ୍ଥିତିରେ ମୁହଁ ଖୋଲୁନାହାନ୍ତି ଅବା ଅନୁଗୋଳ ଜିଲ୍ଲା ବାସିନ୍ଦା ହିସାବରେ ସବୁ ସହିଯିବା କ୍ଷମତା ଅଧିକ ଥିବାରୁ ଚୁପ୍ ବସନ୍ତି। ଦ୍ୱିତୀୟରେ ସ୍ଥାନୀୟ ଜନପ୍ରତିନିଧି, ଯେଉଁମାନେ ନିଜ ଏରିଆ, ସ୍ଥାନୀୟ ବାସିନ୍ଦାଙ୍କ ଉନ୍ନତି ପାଇଁ ଯେତିକି ଦୃଷ୍ଟି ଦେବା କଥା, ହୁଏତ ସେତିକି ଦେଉନାହାନ୍ତି। ତେବେ ଏଠି ଧନ୍ୟବାଦର ପାତ୍ର ହୋଇପାରିବେ ସମ୍ବଲପୁର ଲୋକସଭା କ୍ଷେତ୍ରରୁ ପ୍ରତିନିଧିତ୍ୱ କରୁଥିବା ଧର୍ମେନ୍ଦ୍ର ପ୍ରଧାନ, ଯାହାଙ୍କ ପ୍ରଚେଷ୍ଟାରେ ୧୦୦ କୋଟି ଟଙ୍କା ଅର୍ଥରାଶି ମଞ୍ଜୁର ହୋଇଛି ସାତକୋଶିଆରେ ପର୍ଯ୍ୟଟନର ବିକାଶ ପାଇଁ। ହେଲେ ଦୁଇ ବର୍ଷ ବିତିଥିଲେ ମଧ୍ୟ ଏଠି ପର୍ଯ୍ୟଟନ ବିକାଶର ଦେଖାନାହିଁ। ସେ ଅର୍ଥରାଶି କୁଆଡ଼େ ଗଲା, କ’ଣ ହେଲା, ତାହାର ଉତ୍ତର ହଜିଯାଇଛି ସାତକୋଶିଆର ଘଞ୍ଚ ଜଙ୍ଗଲ ଭିତରେ। ତୃତୀୟତଃ ଦାୟୀ ରହିବେ ସ୍ଥାନୀୟ ପ୍ରଶାସନ ଓ ବନବିଭାଗ। ପୂର୍ବରୁ ଜଣେ ବନଖଣ୍ଡ ଅଧିକାରୀ ଥିଲେ, ଯିଏ କି ଅଭୟାରଣ୍ୟର ବିକାଶ ନାଁରେ ନିରୀହ ଆଦିବାସୀଙ୍କୁ ଜଙ୍ଗଲରୁ ତଡ଼ିବାରେ ବ୍ୟସ୍ତ ରହି ଅନେକ ଅଭିଯୋଗରେ ଛନ୍ଦି ହୋଇ ଏଠାରୁ ବଦଳି ହୋଇଥିଲେ। ବର୍ତ୍ତମାନର ବନଖଣ୍ଡ ଅଧିକାରୀ କାର୍ଯ୍ୟରେ ଯୋଗଦେଲା ପରେ ଅଞ୍ଚଳବାସୀଙ୍କ ମଧ୍ୟରେ ଅନେକ ଆଶା ସଞ୍ଚାର ହୋଇଥିଲା। କିନ୍ତୁ ଲୋକଙ୍କ କହିବା ଅନୁଯାୟୀ ଏହି ଅଧିକାରୀ ଜଣକ କୌଣସି କାମକୁ ନୁହଁ। ଜିଲ୍ଲା କାର୍ଯ୍ୟାଳୟ ଛାଡ଼ି ଜଙ୍ଗଲରେ ପାଦ ରଖିବାରକୁ ଅନିଚ୍ଛୁକ। କାଁ ଭାଁ ବୁଲିଆସି, ସରକାରୀ ବଙ୍ଗଳାରେ ଭୋଜିଭାତ ଖାଇ ନଚେତ୍ ଉପରିସ୍ଥ ଅଧିକାରୀ, ନେତାମନ୍ତ୍ରୀ ଆସିଲେ ହାଜିର ହୁଅନ୍ତି।

ସେପଟେ ଯଦି ଡେବ୍ରିଗଡ଼ କଥା ଦେଖିବା, ଜଣେ ମହିଳା ଅଧିକାରୀ ନିଜ ଦୃଢ଼ ଇଚ୍ଛାଶକ୍ତି ଓ ଦୂରଦୃଷ୍ଟି ଯୋଗୁଁ ଜଙ୍ଗଲ, ପରିବେଶ ଓ ପର୍ଯ୍ୟଟନ ଶିଳ୍ପ ଭିତରେ ସମନ୍ୱୟ ରକ୍ଷା କରି ଏହାକୁ ଯେପରି ଜାତୀୟ ସ୍ତରରେ ଶୀର୍ଷ ସ୍ଥାନକୁ ନେଇଛନ୍ତି ତାହା ସର୍ବଦା ସ୍ୱାଗତଯୋଗ୍ୟ। ଡେବ୍ରିଗଡ଼ ଅଭୟାରଣ୍ୟ ଆଜି ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶାର ଶୀର୍ଷ ସ୍ଥାନ ହାସଲ କରିଥିବା ବେଳେ, ସେଠାରେ ଥିବା ଇକୋ ଟୁରିଜିମ୍ କଟେଜ, ସ୍ଥାନୀୟ ବାସିନ୍ଦାଙ୍କ ଦ୍ୱାରା ପରିଚାଳିତ ହୋମ୍ ଷ୍ଟେ ଆଜି ସବୁଠି ଆଦୃତ। ସାମାଜିକ ଗଣମାଧ୍ୟମ, ବିଭିନ୍ନ ଗଣମାଧ୍ୟମ ସବୁଠି ଡେବ୍ରିଗଡ଼ର ଉନ୍ନତିର ଗାଥା। ଏ ସବୁକୁ ଯଦି ସାତକୋଶିଆ ସହ ତୁଳନା କରିବା ତେବେ ଅଭୟାରଣ୍ୟର ଉନ୍ନତି ନାଁରେ ଟିକରପଡ଼ାଠାରେ ମହାନଦୀ କୂଳରେ ସରକାରୀ ରାଜକୋଷରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚରେ ହୋଇଥିବା ଇକୋ ଟୁରିଜିମ୍ କଟେଜ ଆଜିକୁ ଦୁଇ ବର୍ଷ ହେଲାଣି ବନ୍ଦ ରହି ଖତ ଖାଇବା ଅବସ୍ଥାରେ। ମହାନଦୀରେ ନୌକାବିହାର ପାଇଁ ୧୫ରୁ ଊର୍ଦ୍ଧ୍ୱ ଯନ୍ତ୍ରଚାଳିତ ବୋଟ୍ ଥିବା ବେଳେ, ଚାଳକ ମାତ୍ର ଦୁଇ, ତିନି ଜଣ। ତେଣୁ ନୌକାବିହାର ପାଇଁ ପର୍ଯ୍ୟଟକଙ୍କୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ପଡ଼େ। ପର୍ଯ୍ୟଟକଙ୍କୁ ନିଜ ଗାଡ଼ି ରଖିବାକୁ ପଡ଼ିଥାଏ ଟିକରପଡ଼ା ରେଞ୍ଜ ଅଧିକାରୀଙ୍କ କାର୍ଯ୍ୟାଳୟ ପାଖରେ। ସେଠାରୁ ବ୍ୟାଟେରୀ ଚାଳିତ ଗାଡ଼ିରେ କୁମ୍ଭୀର ପ୍ରଜନନ କେନ୍ଦ୍ର ଓ ନୌକାବିହାର ପାଇଁ ଉଦ୍ଦିଷ୍ଟ ସ୍ଥାନ ପର୍ଯ୍ୟନ୍ତ ଯିବା ପାଇଁ ସୁବିଧା ଥିଲେ ମଧ୍ୟ ବନ ବିଭାଗର ଅପାରଗତା ଓ ଅବହେଳା ଯୋଗୁଁ ପର୍ଯ୍ୟଟକଙ୍କୁ ଏପରିକି ଅତି ଛୋଟ ପିଲାଙ୍କୁ ସାଥୀରେ ଧରି ଖରା ବର୍ଷାରେ ଦୀର୍ଘ ୨ କିମିରୁ ଊର୍ଦ୍ଧ୍ୱ ରାସ୍ତା ଚାଲି ଚାଲି ଯିବାକୁ ପଡ଼ିଥାଏ। କୁମ୍ଭୀର ପ୍ରଜନନ କେନ୍ଦ୍ର ଓ ନୌକାବିହାର ସ୍ଥାନରେ ପର୍ଯ୍ୟଟନ ଋତୁରେ ଭିଡ଼ ଜମୁଥିଲେ ମଧ୍ୟ ଶୌଚାଳୟ ଅବସ୍ଥା ଅତି କଦର୍ଯ୍ୟ ଓ ଅସ୍ୱାସ୍ଥ୍ୟକର। ସେଠାରେ କାର୍ଯ୍ୟରତ ବନ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ବ୍ୟବହାର ମଧ୍ୟ ଅତ୍ୟନ୍ତ ଖରାପ ବୋଲି ଅଭିଯୋଗ ହୁଏ। ଅଭୟାରଣ୍ୟ ଭିତରକୁ ସଫାରୀ ଗାଡ଼ିରେ ଯାଇ ବନ୍ୟଜନ୍ତୁଙ୍କୁ ଦେଖି ଉପଭୋଗ କରିବାର ଯଥେଷ୍ଟ ସୁଯୋଗ ଥିଲେ ବି ସାତକୋଶିଆରେ ଏହାର ସୁପରିଚାଳନା ହୁଏ ନାହିଁ। ମାତ୍ର ୪ଟି ୧୨ ସିଟ୍ ବିଶିଷ୍ଟ ଗାଡ଼ି ଥିବା ବେଳେ, ତାହା ବି ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଅନେକ ସମୟରେ ଖରାପ ହୋଇ ପଡ଼ିଥାଏ। ଜଙ୍ଗଲ ମଧ୍ୟରେ ଅନେକ ଅତି ସୌନ୍ଦର୍ଯ୍ୟଭରା ସ୍ଥାନ ଯଥା ଟୁଲୁକା, କଟରଙ୍ଗ, ରାଇଗୁଡ଼ା ଆଦି ରହିଥିଲେ ମଧ୍ୟ ସୁରକ୍ଷା ଆଳ ଦେଖାଇ ପର୍ଯ୍ୟଟକଙ୍କୁ ସେହି ସ୍ଥାନକୁ ଯିବା ପାଇଁ ବାରଣ କରାଯାଇଥାଏ। କେବଳ ଉଚ୍ଚ ପଦସ୍ଥ ଅଧିକାରୀ ଓ ବନଖଣ୍ଡ ଅଧିକାରୀଙ୍କ ଅତିଥି ଆସିଲେ ସେହିସବୁ ସ୍ଥାନ ବୁଲିବାର ମଜା ନେଇଥାନ୍ତି।

ଏମିତି ଅନେକ କାରଣ, ଯେଉଁଥି ପାଇଁ ପର୍ଯ୍ୟଟକ ମୁହଁ ଫେରାଉଛନ୍ତି ସାତକୋଶିଆରୁ। ଢେର୍ ଅଧିକ ସମ୍ଭାବନା ଥିବା ସତ୍ତ୍ୱେ ସାତକୋଶିଆ, ଡେବ୍ରିଗଡ଼ଠୁ ବହୁ ପଛରେ। ସରକାରୀ ଓ ପ୍ରକାଶିତ ରେକର୍ଡକୁ ଯୋଡ଼ିଲେ ଯେଉଁ କ୍ରମ ଦେଖାଯାଏ, ତାହା ଶିକ୍ଷଣୀୟ। ରାଜ୍ୟଗୁଡ଼ିକୁ ପୁଞ୍ଜିନିବେଶ ପାଇଁ ବିଶେଷ ସହାୟତା ପାଇଁ ପର୍ଯ୍ୟଟନ ବିଭାଗ ସାତକୋଶିଆର ଏକ ସମନ୍ୱିତ ମାଷ୍ଟରପ୍ଲାନ ପ୍ରସ୍ତୁତ କରିଥିଲା। ଏଥିରେ ପମ୍ପାସର-ଟିକରପଡ଼ା, ବାଲିପୁଟ-ବଡ଼ମୂଳ ଓ କୁସାଙ୍ଗ-ଶୀତଳପାଣି ଏହି ତିନି ‘ହବ୍’ରେ ପର୍ଯ୍ୟଟନ ଭିତ୍ତିଭୂମି ପ୍ରସ୍ତାବ ହୋଇଥିଲା ଏବଂ ପ୍ରାୟ ୭୦ ଏକର ଜମି ଚିହ୍ନଟ ହୋଇଥିଲା। ଆକଳିତ ମୂଲ୍ୟ ପ୍ରାୟ ୧୭୪ କୋଟି ଟଙ୍କା। ୨୦୨୫ ମେ ମାସରେ ଜଣାପଡ଼ିଲା ଯେ ପର୍ଯ୍ୟଟନ ବିଭାଗକୁ ଏହି ଯୋଜନା ପୁଣି ପ୍ରସ୍ତୁତ କରିବାକୁ କୁହାଯାଇଛି। କାରଣ ଜାତୀୟ ବ୍ୟାଘ୍ର ସଂରକ୍ଷଣ ପ୍ରାଧିକରଣର ଢାଞ୍ଚା ଅନୁସାରେ ବ୍ୟାଘ୍ର ସଂରକ୍ଷିତ ଅଞ୍ଚଳର କୋର ଏରିଆ ଅଲଙ୍ଘନୀୟ, ବଫର ଜୋନରେ କେବଳ ଅସ୍ଥାୟୀ ନିର୍ମାଣ ଚଳେ ଏବଂ ଭିତରେ କେବଳ ଇକୋ-ପର୍ଯ୍ୟଟନ ଅନୁମୋଦିତ। ମୂଳ ଯୋଜନାରେ କୋର ଓ ବଫର ଉଭୟରେ ଭିତ୍ତିଭୂମି ପ୍ରସ୍ତାବ ଥିବା ରିପୋର୍ଟ ହୋଇଥିଲା। ଏଠାରେ ଗୋଟିଏ ପ୍ରଶ୍ନ ଅନିବାର୍ଯ୍ୟ। ବନ ବିଭାଗର ଆପତ୍ତି ଆଇନସମ୍ମତ ଥିଲା ଏଥିରେ ସନ୍ଦେହ ନାହିଁ। କିନ୍ତୁ ଏହି ନିୟମ ତ ନୂଆ ନ ଥିଲା। ତେବେ ଯେଉଁ ଯୋଜନା ଆରମ୍ଭରୁ ହିଁ ବ୍ୟାଘ୍ର ସଂରକ୍ଷଣ ଢାଞ୍ଚା ସହ ସଂଘର୍ଷରେ ଥିଲା, ତାହା ପ୍ରଥମ ଦିନରୁ ଦୁଇ ବିଭାଗର ମିଳିତ ଯାଞ୍ଚ ଦେଇ କାହିଁକି ଗଲା ନାହିଁ? ଗୋଟିଏ ସରକାରର ଦୁଇଟି ହାତ ଯଦି ପରସ୍ପରକୁ ଚିହ୍ନିବାରେ ମାସ ମାସ ଲଗାନ୍ତି, ତେବେ ସେହି ସମୟର ମୂଲ୍ୟ କିଏ ଦେବ? ୨୦୨୬ ଫେବୃଆରୀ ୪ରେ ରାଜ୍ୟ ସରକାର ୯୯.୭୫ କୋଟି ଟଙ୍କାର ସଂଶୋଧିତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଅନୁମୋଦନ କରିଥିବା ରିପୋର୍ଟ ହେଲା। ଏଥର ଛଅଟି ସ୍ଥାନ ପୁରୁଣାକୋଟ, ଜଗନ୍ନାଥପୁର, ଟିକରପଡ଼ା, ବାଲିପୁଟ, କୁସାଙ୍ଗ ଓ ଛାମୁଣ୍ଡିଆ ରହିଲା। ପ୍ରସ୍ତାବିତ ସୁବିଧା: ପ୍ରବେଶ ଦ୍ୱାର, ଫୁଡ୍ କୋର୍ଟ, ଭାସମାନ ଜେଟି, କାନୋପି ୱାକ୍, ୱାଚ୍ ଟାୱାର ଓ ନଦୀ-ଦର୍ଶନ ଡେକ୍। ମଞ୍ଜୁରୀରୁ ମୂଳ ଯୋଜନା ଫେରସ୍ତ ହେବା ପର୍ଯ୍ୟନ୍ତ ସାଢ଼େ ପାଞ୍ଚ ମାସ। ମଞ୍ଜୁରୀରୁ ସଂଶୋଧିତ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଅନୁମୋଦନ ପର୍ଯ୍ୟନ୍ତ ପ୍ରାୟ ୧୪ ମାସ। ସେହି ଅନୁମୋଦନ ପରଠୁ ଆଜି ପର୍ଯ୍ୟନ୍ତ ଆଉ ସାଢ଼େ ଆଠ ମାସ ଯେଉଁଥିରେ ନିର୍ମାଣ ଟେଣ୍ଡର ପ୍ରଦାନ, କାର୍ଯ୍ୟାଦେଶ କିମ୍ବା ଭୌତିକ ଅଗ୍ରଗତିର କୌଣସି ସାର୍ବଜନୀନ ରେକର୍ଡ ଜନସାଧାରଣଙ୍କୁ ମିଳିନାହିଁ। ଏହାର ଅର୍ଥ ଏହାନୁହେଁ ଯେ କିଛି ହୋଇନାହିଁ; ତେବେ ଯାହା ହୋଇଛି ତାହା ଜନତାଙ୍କୁ କୁହାଯାଇନାହିଁ। ଟଙ୍କାର ହିସାବ ଆହୁରି ଅସ୍ପଷ୍ଟ। ୨୦୨୬ ଜାନୁଆରୀ ୨୯ରେ ରାଜ୍ୟସଭାରେ କେନ୍ଦ୍ର ପର୍ଯ୍ୟଟନ ମନ୍ତ୍ରୀଙ୍କ ଉତ୍ତରରେ ଦିଆଯାଇଥିବା ତାଲିକାରେ ଓଡ଼ିଶା ପାଇଁ ୧୩୧.୯୨ କୋଟି ଟଙ୍କା ମଞ୍ଜୁର ହୋଇଥିବା ଦର୍ଶାଯାଇଛି। ତେବେ ସେହି ଅର୍ଥ କେବଳ ହୀରାକୁଦ (ଡେବ୍ରିଗଡ଼) ଅଞ୍ଚଳ ଉନ୍ନୟନ ପାଇଁ ଲେଖା ହୋଇଥିଲା କିନ୍ତୁ ସାତକୋଶିଆ ପାଇଁ ନ ଥିଲା। ଅନ୍ୟ ରାଜ୍ୟର ଉଦାହରଣକୁ ନେଲେ ଏହି ମଞ୍ଜୁର ଅର୍ଥ ହୀରାକୁଦ (ଡେବ୍ରିଗଡ଼) ଓ ସାତକୋଶିଆ ୨ ପ୍ରକଳ୍ପ ପାଇଁ ମଞ୍ଜୁର ଅର୍ଥ ଭଳି ଜଣାପଡ଼େ। ତେବେ ଏଥିରୁ ସାତକୋଶିଆର ଅଂଶ କେତେ, ରାଜ୍ୟରେ ପହଞ୍ଚିବା ପରେ ତାହା କେଉଁ ବିଭାଗକୁ ଗଲା ଏବଂ କେତେ ଖର୍ଚ୍ଚ ହେଲା ତାହାର ସାର୍ବଜନୀନ ବିବରଣୀ ନାହିଁ।

ଉଲେଖଯୋଗ୍ୟ ଯେ ରାଜ୍ୟଗୁଡ଼ିକୁ ପୁଞ୍ଜିନିବେଶ ପାଇଁ ବିଶେଷ ସହାୟତା ଦାନ ତ ନୁହେଁ; ଏହା ରାଜ୍ୟକୁ ଦିଆଯାଉଥିବା ଦୀର୍ଘମିଆଦି ସୁଧମୁକ୍ତ ଋଣ। ଅର୍ଥାତ୍ ଏହି ଟଙ୍କା ଦିନେ ଓଡ଼ିଶା ହିଁ ଫେରାଇବ। ଯେଉଁ ଟଙ୍କା ଆଗାମୀ ପିଢ଼ି ଶୁଝିବେ, ତାହାର ହିସାବ ଜାଣିବା ଆଜିର ପିଢ଼ିର ଅଧିକାର। ଏଠାରେ ସୂଚାଇ ଦିଆଯାଇପାରେ ଯେ ଗୋଟିଏ ଅରଣ୍ୟ ହଠାତ୍ ମରେ ନାହିଁ; ସେ ଧୀରେ ଧୀରେ ଭୁଲିଯାଏ। ପ୍ରଥମେ ବାଘ ଗଲେ, ପରେ ପର୍ଯ୍ୟଟକ ଆସିବା କମିଲା, ପରେ ଗାଁର ଯୁବକ ସହରକୁ ଚାଲିଗଲେ ଆଉ ଶେଷରେ ଜଙ୍ଗଲର କଥା କେବଳ ସରକାରୀ ଫାଇଲରେ ବଞ୍ଚେ। ସାତକୋଶିଆ ସେହି ବାଟରେ ଯିବା ଆଗରୁ ଆମେ ସରକାରଙ୍କୁ ୫ଟି ପ୍ରଶ୍ନ। ସାତକୋଶିଆ ପାଇଁ ମଞ୍ଜୁର ସାର୍ବଜନୀନ ଅର୍ଥର ପ୍ରକୃତରେ କ’ଣ ହେଲା, ଯୋଜନା ଓ ଅନୁମୋଦନକୁ ମାଟିର ଫଳାଫଳରେ ବଦଳାଇବାରେ ଏତେ ସମୟ କାହିଁକି, ଆଇନ ଓ ପରିବେଶ ସୀମା ଭିତରେ ଆଜିର ଉତ୍ତରଦାୟୀ ରୋଡମ୍ୟାପ କେଉଁଠି, ଅଭୟାରଣ୍ୟ ଚାରିପାଖର ଲୋକେ ନ୍ୟାଯୋଚିତ ଓ ସ୍ଥାୟୀ ରୋଜଗାର କିପରି ପାଇବେ, ଡେବ୍ରିଗଡ଼ ଯେତେବେଳେ ପ୍ରମାଣ ଦେଇସାରିଛି, ସେତେବେଳେ ଜନତା ସାତକୋଶିଆର ଅନିଶ୍ଚିତତାକୁ ଆଉ କାହିଁକି ମାନିନେବେ?

ସାତକୋଶିଆକୁ ଜଙ୍ଗଲ ବଦଳରେ ବିକାଶ ଦରକାର ନାହିଁ, ଦରକାର ଏମିତି ଏକ ବ୍ୟବସ୍ଥା ଯାହା ଜଙ୍ଗଲକୁ ବଞ୍ଚାଇବ, ପର୍ଯ୍ୟଟକଙ୍କୁ ଅନୁଭବ ଦେବ, ଗାଁକୁ ରୋଜଗାର ଦେବ ଏବଂ ପ୍ରତିଟି ଟଙ୍କାର ହିସାବ ଦେବ। ମହାନଦୀ ସହସ୍ର ବର୍ଷ ଧରି ସାତକୋଶର ପଥରକାଟି ବାଟ କରିଆସିଛି। ଆମ ପ୍ରଶାସନ କ’ଣ ସାତ ପାହାଚର ଗୋଟିଏ ଫାଇଲ ପାର କରିପାରିବନି? ସାତକୋଶିଆକୁ ଆଗକୁ ନେବାକୁ ହେଲେ, ସ୍ଥାନୀୟ ଜନସାଧାରଣ ସଚେତନ ହୋଇ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ହେବ ଓ ଏଠାରୁ ଦୁର୍ନୀତିଖୋର, ଭ୍ରଷ୍ଟ ଅଧିକାରୀଙ୍କୁ ତଛି ସଚ୍ଚୋଟ ଓ ଦକ୍ଷ ଅଧିକାରୀଙ୍କୁ ଆଣିବାକୁ ସରକାରଙ୍କୁ ଜନପ୍ରତିନିଧିଙ୍କ ଜରିଆରେ ଅନୁରୋଧ କରି କାର୍ଯ୍ୟକ୍ରମ କରିବାକୁ ହେବ ବୋଲି ସ୍ଥାନୀୟ ବାସିନ୍ଦା, ବୁଦ୍ଧିଜୀବୀମାନେ ‘ସକାଳ’ ଜରିଆରେ ଜଣାଇଛନ୍ତି।

- ଡେବ୍ରିଗଡ଼ ବର୍ଷକୁ ୬ କୋଟି ରୋଜଗାର କରୁଥିବାବେଳେ ସାତକୋଶିଆ ଏବେ ବି ଫାଇଲ ଭିତରେ ବନ୍ଦୀ
- ସାତକୋଶିଆ ବିକାଶର ସବୁ ଭିତ୍ତିଭୂମି ଥିବା ସତ୍ତ୍ୱେ ଅବହେଳିତ କାହିଁକି?
- ଉତ୍ତରଦାୟୀ କିଏ? ସାତକୋଶିଆର ନିରୀହ ବାସିନ୍ଦା, ଜନପ୍ରତିନିଧି, ପ୍ରଶାସନ ନା ବନବିଭାଗ?

ବଁଅରପାଳ ଲକ୍ଷ୍ମୀପୂଜା ଚୂଡ଼ାନ୍ତ ପ୍ରସ୍ତୁତ ବୈଠକ

ବଁଅରପାଳ, ୨୫ ।୧୦(ସମିସ): ବଁଅରପାଳ ଲକ୍ଷ୍ମୀପୂଜା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି ବୈଠକ ଥାନା ଆଇଆଇସି ଅୟସକାନ୍ତ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି।

ବୈଠକରେ ମୁଖ୍ୟତଃ ଟ୍ରାଫିକ ସମସ୍ୟା, ଡିଜେ ସାଉଣ୍ଡକୁ ନିୟନ୍ତ୍ରଣରେ ବଜାଇବା, ମଣ୍ଡପ ପାଖରେ ଗାଡ଼ିମଟର ପାର୍କିଂ ନ କରିବା, ପୂଜା ସମୟ ମୁଖ୍ୟତଃ ସନ୍ଧ୍ୟା ୫ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ଭାରୀଯାନ ଚଳାଚଳ ନ କରିବା, ଡେଲି ମାର୍କେଟର ପେଣ୍ଡାଲରେ ମା’ଙ୍କ ମୂର୍ତ୍ତିର ମୁକୁଟ ରୁପାର ହୋଇଥିବାରୁ ସୁରକ୍ଷା ଦୃଷ୍ଟିରୁ ପୁଲିସ ମୁତୟନ, ପ୍ରତ୍ୟେକ ପେଣ୍ଡାଲରେ ଅଗ୍ନି ନିର୍ବାପକ ଯନ୍ତ୍ର ରଖିବାକୁ ସମସ୍ତ କମିଟିକୁ ପରାମର୍ଶ ଦିଆଯାଇଛି। ସେହିପରି ଚଳିତ ବର୍ଷ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ ନିଶାମୁକ୍ତ ଭାରତର ବ୍ୟନର ସମସ୍ତ ପୂଜା ପେଣ୍ଡାଲରେ ଲଗାଇବାକୁ ପରାମର୍ଶ ଦିଆଯାଇଛି।

ସେହିପରି ଭସାଣି ଶୋଭାଯାତ୍ରାରେ ଅଶ୍ଳୀଳ ନୃତ୍ୟ ପରିବେଷଣ ନ କରିବାକୁ ଆଇଆଇସି ପୂଜା କମିଟିଗୁଡ଼ିକୁ ପରାମର୍ଶ ଦେଇଛନ୍ତି। ବୈଠକରେ ଥାନା ଏସ୍‌ଆଇ ମନୋଜ ମିଶ୍ର, ମହାସଂଘ ସଭାପତି ଉପେନ୍ଦ୍ର ସାହୁ, ସମ୍ପାଦକ ଅଖିଳ କୁମାର ମହାପାତ୍ର, କୋଷାଧକ୍ଷ ଜିତୁ ସାହୁଙ୍କ ସମେତ ସମସ୍ତ ୧୩ ପୂଜା କମିଟିର ସଭାପତି, ସମ୍ପାଦକ ଉପସ୍ଥିତ ଥିଲେ।

ଅସହାୟ ସହାୟତା କମିଟି ପକ୍ଷରୁ ନୂଆଖାଇ ଭେଟଘାଟ

କିଶୋରନଗର, ୨୫ ।୧୦(ସମିସ): କିଶୋରନଗର ବ୍ଲକ ବଇଣ୍ଡା କଲ୍ୟାଣ ମଣ୍ଡପରେ ବଇଣ୍ଡା ଅସହାୟ ସହାୟତା କମିଟିର ନୂଆଖାଇ ଭେଟଘାଟ ଅନୁଷ୍ଠିତ ହୋଇଛି। ପାରମ୍ପରିକ ବାଦ୍ୟ ଏବଂ ସ୍ୱାଗତ ସଙ୍ଗୀତ ସହ ପ୍ରାରମ୍ଭରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପାର୍ପଣ କରାଯାଇଥିଲା। ପରେ କମିଟିର ପ୍ରତିଷ୍ଠାତା ସ୍ୱର୍ଗତ ପ୍ରଦୀପ ଘିବାଲା ଓ ବରିଷ୍ଠ ସଭ୍ୟ ଗୁଣନିଧି ପ୍ରଧାନଙ୍କ ଆତ୍ମାର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇଥିଲା। ଶିକ୍ଷାବିତ୍ ରମେଶ ଚନ୍ଦ୍ର ମିଶ୍ର ମଞ୍ଚ ପରିଚାଳନା ସହ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। କମିଟିର ସ୍ଥାୟୀ ସଭାପତି ତଥା ମୁଖ୍ୟମନ୍ତ୍ରୀ ପୁରସ୍କାରପ୍ରାପ୍ତ ଶିକ୍ଷାବିତ କ୍ଷୀରେନ୍ଦ୍ର ମୋହନ ଦେହୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସମାରୋହରେ ଅନୁଗୋଳ ଜିଲ୍ଲାପରିଷଦ ଅଧକ୍ଷା ବବିତା ପ୍ରଧାନ ମୁଖ୍ୟଅତିଥି, ଜିଲ୍ଲାପରିଷଦ ସଭ୍ୟା ବିଷ୍ଣୁପ୍ରିୟା ପ୍ରଧାନ, ସମାଜସେବୀ ରଣଜିତ ପଟ୍ଟନାୟକ, ମନୋଜ ମହାପାତ୍ର, କିଶୋରନଗର ମହାବିଦ୍ୟାଳୟ ଅଧକ୍ଷ ଅକ୍ଷୟ କୁମାର ଦାସ, ଜନତା ମହାବିଦ୍ୟାଳୟର ପୂର୍ବତନ ଅଧକ୍ଷ କୃଷ୍ଣଚନ୍ଦ୍ର ଧୀର ବିଶୋଇ, ସମାଜସେବୀ ବାପି ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସମାଜର ଅସହାୟ, ଦୁଃଖୀ ଓ ନିଷ୍ପେସିତ ବ୍ୟକ୍ତିଙ୍କୁ ସାହାଯ୍ୟର ହାତ ବଢ଼ାଇବା ଏହି ସଙ୍ଗଠନର ମୂଳ ଲକ୍ଷ୍ୟ। ନୂଆଖାଇ ଭେଟଘାଟ ମାଧ୍ୟମରେ ସାଧାରଣ ଜନତାଙ୍କ ମଧ୍ୟରେ ଭାଇଚାରା, ଏକତା ଏବଂ ସାଂସ୍କୃତିକ ଭାବଧାରା ଦୃଢ଼ୀଭୂତ ହୋଇ ସମସ୍ତଙ୍କୁ ସ୍ନେହର ଡୋରିରେ ବାନ୍ଧି ରଖିବାରେ ଏହା ଅନନ୍ୟ ମାଧ୍ୟମ ପାଲଟିଛି ବୋଲି ଅତିଥିମାନେ କହିଥିଲେ। ବିଶିଷ୍ଟ ଅତିଥି ଭାବେ ହାସ୍ୟ ଅଭିନେତା ମିଟୁ ମିଥୁନ ଯୋଗଦେଇଥିଲେ।

ଏହି ଅବସରରେ କୁନି କଳାକାରଙ୍କ ଦ୍ୱାରା ପରିବେଷିତ ଆକର୍ଷଣୀୟ ସାଂସ୍କୃତିକ କାର୍ଯ୍ୟକ୍ରମ ଦର୍ଶକଙ୍କୁ ବିମୋହିତ କରିଥିଲା। ସମାରୋହରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ବହୁ ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ସଚେତନ ନାଗରିକ ଉପସ୍ଥିତ ଥିଲେ। ସମାଜ ପାଇଁ ନିଃସ୍ୱାର୍ଥପର ସେବା ଯୋଗାଇ ଆସୁଥିବା ତାଳଚେର ବିରାଦରପଡ଼ାର ସାପଧରାଳି ସମାଜସେବୀ ସଞ୍ଜୟ କୁମାର ମହାପାତ୍ର ଏବଂ ବୌଦ୍ଧ ଜିଲ୍ଲା କବି ସାହିତ୍ୟିକ, ବ୍ୟବସାୟୀ ଓ ୧୩୨ ଥର ରକ୍ତଦାନ କରିଥିବା ସମାଜସେବୀ ଇଞ୍ଜିନିୟର ସଞ୍ଜୟ କୁମାର ପଣ୍ଡାଙ୍କୁ କମିଟି ପକ୍ଷରୁ ମାନପତ୍ର ଓ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କମିଟି ସମ୍ପାଦକ ଧୋବେଇ ବେହେରା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। କୋଷାଧକ୍ଷ ଦୀପକ ସାହୁ, ଅର୍ଜୁନ ସାହୁ, ରାମଚନ୍ଦ୍ର ପ୍ରଧାନ, ରମେଶ ଚନ୍ଦ୍ର ତିବରୁାଲା, ଲୋକନାଥ ସାହୁ, ସନ୍ତୋଷ ସାହୁ, ଖିରେନ୍ଦ୍ର ବେହେରା, ବିନୟ ବିଶ୍ୱାଳ, ବିବେକାନନ୍ଦ ବିଶ୍ୱାଳଙ୍କ ସମେତ ସୋଲଣ୍ଡା ଯୁବକ ସଂଘର ସଭ୍ୟମାନେ ସହଯୋଗ କରିଥିଲେ।

ଟୋଲକବେଡ଼ା ପାଉଁଶ କ୍ଷତିଗ୍ରସ୍ତଙ୍କ ଆନ୍ଦୋଳନ ସ୍ଥଗିତ

କଣିହାଁ, ୨୫ ।୧୦(ସମିସ): ଟୋଲକବେଡ଼ା ମୌଜାର ୩୫ ଜଣ ପଟାଧାରୀଙ୍କ ୧୩ ଏକର ଚାଷଜମିରେ ଗତବର୍ଷ ଜୁଲାଇରେ ଏନଟିପିସି ପାଉଁଶ ପାଇପଲାଇନ ଫାଟି ସ୍ଲରୀ ନିର୍ଗତ ହେବା ଫଳରେ ଧାନଫସଲ ନଷ୍ଟ ହୋଇଥିଲା। କ୍ଷତିଗ୍ରସ୍ତଙ୍କ ଦାବି ଅନୁଯାୟୀ, ଏନଟିପିସି କର୍ତ୍ତୃପକ୍ଷ କ୍ଷତିପୂରଣ ଦେଇଥିଲେ ଏବଂ ଜମିରୁ ପାଉଁଶ ଉଠାଇ ଚାଷପୋଯୋଗୀ କରିବାକୁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଏବେ ସୁଦ୍ଧା ପାଉଁଶ ଉଠାଯାଇ ନ ଥିବାରୁ ଚାଷୀମାନେ ଏ ବର୍ଷ ଚାଷ କରିପାରିନାହାନ୍ତି। ଏହାର କ୍ଷତିପୂରଣ ଅର୍ଥ ପ୍ରଦାନ କରିବା ସହ ଶୀଘ୍ର ପାଉଁଶ ଉଠାଇବା ପାଇଁ ଏନଟିପିସି କଣିହାଁ କର୍ତ୍ତୃପକ୍ଷଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏହାର ନକଲ ଜିଲ୍ଲାପାଳ, ଏସ୍‌ପି, ତାଳଚେର ଉପଜିଲ୍ଲାପାଳ, କଣିହାଁ ତହସିଲଦାର, ବ୍ଲକ କୃଷି ଅଧିକାରୀ, ଏନଟିପିସି ଥାନା ଆଇଆଇସିଙ୍କୁ ଦିଆଯାଇଥିଲା। ଏନଟିପିସି କର୍ତ୍ତୃପକ୍ଷ ୨୬ ତାରିଖ ସୁଦ୍ଧା ସମାଧାନ ନ କଲେ ବାଧ୍ୟ ହୋଇ ଆସନ୍ତା ୨୭ ତାରିଖ ସକାଳ ୬ଟାରୁ ଦାବି ପୂରଣ ପର୍ଯ୍ୟନ୍ତ ଏନଟିପିସି ଶକ୍ତିଦ୍ୱାରଠାରେ ପାଉଁଶ ବୋଝେଇ ଟ୍ରକ ବନ୍ଦ କରିବାକୁ ଅକ୍ଟୋବର ୧୨ରେ ଏନ୍‌ଟିପିସି ସମେତ ପ୍ରଶାକନିକ ଅଧିକାରୀ, ତାଳଚେର ବିଧାୟକ, କଣିହାଁ ପଞ୍ଚାୟତ ସମିତି ଅଧକ୍ଷ, କଣିହାଁ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ଗତ ୨୧ ତାରିଖରେ ଏନଟିପିସି କର୍ତ୍ତୃପକ୍ଷ ଓ କ୍ଷତିଗ୍ରସ୍ତ ଚାଷୀଙ୍କ ମଧ୍ୟରେ ଆଲୋଚନା ହୋଇଥିଲା। ଏ ବର୍ଷ କ୍ଷତିପୂରଣ ନିର୍ଦ୍ଧାରଣ କରିବା ପାଇଁ କଣିହାଁ ତହସିଲଦାରଙ୍କୁ ଅନୁରୋଧପତ୍ର ପ୍ରଦାନ କରିଥିଲେ। ଚିଠିର ଏକ ନକଲ ଚାଷୀମାନଙ୍କ ଅବଗତି ନିମନ୍ତେ ପ୍ରଦାନ କରିଥିଲେ। ସେଥିପାଇଁ ୨୭ ତାରିଖ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ଚାଷୀମାନେ ନିଷ୍ପତ୍ତି ନେଇଛନ୍ତି। ଏହାର ବ୍ୟତିକ୍ରମ ହେଲେ ନଭେମ୍ବର ୨୭ରେ ଆନ୍ଦୋଳନ କରିବାକୁ ସମସ୍ତ ଅଧିକାରୀ ଓ ଜନ ପ୍ରତିନିଧିଙ୍କୁ କ୍ଷତିଗ୍ରସ୍ତ ଚାଷୀ ପ୍ରହ୍ଲାଦ ଚନ୍ଦ୍ର ସାହୁ, ଦେବରାଜ ନାଏକ, ଲୋଚନ ସାହୁ, ଶ୍ରୀଧର ବେହେରା, ହର୍ଷ ପ୍ରଧାନ, ରସାନନ୍ଦ ସାହୁ, ପରମା ପ୍ରଧାନ ପ୍ରମୁଖ ଜଣାଇଛନ୍ତି।

ମା’ ଚର୍ଚ୍ଚିକାଙ୍କ ବାର୍ଷିକ ଯାତ୍ରା
୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

କିଶୋରନଗର, ୨୫ ।୧୦(ସମିସ): ଆଠମଲ୍ଲିକ ଉପଖଣ୍ଡ ଅଖରକଟା ଗ୍ରାମରେ ରବିବାର ମା’ ଚର୍ଚ୍ଚିକାଙ୍କ ବାର୍ଷିକ ଯାତ୍ରା ଭକ୍ତିମୟ ପରିବେଶରେ ପାଳିତ ହୋଇଛି। ଯାତ୍ରାରେ ୫ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ହୋଇଥିଲା। ପରମ୍ପରା ଅନୁଯାୟୀ, ମା’ ଚର୍ଚ୍ଚିକାଙ୍କୁ ମନ୍ଦିରରୁ କୋଠଘରକୁ ନିଆଯାଇ ସେଠାରେ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯାଇଥିଲା। ପରେ ମା’ ଗ୍ରାମ ପରିକ୍ରମା କରି ପୁନର୍ବାର ମନ୍ଦିରକୁ ଫେରିଥିଲେ। ଅପରାହ୍ନ ୨ଟାରେ ପୂଜା ଆରମ୍ଭ ହୋଇ ପ୍ରାୟ ୪ଟାରେ ସମାପ୍ତ ହୋଇଥିଲା। କର୍ତ୍ତା ଭାବେ ତ୍ରିଲୋଚନ ପ୍ରଧାନ କାର୍ଯ୍ୟ ତୁଲାଇଥିଲେ। ମା’ଙ୍କ ନିକଟରେ ମାନସିକ କଲେ ତାହା ନିଶ୍ଚୟ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏହି ଅବସରରେ ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ରାତିରେ ମା’ ଚର୍ଚ୍ଚିକା ଯୁବକ ସଂଘ ପକ୍ଷରୁ ନାଟକ ‘ଛାତିର କୋହକୁ ଦେଖିଛି କିଏ’ ପରିବେଷଣ କରାଯାଇଥିଲା। ଏହାକୁ ଦେଖିବା ପାଇଁ ଅଞ୍ଚଳର ବହୁ ଦର୍ଶକଙ୍କ ଭିଡ଼ ଜମିଥିଲା। ଗ୍ରାମ ସଭାପତି ଯୁଧିଷ୍ଠିର ସାହୁ, ସମ୍ପାଦକ ଅନିଲ କୁମାର ସାହୁ, ଟଙ୍କଧର ପ୍ରଧାନ, ଦେବେନ୍ଦ୍ର ପ୍ରଧାନ, ବିବସ୍ୱ ପ୍ରଧାନ, ଦିଲୀପ କୁମାର ସାହୁଙ୍କ ସମେତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

ମା’ ବ୍ରହ୍ମଣୀଙ୍କ ବାର୍ଷିକ ଯାତ୍ରା
ବାଜାବାଣ ରୋଷଣୀରେ ଦୁଲୁକିଲା ଗାଁ

ବଁଅରପାଳ, ୨୫ ।୧୦(ସମିସ)

ବଁଅରପାଳ ବ୍ଲକ ଗୋତମରା ଗ୍ରାମର ଅଧିଷ୍ଠାତ୍ରୀ ଦେବୀ ମା’ ବ୍ରହ୍ମଣୀଙ୍କ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି। ରବିବାର ମଧ୍ୟାହ୍ନ ୧୨ଟାରେ ଆଲାମ ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ପାରମ୍ପରିକ କ୍ଷତ୍ରିୟ ଖଣ୍ଡାଖେଳ, ଲଉଡ଼ି, ଶଙ୍ଖବାଦ୍ୟ, ଘଣ୍ଟବାଦ୍ୟ ସହ ଚାଙ୍ଗୁବାଦ୍ୟ ସାମିଲ ହୋଇଥିଲା। ଦେବୀଙ୍କ ବାର୍ଷିକ ଉତ୍ସବ ପ୍ରତ୍ୟେକ ବର୍ଷ କୁମାର ଉତ୍ସବ ଦିନ ଅନୁଷ୍ଠିତ ହୋଇଥାଏ। ବହୁ ମାନସିକଧାରୀ ମା’ଙ୍କ ପାଖରେ ଅଧିଆ ପଡ଼ି ଆଶୀର୍ବାଦ ଲୋଡ଼ିଥାନ୍ତି। ଗ୍ରାମରେ ଘରେ ଘରେ ବନ୍ଧୁବାନ୍ଧବଙ୍କ ଗହଳି ଲାଗିଥାଏ। ବିଳମ୍ବିତ ରାତିରେ ମା’ଙ୍କ ପୂଜାର୍ଚ୍ଚନା କରାଯାଇଥାଏ। ମୁଖ୍ୟ ପୂଜକ ସତ୍ୟ ଅମାନ୍ତ ଦୀର୍ଘବର୍ଷ ହେଲା ପୂଜା କରିଆସୁଛନ୍ତି। ମା’ଙ୍କ ଆଲାମ ମନ୍ଦିରରେ ପହଞ୍ଚିବା ପରେ ଆଖପାଖ ଗ୍ରାମର ଶ୍ରଦ୍ଧାଳୁମାନେ ଦର୍ଶନ କରିଥିଲେ। ସନ୍ଧ୍ୟାରେ ଅନୁଗୋଳ ବିଧାୟକ ପ୍ରତାପ ଚନ୍ଦ୍ର ପ୍ରଧାନ ମା’ଙ୍କୁ ଦର୍ଶନ କରିଥିଲେ। ଗୋତମରା ଗ୍ରାମ ମୁଖିଆ ତଥା ପୂର୍ବତନ ଉପବାଚସ୍ପତି ତଥା ପୂର୍ବତନ ଅନୁଗୋଳ ବିଧାୟକ ରଜନୀକାନ୍ତ ସିଂହଙ୍କ ସ୍ୱାସ୍ଥ୍ୟ ଖରାପ ଥିବାରୁ ସେ ଏହି ଯାତ୍ରାରେ ସାମିଲ ହୋଇପାରି ନ ଥିଲେ। ତାଙ୍କ ପୁଅ ଯୁବନେତା ଅରୁଣାଭ ସିଂହ ଉପସ୍ଥିତ ରହି ମା’ଙ୍କୁ ଦର୍ଶନ କରିଥିଲେ। ଯାତ୍ରାରେ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆଇନଶୃଙ୍ଖଳାକୁ ଦୃଷ୍ଟିରେ ରଖି ବଁଅରପାଳ ଥାନା ଅଧିକାରୀ ଅୟସକାନ୍ତ ଜେନାଙ୍କ ନେତୃତ୍ୱରେ ୧ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଥିଲା। ଆସନ୍ତା ୨୫ରୁ ୨୭ ତାରିଖ ପର୍ଯ୍ୟନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଅପେରା ପରିବେଷଣ ହେବ ବୋଲି ଗ୍ରାମ କମିଟି ପକ୍ଷରୁ ସୂଚନା ଦିଆଯାଇଛି।

ଅନନ୍ତ ବେଶରେ ଦର୍ଶନ ଦେଲେ ପ୍ରଭୁ ବଳଦେବଜୀଉ

▶▶ ଦୁର୍ଲଭ ବେଶ ଦର୍ଶନ ପାଇଁ ତୁଳସୀ କ୍ଷେତ୍ରରେ ଭକ୍ତଙ୍କ ଭିଡ଼

▶▶ ଧର୍ମୀୟ ଆଲୋଚନାରେ ଭାଗନେଲେ ପଦ୍ମଶ୍ରୀ ବାବା ବଳିଆ

କେନ୍ଦ୍ରାପଡ଼ା,୨୫।୧୦(ସମିସ): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବତା ପ୍ରଭୁ ବଳଦେବଜୀଉ ପବିତ୍ର ଆଶ୍ୱିନ ଶୁକ୍ଳ ଚତୁର୍ଦ୍ଦଶୀ ତିଥିରେ ଅନନ୍ତ ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଛନ୍ତି।ଶ୍ରୀଜୀଉଙ୍କ ଏହି ଦୁର୍ଲଭ ବେଶ ଦର୍ଶନ କରିବା ପାଇଁ ତୁଳସୀ କ୍ଷେତ୍ରରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିବାବେଳେ ହଜାର ହଜାର ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଦର୍ଶନ କରି ନିଜକୁ ଧନ୍ୟ ମନେ କରିଛନ୍ତି। ପରମ୍ପରା ଓ ଧାର୍ମିକ ଆସ୍ଥାର ଅନନ୍ୟ ସମନ୍ୱୟ ଅନନ୍ତ ବେଶରେ ସନ୍ଧ୍ୟା ନୀତି ସମ୍ପନ୍ନ ହେବା ପରେ ଶ୍ରୀଜୀଉଙ୍କୁ ଶୁକ୍ଳ ମଉଳି ମସ୍ତକରେ ପିନ୍ଧାଯାଇଥିଲା। ଏଥିସହ ସପ୍ତଫେଣୀ ମଣ୍ଡଳ ବନ୍ଧାଯିବା ସହ ଦକ୍ଷିଣ ଓ ବାମ ହସ୍ତରେ ବାହୁବନ୍ଧ ପରିଧାନ କରାଯାଇ ମହାପ୍ରଭୁଙ୍କ ଏହି ମନୋରମ ବେଶ ସମ୍ପନ୍ନ ହୋଇଥିଲା। ପରେ ଆଳତି କରାଯାଇ ସାହାଣମେଲା ଦର୍ଶନ ବ୍ୟବସ୍ଥା କରାଯାଇଥିଲା। ଏ ଅବସରରେ ପଦ୍ମଶ୍ରୀ ବାବା ବଳିଆ ରତ୍ନ ସିଂହାସନ ନିକଟକୁ ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ପରେ ମନ୍ଦିର ବେଢ଼ାରେ ଆୟୋଜିତ ଧର୍ମୀୟ ଆଲୋଚନାରେ ଭାଗ ନେଇ ଭକ୍ତଙ୍କୁ ଆଧ୍ୟାତ୍ମିକ ଚିନ୍ତାଧାରା ସହ ଯୋଡ଼ିଥିଲେ। ପ୍ରଭୁ ଶ୍ରୀ ବଳଦେବଜୀଉଙ୍କ ଅନନ୍ତ ବେଶ ପରମ୍ପରା ଗତ କୋଡ଼ିଏ ବର୍ଷ ଧରି ପଦ୍ମଶ୍ରୀ ବାବା ବଳିଆଙ୍କ ସହଯୋଗରେ ଶିଶୁ ଅନନ୍ତ ଆଶ୍ରମ ପକ୍ଷରୁ ଆୟୋଜିତ ହୋଇଆସୁଛି। ଏହା ତୁଳସୀ କ୍ଷେତ୍ରର ଧାର୍ମିକ ପରମ୍ପରାକୁ ସମୃଦ୍ଧ କରିବା ସହ ଭକ୍ତଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ଓ ଧର୍ମୀୟ ଭାବନାକୁ ଉଜ୍ଜୀବିତ କରୁଥିବା ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି।

ତୁଳସୀ କ୍ଷେତ୍ରରେ ମହାଲକ୍ଷ୍ମୀ ପୂଜା

କେନ୍ଦ୍ରାପଡ଼ା,୨୫।୧୦(ସମିସ):ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ାରେ ପବିତ୍ର କୁମାର ଉତ୍ସବ ଅବସରରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଭକ୍ତିପୂର୍ଣ୍ଣ ପରିବେଶରେ ମହାଆଡ଼ମ୍ବର ସହକାରେ ପାଳିତ ହୋଇଛି। ପ୍ରଭୁ ଶ୍ରୀବଳଦେବଜୀଉଙ୍କ ମନ୍ଦିରର ଉତ୍ତର ପାଶ୍ୱର୍ରେ ଅବସ୍ଥିତ ମା' ମହାଲକ୍ଷ୍ମୀଙ୍କ ମନ୍ଦିରରେ ଏହି ପୂଜା ଅବସରରେ ଧାର୍ମିକ ଉତ୍ସାହ ଓ ଭକ୍ତିଭାବର ମନୋରମ ପରିବେଶ ସୃଷ୍ଟି ହୋଇଥିଲା। ମା'ଙ୍କ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଜିଲ୍ଲାର ବିଭିନ୍ନ ସ୍ଥାନରୁ କୈବର୍ତ୍ତ ସମ୍ପ୍ରଦାୟର ଶତାଧିକ ମୁରବି ଓ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ପ୍ରତ୍ୟୁଷରୁ ମା'ଙ୍କ ମହାସ୍ନାନ କରାଯାଇ ନୂତନ ବସ୍ତ୍ରରେ ସୁସଜ୍ଜିତ କରାଯାଇଥିଲା। ପରେ ଜିଲ୍ଲା କୈବର୍ତ୍ତ ସମାଜ ପକ୍ଷରୁ ଶୁଭ କଳସ ସ୍ଥାପନ କରାଯିବା ସହ ମନ୍ଦିର ଚୂଡ଼ାରେ ନେତ ବନ୍ଧାଯାଇଥିଲା। ଯଜ୍ଞ ଓ ପୂଜାର୍ଚ୍ଚନା ସମ୍ପନ୍ନ ହେବା ପରେ ମା'ଙ୍କ ନିକଟରେ ଚୁଡ଼ା ଘସା ଭୋଗ ଅର୍ପଣ କରାଯାଇଥିଲା। ପାରମ୍ପରିକ ରୀତିନୀତି ଅନୁଯାୟୀ ମା'ଙ୍କ ପୂଜା ସମ୍ପନ୍ନ ହୋଇଥିବାବେଳେ ସମାଜର ମୁରବିଙ୍କ ଉପସ୍ଥିତି ଏହି ଧାର୍ମିକ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥିଲା।

ଗଜଲକ୍ଷ୍ମୀ ପୂଜା ପାଇଁ ଚାନ୍ଦୋଳ ବଜାର ଉତ୍ସବମୁଖର

ଡେରାବିଶ, ୨୫।୧୦(ସମିସ): ମା' ଗଜଲକ୍ଷ୍ମୀ ପୂଜା ପାଇଁ ଆଜିଠାରୁ ଚାନ୍ଦୋଳ ବଜାର ଓ ଏହା ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇପଡ଼ିଛି। ଦୀର୍ଘବର୍ଷ ହେଲା କେନ୍ଦ୍ରାପଡ଼ା ଜିଲ୍ଲାରେ ମା' ଗଜଲକ୍ଷ୍ମୀଙ୍କ ପୂଜା ଉତ୍ସବ ମହାଆଡ଼ମ୍ବରରେ ପାଳନ ହୋଇ ଆସୁଥିବାବେଳେ ଚାନ୍ଦୋଳ ବଜାରରେ ଅନୁଷ୍ଠିତ ଜିଲ୍ଲାର ଦ୍ୱିତୀୟ ବୃହତମ ଗଣପର୍ବ ଭାବେ ପାଳିତ ହୋଇଆସୁଛି। ଚାନ୍ଦୋଳ ବଜାର ଓ ଏହା ଆଖପାଖ ଅଞ୍ଚଳରେ ବ୍ୟବସାୟୀଙ୍କ ଦ୍ୱାରା ୨୫ଟି ଭିନ୍ନ ଭିନ୍ନ ମଣ୍ଡପରେ ମା' ଲକ୍ଷ୍ମୀ ପୂଜା ପାଇଆସୁଛନ୍ତି। ସମସ୍ତ ମେଢ଼ର ସାଜସଜ୍ଜା କଟକ-ଚାନ୍ଦବାଲି ରାଜରାସ୍ତାର କାକତିଆଠାରୁ ଚାନ୍ଦୋଳ କଲେଜ ଛକ ଯାଏ ତିନି କିଲୋମିଟର ବ୍ୟାପୀ ହେଉଛି। ୯ ଦିନ ବ୍ୟାପୀ ଅନୁଷ୍ଠିତ ହେବାକୁ ଥିବା ଏହି ଉତ୍ସବରେ ପ୍ରତ୍ୟେହ ହଜାର ହଜାର ଶ୍ରଦ୍ଧାଳୁ ମା'ଙ୍କ ଦର୍ଶନ କରିବା ସହିତ ପୂଜା ମଣ୍ଡପରେ ଅନୁଷ୍ଠିତ ହେଉଥିବା ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିଥା'ନ୍ତି। ଚଳିତ ପୂଜାରେ ଭିଡ଼ ନିୟନ୍ତ୍ରଣ ଓ ପୂଜାକୁ ଶାନ୍ତିଶୃଙ୍ଖଳାର ସହିତ ପରିଚାଳନା ପାଇଁ ସଦର ଥାନା ଅଧିକାରିଣୀ ପଦ୍ମାଳୟା ପ୍ରଧାନ, ଇନ୍ସପେକ୍ଟର ମିତାଲି ମଧୁମିତା ସ୍ୱାଇଁ ଓ ଚାନ୍ଦୋଳ ଫାଣ୍ଡି ଅଧିକାରୀ ଶିବରାମ ସ୍ୱାଇଁଙ୍କ ନେତୃତ୍ୱରେ ଦୁଇ ପ୍ଲାଟୁନ ପୁଲିସ୍ ଫୋର୍ସ ମୁତୟନ ହୋଇଛନ୍ତି।

୨୭ ଓ ୨୮ରେ ସମୁଦ୍ରକୁ ଯିବା ମନା

କେନ୍ଦ୍ରାପଡ଼ା,୨୫।୧୦(ସମିସ): ଓଡ଼ିଶା ଉପକୂଳରେ ଆସନ୍ତା ୨୭ ଓ ୨୮ରେ ସମୁଦ୍ର ଅଶାନ୍ତ ରହିବା ସହ ପ୍ରତିକୂଳ ପାଣିପାଗ ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ଏହି ସମୟରେ ଘଣ୍ଟାପ୍ରତି ୬୦ କିଲୋମିଟର ବେଗରେ ଝଟକା ପବନ ବହିବାର ସମ୍ଭାବନା ଥିବାରୁ ମତ୍ସ୍ୟଜୀବୀଙ୍କୁ ଦୁଇ ଦିନ ସମୁଦ୍ରକୁ ମାଛ ଧରିବାକୁ ନ ଯିବାକୁ କେନ୍ଦ୍ରାପଡ଼ା ଜିଲ୍ଲା ପ୍ରଶାସନ ପକ୍ଷରୁ ପରାମର୍ଶ ଦିଆଯାଇଛି। ଭାରତୀୟ ପାଣିପାଗ ବିଭାଗର ମତ୍ସ୍ୟଜୀବୀ ସତର୍କ ସୂଚନା ଆଧାରରେ ଜିଲ୍ଲା ପ୍ରଶାସନ ଏହି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିଛି।

ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

କେନ୍ଦ୍ରାପଡ଼ା,୨୫।୧୦(ସମିସ): ନଦୀରେ ବୁଡ଼ି ଜଣେ ୬୩ ବର୍ଷୀୟ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ରାମଚନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ପନ୍ଦିଆ ଗ୍ରାମର ରଞ୍ଜନ ମଲ୍ଲିକ। ସେ ଶୌଚ ପାଇଁ ନଦୀକୁ ଯାଇଥିବା ସମୟରେ ଗୋଡ଼ ଖସିଯିବାରୁ ପାଣିରେ ବୁଡ଼ିଯାଇଥିବା ପ୍ରାଥମିକ ସୂଚନାରୁ ଜଣାପଡ଼ିଛି। ରଞ୍ଜନ ଅପରାହ୍ନ ପ୍ରାୟ ୪ଟା ସମୟରେ ଶୌଚ ପାଇଁ ନଦୀକୁ ଯାଇଥିଲେ। ଏହି ସମୟରେ ଅସାବଧାନତାବଶତଃ ତାଙ୍କ ଗୋଡ଼ ଖସିଯିବାରୁ ସେ ନଦୀର ପ୍ରଖର ସ୍ରୋତରେ ପଡ଼ିଯାଇଥିଲେ। ଏହି ଦୁଃଖଦ ଘଟଣାକୁ ନେଇ ପନ୍ଦିଆ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ଲୁଣା ଘେରିବନ୍ଧ ସୁଦୃଢ଼ୀକରଣରେ ଅନିୟମିତତା ଅଭିଯୋଗ

ଛୋଟ ପଥରରେ ଚାଲିଛି କାମ, ବିଭାଗୀୟ ଅଧିକାରୀ ନିରବ

ମହାକାଳପଡ଼ା,୨୫।୧୦(ସମିସ)

ଲୁଣା ଘେରିବନ୍ଧର ସୁରକ୍ଷା ଉପରେ ନିର୍ଭର କରୁଛି ଉପକୂଳବର୍ତ୍ତୀ ଅଞ୍ଚଳର ଲୋକଙ୍କ ଜୀବନ ଓ ଜୀବିକା। ତେବେ ଏହି ଘେରିବନ୍ଧର ସୁଦୃଢ଼ୀକରଣ କାର୍ଯ୍ୟରେ ଅନିୟମିତତା ହେଉଥିବା ଅଭିଯୋଗ ଉଠିଛି। କେଉଁଠି ପଥର ଭୁଶୁଡ଼ି ପଡ଼ିଲାଣି ତ ଆଉ କେଉଁଠି ବଡ଼ ପଥର ବଦଳରେ ପଥର ଗୁଣ୍ଡ ଓ ଛୋଟ ଛୋଟ ଖଣ୍ଡ ବ୍ୟବହାର ହେଉଛି। ଏଭଳି ସ୍ଥିତିରେ ନିର୍ମାଣ କାର୍ଯ୍ୟର ଗୁଣବତ୍ତା ଓ ବିଭାଗୀୟ ତଦାରଖକୁ ନେଇ ପ୍ରଶ୍ନ ଉଠିଛି। କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକର ବତୀଘର ପଞ୍ଚାୟତରେ ଜଳସମ୍ପଦ ବିଭାଗ ଅଧୀନରେ ଚାଲିଥିବା ଲୁଣା ଘେରିବନ୍ଧ ଉନ୍ନତୀକରଣ ଓ ସୁଦୃଢ଼ୀକରଣ କାର୍ଯ୍ୟକୁ ନେଇ ଏପରି ଅଭିଯୋଗ ସାମ୍ନାକୁ ଆସିଛି।

ସ୍ଥାନୀୟ ଅଞ୍ଚଳରେ ଘେରିବନ୍ଧର ସୁରକ୍ଷା ଗୁରୁତ୍ୱପୂର୍ଣ୍ଣ ହୋଇଥିବାବେଳେ କାର୍ଯ୍ୟରେ ନିର୍ଦ୍ଧାରିତ ମାନଦଣ୍ଡ ପାଳନ ହେଉନାହିଁ। ସୁଦୃଢ଼ୀକରଣ କାମରେ ଆବଶ୍ୟକ ମାଟି, ବାଲି ଓ ଜିଓସିନ୍ଥେଟିକ୍ ଜାଲ ବ୍ୟବହାର କରାଯାଉନାହିଁ। ଅନ୍ୟପକ୍ଷରେ, ବଡ଼ ପଥର ବଦଳରେ ଛୋଟ ଛୋଟ ପଥର ଖଣ୍ଡ ଓ ପଥର ଗୁଣ୍ଡ ବ୍ୟବହାର କରାଯାଉଥିବା ଅଭିଯୋଗ ହେଉଛି। ଏପରିକି କେତେକ ସ୍ଥାନରେ ପଥର ଭୁଶୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଯଦି ଏହି ଅଭିଯୋଗ ସତ୍ୟ, ତେବେ ନିର୍ମାଣ କାର୍ଯ୍ୟର ସ୍ଥାୟିତ୍ୱକୁ ନେଇ ଗୁରୁତର ପ୍ରଶ୍ନ ଉଠିବା ସ୍ୱାଭାବିକ। ଘେରିବନ୍ଧ ନିର୍ମାଣରେ ଠିକାଦାରଙ୍କ ମନମାନି ଚାଲିଥିବା ଅଭିଯୋଗ ହେଉଥିବାବେଳେ ବିଭାଗୀୟ ଯନ୍ତ୍ରୀ ଓ ଅଧିକାରୀ କେଉଁ ପ୍ରକାର ତଦାରଖ କରୁଛନ୍ତି, ତାହା ଏବେ ବଡ଼ ପ୍ରଶ୍ନ। କାର୍ଯ୍ୟର ଗୁଣବତ୍ତା ଯାଞ୍ଚ ହେଉଛି ତ? ନିର୍ଦ୍ଧାରିତ ନକ୍ସା ଅନୁଯାୟୀ କାମ କରାଯାଉଛି ତ? ନା କେବଳ କାଗଜପତ୍ରରେ ଉନ୍ନତୀକରଣ ଦେଖାଇ ସରକାରୀ ଅର୍ଥ ଖର୍ଚ୍ଚ କରାଯାଉଛି? ଘେରିବନ୍ଧରେ ଅନିୟମିତତା ହେଲେ ଭବିଷ୍ୟତରେ ଲୁଣିପାଣି ମାଡ଼ି ଆସିବା ଓ ଚାଷଜମି କ୍ଷତିଗ୍ରସ୍ତ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନ ପାରେ। ତେଣୁ ସମ୍ପୃକ୍ତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ତୁରନ୍ତ ଘଟଣାସ୍ଥଳ ପରିଦର୍ଶନ କରି କାର୍ଯ୍ୟର ମାନ ଯାଞ୍ଚ କରିବା ସହ ଅଭିଯୋଗର ନିରପେକ୍ଷ ତଦନ୍ତ କରିବାକୁ ଦାବି ହେଉଛି।

▶▶ ବିନା ନୋଟିସରେ ତରଡ଼ିପାଳ ପଞ୍ଚାୟତରେ ମାର୍କେଟ କମ୍ପ୍ଲେକ୍ସ ଗୃହ ବଣ୍ଟନ

ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ, ତଦନ୍ତ ଦାବି

ପଟ୍ଟାମୁଣ୍ଡାଇ,୨୫।୧୦(ସମିସ): ତରଡ଼ିପାଳ ପଞ୍ଚାୟତରେ ନିର୍ମିତ ମାର୍କେଟ କମ୍ପ୍ଲେକ୍ସ ଗୃହ ବଣ୍ଟନକୁ ନେଇ ଏକ ବଡ଼ଧରଣର ଅନିୟମିତତା ସାମ୍ନାକୁ ଆସିଛି। କୌଣସି ସରକାରୀ ନୋଟିସ, ବିଜ୍ଞାପନ କିମ୍ବା ନିଲାମ ପ୍ରକ୍ରିୟା ନ କରି ଚୋରାବାଟରେ ଦୋକାନ ଗୃହ ବଣ୍ଟନ କରାଯାଇଥିବା ଅଭିଯୋଗ ହୋଇଛି। ଏ ନେଇ ସ୍ଥାନୀୟ ବ୍ୟବସାୟୀ ଓ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସାଧାରଣତଃ ସରକାରୀ ବା ପଞ୍ଚାୟତ ମାର୍କେଟ କମ୍ପ୍ଲେକ୍ସ ଆବଣ୍ଟନ ପୂର୍ବରୁ ସର୍ବସାଧାରଣ ନୋଟିସ ଜାରି କରାଯାଇ ନିଲାମ ପ୍ରକ୍ରିୟା କରାଯିବାର ନିୟମ ରହିଛି। ଏଠାରେ କୌଣସି ନୋଟିସ ବୋର୍ଡ କିମ୍ବା ଖବରକାଗଜରେ ବିଜ୍ଞପ୍ତି ପ୍ରକାଶ ନ କରି ଗୁପ୍ତ ଭାବେ ବଣ୍ଟନ ପ୍ରକ୍ରିୟା ଶେଷ କରାଯାଇଛି। ଯୋଗ୍ୟ ଓ ସ୍ଥାନୀୟ ସାନ ବ୍ୟବସାୟୀଙ୍କୁ ବଞ୍ଚିତ କରି ନିଜର ପ୍ରିୟ ଲୋକଙ୍କୁ ଏହି ଦୋକାନ ଗୃହ ପ୍ରଦାନ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ସ୍ଥାନୀୟ ଯୁବକ ଓ ବ୍ୟବସାୟୀ ପ୍ରକାଶ କରିଛନ୍ତି, ଆମେ ଦୀର୍ଘଦିନ ହେବ ମାର୍କେଟ କମ୍ପ୍ଲେକ୍ସରେ ଦୋକାନ ନେଇ ବ୍ୟବସାୟ କରିବାକୁ ଆଶା ରଖିଥିଲୁ। ଆମକୁ କୌଣସି ସୂଚନା ନ ଦେଇ ରାତାରାତି ଦୋକାନ ଆବଣ୍ଟନ କରାଗଲା, ଯାହା ସରକାରୀ ନିୟମ ବିରୋଧୀ। ଏହି ଅନିୟମିତତା ବିରୋଧରେ ସ୍ଥାନୀୟ ଗ୍ରାମବାସୀ ବିଡିଓ ଓ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିବା ସହ ତୁରନ୍ତ ଏହି ବଣ୍ଟନ ପ୍ରକ୍ରିୟାକୁ ବାତିଲ କରିବାକୁ ଦାବି କରିଛନ୍ତି। ଆଗାମୀ ଦିନରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଭାଗୀରଥି ବିଶ୍ୱାଳ, ପ୍ରସେସ ସାମଲ, ଅନୀଲ ବିଶ୍ୱାଳ, ମୃତ୍ୟୁଞ୍ଜୟ ବିଶ୍ୱାଳ ପ୍ରମୁଖ ଚେତାବନୀ ଦେଇଛନ୍ତି। ତରଡ଼ିପାଳ ସରପଞ୍ଚ ଦେବବ୍ରତ ନାୟକଙ୍କ ସହିତ ଯୋଗାଯୋଗ କରିଥିଲେ ବି କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

ଦୁଇବଖରା ଘର ସହ ଗୁହାଳ ପୋଡ଼ିଗଲା

ଗୋଟିଏ ଗାଈ, ଦୁଇ ବାଛୁରି ଓ ଗୋଟିଏ ଛେଳି ଅର୍ଦ୍ଧଦଗ୍ଧ

ଡେରାବିଶ, ୨୫।୧୦(ସମିସ): ଇନ୍ଦାଲୋ ପଞ୍ଚାୟତ ଅନ୍ତର୍ଗତ ନାନକାର ଗ୍ରାମରେ ଶନିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ଦୁଇଟି ପରିବାରର ଦୁଇ ବଖରା ଘର ଓ ଗୁହାଳ ଜଳିଯିବା ସହିତ ଗୋଟିଏ ଗାଈ, ଦୁଇଟି ବାଛୁରୀ ଓ ଗୋଟିଏ ଛେଳି ଅର୍ଦ୍ଧଦଗ୍ଧ ହୋଇଛନ୍ତି। ନାନକାର ଗ୍ରାମର ଗୋଲଖ ଚନ୍ଦ୍ର ମଲିକଙ୍କ ଘରେ କୌଣସି କାରଣରୁ ନିଆଁ ଲାଗି ତାଙ୍କର ଦୁଇବଖରା ଘର ସମ୍ପୂର୍ଣ୍ଣ ଜଳିଯାଇଛି। ଗୋଲଖଙ୍କ ଏହି ଘରେ ଥିବା ବର୍ଷକର ଆହାର ସମେତ ସମସ୍ତ ଆସବାବପତ୍ର ଜଳି ପାଉଁଶ ହୋଇଯାଇଛି। ନିକଟରେ ଥିବା ରବୀନ୍ଦ୍ର ମଲିକଙ୍କ ଗୁହାଳ ଘରେ ନିଆଁ ଲାଗି ଗୋଟିଏ ଗାଈ ଓ ଦୁଇଟି ବାଛୁରୀ ସମେତ ଗୋଟିଏ ଛେଳି ଅର୍ଦ୍ଧଦଗ୍ଧ ହୋଇଛନ୍ତି। ସ୍ଥାନୀୟ ଲୋକ ନିଆଁକୁ ଆୟତ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ତାହା ସମ୍ଭବ ହୋଇନଥିଲା। କୋରୁଆ ଓ ନିଶ୍ଚିନ୍ତକୋଇଲିରୁ ଅଗ୍ନିଶମ ବାହିନୀ କର୍ମଚାରୀ ଆସି ନିଆଁକୁ ଲିଭାଇଥିଲେ। ପଶୁ ଚିକିତ୍ସକ ପହଞ୍ଚି ଅର୍ଦ୍ଧଦଗ୍ଧ ଗାଈ ଓ ଛେଳିଙ୍କ ଚିକିତ୍ସା କରିଥିଲେ। ହରିଅଙ୍କ ରାଜସ୍ୱ ନିରୀକ୍ଷକ ପ୍ରକାଶ ସେଠି ପହଞ୍ଚି କ୍ଷୟକ୍ଷତି ଆକଳନ କରିବା ସହିତ ଉଭୟ ପରିବାରଙ୍କୁ ପାଲ ପ୍ରଦାନ କରିଥିବା ଜଣାଯାଇଛି।

ବତୀଘରରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ

ମହାକାଳପଡ଼ା, ୨୫।୧୦ (ସମିସ): ମହାକାଳପଡା ବ୍ଲକ ଉପକୂଳବର୍ତ୍ତୀ ନଦୀନାଳ ଘେରା ବତୀଘର ପଞ୍ଚାୟତରେ ସ୍ୱାସ୍ଥ୍ୟସେବାକୁ ନୂଆଦିଗ ଦେବା ଲକ୍ଷ୍ୟରେ ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପିତ ହୋଇଛି। ରବିବାର ପୂର୍ବାହ୍ନରେ କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ଓ ମହାକାଳପଡ଼ା ବିଧାୟକ ଡ. ଦୁର୍ଗାପ୍ରସନ୍ନ ନାୟକ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଉଦ୍‌ଘାଟନ କରିଛନ୍ତି। ଏ ଅବସରରେ ଶତାଧିକ ହିତାଧିକାରୀ ଓ ରୋଗୀଙ୍କୁ ଆୟୁଷ୍ମାନ କାର୍ଡ ସହ ବିଭିନ୍ନ ସହାୟକ କିଟ୍ ବଣ୍ଟନ କରିଥିଲେ। ମହାକାଳପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ନିରଞ୍ଜନ କର, ପ୍ୟାରୀମୋହନ ନନ୍ଦ, ବତୀଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଶୁଭମ ରାଜ ତ୍ରିପାଠୀଙ୍କ ସମେତ ସ୍ୱାସ୍ଥ୍ୟ ବିଭାଗର ଅନ୍ୟାନ୍ୟ କର୍ମଚାରୀ ଉପସ୍ଥିତ ଥିଲେ। ଶିବମନ୍ଦିର ସମ୍ମୁଖରେ "ମନ୍ କି ବାତ୍' କାର୍ଯ୍ୟକ୍ରମରେ ସାଂସଦ ଯୋଗ ଦେଇଥିଲେ। ପରେ ସାଂସଦ ଅଞ୍ଚଳର କେତେକ ବରିଷ୍ଠ ଶିକ୍ଷକ ଓ ଗ୍ରାମର ମୁରବୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବରିଷ୍ଠ ନାଗରିକଙ୍କ ଭତ୍ତା ବୃଦ୍ଧି ସମ୍ପର୍କରେ ମଧ୍ୟ ସଭାରେ ସୂଚନା ଦିଆଯାଇଥିଲା। କାର୍ଯ୍ୟକ୍ରମରେ ରାଜ୍ୟ ବିଜେପି ପ୍ରବକ୍ତା ସଞ୍ଜୟ ରଥ, ବିକ୍ରମ ରାଉତରାୟ, ରଞ୍ଜନ ଚୌଧୁରୀ, ସମିତି ସଭ୍ୟ ପ୍ରତାପ ଦାସ, ନାରୀନେତ୍ରୀ ରାଜଲକ୍ଷ୍ମୀ ଦାସ, ସରପଞ୍ଚ ଶିବାନୀ ବିଜୁଳି, ସମିତି ସଭ୍ୟ କୃଷ୍ଣପଦ ମଣ୍ଡଳ, ଜୋନ୍ ସଭାପତି ତ୍ରିଲୋଚନ ରାଉତ, କୁମର ମହାନ୍ତିଙ୍କ ସମେତ ବହୁ ସଂଖ୍ୟାରେ ସ୍ଥାନୀୟ ଜନସାଧାରଣ ଯୋଗ ଦେଇଥିଲେ।

ଗଜଲକ୍ଷ୍ମୀ ପୂଜାକୁ ସ୍ୱଚ୍ଛ ଓ ପ୍ଲାଷ୍ଟିକ୍‌ମୁକ୍ତ କରିବାକୁ ଜିଲ୍ଲାପାଳଙ୍କ ଝାଡୁ ଅଭିଯାନ

କେନ୍ଦ୍ରାପଡ଼ା,୨୫।୧୦(ସମିସ): ଗଜଲକ୍ଷ୍ମୀ ପୂଜାକୁ ସ୍ୱଚ୍ଛ, ସୁନ୍ଦର ଓ ପ୍ଲାଷ୍ଟିକ୍‌ମୁକ୍ତ କରିବା ଲକ୍ଷ୍ୟରେ ରାସ୍ତାକୁ ଝାଡୁ ମାରି ସଫା କରିଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର୍. ଆୟର। ତାଙ୍କ ସହ କେନ୍ଦ୍ରାପଡ଼ା ପୌରପାଳିକା ଅଧ୍ୟକ୍ଷା ସରିତା ସାହୁ ମଧ୍ୟ ଝାଡୁ ଧରି ସଫେଇ କାର୍ଯ୍ୟରେ ସାମିଲ ହୋଇଥିଲେ। ଅଧିକାରୀଙ୍କ ଏହି ପଦକ୍ଷେପ ସହରବାସୀଙ୍କୁ ସ୍ୱଚ୍ଛତା ପ୍ରତି ସଚେତନ କରିବା ସହ ପର୍ବପର୍ବାଣିକୁ ପରିବେଶ ଅନୁକୂଳ କରିବାର ବାର୍ତ୍ତା ଦେଇଛି। ଜିଲ୍ଲାପାଳ ଓ ପୌରାଧ୍ୟକ୍ଷା ନିଜେ ଝାଡୁ ମାରି ରାସ୍ତା ସଫା କରିବା ସହ ଆବର୍ଜନା ହଟାଇବା କାର୍ଯ୍ୟରେ ଭାଗ ନେଇଥିଲେ। ଏଥିସହ ରାସ୍ତାରେ ଥିବା ଜବରଦଖଲ ଉଚ୍ଛେଦ କରାଯାଇଥିଲା। ଚଳିତ ବର୍ଷର ଗଜଲକ୍ଷ୍ମୀ ପୂଜାକୁ ସଫଳ, ଶୃଙ୍ଖଳିତ ଓ ପରିବେଶ ଅନୁକୂଳ କରିବା ପାଇଁ ଜିଲ୍ଲାପାଳ ସହରବାସୀଙ୍କ ସହଯୋଗ କାମନା କରିଥିଲେ। ଏହି ସଫେଇ କାର୍ଯ୍ୟକ୍ରମରେ ପୌରପାଳିକାର ବିଭିନ୍ନ ୱାର୍ଡର କାଉନସିଲର, ଜିଲ୍ଲା ପ୍ରଶାସନର କର୍ମଚାରୀ ଓ ସ୍ୱେଚ୍ଛାସେବୀ ଯୋଗଦେଇଥିଲେ।

ସମ୍ଭାବ୍ୟ ବାତ୍ୟାକୁ ନେଇ ରାଜନଗରବାସୀ ଆତଙ୍କିତ

ରାଜନଗର,୨୫।୧୦(ସମିସ): ବଙ୍ଗୋପସାଗରରେ ସୃଷ୍ଟି ଲଘୁଚାପ ଏବେ ବାତ୍ୟାର ରୂପ ଧାରଣ କରିସାରିଲାଣି। ଆଉ ଦିନେ ଦୁଇଦିନ ବେଳକୁ ଏହା ଉପକୂଳ ଛୁଇଁବ। ଯାହାକୁ ନେଇ ଏଠିକାର ହଜାର ହଜାର ଚାଷୀ ଆଶଙ୍କା ଭିତରେ ଛନ୍ଦି ହୋଇପଡିଲେଣି। ନିକଟରେ ଗର୍ଭଣା ସଂକ୍ରାନ୍ତି ଦିନ ଚାଷୀ ଧାନ ବିଲକୁ ଯାଇ କାଠି ମାରିବା ସମୟରେ ସୁନାର ଫସଲ ଦେଖି ଖୁସି ହୋଇପଡ଼ିଥିଲା। ପଚାଶ ପ୍ରତିଶତ ଧାନ ଗଛ ଥୋଡ଼ ବାହାରି ଥିବାବେଳେ ଅବଶିଷ୍ଟ ଥୋଡ଼ ବାହାରିବା ଅପେକ୍ଷାରେ ଥିବାବେଳେ ସମ୍ଭାବ୍ୟ ବାତ୍ୟାର ତାଣ୍ଡବ କିପରି ରହିବ, ଏହାକୁ ନେଇ ଚାଷୀ ଆତଙ୍କିତ ହୋଇପଡିଛନ୍ତି। ଯଦି ପ୍ରବଳ ବର୍ଷା ଓ ସାମାନ୍ୟ ପବନ ହୁଏ, ତେବେ ବର୍ଷକର ଫସଲ ନଷ୍ଟ ହୋଇଯିବ ବୋଲି ବହୁ ଚାଷୀ ଆଶଙ୍କା ପ୍ରକାଶ କରିଛନ୍ତି। ରାଜନଗରବାସୀ ୧୯୭୧,୧୯୯୮ ଭଳି ଭୟଙ୍କର ସାମୁଦ୍ରିକ ଝଡ଼କୁ ସାମ୍ନା କରି ସର୍ବସ୍ୱ ହରାଇଛନ୍ତି। ପରେ ଫାଇଲିନ, ହୁଡ୍‌ହୁଡ୍, ତିତିଲି ଭଳି ମଧ୍ୟମ ଧରଣର ବାତ୍ୟା ବହୁ କ୍ଷୟକ୍ଷତି ଘଟାଇଥିଲା। ସମ୍ଭାବ୍ୟ ବାତ୍ୟା ତାଣ୍ଡବକୁ ଆଖି ଆଗରେ ରଖି ପ୍ରଶାସନ ପକ୍ଷରୁ ସାଗର ତଟବର୍ତ୍ତୀ ବାତ୍ୟା ଆଶ୍ରୟ କେନ୍ଦ୍ରକୁ ସଜାଡିବାରେ ଲାଗି ପଡିଛନ୍ତି। ପ୍ରଶାସନ ପକ୍ଷରୁ ଡାକବାଜି ଯନ୍ତ୍ର ମାଧ୍ୟମରେ ତାଳଚୁଆ, ରଙ୍ଗୀନି, କେରୁଆପାଳ ପ୍ରଭୃତି ପଞ୍ଚାୟତର ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମଧ୍ୟକୁ ନ ଯିବାକୁ ସତର୍କ କରାଯାଇଥିବା ତହସିଲଦାର ଯୀଶୁକ୍ରିଷ୍ଣ ଦାସ ସୂଚନା ଦେଇଛନ୍ତି।

ପ୍ରଶାସନ ଶୁଣିଲାନି

ରାସ୍ତା ଓ ଡ୍ରେନ ସଫା କଲେ ଗ୍ରାମବାସୀ

ରାଜକନିକା,୨୫।୧୦(ସମିସ): ଏକଦା ୪ ବର୍ଷ ପୂର୍ବରୁ ଇଚ୍ଛାପୁର ଗ୍ରାମର ପ୍ରବେଶ ପଥରେ ବର୍ଷା ପାଣି ଜମି ରହି ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଥିଲା। ତତ୍କାଳୀନ ମନ୍ତ୍ରୀ ଡ୍ରେନ ନିର୍ମାଣ ପାଇଁ ୩ ଲକ୍ଷ ମଞ୍ଜୁର କରିଥିଲେ ହେଁ କାମ ଇଚ୍ଛାପୁର ଗ୍ରାମରେ ନ ହୋଇ ବଳରାମପୁରରେ କରାଗଲା। ଗାଁ ଅବସ୍ଥା ଯେଉଁ ତିମିରେକୁ ସେଇ ତିମିରେ ରହିଲା। ଗାଁ ମନ୍ଦିରକୁ ପାଣିବେଢ଼ି ଥିବାରୁ ମନ୍ଦିରରେ ସନ୍ଧ୍ୟା ଦେବା, ଭୋଗ ଦେବା, ବିଦ୍ୟାଳୟକୁ ଛାତ୍ରଛାତ୍ରୀ ଯିବା, ମେଡିକାଲକୁ ରୋଗୀ ଯିବା ଭଳି ସର୍ବନିମ୍ନ ସୁବିଧାରୁ ବଞ୍ଚିତ ହେବାରୁ ଆଜି ଏହି ଗାଁଏ ଲେଖକେ ନିଜ ନିଜ ଭିତରେ ଅର୍ଥ ଆଦାୟ କରି ଗାଁକୁ ସଫା କଲେ। ପରିବେଶ ସଫା ରଖିବାକୁ ବ୍ୟାନର ଲଗାଇଲେ। ରାଜକନିକା ବ୍ଲକ୍ ବଳରାମପୁର ପଞ୍ଚାୟତ ଅନ୍ତର୍ଗତ ଇଚ୍ଛାପୁର ଗ୍ରାମର ଜଳ ନିଷ୍କାସନ ସମସ୍ୟା ପାଇଁ ଗାଁର ମୁରବୀ ରାଜକନିକା ବିଡ଼ିଓ, କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ଗୁହାରୀ କରିଥିଲେ ବି କୌଣସି ସୁଫଳ ମିଳିଲା ନାହିଁ। ଏହି ଗାଁର ୪୦ ପରିବାରର ଜେଏନଜି ଆଜି ଏକାଠି ହୋଇ ରାସ୍ତା, ଡ୍ରେନ ସଫା କରିଛନ୍ତି।

▶▶ ଗହମ ବୋଝେଇ ଟ୍ରକ୍‌ରୁ ଗହମ ବିକ୍ରି ଅଭିଯୋଗ

କେନ୍ଦ୍ରାପଡ଼ାରେ ଝାଡ଼ଖଣ୍ଡ ପୁଲିସ, ଅଭିଯୁକ୍ତଙ୍କ ଘରେ ନୋଟିସ୍

କେନ୍ଦ୍ରାପଡ଼ା,୨୫।୧୦(ସମିସ): ଝାଡ଼ଖଣ୍ଡରୁ ଗହମ ବୋଝେଇ ଟ୍ରକ୍ ନେଇ ଗହମ ବିକ୍ରି କରିଦେବା ଓ ପରେ କେନ୍ଦ୍ରାପଡ଼ା ଫେରିଆସିବା ଅଭିଯୋଗରେ ଜଣେ ବ୍ୟକ୍ତିଙ୍କୁ ଖୋଜି ଖୋଜି କେନ୍ଦ୍ରାପଡ଼ାରେ ପହଞ୍ଚିଛି ଝାଡ଼ଖଣ୍ଡ ପୁଲିସ। ନିକିରାଇ ଥାନା ଅନ୍ତର୍ଗତ ପାଳକଣା ଗ୍ରାମର ଧନଞ୍ଜୟ ପାତ୍ରଙ୍କ ଘରେ ପୁଲିସ ନୋଟିସ୍ ଲଗାଇଛି। ଆସନ୍ତା ୧୫ ଦିନ ମଧ୍ୟରେ ରାଞ୍ଚି କୋର୍ଟରେ ହାଜର ହେବାକୁ ନୋଟିସ୍‌ରେ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

ଗତ ଜୁଲାଇ ମାସରେ ଝାଡ଼ଖଣ୍ଡର ରାଞ୍ଚିରୁ ଏକ ଗହମ ବୋଝେଇ ଟ୍ରକ୍‌ରୁ ସମସ୍ତ ଗହମ ବିକ୍ରି କରିଦେଇ ଧନଞ୍ଜୟ କେନ୍ଦ୍ରାପଡ଼ା ଫେରିଆସିଥିଲେ। ଏହି ଘଟଣାକୁ ନେଇ ତାଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ରାଞ୍ଚି କୋର୍ଟ ପକ୍ଷରୁ ନୋଟିସ୍ ଜାରି ହୋଇଥିବା ସୂଚନା ମିଳିଛି। ଘଟଣାର ତଦନ୍ତ ଓ ଆଇନଗତ ପ୍ରକ୍ରିୟାକୁ ଆଗକୁ ବଢ଼ାଇବା ପାଇଁ ଝାଡ଼ଖଣ୍ଡରୁ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ କେନ୍ଦ୍ରାପଡ଼ାରେ ପହଞ୍ଚିଥିଲା। ପୁଲିସ ଟିମ୍ ପାଳକଣା ଗ୍ରାମରେ ଧନଞ୍ଜୟଙ୍କ ଘରେ ନୋଟିସ୍ ଲଗାଇବା ସହ ଧାର୍ଯ୍ୟ ସମୟ ମଧ୍ୟରେ କୋର୍ଟରେ ହାଜର ହେବାକୁ ଜଣାଇଛି। ନିର୍ଦ୍ଧାରିତ ସମୟରେ ହାଜର ନ ହେଲେ ତାଙ୍କ ବିରୋଧରେ ପରବର୍ତ୍ତୀ ଆଇନଗତ ପଦକ୍ଷେପ ନିଆଯିବ ବୋଲି ପୁଲିସ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ରାଞ୍ଚିର ସହକାରୀ ଉପନିରୀକ୍ଷକ ବସନ୍ତ ରାମ ସୂଚନା ଦେଇଛନ୍ତି। ଏହି ଘଟଣାରେ ଗହମର ପରିମାଣ, ଏହାର ମୂଲ୍ୟ ଓ ମାମଲାର ଅନ୍ୟାନ୍ୟ ବିବରଣୀ ସମ୍ପର୍କରେ ସ୍ପଷ୍ଟ ସୂଚନା ମିଳିନାହିଁ। ଅଭିଯୋଗର ସତ୍ୟତା ଓ ମାମଲାର ପରବର୍ତ୍ତୀ ଗତିବିଧି ଏବେ ତଦନ୍ତ ଓ ନ୍ୟାୟିକ ପ୍ରକ୍ରିୟା ଉପରେ ନିର୍ଭର କରୁଛି।

ବାୟୁସେନା ପ୍ରଦର୍ଶନୀରେ ଓଡ଼ିଆ ପୁଅ

ଦକ୍ଷତାର ପରିଚୟ ଦେଲେ ମହାକାଳପଡ଼ାର ବାପି ମିଶ୍ର

ମହାକାଳପଡ଼ା,୨୫।୧୦(ସମିସ): ଭାରତୀୟ ବାୟୁସେନାର ବାୟୁ ପ୍ରଦର୍ଶନୀରେ ନିଜର ବୈଷୟିକ ଦକ୍ଷତା ପ୍ରଦର୍ଶନ କରି ଓଡ଼ିଶା ତଥା ମହାକାଳପଡ଼ା ଅଞ୍ଚଳ ପାଇଁ ଗୌରବ ଆଣିଛନ୍ତି ଜଣେ ଓଡ଼ିଆ ପୁଅ। ସେ ହେଉଛନ୍ତି କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ଅଳାଇଲୋ ପଞ୍ଚାୟତ ବବରପୁର ଗ୍ରାମର ପ୍ରଭୁପାଦ ମିଶ୍ର ଓରଫ ବାପି। ବାୟୁସେନାର ୯୪ତମ ପ୍ରତିଷ୍ଠା ଦିବସ ଅବସରରେ ବାରାଣାସୀସ୍ଥ ନମୋ ଘାଟ ନିକଟରେ ଗଙ୍ଗା ନଦୀ ଉପରେ "ୱିଙ୍ଗସ୍ ଓଭର ଗଙ୍ଗାଜ୍' ନାମରେ ବାୟୁପ୍ରଦର୍ଶନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ତେଜସ୍, ରାଫେଲ, ସୁଖୋଇ, ଏଲ୍‌ସିଏଚ୍ ପ୍ରଚଣ୍ଡ, ଏମ୍‌ଆଇ-୧୭ ଓ ଆଇଏଲ୍-୭୮ ଭଳି ବିମାନ ସାମିଲ ହୋଇ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଏହି ବାୟୁ ପ୍ରଦର୍ଶନୀର ମହାଦେବ ଫର୍ମେସନରେ ସାମିଲ ଆଇଏଲ୍-୭୮ ବିମାନରେ ମାଷ୍ଟର ୱାରେଣ୍ଟ ଅଫିସର ଭାବେ କାର୍ଯ୍ୟ କରିଥିଲେ ବାପି ମିଶ୍ର। ବବରପୁର ଗ୍ରାମର ନିମାଇଁ ମିଶ୍ରଙ୍କ ପୁଅ ବାପି ୧୯୯୩ରେ ଭାରତୀୟ ବାୟୁସେନାରେ ଇଞ୍ଜିନ୍ ଫିଟର ଭାବେ ଯୋଗ ଦେଇଥିଲେ। ସେ ବାୟୁସେନାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅପରେସନରେ ନିଜର ଦକ୍ଷତା ଓ ଅଭିଜ୍ଞତାର ପରିଚୟ ଦେଇଛନ୍ତି। ତାଙ୍କର ଏହି ଅବଦାନ ଓ ସଫଳତା ପାଇଁ ମହାକାଳପଡ଼ା ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇବା ସହ ବିଭିନ୍ନ ମହଲରୁ ତାଙ୍କୁ ପ୍ରଶଂସା କରାଯାଉଛି।

ବିଜେପି ନେତ୍ରୀଙ୍କୁ ଥାନାଧିକାରିଣୀଙ୍କ ଦୁର୍ବ୍ୟବହାର ଅଭିଯୋଗ

ସଦର ଥାନା ଆଗରେ ମହିଳାଙ୍କ ଧାରଣା, ନିଲମ୍ବନ ଦାବି

କେନ୍ଦ୍ରାପଡ଼ା,୨୫।୧୦(ସମିସ)

ଚୋରି ବାଇକ୍ ଫେରସ୍ତକୁ ନେଇ ଆରମ୍ଭ ହୋଇଥିବା ବିବାଦ ଏବେ ଥାନା ଘେରଉ ଓ ମହିଳାଙ୍କ ଧାରଣାରେ ପରିଣତ ହୋଇଛି। କେନ୍ଦ୍ରାପଡ଼ା ସଦର ଥାନା ଅଧିକାରିଣୀ ପଦ୍ମାଳୟା ପ୍ରଧାନଙ୍କ ବିରୋଧରେ ବିଜେପି ନେତ୍ରୀଙ୍କ ସମେତ ମହିଳାଙ୍କୁ ଦୁର୍ବ୍ୟବହାର କରିଥିବା ସଙ୍ଗିନ ଅଭିଯୋଗ ଉଠିଛି। ଏହାର ପ୍ରତିବାଦରେ ଶନିବାର ସନ୍ଧ୍ୟାରେ ଶତାଧିକ ମହିଳା ଓ ବିଜେପି କର୍ମୀ ସଦର ଥାନା ସମ୍ମୁଖରେ ଧାରଣା ଦେବା ସହ ଥାନାଧିକାରିଣୀଙ୍କ ନିଲମ୍ବନ ଦାବି କରିଛନ୍ତି। ଅନ୍ୟପକ୍ଷରେ ଥାନାଧିକାରିଣୀ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଏହାକୁ ନେଇ ଥାନା ପରିସରରେ ଉତ୍ତେଜନା ଦେଖାଦେଇଛି।

ନିକଟରେ କେନ୍ଦ୍ରାପଡ଼ା ପୁଲିସ ଏକ ବାଇକ୍ ଚୋରି ରାକେଟ୍‌ର ପର୍ଦ୍ଦାଫାସ କରିଥିଲା। ଜବତ ବାଇକ୍ ମଧ୍ୟରେ ଜଣେ ବିଜେପି ସମର୍ଥକ ଯୁବକଙ୍କ ବାଇକ୍ ଥିବା ଜଣାପଡ଼ିବା ପରେ ଏହାକୁ ଫେରସ୍ତ ନେବାକୁ ଉଦ୍ୟମ ହୋଇଥିଲା। ସମ୍ପୃକ୍ତ ଯୁବକ ଗାଡ଼ି କାଗଜପତ୍ର ଦେଖାଇ ବାଇକ୍ ଫେରସ୍ତ ପାଇଁ ସଦର ଥାନାକୁ ଯାଇଥିଲେ। ରାଜ୍ୟ ବିଜେପି ମହିଳା ମୋର୍ଚ୍ଚା ସମ୍ପାଦିକା ରାଜଲକ୍ଷ୍ମୀ ଦାସ ମଧ୍ୟ ଥାନାଧିକାରିଣୀଙ୍କ ସହ ଫୋନ୍‌ରେ କଥା ହୋଇଥିବା ଜଣାପଡ଼ିଛି। ଏ ସମୟରେ ତାଙ୍କୁ ଗାଳିଗୁଲଜ କରାଯିବା ସହ ଅସୌଜନ୍ୟମୂଳକ ବ୍ୟବହାର କରାଯାଇଥିବା ସେ ଅଭିଯୋଗ କରିଛନ୍ତି। ପରେ ରାଜଲକ୍ଷ୍ମୀଙ୍କଠାରୁ ଘଟଣା ସମ୍ପର୍କରେ ସୂଚନା ପାଇ ବିଜେପି ନେତ୍ରୀ ଗୀତାଞ୍ଜଳି ସେଠୀ ସଦର ଥାନାରେ ପହଞ୍ଚିଥିଲେ। ସେ ଥାନାଧିକାରିଣୀଙ୍କୁ ଘଟଣା ସମ୍ପର୍କରେ ପଚାରିବା ସହ ବାଇକ୍ ଫେରସ୍ତ ପ୍ରକ୍ରିୟା ବିଷୟରେ ବୁଝିବାକୁ ଚେଷ୍ଟା କରିଥିଲେ। ତାଙ୍କୁ ମଧ୍ୟ ଉଚିତ ସମ୍ମାନ ଦିଆଯାଇନଥିବା ଗୀତାଞ୍ଜଳି ଅଭିଯୋଗ କରିଛନ୍ତି। ଏହି ଘଟଣା ପ୍ରଚାରିତ ହେବା ପରେ ବିଜେପି ନେତ୍ରୀଙ୍କ ନେତୃତ୍ୱରେ ବହୁ ସଂଖ୍ୟକ ମହିଳା ଓ ଦଳୀୟ କର୍ମୀ ସଦର ଥାନା ସମ୍ମୁଖରେ ଏକତ୍ରିତ ହୋଇଥିଲେ। ସେମାନେ ଥାନାଧିକାରିଣୀଙ୍କ ବ୍ୟବହାରକୁ ବିରୋଧ କରି ଧାରଣାରେ ବସିଥିଲେ। ଆନ୍ଦୋଳନକାରୀ ଥାନାଧିକାରିଣୀଙ୍କୁ ତୁରନ୍ତ ନିଲମ୍ବନ କିମ୍ବା ପଦରୁ ହଟାଇବାକୁ ଦାବି କରିଛନ୍ତି। ଥାନାଧିକାରିଣୀ ପଦ୍ମାଳୟା ପ୍ରଧାନ ତାଙ୍କ ବିରୋଧରେ ଆସିଥିବା ଦୁର୍ବ୍ୟବହାର ଅଭିଯୋଗକୁ ଖଣ୍ଡନ କରିଛନ୍ତି। ଚୋରି ବାଇକ୍ ଜବତ ହେବା ପରେ ତାହାର ମାଲିକାନା ଓ ଅନ୍ୟାନ୍ୟ କାଗଜପତ୍ର ଯାଞ୍ଚ କରିବାକୁ ପଡ଼ିଥାଏ। ସମସ୍ତ ଯାଞ୍ଚ ପ୍ରକ୍ରିୟା ଶେଷ ହେବା ପରେ ନିୟମ ଅନୁଯାୟୀ ଗାଡ଼ି ମାଲିକଙ୍କୁ ବାଇକ୍ ହସ୍ତାନ୍ତର କରାଯାଏ। ଏହି ପ୍ରକ୍ରିୟା ଯୋଗୁଁ ବାଇକ୍ ଫେରସ୍ତରେ ବିଳମ୍ବ ହୋଇଥିଲା ବୋଲି ସେ ସ୍ପଷ୍ଟ କରିଛନ୍ତି। ରାଜଲକ୍ଷ୍ମୀ ଦାସ କିମ୍ବା ଗୀତାଞ୍ଜଳି ସେଠୀଙ୍କୁ ସେ ଦୁର୍ବ୍ୟବହାର କରିନଥିବା ମଧ୍ୟ କହିଛନ୍ତି। ଘଟଣାସ୍ଥଳରେ ବରିଷ୍ଠ ପୁଲିସ ଅଧିକାରୀ ପହଞ୍ଚି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବାକୁ ଉଦ୍ୟମ କରିଥିବା ଜଣାପଡ଼ିଛି। ତବେ ଅଭିଯୋଗ ଓ ପ୍ରତିଅଭିଯୋଗ ମଧ୍ୟରେ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି।

ବାଇକ୍ ଫେରସ୍ତକୁ ନେଇ ବିବାଦ; ଅଭିଯୋଗକୁ ଖଣ୍ଡନ କଲେ ଆଇଆଇସି

ସକାଳ
THE SAKALA

ସମ୍ପାଦକୀୟ

ସର୍ବଦା ଆହ୍ୱାନକୁ ଗ୍ରହଣ କର। ସଫଳ ହେଲେ ତୁମେ ନେତୃତ୍ୱ ନେବ ଏବଂ ବିଫଳ ହେଲେ ପଥପ୍ରଦର୍ଶକ ଭୂମିକା ନିର୍ବାହ କରିପାରିବ।
-ସ୍ୱାମୀ ବିବେକାନନ୍ଦ

ଆନ୍ଧ୍ରର ଚୀନ୍‌ଗିରି

ଅରୁଣାଚଳପ୍ରଦେଶ ଉପରେ ଚୀନ୍ ଆଧିପତ୍ୟ ବିସ୍ତାର କରିବା ପାଇଁ ଯେଭଳି ଅବିରତ ଉଦ୍ୟମ ଜାରି ରଖିଛି, ଆନ୍ଧ୍ରପ୍ରଦେଶର ସେହିଭଳି ଆଭିମୁଖ୍ୟ ଓଡ଼ିଶାର କୋଟିଆ ଗ୍ରାମପୁଞ୍ଜରେ ଦୀର୍ଘବର୍ଷ ଧରି ଜାରି ରହିଛି। ଏବେ ଆନ୍ଧ୍ରପ୍ରଦେଶ ପକ୍ଷରୁ କୋଟିଆର କେତେକ ଗ୍ରାମରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରାଯିବା ପରେ ପୁଣି ଥରେ ବିବାଦ ତୀବ୍ର ହୋଇଛି। ନ୍ୟାୟିକ ଦୃଷ୍ଟିରୁ ଯାହା ଠିକ୍ ନୁହେଁ, ତାହାକୁ ରାଜନୈତିକ ପ୍ରଭାବ ଓ ଶକ୍ତି ପ୍ରୟୋଗ କରି ଠିକ୍ କରିହେବ ନାହିଁ। କୋଟିଆ ଗ୍ରାମପୁଞ୍ଜି ବିବାଦରେ ଆନ୍ଧ୍ରପ୍ରଦେଶ ବୋଧହୁଏ ଏହି ମୌଳିକ ବିଷୟଟିକୁ ପାସୋରି ଯାଉଛି।

ଦୀର୍ଘ ୭୦ ବର୍ଷରୁ ଊର୍ଦ୍ଧ୍ୱକାଳ ହେବ ଓଡ଼ିଶା ଓ ଆନ୍ଧ୍ରପ୍ରଦେଶ ମଧ୍ୟରେ ସୀମାନ୍ତର ୨୮ କୋଟିଆ ଗ୍ରାମ ମଧ୍ୟରୁ ୨୧ଟିକୁ ନେଇ ବିବାଦ ରହିଛି। ୧୯୬୮ ମସିହାରୁ ଏହି ବିବାଦ ଆଇନଗତ ପରିସରକୁ ଯାଇଥିଲେ ମଧ୍ୟ ଆଜିପର୍ଯ୍ୟନ୍ତ ସ୍ଥାୟୀ ସମାଧାନ ହୋଇପାରିନାହିଁ। ୨୦୦୬ ମସିହାରେ ସର୍ବୋଚ୍ଚ ନ୍ୟାୟାଳୟ ଉଭୟ ରାଜ୍ୟକୁ ସ୍ଥିତାବସ୍ଥା ବଜାୟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ୨୦୨୨ ମସିହାରେ ଓଡ଼ିଶା ପୁନର୍ବାର ଏହି ପ୍ରସଙ୍ଗରେ ଆଇନଗତ ପଦକ୍ଷେପ ନେଇଥିଲା। ତଥାପି ବିବାଦର ଅନ୍ତ ଘଟିନାହିଁ। ମାମଲାଟି ଏବେ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରଧୀନ ଅଛି ଏବଂ ଓଡ଼ିଶା ସପକ୍ଷରେ ସ୍ଥିତାବସ୍ଥା ରହିଛି। ଏଭଳି ପରିସ୍ଥିତିରେ ଆନ୍ଧ୍ରପ୍ରଦେଶ ପୁଣି ଥରେ ସେଠାରେ ପଞ୍ଚାୟତ ନିର୍ବାଚନ ପାଇଁ ବିଜ୍ଞପ୍ତି ଜାରି କରିବା ଆପତ୍ତିଜନକ ନିଷ୍ପତ୍ତି।

ପ୍ରାୟତଃ କୋଟିଆରେ ଆନ୍ଧ୍ରପ୍ରଦେଶ ସରକାରୀ କର୍ମଚାରୀ, ରାଜନେତା ଏବଂ ମନ୍ତ୍ରିପରିଷଦର ସଦସ୍ୟମାନେ ଜବରଦସ୍ତ ପ୍ରବେଶ କରି ଅନଧିକାର ଘୋଷଣା ଓ ସରକାରୀ କାର୍ଯ୍ୟକ୍ରମମାନ କରୁଥିବା ଦେଖାଯାଉଛି। ଅଦାଲତ ରହିତାଦେଶ ଜାରିଥିବା ଏକ ଅଞ୍ଚଳ ଉପରେ ବାରମ୍ବାର ଅନୁପ୍ରବେଶ କରି ଏଭଳି କାର୍ଯ୍ୟ କରିବା ଆଇନତଃ ଗର୍ହିତ ହୋଇଥିବା ସତ୍ତ୍ୱେ ଆନ୍ଧ୍ର ସରକାର ଏହାକୁ ଭ୍ରୂକ୍ଷେପ ନ କରିବା ଗୁରୁତର ଅଦାଲତ ଅବମାନନା ଏବଂ ସ୍ୱାଧୀନ ଭାରତର ବିଡ଼ମ୍ବନା। ତେଣୁ ଓଡ଼ିଶା ସରକାର ପୁଣି ଥରେ ସର୍ବୋଚ୍ଚ ନ୍ୟାୟାଳୟରେ ଅଦାଲତ ଅବମାନନା ଆବେଦନ ଦାଖଲ କରିବା ସହ ସର୍ବଦଳୀୟ ଆଲୋଚନା ମାଧ୍ୟମରେ ଆଗାମୀ ପଦକ୍ଷେପ ନିର୍ଦ୍ଧାରଣ କରିବାର ପ୍ରୟାସ କରିଛନ୍ତି।

ସଂପୃକ୍ତ ବିବାଦୀୟ ଗ୍ରାମପୁଞ୍ଜର ଲୋକମାନେ କିଛି ରାଜନୈତିକ ଦଲାଲଙ୍କ ପ୍ରରୋଚନାରେ ପଡ଼ି ଦୁଇପଟରୁ ଲାଭ ଉଠାଉଛନ୍ତି ଏବଂ ଏହି ପ୍ରକ୍ରିୟାରେ ସେମାନଙ୍କର ଭାଷା, ଜାତି ଓ ରାଜ୍ୟପ୍ରେମ ଗୌଣ ହୋଇଯାଉଥିବା ଅଭିଯୋଗ ହେଉଛି। ସ୍ୱାର୍ଥ ଅଧିକାର ପାଇଲେ ସ୍ୱାଭିମାନ ନଷ୍ଟ ହୋଇଯାଏ। ତେଣୁ ପ୍ରଥମେ ସେହି ରାଜନୈତିକ ଦଲାଲ ଓ ଫାଇଦା ଉଠାଉଥିବା ଗୋଷ୍ଠୀଙ୍କୁ ଠାବ କରିବା ଆବଶ୍ୟକ। ବିଗତ ୨୦ ବର୍ଷ ମଧ୍ୟରେ କୋଟିଆରେ ଅନେକ ଆଖିଦୃଶିଆ ବିକାଶମୂଳକ କାର୍ଯ୍ୟ ହୋଇଛି। ତଥାପି ଆନ୍ଧ୍ର ସରକାର ସେଠାରେ ଯେଉଁ ପ୍ରତିଯୋଗିତାମୂଳକ ଜନମଙ୍ଗଳକାରୀ କାର୍ଯ୍ୟକ୍ରମ ଉଦ୍ଦେଶ୍ୟମୂଳକ ଭାବେ ଚଳାଇଛନ୍ତି, ତାହା ମନ୍ଦ ଉଦ୍ଦେଶ୍ୟ ପ୍ରଣୋଦିତ ଏବଂ ଓଡ଼ିଶାରେ ଅସ୍ଥିରତା ସୃଷ୍ଟି ପାଇଁ ଉଦ୍ଦିଷ୍ଟ।

କୋଟିଆ ବିବାଦ କେବଳ ଦୁଇରାଜ୍ୟ ମଧ୍ୟରେ ଏକ ସୀମା ବିବାଦ ନୁହେଁ; ଏହା ଓଡ଼ିଶାର ଭୌଗୋଳିକ ଅଖଣ୍ଡତା, ଆଦିବାସୀଙ୍କ ଅଧିକାର, ଆଞ୍ଚଳିକ ଅସ୍ମିତା ଓ ପ୍ରଶାସନିକ ଦକ୍ଷତା ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। କିନ୍ତୁ ଦୁର୍ଭାଗ୍ୟଜନକ ହେଲା, ଆମ କେନ୍ଦ୍ର ସରକାର ଏହି ପ୍ରସଙ୍ଗରେ ନିଦା ବିଷ୍ଣୁ ସାଜିଛନ୍ତି। ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ବହୁଦିନର ଜଟିଳ ସୀମା ବିବାଦ ସବୁକୁ ସମାଧାନ କରିବାରେ କେନ୍ଦ୍ର ସରକାର ଯେଭଳି ତତ୍ପରତା ପ୍ରକାଶ କରୁଛନ୍ତି, କୋଟିଆରେ ତାହା ଦେଖିବାକୁ ମିଳୁନାହିଁ। ଏହି ପ୍ରସଙ୍ଗରେ ରାଜନୈତିକ ସମାଧାନ ନ୍ୟାୟିକ ନିଷ୍ପତ୍ତିଠାରୁ ଅଧିକ ଗୁରୁତ୍ୱ ବହନ କରେ। ଗତ ସରକାର ଅମଳରେ ଓଡ଼ିଶା ବାରମ୍ବାର ଏ କଥା କେନ୍ଦ୍ରର ଦୃଷ୍ଟିକୁ ଆଣିଥିଲା, ସଂଘୀୟ ମଞ୍ଚରେ ଉପସ୍ଥାପନ କରିଥିଲା; କିନ୍ତୁ କିଛି ଫଳ ହୋଇନାହିଁ। ଏହା ସୂଚାଉଛି ଯେ କେନ୍ଦ୍ର ସରକାର ସୀମା ପ୍ରସଙ୍ଗରେ ଓଡ଼ିଶା ପାଇଁ ଦୋହରା ମାନଦଣ୍ଡ ପ୍ରୟୋଗ କରୁଛନ୍ତି।

ସର୍ବୋପରି ରାଜ୍ୟର ସୀମାକୁ ନେଇ ଦୁଇ ସରକାରଙ୍କ ମଧ୍ୟରେ ଟଣାଓଟରା ଚାଲିଥିବା ବେଳେ ସ୍ଥାନୀୟ ଆଦିବାସୀଙ୍କୁ କେବଳ ସୀମା ବିବାଦର ଏକ ଅଂଶ ହୋଇ ରହିଯାଉଛନ୍ତି। ସେମାନଙ୍କର ଭାଷା, ସଂସ୍କୃତି, ପାରମ୍ପରିକ ଜୀବନଶୈଳୀ, ଜମି ଓ ଜଙ୍ଗଲ ଉପରେ ଥିବା ଅଧିକାର କ୍ଷୁଣ୍ଣ ହେବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ସରକାରୀ ଯୋଜନାର ଲାଭ ପାଇବା ପାଇଁ ସେମାନେ ଯେପରି ଦ୍ୱନ୍ଦ୍ୱରେ ନ ପଡ଼ନ୍ତି, ସେଥିପାଇଁ ଏକ ସ୍ୱଚ୍ଛ ଓ ସମନ୍ୱିତ ବ୍ୟବସ୍ଥା ଖୁବ୍‌ଶୀଘ୍ର ଓଡ଼ିଶା ସରକାର ପ୍ରସ୍ତୁତ କରିବା ନିତାନ୍ତ ଆବଶ୍ୟକ। ଆଉ ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା କୋଟିଆ ପ୍ରସଙ୍ଗ ପ୍ରାୟତଃ ନିର୍ବାଚନ ସମୟରେ ରାଜନୈତିକ ଚର୍ଚ୍ଚା ଜୋର ଧରୁଛି। ବିଭିନ୍ନ ରାଜନୈତିକ ଦଳ ପରସ୍ପରକୁ ଦୋଷାରୋପ କରିଆସୁଛନ୍ତି। ନିର୍ବାଚନ ପରେ ଏହି ପ୍ରସଙ୍ଗ ଗୌଣ ହୋଇଯାଉଛି। ଏହାଦ୍ୱାରା ସମସ୍ୟାର ସ୍ଥାୟୀ ସମାଧାନ ହେଉ ନାହିଁ କି ହେବ ନାହିଁ। ତେଣୁ ସରକାର ଓ ବିରୋଧୀ ଦଳ ନିଜ ନିଜ ରାଜନୈତିକ ସ୍ୱାର୍ଥଠାରୁ ଊର୍ଦ୍ଧ୍ୱକୁ ଉଠି ମତୈକ୍ୟ ଭିତ୍ତିରେ ଦୀର୍ଘମିଆଦୀ ଓ ପ୍ରଭାବଶାଳୀ ଯୋଜନା ପ୍ରଣୟନ କରିବା ଆବଶ୍ୟକ। ଓଡ଼ିଶାର ଭୌଗୋଳିକ ଅଖଣ୍ଡତାର ସୁରକ୍ଷା ପାଇଁ କୋଟିଆ ବିବାଦର ସମାଧାନ ନିତାନ୍ତ ଜରୁରୀ। ତେବେ ଏହାର ସଫଳତା ନିର୍ଭର କରେ ଆଇନଗତ ଦୃଢ଼ତା, ପ୍ରଶାସନିକ ସତର୍କତା ଓ ନିରନ୍ତର କାର୍ଯ୍ୟାନୁଷ୍ଠାନ ଉପରେ। ସର୍ବୋପରି ରାଜନୈତିକ ମେଣ୍ଟ କିମ୍ବା ଦଳୀୟ ସମ୍ପର୍କ ଯେପରି ଓଡ଼ିଶାର ଆଇନଗତ ଦାବିକୁ ପ୍ରଭାବିତ ନ କରେ, ସେଥିପ୍ରତି ସରକାର ସଚେତନ ରହିବା ଦରକାର। ଆନ୍ଧ୍ରର ଚୀନ୍‌ଗିରିକୁ ପ୍ରତିହତ କରିବାକୁ ହେଲେ ଓଡ଼ିଶାରେ ରାଜନୈତିକ ଏକତା ଅପରିହାର୍ଯ୍ୟ।

ଗଣତନ୍ତ୍ରରେ ମହିଳାଙ୍କ ଉତ୍ତରଣ

ମାନସ କୁମାର କର

ସମୟ ଥିଲା ଆମ ସମାଜରେ ଏକ ଧାରଣା ସୃଷ୍ଟି ହୋଇଥିଲା ଯେ ଦେଶ ଶାସନ କରିବା ପୁରୁଷମାନଙ୍କର ହିଁ କାମ। ପିତା, ସ୍ୱାମୀ କିମ୍ବା ପରିବାରର ବୟୋଜ୍ୟେଷ୍ଠ ସଦସ୍ୟ ଯେଉଁ ନିର୍ବାଚନୀ ଚିହ୍ନରେ ମୋହର ମାରିବାକୁ ନିର୍ଦ୍ଦେଶ ଦେଉଥିଲେ, ପରିବାରର ମହିଳାମାନଙ୍କ ଭୋଟ ପ୍ରାୟତଃ ନିରବରେ ସେହି ଦିଗକୁ ଚାଲିଯାଉଥିଲା। ଯଦିଓ ଗଣତନ୍ତ୍ରର ନିକିତିରେ ମହିଳାଙ୍କ ଭୋଟର ମୂଲ୍ୟ ପୁରୁଷଙ୍କ ଭୋଟ ସହିତ ସମାନ ଥିଲା, ତଥାପି ସେମାନଙ୍କ ନିଜସ୍ୱ ରାଜନୈତିକ ମତାମତର ଅବଧି ଭୋଟଦାନରେ ହିଁ ଶେଷ ହୋଇଯାଉଥିଲା।

ଏବେ ସମୟ ବଦଳିଛି। ସମାଜ ଆଜି ନିଜର ଦୃଷ୍ଟିଭଙ୍ଗୀକୁ ପୁନଃପରୀକ୍ଷା କରିବାକୁ ବାଧ୍ୟ ହେଉଛି। ଘରର ଚାରିକୋଣ ଭିତରେ ଆବଦ୍ଧ ମହିଳାମାନେ ଆଜି ପ୍ରତିବାଦର ଶୋଭାଯାତ୍ରାରେ ପୁରୁଷଙ୍କ ସହ କାନ୍ଧକୁ କାନ୍ଧ ମିଶାଇ ଚାଲୁଛନ୍ତି। ସେମାନେ ବ୍ୟାରିକେଡ୍ ଡେଉଁଛନ୍ତି, ପୁଲିସ ଗାଡ଼ି ସମ୍ମୁଖରେ ନିର୍ଭୀକ ଭାବରେ ଠିଆ ହେଉଛନ୍ତି। ମହିଳାଙ୍କ ଭୂମିକା କେବଳ ନିର୍ବାଚନ ଦିନ ମାଗଣା ରାସନ କିମ୍ବା ରନ୍ଧନ ଗ୍ୟାସ ସିଲିଣ୍ଡରର ହିସାବ ରଖିବାରେ ଆଉ ସୀମିତ ନାହିଁ। ପ୍ରତିବାଦର ରାସ୍ତାରେ ଚାଲୁଚାଲୁ ସେମାନେ ଜାତୀୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟି ଯାଇଛନ୍ତି।

ଏହି ପରିବର୍ତ୍ତନ କେବଳ ଗୋଟିଏ ଦିନରେ ଆସିନାହିଁ। ଗତ କିଛି ବର୍ଷ ଧରି ଏହା ଧୀରେ ଧୀରେ ରୂପ ନେଇଛି। ୨୦୨୪ ସାଧାରଣ ନିର୍ବାଚନ ଏହି ପରିବର୍ତ୍ତନର ଏକ ଆକର୍ଷଣୀୟ ଚିତ୍ର ଉପସ୍ଥାପନ କରିଥିଲା। ମହିଳାମାନଙ୍କୁ ସରକାରୀ ଯୋଜନାର ଲାଭାର୍ଥୀ କରି ସେମାନଙ୍କ ସମର୍ଥନ ହାସଲ କରିବାର ପ୍ରତିଯୋଗିତା ଜୋର ଧରିଥିଲା। ଉଜ୍ଜ୍ୱଳା ଯୋଜନାଠାରୁ ଆରମ୍ଭ କରି ସୁଭଦ୍ରା ଯୋଜନାର ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତରଣ (ଡିବିଟି) ଯୋଜନା ମାଧ୍ୟମରେ ମହିଳା ଭୋଟରଙ୍କୁ ନିଜ ପକ୍ଷକୁ ଆଣିବାର ଉଦ୍ୟମ ହୋଇଥିଲା। କିନ୍ତୁ ନିର୍ବାଚନ ପରବର୍ତ୍ତୀ ଲୋକନୀତି (ସିଏସଡିଏସ) ସର୍ବେକ୍ଷଣ ରାଜନୈତିକ ଦଳଗୁଡ଼ିକର ଏହି ଧାରଣାକୁ ବଦଳାଇ ଦେଇଥିଲା। ବିଜେପିକୁ ୩୭ ପ୍ରତିଶତ ପୁରୁଷ ଓ ୩୬ ପ୍ରତିଶତ ମହିଳା ଭୋଟ ଦେଇଥିଲେ। ଏହା ସ୍ପଷ୍ଟ କରିଦେଇଥିଲା ଯେ ଜନକଲ୍ୟାଣକାରୀ ଯୋଜନାର ସୁବିଧା ପାଇଲେ ମଧ୍ୟ ମହିଳାଙ୍କ ଭୋଟ କୌଣସି ରାଜନୈତିକ ଦଳର ସ୍ଥାୟୀ ସମ୍ପତ୍ତି ହୋଇଯାଏ ନାହିଁ। ସେମାନେ ନିଜର ବିବେକ, ଅନୁଭବ ଓ ରାଜନୈତିକ ବିଚାର ଅନୁସାରେ ନିଷ୍ପତ୍ତି ନେଇପାରନ୍ତି। ନିର୍ବାଚନ ଆୟୋଗଙ୍କ ତଥ୍ୟ ଅନୁଯାୟୀ, ୨୦୨୪ ସାଧାରଣ ନିର୍ବାଚନରେ ମହିଳାଙ୍କ ମତଦାନ ହାର ୬୫.୭୮ ପ୍ରତିଶତ ଥିବା ବେଳେ ପୁରୁଷଙ୍କ ମତଦାନ ହାର ଥିଲା ୬୫.୫୫ ପ୍ରତିଶତ। ୨୦୧୯ ନିର୍ବାଚନରେ ମହିଳାଙ୍କ ମତଦାନ ହାର ୬୭.୧୮ ପ୍ରତିଶତ ଥିବାବେଳେ ପୁରୁଷଙ୍କ ହାର ଥିଲା ୬୭.୦୧ ପ୍ରତିଶତ। ଏହି ତଥ୍ୟ ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ବଢ଼ୁଥିବା ରାଜନୈତିକ ଅଂଶଗ୍ରହଣର ଏକ ଦୀର୍ଘକାଳୀନ ପରିବର୍ତ୍ତନକୁ ସୂଚିତ କରୁଛି।

ଏବେ ଏହାର ଅନ୍ୟ ଏକ ବିରୋଧାଭାସକୁ ଦେଖିବା। ଭୋଟ ପ୍ରସଙ୍ଗ ଆସିଲେ ନିର୍ବାଚନ ଆୟୋଗଙ୍କଠାରୁ ଆରମ୍ଭ କରି ସମସ୍ତ ରାଜନୈତିକ ଦଳ ମହିଳାଙ୍କୁ ସଚେତନ ନାଗରିକ ଭାବରେ ସମ୍ମାନ ଦେବାରେ କୌଣସି ଅବହେଳା କରନ୍ତି ନାହିଁ। କିନ୍ତୁ ସେହି ମହିଳା ଯେତେବେଳେ ନିଜର ସମସ୍ୟା ଓ ଅଧିକାରକୁ ନେଇ ରାସ୍ତାକୁ ଓହ୍ଲାନ୍ତି, ସେତେବେଳେ ପୁରୁଷତାନ୍ତ୍ରିକ ମାନସିକତାର ଦୃଷ୍ଟିଭଙ୍ଗୀ ବଦଳିଯାଏ। ସେ ଆଉ ବିବେକସମ୍ପନ୍ନ ନାଗରିକ ହୋଇ ରୁହନ୍ତି ନାହିଁ; ବରଂ କାହାର ପ୍ରରୋଚନାରେ ପଡ଼ିଥିବା, ଭ୍ରମିତ କିମ୍ବା ଅପରିପକ୍ୱ ମହିଳା ଭାବରେ ଚିତ୍ରିତ ହୁଅନ୍ତି। ଏହି ଦ୍ୱିମୁଖୀ ମାନଦଣ୍ଡ କାହିଁକି? ମତ ପ୍ରକାଶ କରିବାର ଅଧିକାର କେବଳ ମତଦାନ କେନ୍ଦ୍ରରେ ସୀମିତ ନୁହେଁ; ଶାସନ ବ୍ୟବସ୍ଥାକୁ ପ୍ରଶ୍ନ କରିବା ଏବଂ ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରିବା ମଧ୍ୟ ଗଣତାନ୍ତ୍ରିକ ଅଧିକାରର ଅବିଚ୍ଛେଦ୍ୟ ଅଂଶ।

ନାଗରିକ ଅଧିକାର ସମ୍ପର୍କିତ ପ୍ରତିବାଦ ଓ ଛାତ୍ର ଆନ୍ଦୋଳନଗୁଡ଼ିକରେ ଏହି ପରିବର୍ତ୍ତିତ ଚେତନାର ନୂଆ ଚିତ୍ର ଆଜି ଦେଖିବାକୁ ମିଳୁଛି। ଶିକ୍ଷା ବ୍ୟବସ୍ଥାର ତ୍ରୁଟିଠାରୁ ଆରମ୍ଭ କରି ଭୋଟର ତାଲିକାରେ ଅନିୟମିତତା ପର୍ଯ୍ୟନ୍ତ ବିଭିନ୍ନ ପ୍ରସଙ୍ଗରେ ମହିଳାମାନେ ଆନ୍ଦୋଳନର ପ୍ରଥମ ଧାଡ଼ିରେ ରହୁଛନ୍ତି। 'ଅଲ୍ ଇଣ୍ଡିଆ ଷ୍ଟୁଡେଣ୍ଟସ୍ ଆସୋସିଏସନ୍ (ଏଆଇଏସଏ)'ର ଜାତୀୟ ସଭାପତି ନେହା ବୋରାଙ୍କ ଉଦାହରଣ ନିଆଯାଇପାରେ। ଅକ୍ଟୋବର ମାସରେ ଭୋଟର ତାଲିକା ସମ୍ପର୍କିତ ପ୍ରତିବାଦ ସମୟରେ ଆନ୍ଦୋଳନର ଏକ ପ୍ରମୁଖ ଚେହେରା ଭାବରେ ସେ ଉଭା ହୋଇଥିଲେ। ସାମାଜିକ ଗଣମାଧ୍ୟମରେ ତାଙ୍କୁ (ଜାତୀୟ କ୍ରଶ୍) 'ଜାତୀୟ ଆକର୍ଷଣ' ବୋଲି ଅଭିହିତ କରାଗଲା। ପୂର୍ବରୁ ଏହିପରି ଉପାଧି ପ୍ରାୟତଃ କୌଣସି ଚଳଚ୍ଚିତ୍ର ନାୟିକାଙ୍କ ଚଳଚ୍ଚିତ୍ର ଜଗତରେ ପ୍ରବେଶ ସମୟରେ ଦିଆଯାଉଥିଲା। ମୁମ୍ବାଇରେ ରିୟା ଅହିରଙ୍କ ପୁଲିସ ଭ୍ୟାନ ସମ୍ମୁଖରେ ଠିଆ ହେବାର ଦୃଶ୍ୟ ମଧ୍ୟ ଏକ ସ୍ମରଣୀୟ ଚିତ୍ର ହୋଇ ରହିଛି। ରାସ୍ତା ଉପରେ ଜଣେ ମହିଳା, ସାମ୍ନାରେ ପୁଲିସ ଗାଡ଼ି ଏବଂ ପଛରେ ଛାତ୍ରଛାତ୍ରୀଙ୍କ ଭିଡ଼। ସେହି ଦୃଶ୍ୟରେ ନଥିଲା କୌଣସି ଚଳଚ୍ଚିତ୍ରର ସଂଳାପ କିମ୍ବା ପୃଷ୍ଠଭୂମି ସଙ୍ଗୀତ। ତଥାପି ସେହି ଭିଡିଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ଚର୍ଚ୍ଚା ସୃଷ୍ଟି କରିଥିଲା। କିନ୍ତୁ ଭିଡିଓଟି ଲୋକପ୍ରିୟ ହେବାମାତ୍ରେ ଆମ ସମାଜର ଏକ ଅଂଶ ତାଙ୍କ ସାହସକୁ ପ୍ରଶଂସା କରିବା ପରିବର୍ତ୍ତେ ତାଙ୍କର ମଡେଲ ପରିଚୟ, ପୋଷାକ ଓ ବ୍ୟକ୍ତିଗତ ଜୀବନକୁ ନେଇ ଅନୁସନ୍ଧାନ ଆରମ୍ଭ କରିଦେଲେ।

ଏହା ଆମ ସାମାଜିକ ମାନସିକତାର ଏକ ତିକ୍ତ ବାସ୍ତବତାକୁ ପଦାରେ ପକାଏ। ପ୍ରତିବାଦ କରୁଥିବା ମହିଳାଙ୍କୁ ନେଇ ସମାଜର ଯେତିକି ଅସହଜତା ନଥାଏ, ତା'ଠାରୁ ଅଧିକ ଅସହଜତା ଥାଏ ତାଙ୍କର ସ୍ୱାଧୀନତା, ସ୍ପଷ୍ଟବାଦିତା ଓ ନିର୍ଭୀକତାକୁ ନେଇ। ଜଣେ ମହିଳାଙ୍କ ହାତରେ ଯଦି ପ୍ରତିବାଦର ପ୍ଲାକାର୍ଡ ଥାଏ, ତେବେ ଆମ ସମାଜର ଏକ ଅଂଶ ତାଙ୍କ ପ୍ରଶ୍ନର ଉତ୍ତର ଦେବା ପୂର୍ବରୁ ତାଙ୍କ ପୋଷାକର ହିସାବ ମାଗିବାକୁ ଅଧିକ ଆଗ୍ରହୀ ହୋଇଥାଏ। ମହିଳା ଜଣକ କ'ଣ କହୁଛନ୍ତି, ତା'ଠାରୁ ଅଧିକ ଗୁରୁତ୍ୱ ପାଏ ସେ କିପରି ପୋଷାକ ପିନ୍ଧିଛନ୍ତି। ଏହା କେବଳ ମହିଳାଙ୍କର ବ୍ୟକ୍ତିତ୍ୱ ପ୍ରତି ଅସମ୍ମାନ ନୁହେଁ, ବରଂ ତାଙ୍କର ମତପ୍ରକାଶର ସ୍ୱାଧୀନତାକୁ ସଂକୁଚିତ କରିବାର ଏକ ସାମାଜିକ ପ୍ରବୃତ୍ତି।

ସେହିପରି ସଂସଦରେ ପ୍ରତିନିଧିତ୍ୱର ପ୍ରଶ୍ନ ଆସିଲେ ପୁରୁଷପ୍ରଧାନ ମାନସିକତାର ସ୍ପଷ୍ଟ ପ୍ରତିଫଳନ ଦେଖିବାକୁ ମିଳେ। ଅଷ୍ଟାଦଶ ଲୋକସଭାର ୫୪୩ ଜଣ ସଦସ୍ୟଙ୍କ ମଧ୍ୟରୁ ମାତ୍ର ୭୪ ଜଣ ମହିଳା ନିର୍ବାଚିତ ହୋଇଥିଲେ। ଏହା ମୋଟ ସଦସ୍ୟଙ୍କ ପ୍ରାୟ ୧୩.୬ ପ୍ରତିଶତ। ୨୦୧୯ ମସିହାରେ ୭୮ ଜଣ ମହିଳା ସାଂସଦ ନିର୍ବାଚିତ ହୋଇଥିବା ବେଳେ ଏଥର ସେହି ସଂଖ୍ୟା ହ୍ରାସ ପାଇଛି। 'ନାରୀଶକ୍ତି ବନ୍ଦନ ଅଧିନିୟମ' ମାଧ୍ୟମରେ ମହିଳାଙ୍କ ପାଇଁ ୩୩ ପ୍ରତିଶତ ଆସନ ସଂରକ୍ଷଣର ପ୍ରତିଶ୍ରୁତି ଦିଆଯାଉଥିବା ସତ୍ତ୍ୱେ ନିର୍ବାଚନରେ ପ୍ରାର୍ଥୀ ଚୟନ ସମୟରେ ଅଧିକାଂଶ ଦଳ ମହିଳାଙ୍କୁ ଯଥେଷ୍ଟ ସୁଯୋଗ ଦେଇପାରିନାହାନ୍ତି। ଏହା ଏକ ବିଡ଼ମ୍ବନା ନୁହେଁ କି? ରାଜନୈତିକ ଦଳଗୁଡ଼ିକ ଚାହାନ୍ତି ମହିଳାମାନେ ସେମାନଙ୍କ ପାଇଁ ସ୍ଲୋଗାନ ଦିଅନ୍ତୁ, ସଭାସମିତିରେ ଯୋଗ ଦିଅନ୍ତୁ ଓ ଭୋଟ ଦିଅନ୍ତୁ। କିନ୍ତୁ ଯେତେବେଳେ ନୀତି ନିର୍ଦ୍ଧାରଣ ଓ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣର ସମୟ ଆସେ, ସେତେବେଳେ ସେମାନଙ୍କୁ ଦର୍ଶକ ଆସନରେ ନିରବରେ ବସି ରହିବାକୁ ଆଶା କରାଯାଏ। ମହିଳାଙ୍କ ଅଂଶଗ୍ରହଣକୁ ସ୍ୱାଗତ କରାଯାଉଛି ସତ, କିନ୍ତୁ ନେତୃତ୍ୱର ଅଧିକାର ଦେବାରେ ଏବେ ବି ଦ୍ୱିଧା ରହିଛି।

ରାଣୀ ଲକ୍ଷ୍ମୀବାଈଙ୍କଠାରୁ ନନ୍ଦିନୀ ଶତପଥୀ, ସରୋଜିନୀ ନାଇଡୁ, ଚିପ୍କୋ ଆନ୍ଦୋଳନଠାରୁ ଶାହିନବାଗ ପର୍ଯ୍ୟନ୍ତ ଇତିହାସର ବିଭିନ୍ନ ପର୍ଯ୍ୟାୟରେ ମହିଳାମାନେ କ୍ଷମତାକୁ ଆଖିରେ ଆଖି ମିଶାଇ ପ୍ରଶ୍ନ କରୁଛନ୍ତି, ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ କରୁଛନ୍ତି ଏବଂ ସାମାଜିକ ପରିବର୍ତ୍ତନରେ ନିଜର ଅବଦାନ ରଖୁଛନ୍ତି। ପରିବର୍ତ୍ତନ କେବଳ ଏତିକି ଯେ ଆଜିର ନୂତନ ପିଢ଼ି, ବିଶେଷକରି ଜେନ୍-ଜେଡ୍ ଯୁବପିଢ଼ିଙ୍କ ହାତରେ ସାମାଜିକ ଗଣମାଧ୍ୟମ ନାମକ ଏକ ଶକ୍ତିଶାଳୀ ମଞ୍ଚ ରହିଛି। ଏଠାରେ ବ୍ୟାରିକେଡ ଉପରେ ଠିଆ ହୋଇଥିବା ଜଣେ ମହିଳାଙ୍କ ଛବି କିଛି ମିନିଟ ମଧ୍ୟରେ ବିଶ୍ୱବ୍ୟାପୀ ଆଲୋଚନାର ବିଷୟ ହୋଇପାରୁଛି। ନେପାଳର ଜେନ-ଜେଡ୍ ଆନ୍ଦୋଳନ ହେଉ, ଇରାନର 'ନାରୀ, ଜୀବନ, ସ୍ୱାଧୀନତା' ଆନ୍ଦୋଳନ ହେଉ କିମ୍ବା ଭାରତର ଛାତ୍ର ଆନ୍ଦୋଳନ ବିଶ୍ୱର ବିଭିନ୍ନ ଦେଶର ମହିଳାମାନେ ଏବେ ଏହା ମାନିନେବାକୁ ପ୍ରସ୍ତୁତ ନୁହନ୍ତି ଯେ ଦେଶର ଭବିଷ୍ୟତ ନିର୍ଦ୍ଧାରଣ କରିବାର ଅଧିକାର କେବଳ ପୁରୁଷଙ୍କର।

ଆଜିର ମହିଳାମାନେ କୌଣସି ରାଜନୈତିକ ବିଚାରଧାରାର ସମ୍ପତ୍ତି ନୁହନ୍ତି। ବରଂ ପ୍ରକୃତ ଗଣତନ୍ତ୍ରର ସୌନ୍ଦର୍ଯ୍ୟ ଏହି ବିବିଧତା ମଧ୍ୟରେ ନିହିତ ଯେ ପ୍ରତ୍ୟେକ ମହିଳା ନିଜର ବିବେକ ଅନୁସାରେ ନିଷ୍ପତ୍ତି ନେବେ, ଯୁକ୍ତି ଓ ତଥ୍ୟ ଆଧାରରେ ନିଜର ମତ ରଖିବେ ଏବଂ ଆବଶ୍ୟକ ହେଲେ ବ୍ୟବସ୍ଥାର ନୀତି ଓ କାର୍ଯ୍ୟଧାରା ସହିତ ଅସହମତି ପ୍ରକାଶ କରିବେ। ଏହି ସ୍ୱାଧୀନତା ହିଁ ଗଣତାନ୍ତ୍ରିକ ଚେତନାର ପ୍ରକୃତ ପରିଚୟ। ତାଙ୍କର ସ୍ୱରକୁ ସମ୍ମାନ ଦେବା ହିଁ ପ୍ରକୃତ ଗଣତନ୍ତ୍ରର ସମ୍ମାନ।

କୋଡାଙ୍ଗ (କୋଣାର୍କ), ମୋ: ୭୩୮୧୩୮୨୨୧୦

ନୂତନ ପୃଥିବୀ ମାନଚିତ୍ର

ଇଂ ମାୟାଧର ସ୍ୱାଇଁ

ଗତ ସେପ୍ଟେମ୍ବର ୪ ତାରିଖରେ ମିଳିତ ଜାତିସଂଘର ସାଧାରଣ ପରିଷଦ ପୃଥିବୀର ଏକ ନୂତନ ମାନଚିତ୍ରକୁ ଗ୍ରହଣ କରିବା ପାଇଁ ଅନୁମୋଦନ କରିଛି। ଗତ ପ୍ରାୟ ୪୫୦ ବର୍ଷ ଧରି ପ୍ରଚଳିତ ହୋଇ ଆସୁଥିବା 'ମର୍କାଟର ମାନଚିତ୍ର' ଜାଗାରେ ନୂତନ ମାନଚିତ୍ର ପ୍ରଚଳିତ ହେବ। ଏହାକୁ ପୃଥିବୀର ୧୬୪ ଟି ଦେଶ ସମର୍ଥନ କରିଥିଲେ ଏବଂ ୬ଟି ଦେଶ ଭୋଟଦାନରୁ ବିରତ ରହିଥିଲେ। ବିରୋଧ କରିଥିବା ଏକମାତ୍ର ଦେଶ ହେଉଛି ଯୁକ୍ତରାଷ୍ଟ୍ର ଆମେରିକା। ଏହାର ପ୍ରତିନିଧି ନୂତନ ମାନଚିତ୍ରର ପ୍ରଚଳନକୁ ଅଦରକାରୀ ବୋଲି କହିଥିଲେ।

'ମର୍କାଟର ମାନଚିତ୍ର'କୁ ଫ୍ଲେମିଶ୍ ମାନଚିତ୍ର ପ୍ରସ୍ତୁତକର୍ତ୍ତା ଜିରାଡସ ମର୍କାଟର ୧୫୬୯ ମସିହାରେ ପ୍ରସ୍ତୁତ କରିଥିଲେ। ୨୦୨ ସେ.ମି. ଲମ୍ବ ଓ ୧୨୪ ସେ.ମି ଓସାରର ଏହି ମାନଚିତ୍ର ୧୮ଟି ପୃଥକ୍ କାଗଜରେ ଛାପା ଯାଇଥିଲା। ଏହି ମାନଚିତ୍ରରେ ସ୍ଥଳଭାଗଗୁଡ଼ିକର ଆପେକ୍ଷିକ ଆକାରରେ ବିକୃତି ଅଛି। ଏଥିରେ ଦୁଇମେରୁ ନିକଟରେ ଥିବା ସ୍ଥଳଭାଗଗୁଡ଼ିକୁ ଅପେକ୍ଷାକୃତ ଭାବେ ବଡ଼ ଆକାରରେ ଦର୍ଶାଯାଇଛି। ଉଦାହରଣ ସ୍ୱରୂପ, ଆଫ୍ରିକାର କ୍ଷେତ୍ରଫଳ ୩୦.୩୭ ନିୟୁତ ବର୍ଗ କି.ମି. ଏବଂ ଗ୍ରୀନଲାଣ୍ଡର କ୍ଷେତ୍ରଫଳ ୨.୧୭ ନିୟୁତ ବର୍ଗ କି.ମି.। ତଥାପି ମାନଚିତ୍ରରେ ଦୁଇଟିର ଆକାରକୁ ସମାନ ଦେଖାଯାଇଛି। 'ମର୍କାଟର ମାନଚିତ୍ର'ର କେତେକ ସମାଲୋଚକ କହିଥାଆନ୍ତି ଯେ ଏଥିରେ ପାଶ୍ଚାତ୍ୟ ଦେଶଗୁଡ଼ିକୁ ପ୍ରାଧାନ୍ୟ ଦେବା ପାଇଁ ସେଗୁଡ଼ିକୁ ଚାକ୍ଷୁସ ଭାବେ ଅତିରଞ୍ଜିତ କରାଯାଇଛି। ଆଫ୍ରିକାର ଆକାରକୁ ଭୁଲ ଭାବରେ ଉପସ୍ଥାପିତ କରାଯାଇଥିବାରୁ ସେଠାରେ ସ୍କୁଲ, କଲେଜ ଓ ଡିଜିଟାଲ ପ୍ଲାଟଫର୍ମରେ ଲୋକମାନେ ଅସ୍ୱସ୍ତିକର ଅନୁଭବ କରୁଥିଲେ। ଯଦିଓ ଏଥିରେ କୌଣସି ଦେଶର ନିଜର ଆକୃତି ବଦଳି ନାହିଁ, ଅନ୍ୟ ଦେଶ ତୁଳନାରେ ଏହାର ଆକାରକୁ କମ ଦର୍ଶାଯାଇଛି। ଏଣୁ ଆଫ୍ରିକୀୟ ସଂଘ ତରଫରୁ 'ଟୋଗୋ ମର୍କାଟର' ମାନଚିତ୍ର ବଦଳରେ ସମସ୍ତ ଦେଶକୁ ସମାନ ଭାବରେ ଦର୍ଶାଯାଇଥିବା ନୂତନ ମାନଚିତ୍ରକୁ ବ୍ୟବହାର କରିବା ପାଇଁ ମିଳିତ ଜାତିସଂଘରେ ଏକ ସଂକଳ୍ପ ପ୍ରସ୍ତାବ ଦେଲେ, ଯାହା ପାରିତ ହୋଇଗଲା।

ନୂତନ ମାନଚିତ୍ରରେ 'ସମାନ ପୃଥିବୀ ପ୍ରକ୍ଷେପଣ'କୁ ଗୁରୁତ୍ୱ ଦିଆଯାଇଛି, ଯାହା ପ୍ରତ୍ୟେକ ଅଞ୍ଚଳର ଆକାର ଓ ଆକୃତିକୁ ଅଧିକ ଠିକ୍ ଭାବରେ ଦର୍ଶାଯାଇଛି। 'ପ୍ରକ୍ଷେପଣ' ହେଉଛି ଗୋଟିଏ ଗାଣିତିକ ଫ୍ରେମୱାର୍କ, ଯାହା ଗ୍ଲୋବରୁ ସ୍ଥାନାଙ୍କଗୁଡ଼ିକୁ ଚଟକା କରି ଆୟତାକାର ମାନଚିତ୍ରରେ ପ୍ରକାଶ କରିଥାଏ। 'ମର୍କାଟର ମାନଚିତ୍ର'ର ଏହି ବିକୃତି ବାସ୍ତବରେ ପ୍ରତ୍ୟକ୍ଷ ଅନୁଭବରୁ ସୃଷ୍ଟି ହୋଇଛି ଏବଂ ଏହାକୁ ଠିକ୍ କରିବାର ସମୟ ଆସିଛି ବୋଲି ଆଫ୍ରିକୀୟ ଦେଶଗୁଡ଼ିକ ଦୃଢ଼ ଭାବରେ କହିଥିଲେ। ପୃଥିବୀର ସବୁଠାରୁ ନିକଟତମ ମଡେଲ ହେଉଛି ଗ୍ଲୋବ। ମାତ୍ର ମାନଚିତ୍ରରେ ବିକୃତି ଦେଖାଯିବା ସ୍ୱାଭାବିକ। କିନ୍ତୁ ଏହି ବିକୃତିକୁ ସୀମିତ ରଖିବା ଆବଶ୍ୟକ। ଏପରିକି ଫ୍ରାନ୍ସ ମଧ୍ୟ ଏହି ସଂକଳ୍ପର ସହ-ପ୍ରସ୍ତାବକ ଥିଲା ଏବଂ ଏହି ମାନଚିତ୍ରକୁ ଆଉ ବ୍ୟବହାର ନ କରିବା ପାଇଁ ଜାତିସଂଘରେ ଭୋଟ ପୂର୍ବରୁ ଘୋଷଣା କରିଥିଲା। ଜାତିସଂଘର ନୂତନ ସଂକଳ୍ପ ଯୋଗୁଁ କୌଣସି ଦେଶ ଛୋଟ କିମ୍ବା ବଡ଼ ହୋଇ ନାହିଁ ଏବଂ କୌଣସି ଦେଶର ସୀମା ବଦଳି ନାହିଁ।

'ସମାନ ପୃଥିବୀ' ମାନଚିତ୍ର ଆଫ୍ରିକାକୁ ବଢ଼ାଏ ନାହିଁ। ମାତ୍ର ଏହା ଉଚ୍ଚ-ଅକ୍ଷାଂଶରେ ଥିବା ସ୍ଥଳଭାଗଗୁଡ଼ିକର ଆକାରକୁ ଠିକ୍ ଭାବେ ଦର୍ଶାଇଥାଏ। 'ମର୍କାଟର ମାନଚିତ୍ର'ରେ ଅକ୍ଷାଂଶ ବଢ଼ିବା ସହିତ ସ୍ଥଳଭାଗର ଆକାର ବଢ଼ିଥାଏ। ଏଣୁ ତୁଳନାତ୍ମକ ଭାବେ ଆଫ୍ରିକା ଏଥିରେ ଛୋଟ ଦେଖାଯାଏ। ମିଳିତ ଜାତିସଂଘର ସଂକଳ୍ପ 'ମର୍କାଟର ମାନଚିତ୍ର'କୁ ନିଷେଧ କରିନାହିଁ। ଆଇନଗତ ଓ ସୁବିଧାଗତ ଦୃଷ୍ଟିରୁ ଏହା ନୌଯାତ୍ରା ଓ ବିମାନଯାତ୍ରା ପାଇଁ ଅଧିକ ଉପଯୁକ୍ତ। ମାତ୍ର ଅନ୍ୟ ସମସ୍ତକ୍ଷେତ୍ରରେ ନୂତନ ପୃଥିବୀ ମାନଚିତ୍ରକୁ ବ୍ୟବହାର କରିବା ପାଇଁ ଜାତିସଂଘର ସଂକଳ୍ପ ସୁପାରିସ କରିଛି। ସମସ୍ତ ସରକାର, ଅନ୍ତର୍ଜାତୀୟ ସଂଗଠନ, ସ୍କୁଲ, କଲେଜ, ପ୍ରକାଶକ, ସମ୍ବାଦ ଘର ଏବଂ ଡିଜିଟାଲ ପ୍ଲାଟଫର୍ମରେ ଏହାକୁ ବ୍ୟବହାର କରିବା ପାଇଁ ଜାତିସଂଘ ଆହ୍ୱାନ ଦେଇଛି। ବିଶେଷକରି ଯେଉଁଠାରେ ମାନଚିତ୍ରକୁ ବିଭିନ୍ନ ଅଞ୍ଚଳର ଆକାରକୁ ତୁଳନା ଉଦ୍ଦେଶ୍ୟରେ ବ୍ୟବହାର କରାଯାଏ, ସେଠାରେ ନୂତନ ମାନଚିତ୍ର ସର୍ବୋତ୍କୃଷ୍ଟ।

ବାସ୍ତବ 'ମର୍କାଟର ପ୍ରକ୍ଷେପଣ' ଏବଂ 'ସମାନ ପୃଥିବୀ ପ୍ରକ୍ଷେପଣ' ମଧ୍ୟରୁ କୌଣସି ଗୋଟିଏକୁ ସଠିକ୍ କୁହାଯାଇ ପାରିବ ନାହିଁ। 'ମର୍କାଟର ମାନଚିତ୍ର' 'ସ୍ଥାନୀୟ କୋଣ'କୁ ସଂରକ୍ଷଣ ରଖିଥାଏ। କିନ୍ତୁ ଏଥିରେ କ୍ଷେତ୍ରଫଳ କିମ୍ବା ଜାଗତିକ ଦୂରତା ସଂରକ୍ଷିତ ନ ଥାଏ। ଅନ୍ୟପକ୍ଷରେ 'ସମାନ ପୃଥିବୀ ପ୍ରକ୍ଷେପଣ' କ୍ଷେତ୍ରଫଳକୁ ସଂରକ୍ଷଣ ରଖିଥାଏ। କିନ୍ତୁ ସ୍ଥାନୀୟ କୋଣ, ଉପକୂଳ ଆକୃତି, ଦୂରତା ଆଦିକୁ ସଂରକ୍ଷଣ କରି ନ ଥାଏ। 'ସମାନ ପୃଥିବୀ ପ୍ରକ୍ଷେପଣ' ଭୌଗୋଳିକ ଅଞ୍ଚଳର ସମାନୁପାତରେ ମାନଚିତ୍ର ଅଙ୍କନ କରିଥାଏ, ଯାହା ଜାଗତିକ ପରିସଂଖ୍ୟାନ ଓ ମହାଦେଶୀୟ ବିସ୍ତାର ପାଇଁ ଉତ୍ତମ ଚାକ୍ଷୁସ ଆଧାର ହୋଇଥାଏ। ବିଶେଷକରି ରଙ୍ଗୀନ ମାନଚିତ୍ରରେ ଅସମାନ କ୍ଷେତ୍ରଫଳ ପାଠକ ମନରେ ତଥ୍ୟର ସାମଗ୍ରିକ ଅବଧାରଣାରେ ପରିବର୍ତ୍ତନ ଆଣିପାରେ। ମୋଟାମୋଟି ଭାବରେ କହିଲେ ଶ୍ରେଣୀଗୃହ ଅଧ୍ୟୟନ ପାଇଁ 'ସମାନ ପୃଥିବୀ ମାନଚିତ୍ର' ଏବଂ ନୌଯାତ୍ରା ଓ ବିମାନ ଯାତ୍ରା ପାଇଁ 'ମର୍କାଟର ମାନଚିତ୍ର' ବ୍ୟବହାର କରିବା ଠିକ୍ ହେବ।

(ସମ୍ପାଦକ, ସାଇନ୍ସ ହୋରିଜନ)
ଭୁବନେଶ୍ୱର, ମୋ: ୯୪୩୮୬୯୩୭୨୪

ଆମ ବୃକ୍ଷଲତା ଆମ ଜୀବନ

ସୌଭାଗ୍ୟସୁନ୍ଦର

ଲବଙ୍ଗ
(Clove Plant- Syzygium aromaticum)

ପ୍ରକୃତି-ପରିବେଶ

ଲବଙ୍ଗ ଇଣ୍ଡୋନେସିଆର ମାଲୁକୁ ଦ୍ୱୀପପୁଞ୍ଜ କିମ୍ବା ମୋଲୁକାସର ମୂଳଜାତ ଉଦ୍ଭିଦ। ୧୭ଶ ଶତାବ୍ଦୀରେ ୟୁରୋପୀୟ ରାଷ୍ଟ୍ରଗୁଡ଼ିକର ମସଲା ବାଣିଜ୍ୟ ଉପରେ କବ୍‌ଜା କରିବା ଯୋଜନା ଫଳରେ ଲବଙ୍ଗ ଗଛଗୁଡ଼ିକ ବାଣିଜ୍ୟିକ ଫସଲ ଭାବରେ ସାରା ବିଶ୍ୱରେ ସମ୍ପ୍ରସାରିତ ହୋଇଥିଲା। ଲବଙ୍ଗକୁ ସାଧାରଣତଃ ମସଲା, ସ୍ୱାଦ ଓ ପ୍ରସାଧନ ସାମଗ୍ରୀ ଭାବରେ ବ୍ୟବହାର କରାଯାଏ।

ଲବଙ୍ଗ ଏକ ଘନପତ୍ର ଯୁକ୍ତ ବୁଦାମୟ, ଚିରହରିତ ବୃକ୍ଷ, ଯାହା ୮-୧୦ ମିଟର ଉଚ୍ଚତା ପର୍ଯ୍ୟନ୍ତ ବଢ଼େ। ପତ୍ରଗୁଡ଼ିକ ସରଳ, ଡେମ୍ଫଯୁକ୍ତ, ଅଣ୍ଡାକାର, ବିପରୀତ, ଉଜ୍ଜ୍ୱଳ, ସବୁଜ, ଚକଚକିଆ, ନିମ୍ନ ପୃଷ୍ଠ ସୁଗନ୍ଧିତ ତୈଳ ଗ୍ରନ୍ଥରେ ଆଚ୍ଛାଦିତ। ଫୁଲଗୁଡ଼ିକୁ ଗୁଚ୍ଛ ହୋଇ ସଜେଇ ହୋଇଥାଏ। କଢ଼ଗୁଡ଼ିକ ପ୍ରାରମ୍ଭରେ ଫିକା ଚକଚକିଆ, ମାଂସଳ, ସବୁଜ ଏବଂ ପରିପକ୍ୱ ହେବା ସହିତ ଉଜ୍ଜ୍ୱଳ ଲାଲ ରଙ୍ଗର ହୋଇଯାଏ। ଫଳଟିରେ ଗୋଟିଏ କିମ୍ବା କ୍ୱଚିତ୍ ଦୁଇଟି ବିହନ ଥାଏ ଏବଂ ଏହାକୁ ପ୍ରାୟତଃ 'ମା' ଲବଙ୍ଗ' ବୋଲି କୁହାଯାଏ। ଫୁଲ ଫୁଟିବାର ପ୍ରାୟ ନଅ ମାସ ପରେ ଫଳ ପରିପକ୍ୱ ହୋଇଥାଏ। ବିଶ୍ୱର ବିଭିନ୍ନ ସ୍ଥାନରେ ଫୁଲ ଧରିବା ସମୟ ଭିନ୍ନ ଭିନ୍ନ ହୋଇଥାଏ ଏବଂ ଗଛଟି ଅତି କମରେ ଚାରି ବର୍ଷ ବୟସ ହେବା ପରେ କେବଳ ଫୁଲର ବାଣିଜ୍ୟିକ ଅମଳ ଆରମ୍ଭ ହୁଏ।

'ଚରକ ସଂହିତା' ଓ ରାମାୟଣରେ ଲବଙ୍ଗର ବ୍ୟବହାର ବିଷୟରେ ଉଲ୍ଲେଖ ଅଛି। ଏହାର ଆଣ୍ଟିଅକ୍ସିଡାଣ୍ଟ ବା ବିଶୋଧକ, ଅଣୁଜୀବ-ବ୍ୟାକ୍ଟେରିଆ-ଭୂତାଣୁ-କର୍କଟ ପ୍ରତିରୋଧକ ଗୁଣ ରହିଛି। ଦାନ୍ତ ବିନ୍ଧା, ଗଳା ଯନ୍ତ୍ରଣା, କାଶ, ଅଜୀର୍ଣ୍ଣ, ଫୁଲା, ବାନ୍ତି ସମସ୍ୟାରୁ ମୁକ୍ତି ପାଇଁ ଲବଙ୍ଗ ଅତି ଉପଯୋଗୀ। ଲବଙ୍ଗ ତେଲର ବାହ୍ୟ ପ୍ରୟୋଗରେ ମୁଣ୍ଡବିନ୍ଧା, ପେଟଯନ୍ତ୍ରଣା ଏବଂ ମାଂସପେଶୀ ଯନ୍ତ୍ରଣା ଉପଶମ ହୁଏ। ଲବଙ୍ଗ ତେଲ ଟୁଥପେଷ୍ଟ, ମାଉଥୱାସ୍, ଆଣ୍ଟିସେପ୍ଟିକ୍, ପରଫ୍ୟୁମ୍ ଓ ସାବୁନରେ ବ୍ୟବହୃତ ହୁଏ। ଅତ୍ୟାବଶ୍ୟକୀୟ ଲବଙ୍ଗ ତେଲ ଆରୋମାଥେରାପିରେ ବ୍ୟବହାର କରାଯାଇପାରେ। ଏହା ସୁଗନ୍ଧ ବୃଦ୍ଧି କରିବା ପାଇଁ ପ୍ରାୟତଃ ପାନଖିଲରେ ବ୍ୟବହାର ହୁଏ।

ଲବଙ୍ଗକୁ ତରକାରୀ, ମାରିନେଡ୍ସ (ଆମିଷ ଭିଜାଇବା ପାଇଁ ଭିନେଗାର ମିଶ୍ରିତ ଏକ ତରଳ ଉପାଦାନ), ବର୍ବ (ଏକପ୍ରକାର ରେଚକ ଉପାଦାନ), ସେଓ, ନାସପାତି ପରି ଫଳକୁ ସ୍ୱାଦ ଦିଏ। ଇଣ୍ଡୋନେସିଆରେ 'କ୍ରେଟେକ୍' ନାମକ ଏକପ୍ରକାର ସିଗାରେଟରେ ଲବଙ୍ଗ ମସଲା ବ୍ୟବହାର କରାଯାଏ। ୟୁରୋପ, ଏସିଆ ଓ ଯୁକ୍ତରାଷ୍ଟ୍ରରେ ଲବଙ୍ଗ ସିଗାରେଟ୍ ବହୁଳ ଆଦୃତ। ବିଭିନ୍ନ ପ୍ରକାରର ଖାଦ୍ୟକୁ ପଚିବାରେ ରୋକିବା ପାଇଁ ଲବଙ୍ଗ ତେଲ ବ୍ୟବହାର କରାଯାଇପାରେ। ଏତଦ୍‌ବ୍ୟତୀତ ଲବଙ୍ଗ ତେଲର ପ୍ରଭାବ ବୋରନ୍-ଆଧାରିତ କାଠ ସଂରକ୍ଷଣକାରୀ ଅପେକ୍ଷା ଅଧିକ। ଲବଙ୍ଗକୁ କମଳା ସହିତ ମିଶ୍ରଣ କରାଯାଇ ଏକ ସୁଗନ୍ଧିତ ପୋମାଣ୍ଡର ବା ଥଳି ତିଆରି କରିବା ପାଇଁ ବ୍ୟବହାର କରାଯାଇପାରିବ।

ଲବଙ୍ଗ ଅନେକ ଫାଇଟୋକେମିକାଲ୍ ବା ଜୈବ ରାସାୟନିକ ଦ୍ରବ୍ୟ ଯେପରିକି ସେସ୍କିଟରପେନ୍ସ, ମୋନୋଟରପେନ୍ସ, ହାଇଡ୍ରୋକାର୍ବନ, ଫେନୋଲିକ୍‌ରେ ଭରପୂର। ୟୁଜେନାଇଲ୍ ଆସେଟେଟ୍, ୟୁଜେନୋଲ୍ ଏବଂ ବିଟାକାରିଓଫାଇଲିନ୍ ହେଉଛି ଲବଙ୍ଗ ତେଲରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଫାଇଟୋକେମିକାଲ୍। ୟୁଜେନୋଲ୍ ୭୨-୯୦% ଅତ୍ୟାବଶ୍ୟକ ତେଲକୁ ନେଇ ଗଠିତ ଏବଂ ଲବଙ୍ଗ ସୁଗନ୍ଧ ପାଇଁ ସବୁଠାରୁ ଅଧିକ ଦାୟୀ ଯୌଗିକ ଉପାଦାନ। ଭାନିଲିନ୍, କ୍ରେଟୋଗୋଲିକ୍ ଏସିଡ୍, ଟାନିନ୍ ଆଦି ମଧ୍ୟ ଏଥିରେ ରହିଛି।

ବିହନରୁ ମୁଖ୍ୟତଃ ଲବଙ୍ଗ ଗଛର ବଂଶବୃଦ୍ଧି ହୁଏ। ଗ୍ରୀଷ୍ମ ଋତୁରେ କଟା କାଣ୍ଡ ମଧ୍ୟ ନୂତନ ଚାରା ପାଇଁ ନିଆଯାଇପାରିବ। ଏକ ପରିପକ୍ୱ ବୃକ୍ଷ ବାର୍ଷିକ ୩୦ କିଲୋଗ୍ରାମରୁ ଅଧିକ ଶୁଖିଲା ଲବଙ୍ଗ କଢ଼ ଦେଇପାରେ। ପତ୍ର, ଛାଲି ସମେତ ଗଛର ଅନେକ ଅଂଶ ସୁଗନ୍ଧିତ, କିନ୍ତୁ ଏହାର କଢ଼ ସବୁଠାରୁ ମୂଲ୍ୟବାନ, ଯାହା ସାଧାରଣତଃ ହାତରେ ଅମଳ କରାଯାଏ। ମାଡାଗାସ୍କରର ପୂର୍ବ ଉପକୂଳରେ ବିକଶିତ ଆଧୁନିକ ଲବଙ୍ଗ ଚାଷର ପ୍ରଥମ ଉଲ୍ଲେଖନୀୟ ଉଦାହରଣ। ଲବଙ୍ଗ ଉତ୍ପାଦନରେ ବର୍ତ୍ତମାନର ନେତୃତ୍ୱ ନେଉଛନ୍ତି ଇଣ୍ଡୋନେସିଆ, ମାଡାଗାସ୍କର, ତାଞ୍ଜାନିଆ, ଶ୍ରୀଲଙ୍କା, ଭାରତ, ମାଲେସିଆ ଓ କୋମୋରୋସ୍। ଇଣ୍ଡୋନେସିଆ ହେଉଛି ସବୁଠାରୁ ବଡ଼ ଲବଙ୍ଗ ଉତ୍ପାଦକ।

ମୋ: ୯୭୭୭୮୦୦୪୦୮

ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ

ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ଭିଜିଲାନ୍ସ ଜାଲରେ ସୁନାବେଡ଼ା ବନ୍ୟପ୍ରାଣୀ ବରିଷ୍ଠ ସହାୟକ

୨ କୋଟି ୬୦ ଲକ୍ଷ ଟଙ୍କାରୁ ଅଧିକ ଅର୍ଥ ହଡ଼ପ ଅଭିଯୋଗ

ନୂଆପଡ଼ା/କୋମନା/ଭବାନୀପାଟଣା, ୨୫।୧୦ (ସମିସ): ନୂଆପଡ଼ା ଜିଲ୍ଲାର ସୁନାବେଡ଼ା ବନ୍ୟପ୍ରାଣୀ ବନଖଣ୍ଡର ଡିଏଫଓଙ୍କ କାର୍ଯ୍ୟାଳୟର ବରିଷ୍ଠ ସହାୟକ ତଥା ପ୍ରତିଷ୍ଠାନ ବିଭାଗର ଦାୟିତ୍ୱରେ ଥିବା ବାବୁଲୁ ସୁନାଙ୍କୁ ଗିରଫ କରିଛି ଭିଜିଲାନ୍ସ। ତାଙ୍କ ବିରୋଧରେ ୨୦୨୩ରୁ ଏମ୍ଏସିପି /ଆରଏସିପି ଯୋଜନା ଅଧୀନରେ ଜାଲ୍ ବିଲ୍ ପ୍ରସ୍ତୁତ କରି ୨ କୋଟି ୬୦ ଲକ୍ଷ ଟଙ୍କାରୁ ଅଧିକ ସରକାରୀ ଅର୍ଥ ହଡ଼ପ କରିଥିବା ଅଭିଯୋଗ ରହିଛି। ତାଙ୍କୁ ଭବାନୀପାଟଣାସ୍ଥିତ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତର ବିଚାରପତିଙ୍କ ନିକଟରେ ହାଜର କରାଯାଇଛି। ଗତ ୬ ମାସ ଧରି ଫେରାର ଥିବା ଶ୍ରୀ ସୁନାଙ୍କୁ ଶନିବାର ରାତିରେ ବଲାଙ୍ଗିରରୁ ଓଡ଼ିଶା ଭିଜିଲାନ୍ସ ଧରିଛି। ଶ୍ରୀ ସୁନା ଏମ୍ଏସିପି ଓ ଆର୍ଏସିପି ଯୋଜନା ଅଧୀନରେ ଜାଲ୍ ବକେୟା ଦରମା ବିଲ୍ ପ୍ରସ୍ତୁତ କରିଥିଲେ। ସୁନାବେଡ଼ା ବନ୍ୟପ୍ରାଣୀ ବନଖଣ୍ଡର ପୂର୍ବତନ କର୍ମଚାରୀ, ଅବସରପ୍ରାପ୍ତ କର୍ମଚାରୀ ଏବଂ ମୃତ କର୍ମଚାରୀଙ୍କ ପରିଚୟ ଓ ତଥ୍ୟ ବ୍ୟବହାର କରି ଏହି ଜାଲ୍ ବିଲଗୁଡ଼ିକୁ ପ୍ରକ୍ରିୟାକରଣ କରାଯାଇଥିଲା। ଏହା ମାଧ୍ୟମରେ ସରକାରୀ ଅର୍ଥକୁ ତାଙ୍କ ପରିବାର ସଦସ୍ୟ ପତ୍ନୀ, ଭାଇ, ଭଉଣୀ ଏବଂ ଅନ୍ୟ ଦୁଇଜଣ ଘନିଷ୍ଠ ସହଯୋଗୀଙ୍କ ବ୍ୟକ୍ତିଗତ ବ୍ୟାଙ୍କ ଖାତାକୁ ସ୍ଥାନାନ୍ତର କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତ ନିଜର ବୈଧ ଅଧିକାରଠାରୁ ଅଧିକ ନିୟମିତ ଦରମା ବୃଦ୍ଧି ପାଇବା ପାଇଁ ସରକାରୀ ରେକର୍ଡରେ ମଧ୍ୟ ହେରଫେର କରିଥିବା ଅଭିଯୋଗ ରହିଛି। ସେ ଦୀର୍ଘ ସମୟ ଧରି ପ୍ରତି ମାସରେ ଅଧିକ ଦରମା ବିଲ୍ ପ୍ରସ୍ତୁତ କରି ଅତିରିକ୍ତ ୧୦ ଲକ୍ଷ ୫୮ ହଜାର ଟଙ୍କାରୁ ଅଧିକ ଅର୍ଥ ଉଠାଇଥିଲେ। ମୋଟ ଉପରେ ସେ ୨ କୋଟି ୬୦ ଲକ୍ଷ ୨୧ ହଜାର ୩୦୬ ଟଙ୍କା ସରକାରୀ ଅର୍ଥ ହଡ଼ପ କରିଥିବା ତଦନ୍ତରୁ ଜଣାପଡ଼ିଛି। ଏହିଘଟଣା ସମ୍ପର୍କରେ ଅଭିଯୁକ୍ତ ବାବୁଲୁ ସୁନାଙ୍କ ବିରୋଧରେ ଦୁର୍ନୀତି ନିବାରଣ ଆଇନ ଏବଂ ଭାରତୀୟ ନ୍ୟାୟ ସଂହିତା ସମ୍ପୃକ୍ତ ଧାରା ଅଧୀନରେ କୋରାପୁଟ ଭିଜିଲାନ୍ସ ଥାନାରେ କେସ୍ ନମ୍ବର ୨୪ ଓ ୨୫/୨୦୨୬ ରୁଜୁ କରାଯାଇ ଏହି ମାମଲାର ତଦନ୍ତ ଜାରି ରହିଥିବା ଭିଜିଲାନ୍ସ ପକ୍ଷରୁ ଜଣାପଡ଼ିଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ମାଡ଼ି ଆସୁଛି...

ବାତ୍ୟା 'ଅର୍ଣ୍ଣବ' ସ୍ଥଳଭାଗ ଛୁଇଁବା ପରେ ଦିଗପରିବର୍ତ୍ତନ କରିବାର ଆଶଙ୍କା ରହିଥିଲେ ମଧ୍ୟ ଏହାର ବିଶେଷ ପ୍ରଭାବ ପଡ଼ିବ ନାହିଁ। କାରଣ ବାତ୍ୟା ସ୍ଥଳଭାଗରେ ମାଡ଼ ହେବା ପରେ ଦୁର୍ବଳ ହୋଇଯାଇଥାଏ। ଆନ୍ଧ୍ର ଓ ଓଡ଼ିଶା ମଧ୍ୟରେ ରହିଥିବା ପୂର୍ବତଟ ପର୍ବତମାଳା ମଧ୍ୟ ଏହି ବାତ୍ୟାକୁ ସ୍ଥଳଭାଗରେ ଦ୍ରୁତ ଗତିରେ ଦୁର୍ବଳ କରାଇବାରେ ସହାୟକ ହେବ। ଏହିସବୁ ଦିଗକୁ ଅନୁଧ୍ୟାନ କଲେ ଓଡ଼ିଶାର ସୀମାନ୍ତବର୍ତ୍ତୀ ଜିଲ୍ଲାଗୁଡ଼ିକରେ କିଛି ମାତ୍ରରେ ବର୍ଷାକୁ ଛାଡ଼ି ଦେଲେ ବିଶେଷ ପ୍ରଭାବ ନ ପଡ଼ିବାର ଯଥେଷ୍ଟ ସମ୍ଭାବନା ରହିଛି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି, ୨୭ ଅକ୍ଟୋବର ରାତିରୁ ୨୮ ଅକ୍ଟୋବର ସକାଳ ମଧ୍ୟରେ ବାତ୍ୟାଟି କାକିନାଡ଼ାଠାରୁ ପ୍ରାୟ ୨୫ କିମି ଦକ୍ଷିଣରେ ଥିବା ୟାନାମ ନିକଟରେ ସ୍ଥଳଭାଗ ଅତିକ୍ରମ କରିପାରେ। ଏହି ଗତିପଥ ଅନୁସାରେ ବାତ୍ୟାର କେନ୍ଦ୍ର ଓଡ଼ିଶାକୁ ପ୍ରବେଶ କରିବାର ସମ୍ଭାବନା କମ୍ ରହିଛି। ସ୍ଥଳଭାଗ ଅତିକ୍ରମ ପରେ ଏହା ଦୁର୍ବଳ ହୋଇ ଓଡ଼ିଶା-ଛତିଶଗଡ଼ ସୀମାର ପଶ୍ଚିମ ପାଶ୍ୱର୍ ଦେଇ ଗତି କରିପାରେ। ତେବେ ୨୭ ଓ ୨୮ ଅକ୍ଟୋବରରେ ଦକ୍ଷିଣ ଓଡ଼ିଶାର କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ। ଓଡ଼ିଶାରେ ବାତ୍ୟାର ସିଧାସଳଖ ପ୍ରବଳ ପବନର ପ୍ରଭାବ କମ୍ ରହିପାରେ। କିନ୍ତୁ ବର୍ଷାର ପ୍ରଭାବ ରହିବ। ଗଞ୍ଜାମ, ଗଜପତି, ରାୟଗଡ଼ା, ମାଲକାନଗିରି, କୋରାପୁଟ ଓ କନ୍ଧମାଳ ଜିଲ୍ଲାରେ ଭାରୀ ବର୍ଷା ହୋଇପାରେ। ସଂଲଗ୍ନ ଜିଲ୍ଲା ଓ ଅନ୍ୟାନ୍ୟ ଉପକୂଳ ଜିଲ୍ଲାରେ ହାଲୁକାରୁ ମଧ୍ୟମ ବର୍ଷା ହୋଇପାରେ। କେନ୍ଦ୍ରୀୟ ଓଡ଼ିଶାର କେତେକ ସ୍ଥାନରେ ହାଲୁକା ବର୍ଷା ସମ୍ଭାବନା ରହିଛି। ୨୮ ଅକ୍ଟୋବରରେ ଦକ୍ଷିଣ ଓଡ଼ିଶାରେ ବର୍ଷା ଜାରି ରହିପାରେ। କେତେକ ସ୍ଥାନରେ ଭାରୀରୁ ଅତି ପ୍ରବଳ ବର୍ଷା ହୋଇପାରେ। ରାଜ୍ୟର ଅନ୍ୟାନ୍ୟ ଅନେକ ଜିଲ୍ଲାକୁ ମଧ୍ୟ ବର୍ଷା ବ୍ୟାପିପାରେ। ତେବେ ସେଠାରେ ବର୍ଷାର ପରିମାଣ ତୁଳନାତ୍ମକ ଭାବେ କମ୍ ରହିପାରେ। ୨୯ ଅକ୍ଟୋବର ରାଜ୍ୟର ଅଧିକାଂଶ ଅଞ୍ଚଳରେ ବର୍ଷା କମିପାରେ ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ପୂର୍ବ-କେନ୍ଦ୍ରୀୟ ବଙ୍ଗୋପସାଗର ଏବଂ ଏହାର ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ରହିଥିବା ଅବପାତ ଗତ ୬ ଘଣ୍ଟା ମଧ୍ୟରେ ଘଣ୍ଟାପ୍ରତି ୫ କିଲୋମିଟର ବେଗରେ ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରି ଗଭୀର ଅବପାତରେ ପରିଣତ ହୋଇଛି। ଏବେ ଏହା ଆଣ୍ଡାମାନ ଦ୍ୱୀପପୁଞ୍ଜର ଶ୍ରୀବିଜୟ ପୁରମ୍ଠାରୁ ପ୍ରାୟ ୪୨୦ କିଲୋମିଟର ଉତ୍ତର-ଉତ୍ତର-ପଶ୍ଚିମରେ, ଆନ୍ଧ୍ରପ୍ରଦେଶର ବିଶାଖାପାଟଣାଠାରୁ ୮୭୦ କିଲୋମିଟର ପୂର୍ବ-ଦକ୍ଷିଣ-ପୂର୍ବରେ, କାକିନାଡାଠାରୁ ୯୬୦ କିଲୋମିଟର ପୂର୍ବ-ଦକ୍ଷିଣ-ପୂର୍ବରେ, ମଛଲିପଟନମ୍ଠାରୁ ୧୦୬୦ କିଲୋମିଟର ପୂର୍ବ-ଦକ୍ଷିଣ-ପୂର୍ବରେ ଏବଂ ବାପଟଲାଠାରୁ ୧୧୩୦ କିଲୋମିଟର ପୂର୍ବରେ ରହିଛି। ଏହା ପ୍ରାୟ ଦକ୍ଷିଣ-ପଶ୍ଚିମ ଦିଗକୁ ଗତି କରିବା ସହ ଆସନ୍ତା ସୋମବାର ସକାଳ ସୁଦ୍ଧା ପୂର୍ବ-କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ-ପୂର୍ବ ବଙ୍ଗୋପସାଗର ଉପରେ ଏକ ବାତ୍ୟାରେ ପରିଣତ ହେବ। ଏହାପରେ ବାତ୍ୟାଟି ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ପୂର୍ବ-ମକେନ୍ଦ୍ରୀୟ ଓ ସଂଲଗ୍ନ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଉପରେ ଅଧିକ ଘନୀଭୂତ ହେବ। ଆସନ୍ତା ୨୭ ଅକ୍ଟୋବର ସକାଳ ସୁଦ୍ଧା ଏହା ଏକ ଭୀଷଣ ବାତ୍ୟା ୨୮ ସୁଦ୍ଧା ଅତି ଭୀଷଣ ବାତ୍ୟାର ରୂପ ନେଇ ୨୮ ଅକ୍ଟୋବର ପୂର୍ବାହ୍ଣ ସୁଦ୍ଧା ଆନ୍ଧ୍ରପ୍ରଦେଶ ଓ ୟାନାମ୍ ଉପକୂଳରେ ବାପଟଲା ଓ ବିଶାଖାପାଟଣା ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବ। ଏହି ସମୟରେ ପବନର ବେଗ ଘଣ୍ଟାପ୍ରତି ୧୧୫ରୁ ୧୨୫ କିଲୋମିଟର ରହିବା ସହ ଝଟକା ପବନର ବେଗ ଘଣ୍ଟାପ୍ରତି ୧୪୦ କିଲୋମିଟର ପର୍ଯ୍ୟନ୍ତ ପହଞ୍ଚିପାରେ।

ଓଡ଼ିଶା ଲେଖିବ ନୂଆ...

ଏବଂ ଅର୍ଥ ହଡ଼ପ ଓ ମଧ୍ୟସ୍ଥଙ୍କ ହସ୍ତକ୍ଷେପ ହ୍ରାସ ପାଇଛି । ମୁଦ୍ରା ଯୋଜନାରେ ୧୩ କୋଟି ଲୋକ ପ୍ରଥମଥର ପାଇଁ ଉଦ୍ୟୋଗୀ ହୋଇପାରିଥିବାବେଳେ ପିଏମ୍ ସ୍ୱନିଧି ଓ ପିଏମ୍ ବିଶ୍ୱକର୍ମା ଯୋଜନା ମାଧ୍ୟମରେ ଉଠାଦୋକାନୀ ଓ ପାରମ୍ପରିକ କାରିଗରଙ୍କୁ ଋଣ ସୁବିଧା ମିଳୁଛି। ସେହିପରି ଗ୍ରାମାଞ୍ଚଳର ୧୦ କୋଟି ମହିଳାଙ୍କୁ ପ୍ରତିନିଧିତ୍ୱ କରୁଥିବା ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକ ବ୍ୟାଙ୍କ ଋଣରୁ ଉପକୃତ ହେଉଛନ୍ତି। ସାମାଜିକ ସୁରକ୍ଷା କ୍ଷେତ୍ରରେ ଅଟଳ ପେନ୍ସନ୍ ଯୋଜନାରେ ୯ କୋଟି ଲୋକ ସାମିଲ ହୋଇଥିବାବେଳେ ବୀମା ଯୋଜନାଗୁଡ଼ିକ ଗରିବ ଓ ମଧ୍ୟବିତ୍ତଙ୍କୁ ଆର୍ଥିକ ସୁରକ୍ଷା ଦେଉଛି। ପୂର୍ବ ଦଶନ୍ଧିରେ ବ୍ୟାଙ୍କିଙ୍ଗ୍ ସେବାରୁ ବଞ୍ଚିତ ଲୋକଙ୍କୁ ଏହା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଏବେ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଅଧିକ ଦକ୍ଷ, ନିର୍ଭରଯୋଗ୍ୟ ଓ ସୁରକ୍ଷିତ କରିବାର ସମୟ ଆସିଛି। ଆଧୁନିକ ଯୁଦ୍ଧ କେବଳ ଅସ୍ତ୍ରଶସ୍ତ୍ରରେ ଲଢ଼ାଯାଉନାହିଁ; ଅର୍ଥନୀତି ଉପରେ ଆକ୍ରମଣ କରି ମଧ୍ୟ ଏକ ଦେଶକୁ ଦୁର୍ବଳ କରାଯାଇପାରେ। ତେଣୁ ଭାରତର ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ସାଇବର ଅପରାଧୀ ଓ ସାଇବର ଆତଙ୍କବାଦୀଙ୍କଠାରୁ ସୁରକ୍ଷିତ ରଖିବା ଜରୁରୀ। ଏ କ୍ଷେତ୍ରରେ ଭୁବନେଶ୍ୱରର ନୂଆ ସାଇବର ସୁରକ୍ଷା ପ୍ରଶିକ୍ଷଣ ପ୍ରତିଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଗତ ଦଶନ୍ଧିରେ ବ୍ୟାଙ୍କିଂ ସୁବିଧାରୁ ବଞ୍ଚିତ ଲୋକଙ୍କୁ ବ୍ୟାଙ୍କିଂ ବ୍ୟବସ୍ଥା ସହ ଯୋଡ଼ିବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଆଗାମୀ ଦଶନ୍ଧିରେ ଓଡ଼ିଶାର ନୂଆ ଡାଟା ସେଣ୍ଟର ଓ ଅତ୍ୟାଧୁନିକ କମ୍ପ୍ୟୁଟିଂ ବ୍ୟବସ୍ଥାର ସହଯୋଗରେ ବ୍ୟାଙ୍କିଂ ବ୍ୟବସ୍ଥାକୁ ଅଧିକ ଦକ୍ଷ ଓ ନିର୍ଭରଯୋଗ୍ୟ କରାଯିବ ବୋଲି ପ୍ରଧାନମନ୍ତ୍ରୀ ଦୃଢ଼ୋକ୍ତି ପ୍ରକାଶ କରିଥିଲେ।

କାର୍ଯ୍ୟକ୍ରମରେ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ସଞ୍ଜୟ ମାଲହୋତ୍ରା ସ୍ୱାଗତ ଭାଷଣ ଦେଇଥିବା ବେଳେ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ବକ୍ତବ୍ୟ ରଖିଥିଲେ। ରାଜ୍ୟପାଳ ବ୍ରଜମୋହନ ରାମ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ, ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ପ୍ରଭାତୀ ପରିଡ଼ା, ରାଜ୍ୟସଭା ସାଂସଦ ମନମୋହନ ସାମଲ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ।

୧ରେ କଂଗ୍ରେସର...

ବ୍ଲକ୍, ଗାଁ ଓ ମତଦାନ କେନ୍ଦ୍ର ସ୍ତରରେ ଅଭିଯାନକୁ ଜୋରଦାର କରାଯାଉଛି। ନିର୍ବାଚନୀ ତାଲିକାରେ ତ୍ରୁଟି ଥିବା ଅଭିଯୋଗଗୁଡ଼ିକୁ ଲିପିବଦ୍ଧ କରିବା ସହ ଯୋଗ୍ୟ ଭୋଟରଙ୍କୁ ସଚେତନ କରିବାକୁ କର୍ମୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର) ପ୍ରକ୍ରିୟାରେ ଯୋଗ୍ୟ ଭୋଟରଙ୍କ ନାମ ବାଦ୍ ପଡ଼ିବା ଆଶଙ୍କା ଓ ଅନ୍ୟାନ୍ୟ ଅନିୟମିତତାକୁ ନେଇ କଂଗ୍ରେସ ପ୍ରଶ୍ନ ଉଠାଇଛି। ଦଳର ଅଭିଯୋଗ, ନିର୍ବାଚନ କମିଶନଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠୁଥିବାରୁ ମୁଖ୍ୟ ନିର୍ବାଚନ କମିଶନରଙ୍କ ଅପସାରଣ ଆବଶ୍ୟକ। ଯଦି ତଦନ୍ତରେ ଗଣତାନ୍ତ୍ରିକ ବ୍ୟବସ୍ଥାକୁ କ୍ଷତି ପହଞ୍ଚାଇବା କିମ୍ବା ଆଇନ ଉଲ୍ଲଂଘନର ପ୍ରମାଣ ମିଳେ, ତେବେ ଗିରଫ ସମେତ ଉପଯୁକ୍ତ ଆଇନଗତ କାର୍ଯ୍ୟାନୁଷ୍ଠାନ ହେବା ଉଚିତ ବୋଲି ଦଳୀୟ ନେତାମାନେ ଦାବି କରିଛନ୍ତି। ଶୁକ୍ରବାର ନୂଆଦିଲ୍ଲୀର ଇନ୍ଦିରା ଭବନରେ କଂଗ୍ରେସ ସାଧାରଣ ସମ୍ପାଦକ କେସି ବେଣୁଗୋପାଲ ହରିୟାଣାର ନେତା ଓ ପଦାଧିକାରୀଙ୍କ ସହ ବୈଠକ କରି ସମାବେଶର ପ୍ରସ୍ତୁତି ସମୀକ୍ଷା କରିଥିଲେ। ଭୋଟ ଅଧିକାରର ସୁରକ୍ଷା, ଗଣତନ୍ତ୍ରର ସୁଦୃଢ଼ୀକରଣ ଓ ସରକାରଙ୍କ ଉତ୍ତରଦାୟିତ୍ୱ ଦାବିକୁ ନେଇ ଏହି ସମାବେଶରେ ବିରୋଧୀ ଏକତା ପ୍ରଦର୍ଶନ କରିବାକୁ କଂଗ୍ରେସ ଲକ୍ଷ୍ୟ ରଖିଛି।

ବିଜେପିକୁ ହୃଦୟରୁ...

କଂଗ୍ରେସ ଉଠାଇଥିବା ପ୍ରସଙ୍ଗକୁ ଆସନ୍ତା ୧ ତାରିଖ ରାଲି ଜରିଆରେ ଅଧିକ ବ୍ୟାପକ କରିବାକୁ ଦଳ ଲକ୍ଷ୍ୟ ରଖିଛି।

ଅନ୍ୟପକ୍ଷରେ ବିଜେପି ଏହି ରାଲିକୁ ବିରୋଧ କରି କଂଗ୍ରେସକୁ ନିଶାଣ କରିଛି। ଦୀପାବଳି ସମୟରେ ଏଭଳି ରାଲି ବ୍ୟବସାୟୀ ଓ ବଜାର ଉପରେ ପ୍ରତିକୂଳ ପ୍ରଭାବ ପକାଇବ। ପାର୍ବଣ ଋତୁରେ ବ୍ୟବସାୟ ବୃଦ୍ଧିର ଆଶା ରହୁଥିବାରୁ ରାଜନୈତିକ କାର୍ଯ୍ୟକ୍ରମ ଯୋଗୁଁ ଲୋକଙ୍କ ଯାତାୟାତ ଓ ବାଣିଜ୍ୟିକ କାରବାର ବାଧାପ୍ରାପ୍ତ ହେବ ବୋଲି ବିଜେପି ଆଶଙ୍କା କରି କଂଗ୍ରେସକୁ ସମାଲୋଚନା କରିଛି। ବିଜେପିର ଏହି ସମାଲୋଚନାକୁ ରାହୁଲ ନିଜ ସପକ୍ଷରେ ବ୍ୟବହାର କରିଛନ୍ତି। ରାଲିକୁ ନେଇ ଶାସକ ଦଳ ଯେତେ ଆପତ୍ତି ଉଠାଉଛି; ଏହା ସେତେ ଅଧିକ ଲୋକଙ୍କୁ ଆକର୍ଷିତ କରୁଛି। ତେଣୁ ସେ ଶାସକ ବିଜେପିକୁ ଧନ୍ୟବାଦ ଜଣାଇଛନ୍ତି। କଂଗ୍ରେସର 'ଭୋଟ୍ ଚୋରି' ଅଭିଯାନ ମୂଳରେ ରହିଛି ନିର୍ବାଚନୀ ଅନିୟମିତତା ଓ ଭୋଟରଙ୍କ ଅଧିକାର ସୁରକ୍ଷା ପ୍ରସଙ୍ଗ। କଂଗ୍ରେସ ଏହି ଅଭିଯୋଗକୁ ନେଇ ନିର୍ବାଚନ ବ୍ୟବସ୍ଥାର ଉତ୍ତରଦାୟିତ୍ୱ ଦାବି କରିଛି। ଏହି ପରିପ୍ରେକ୍ଷୀରେ ନଭେମ୍ବର ୧ର ପ୍ରସ୍ତାବିତ ରାଲି କଂଗ୍ରେସର ଆଗାମୀ ରାଜନୈତିକ ରଣନୀତି ପାଇଁ ମଧ୍ୟ ଗୁରୁତ୍ୱ ବହନ କରୁଛି।

ଫାଣ୍ଡି ଅଧିକାରୀ ଓ ମହାଜନଙ୍କ...

କରିଥିଲେ ମଧ୍ୟ ସେ ଯାଆଁଳ ଦେଇ ନ ଥିଲେ। ପରବର୍ତ୍ତୀ ସମୟରେ ଜାଲ ବସିବା ପରେ ଚିଙ୍ଗୁଡ଼ି ସହ କଙ୍କଡ଼ା ନେବାକୁ ମହାଜନ କହିଥିଲେ। ତେବେ କଙ୍କଡ଼ା ଯାଆଁଳ ଅନ୍ୟ ଜଣଙ୍କଠାରୁ ଆଣିଥିବାରୁ ତାହା ସମ୍ପୃକ୍ତ ବ୍ୟକ୍ତିଙ୍କୁ ଦିଆଯିବ ବୋଲି ପଞ୍ଚାନନ କହିବାରୁ ଉଭୟଙ୍କ ମଧ୍ୟରେ ମତଭେଦ ସୃଷ୍ଟି ହୋଇଥିଲା। ପରବର୍ତ୍ତୀ ସମୟରେ ଏହି ମତଭେଦ ଗୁରୁତର ବିବାଦର ରୂପ ନେଇଥିଲା। ଏହି ବିବାଦ ମଧ୍ୟରେ ଦିଲ୍ଲୀପଙ୍କ ଇଙ୍ଗିତରେ ୪ରୁ ୫ ଜଣ ରାତିରେ ଘେରିରେ ଲାଗିଥିବା ଜାଲ ଉଠାଇନେବା ସହ ଘେରି ନଷ୍ଟ କରିଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ସେ ନୂଆପଡ଼ା ଫାଣ୍ଡିର ଦ୍ୱାରସ୍ଥ ହୋଇଥିଲେ। ହେଲେ ତାଙ୍କ ଅଭିଯୋଗ ଉପରେ ଉଚିତ୍ ପଦକ୍ଷେପ ନିଆଯିବା ପରିବର୍ତ୍ତେ ଫାଣ୍ଡି ଅଧିକାରୀ ତାଙ୍କ ଉପରେ ଓଲଟା ଚାପ ପକାଇଥିବା ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି। ଗୋଟିଏ ପଟେ ଘେରିକୁ ନେଇ ବିବାଦ, ଅନ୍ୟପଟେ ଅଭିଯୋଗର ସମାଧାନ ନ ହେବା ଏବଂ କଥିତ ମାନସିକ ଚାପ ଯୋଗୁଁ ପଞ୍ଚାନନ ଚିନ୍ତିତ ରହୁଥିଲେ। ପରିବାର ପକ୍ଷରୁ କୁହାଯାଇଛି ଯେ, ଶନିବାର ପଞ୍ଚାନନ ଘରୁ ବାହାରି ଯାଇଥିଲେ। ସେହିଦିନ ସୂର୍ଯ୍ୟାସ୍ତ ପୂର୍ବରୁ ହୁମା ରେଳ ଷ୍ଟେସନ ନିକଟରେ ତାଙ୍କ ମୃତଦେହ ମିଳିଥିଲା। ମୃତ୍ୟୁ ପୂର୍ବରୁ ସେ ଏକ ସୁଇସାଇଡ୍ ନୋଟ୍ ଲେଖି ଛାଡ଼ି ଯାଇଥିବା ଜଣାପଡ଼ିଛି।

ଗାଁରେ ଲକ୍ଷ୍ମୀପୂଜା ଚାଲିଥିବାବେଳେ ସେ ହୁମା ଷ୍ଟେସନରେ ନିଜ ଜୀବନ ହାରିବେ ବୋଲି ନୋଟ୍ରେ ଲେଖିଥିବା ପରିବାର ପକ୍ଷରୁ କୁହାଯାଇଛି। ନୋଟ୍ରେ ଫାଣ୍ଡି ଅଧିକାରୀ ମନୋରଞ୍ଜନ ଦାଶ ଓ ମହାଜନ ଦିଲ୍ଲୀପ ପଲେଇଙ୍କ ନାମ ଉଲ୍ଲେଖ କରି ସେମାନଙ୍କ ଯୋଗୁଁ ଆତ୍ମହତ୍ୟା କରୁଥିବା ଅଭିଯୋଗ ହୋଇଛି। ପଞ୍ଚାନନଙ୍କ ମୃତ୍ୟୁ ପରେ ପରିବାର ପକ୍ଷରୁ ଥାନାରେ ଲିଖିତ ଅଭିଯୋଗ ଦିଆଯାଇଥିଲା। ହେଲେ କୃଷ୍ଣପ୍ରସାଦ ଥାନାଧିକାରୀ ଏହାକୁ ପଞ୍ଜୀକରଣ କରି ନ ଥିବା ଅଭିଯୋଗ କରିଛନ୍ତି ପରିବାର ଲୋକେ। ଏହାକୁ ନେଇ ସେମାନେ ଅସନ୍ତୋଷ ପ୍ରକାଶ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ ଦାବି କରିଛନ୍ତି।

ଅନ୍ୟପକ୍ଷରେ ଘଟଣାକୁ ଗୁରୁତ୍ୱର ସହ ନେଇ ପୁରୀ ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ନୂଆପଡ଼ା ଫାଣ୍ଡି ଅଧିକାରୀ ମନୋରଞ୍ଜନ ଦାଶଙ୍କ ବଦଳି କରାଯାଇଥିବା ଏସ୍ଡିପିଓ ମାନସ କୁମାର ବାରିକ ସୂଚନା ଦେଇଛନ୍ତି। ଶ୍ରୀ ଦାଶଙ୍କୁ ପୁରୀ ପୁଲିସ ମୁଖ୍ୟାଳୟକୁ ସ୍ଥାନାନ୍ତର କରାଯାଇଛି। ତେବେ କେବଳ ବଦଳି ନୁହେଁ, ଘଟଣାରେ ଉଠିଥିବା ସମସ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଆଇନ ଅନୁଯାୟୀ କଠୋର ପଦକ୍ଷେପ ନିଆଯାଉ ବୋଲି ଦାବି ହୋଇଛି। ସୁଇସାଇଡ୍ ନୋଟ୍ରେ ନାମ ଥିବା ଦିଲ୍ଲୀପ ଓ ଅନ୍ୟ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଏ ପର୍ଯ୍ୟନ୍ତ ଗିରଫ କରାଯାଇ ନାହିଁ।

ଓଡ଼ିଶାରେ ସର୍ବାଧିକ...

ଚିନିର ଖୁଚୁରା ମୁଦ୍ରାସ୍ଫୀତି ୩୭.୪୮% ରହିଥିଲା। ଅର୍ଥାତ୍, ଗତବର୍ଷ ସେହି ମାସ ତୁଳନାରେ ଚିନିର ଖୁଚୁରା ମୂଲ୍ୟ ସୂଚକାଙ୍କରେ ଉପରୋକ୍ତ ବୃଦ୍ଧି ଘଟିଛି। ଜାତୀୟ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ ଆଧାରିତ ତଥ୍ୟରୁ ଏହା ଜଣାପଡ଼ିଛି। କେବଳ ଓଡ଼ିଶା ନୁହେଁ, ଦେଶର ୩୬ଟି ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ମଧ୍ୟରୁ ୨୧ଟିରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି ୩୦% ଅତିକ୍ରମ କରିଛି। ଏହି ଚିତ୍ର ଚିନି ବଜାରରେ ଦରବୃଦ୍ଧିର ଚାପକୁ ସ୍ପଷ୍ଟ କରୁଛି।

ପାର୍ବଣ ଋତୁରେ ଚିନି ଦର ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯାହା ସାଧାରଣ ଜନତାଙ୍କୁ ବହୁତ କଷ୍ଟ ଦେଉଛି। ସେପ୍ଟେମ୍ବରରେ ଅନେକ ରାଜ୍ୟରେ ଚିନି ଦର ମଧ୍ୟ ଆକାଶଛୁଆଁ ହୋଇଛି। ଜାତୀୟ ସ୍ତରରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି ଚଳିତବର୍ଷ ଅଗଷ୍ଟରେ ୨୪.୨୭% ରହିଥିବାବେଳେ ସେପ୍ଟେମ୍ବରରେ ଏହା ବୃଦ୍ଧି ପାଇ ୨୯.୮୦%ରେ ପହଞ୍ଚିଛି। ବର୍ଷ ୨୦୨୪କୁ ନେଇ ପ୍ରସ୍ତୁତ ଉପଭୋକ୍ତା ମୂଲ୍ୟ ସୂଚକାଙ୍କରେ ଉପଲବ୍ଧ ତଥ୍ୟ ଅନୁଯାୟୀ, ଏହା ୨୦୨୬ ଜାନୁଆରୀ ପରଠାରୁ ସର୍ବାଧିକ ହାର। ଏହି ସମୟରେ ଚିନିର ମୂଲ୍ୟ ସୂଚକାଙ୍କ ୧୩୬.୨୫କୁ ବୃଦ୍ଧି ପାଇଛି, ଯାହା ଜାନୁଆରୀ ୨୦୨୫ ପରଠାରୁ ସର୍ବୋଚ୍ଚ ସ୍ତର। ଏପ୍ରିଲ ୨୦୨୬ରେ ଚିନିର ଖୁଚୁରା ମୁଦ୍ରାସ୍ଫୀତି ମାତ୍ର ୧.୪୪% ଥିଲା। ଏହାର ଅର୍ଥ ହେଉଛି ଗତ ବର୍ଷ ତୁଳନାରେ ଚିନି ମୂଲ୍ୟ ବୃଦ୍ଧି ବହୁତ ଦ୍ରୁତ ଗତିରେ ହୋଇଛି। ଚିନି ମୂଲ୍ୟ ବୃଦ୍ଧିର ସବୁଠାରୁ ବଡ଼ କାରଣ ହେଉଛି ଚଳିତ ବର୍ଷ ଆଖୁ ଉତ୍ପାଦନରେ ହ୍ରାସ ଏବଂ କମ୍ ବର୍ଷା। ହେଲେ ଅନେକ ବିଶେଷଜ୍ଞ ଚିନି ଦର ବୃଦ୍ଧି ପାଇଁ ଇଥାନଲ୍କୁ ଦାୟୀ କରୁଛନ୍ତି। ବହୁ ମାତ୍ରାରେ ଆଖୁ ଇଥାନଲ୍ ପ୍ରସ୍ତୁତି ପାଇଁ ଚାଲିଯାଉଥିବା ଯୋଗୁ ଖୁଚୁରା ବଜାରରେ ଚିନି ଦର ଉଚ୍ଚା ରହୁଛି।

୭ ବର୍ଷରେ ୧,୦୧୬...

ଜିଲ୍ଲାରେ ଏକ ଜଳବିଦ୍ୟୁତ୍ ପ୍ରକଳ୍ପ ପରିସରରେ ସିଆଇଏସ୍ଏଫ୍ ଯବାନ ଅବଧେଶ କୁମାର ସିଂହଙ୍କ ଗୁଳିମାଡ଼ରେ ଜଣେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟଙ୍କ ସମେତ ୪ ଜଣ ସହକର୍ମୀଙ୍କ ମୃତ୍ୟୁ ହୋଇଥିଲା। ଏହି ଘଟଣା ପୁଣି ଥରେ ବଳ ମଧ୍ୟରେ ଚାପ ଓ ସହକର୍ମୀଙ୍କ ମଧ୍ୟରେ ହିଂସା ସମସ୍ୟାକୁ ସାମ୍ନାକୁ ଆଣିଛି। ସିଏପିଏଫ୍ ଓ ଆସାମ ରାଇଫଲ୍ସରେ ୯୩,୧୩୯ଟି ପଦ ଖାଲି ପଡ଼ିଥିବାରୁ କାର୍ଯ୍ୟରତ ଯବାନଙ୍କ ଉପରେ ଅଧିକ ଦାୟିତ୍ୱ ପଡ଼ୁଛି। କେତେକ ଯବାନଙ୍କୁ ଦୁଇଟି ପାଳିରେ କାମ କରିବାକୁ ପଡୁଥିବାରୁ ଦୈନିକ ମାତ୍ର ୫ ଘଣ୍ଟା ଶୋଇବାର ସୁଯୋଗ ମିଳୁଛି। ଏହା ସେମାନଙ୍କ ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ପ୍ରଭାବିତ କରୁଛି। ନିୟମ ଅନୁଯାୟୀ, ସିଏପିଏଫ୍ ଯବାନଙ୍କୁ ବାର୍ଷିକ ୬୦ ଦିନ ଅର୍ଜିତ ଛୁଟି ଓ ୧୫ ଦିନ ଆକସ୍ମିକ ଛୁଟି ମିଳିବାର ବ୍ୟବସ୍ଥା ରହିଛି। ତେବେ ଆବଶ୍ୟକ ସମୟରେ ଛୁଟି ନମିଳିବା ନେଇ ଅଭିଯୋଗ ରହିଛି। ଅନ୍ୟପକ୍ଷରେ, ସୀମାନ୍ତ ଓ ଦୁର୍ଗମ ଅଞ୍ଚଳରେ ନିୟୋଜନ ଯୋଗୁଁ ଅନେକ ଯବାନ ପରିବାରଠାରୁ ଦୀର୍ଘ ସମୟ ଦୂରରେ ରହୁଛନ୍ତି। ଅନେକ ଯବାନଙ୍କୁ ପଦୋନ୍ନତି ପାଇଁ ୧୮ରୁ ୨୦ ବର୍ଷ ଅପେକ୍ଷା କରିବାକୁ ପଡୁଥିବା ଅଭିଯୋଗ ହୋଇଛି। ଖାଲି ପଦ, କ୍ୟାଡର ସମୀକ୍ଷାରେ ବିଳମ୍ବ ଓ ପଦୋନ୍ନତି ସୁଯୋଗର ଅଭାବ ଯବାନଙ୍କ ମନୋବଳକୁ ପ୍ରଭାବିତ କରୁଛି। ଏହା ସହ ଅଧିକାରୀଙ୍କ ଦୁର୍ବ୍ୟବହାର ଏବଂ ଅଭିଯୋଗ ଜଣାଇବା ପାଇଁ ଉପଯୁକ୍ତ ବ୍ୟବସ୍ଥାର ଅଭାବ ମଧ୍ୟ ସମସ୍ୟାକୁ ଜଟିଳ କରୁଥିବା କୁହାଯାଉଛି। ଏହି ସମସ୍ୟାର ସମାଧାନ ପାଇଁ ଖାଲି ପଦ ପୂରଣ, ନିର୍ଦ୍ଧାରିତ କାର୍ଯ୍ୟ ସମୟ, ପର୍ଯ୍ୟାପ୍ତ ବିଶ୍ରାମ, ସମୟୋଚିତ ଛୁଟି ଓ ପଦୋନ୍ନତି ବ୍ୟବସ୍ଥାକୁ ସୁଦୃଢ଼ କରିବା ଆବଶ୍ୟକ। ଏଥିସହ ଯବାନଙ୍କ ମାନସିକ ସ୍ୱାସ୍ଥ୍ୟ ପରାମର୍ଶ ଓ ଅଭିଯୋଗର ନିରପେକ୍ଷ ସମାଧାନ ପାଇଁ ପ୍ରଭାବଶାଳୀ ବ୍ୟବସ୍ଥା ଗଠନ ଉପରେ ଗୁରୁତ୍ୱ ଦିଆଯାଇଛି।

ଆଉ ପାଳନ ହେବ ନାହିଁ ସମବାୟ ସପ୍ତାହ

ସରକାରଙ୍କ ନିଷ୍ପତ୍ତିକୁ କଂଗ୍ରେସର ବିରୋଧ

ଭୁବନେଶ୍ୱର,୨୫।୧୦(ସମିସ): ଦେଶର ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହର ଲାଲ ନେହେରୁ ପଞ୍ଚବାର୍ଷିକ ଯୋଜନା ଆରମ୍ଭରେ ପ୍ରତି ପଞ୍ଚାୟତରେ ଗୋଟିଏ ପ୍ରାଥମିକ ବିଦ୍ୟାଳୟ, ଗୋଟିଏ ପ୍ରାଥମିକ ଚିକିତ୍ସାଳୟ ଏବଂ ଗୋଟିଏ ପ୍ରାଥମିକ କୃଷି ସେବା ସମବାୟ ସମିତି ପ୍ରତିଷ୍ଠା କରିବା ପାଇଁ ପ୍ରୟାସ କରିଥିଲେ। ସମବାୟ ମାଧ୍ୟମରେ ସାମଗ୍ରିକ ବିକାଶ ଓ ଅର୍ଥନୈତିକ ପ୍ରଗତି ହିଁ ସମ୍ଭବ ବୋଲି ନେହରୁ ସମବାୟକୁ ବିଶେଷ ଗୁରୁତ୍ୱ ଦେଇଥିଲେ। ତେଣୁ ୧୯୫୩ ମସିହାଠାରୁ ଦେଶର ସବୁ ରାଜନୈତିକ ଦଳର ନେତୃବୃନ୍ଦ, ଶୁଭେଚ୍ଛୁ ଏବଂ ବିଭିନ୍ନ ବର୍ଗର ବ୍ୟକ୍ତି ବିଶେଷଙ୍କ ନିଷ୍ପତ୍ତିକ୍ରମେ ସମବାୟ କ୍ଷେତ୍ରରେ ନେହରୁଙ୍କ ଅତୁଳନୀୟ ଅବଦାନ ପାଇଁ ନଭେମ୍ବର-୧୪ଠାରୁ ନଭେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଦେଶରେ ନିଖିଳ ଭାରତ ସମବାୟ ସପ୍ତାହ ଦୀର୍ଘ ୭୨ ବର୍ଷ ଧରି ପାଳନ କରଯାଇ ଆସୁଅଛି। ମାତ୍ର ଚଳିତ ବର୍ଷରୁ ଏହାକୁ ବନ୍ଦ ପାଇଁ ହୋଇଥିବା ନିଷ୍ପତ୍ତିକୁ ରାଜ୍ୟ କଂଗ୍ରେସ ବିରୋଧ କରିଛି।

ରବିବାର କଂଗ୍ରେସ ଭବନରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପିସିସି ସମବାୟ ପ୍ରକୋଷ୍ଠ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକ କହିଛନ୍ତି, ଇତି ମଧ୍ୟରେ ବିଭିନ୍ନ ସମୟରେ

ବିଭିନ୍ନ ରାଜନୈତିକ ଦଳ ସରକାର ଗଠନ କରିବା ପରେ ଏହି ସମବାୟ ସପ୍ତାହଟିକୁ ବହୁ ଧୁମ୍ଧାମ୍ରେ ପାଳନ କରି ଆସିଥିଲେ। ଓଡ଼ିଶାରେ ମଧ୍ୟ ବିଜେପି ସରକାର ଆସିବା ପୂର୍ବରୁ ଏହା ପାଳନ ହେଉଥିଲା। କିନ୍ତୁ ଦୁର୍ଭାଗ୍ୟର ବିଷୟ ବର୍ତ୍ତମାନର ବିଜେପି ସରକାର ନେହରୁଙ୍କ ଜନ୍ମଦିନ ନଭେମ୍ବର-୧୪ଠାରୁ ପ୍ରତିବର୍ଷ ପାଳନ କରାଯାଉଥିବା ସମବାୟ ସପ୍ତାହ ଚଳିତ ବର୍ଷଠାରୁ ପାଳନ ନ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ଏହି ନିଷ୍ପତ୍ତିକୁ ରାଜ୍ୟ କଂଗ୍ରେସ ତୀବ୍ର ବିରୋଧ କରିବା ସହ ଏହା ଅତ୍ୟନ୍ତ ପରଶ୍ରୀକାତରତା ଏବଂ ହୀନମନ୍ୟତାର ପରିଚୟ ବୋଲି ଶ୍ରୀ ପଟ୍ଟନାୟକ କହିଛନ୍ତି। ସେ ଆହୁରି କହିଛନ୍ତି, ନଭେମ୍ବର ୧୪ ନେହରୁଙ୍କ ଜନ୍ମ ଦିବସ ଅବସରରେ ଆସନ୍ତା ନଭେମ୍ବର ୧୪ରୁ ୨୦ ପର୍ଯ୍ୟନ୍ତ ପ୍ରଦେଶ କଂଗ୍ରେସ କମିଟି ସମବାୟ ପ୍ରକୋଷ୍ଠ ପକ୍ଷରୁ ରାଜ୍ୟବ୍ୟାପୀ ସମବାୟ ସପ୍ତାହ ପାଳନ ଓ ଦେଶ ଗଠନରେ ନେହରୁଜୀଙ୍କ ସମବାୟ ବାର୍ତ୍ତାକୁ ବ୍ୟାପକ ଭାବେ ପ୍ରଚାର ଓ ପ୍ରସାର କରାଯିବ। ଆସନ୍ତା ନଭେମ୍ବର ୧୪ ରୁ ଦେଶବ୍ୟାପି ସମବାୟ ସପ୍ତାହ ପାଳନ କରାନଗଲେ ସମବାୟବିତ ମାନେ ଦେଶର ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସେ ଚେତାବନୀ ଦେଇଛନ୍ତି।

ନଭେମ୍ବର ୪ରେ ଆସିବେ ରାଷ୍ଟ୍ରପତି

ବାରିପଦା, ୨୫।୧୦(ସମିସ): ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆଗାମୀ ମୟୂରଭଞ୍ଜ ଗସ୍ତ କାର୍ଯ୍ୟସୂଚୀରେ ପରିବର୍ତ୍ତନ କରାଯାଇଛି। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଏହି ଗସ୍ତକୁ ଘୁଞ୍ଚାଇ ଦିଆଯାଇଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁସାରେ ସେ ଅକ୍ଟୋବର ୨୮ ଓ ୨୯ ତାରିଖରେ ରାଇରଙ୍ଗପୁର ଆସିବାର ଥିଲା। ବର୍ତ୍ତମାନ ସେ ନଭେମ୍ବର ୪ ଓ ୫ ତାରିଖରେ ଦୁଇଦିନିଆ ଗସ୍ତରେ ଆସିବେ ବୋଲି ରାଷ୍ଟ୍ରପତି ଭବନରୁ ଚିଠି ମାଧ୍ୟମରେ ସୂଚନା ମିଳିଛି। ଏହାକୁ ନେଇ ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି।

ସଂଶୋଧିତ କାର୍ଯ୍ୟସୂଚୀ ଅନୁଯାୟୀ, ନଭେମ୍ବର ୪ ତାରିଖ ସକାଳ ୮ଟାରେ ରାଷ୍ଟ୍ରପତି ଭବନରୁ ବାହାରି କଲେଇକୁଣ୍ଡା ଦେଇ ପୂର୍ବାହ୍ଣ ୧୦.୪୫ରେ ବାୟୁସେନାର ସ୍ୱତନ୍ତ୍ର ହେଲିକପ୍ଟର ଯୋଗେ ଦାଣ୍ଡବୋଷ ଏୟାରଷ୍ଟ୍ରିପ୍ରେ ଅବତରଣ କରିବେ। ସେଠାରୁ ବାହାରି ବହଳଦା ମା' କିଚକେଶ୍ୱରୀ ମନ୍ଦିର ଯାଇ ପୂଜା କରିବେ। ପରେ ରାଇରଙ୍ଗପୁର ହଲିଡେ ହୋମ୍ରେ ପହଞ୍ଚି ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗ ଓ ହିନ୍ଦୁଜା ହସ୍ପିଟାଲ ମଧ୍ୟରେ ଏମ୍ଓୟୁ ସ୍ୱାକ୍ଷର, ନେଫ୍ରୋଲୋଜି କ୍ୟାମ୍ପେନ୍ ଓ ମେଡିକାଲ ଭ୍ୟାନ୍ର ଶୁଭାରମ୍ଭ କରିବେ। ଅପରାହ୍ଣରେ ଉପଖଣ୍ଡ ଚିକିତ୍ସାଳୟରେ ମେଗା ସ୍ୱାସ୍ଥ୍ୟ ଶିବିର ପରିଦର୍ଶନ ସହ କଚେରି ପଡ଼ିଆରେ ଆୟୋଜିତ ସଭାରେ 'ପ୍ରସାଦ' ଯୋଜନାରେ ଖିଚିଂ ମା' କୀଚକେଶ୍ୱରୀ ମନ୍ଦିର ନବୀକରଣ, ଜାହେରା ବିକାଶ, ସ୍ପୋର୍ଟ୍ସ କମ୍ପ୍ଲେକ୍ସରେ ହଷ୍ଟେଲ, ଗୋଶାଳା ଓ ଆସେକା ଭବନ ନିର୍ମାଣର ଶିଳାନ୍ୟାସ କରିବେ। ଏଥିସହିତ ବାଦାମପାହାଡ଼-ପୁରୀ ଦୈନିକ ଏକ୍ସପ୍ରେସ୍ ଟ୍ରେନ୍ର ଶୁଭାରମ୍ଭ କରିବେ। ସେଦିନ ରାତିରେ ସେ ନିଜ ମହୁଲଡିହାସ୍ଥ ବାସଭବନରେ ରାତ୍ରୀଯାପନ କରିବେ। ନଭେମ୍ବର ୫ (ଗୁରୁବାର) ସକାଳେ ମହୁଲଡିହା ଲକ୍ଷ୍ମୀ ମଣ୍ଡପରେ ପୂଜାର୍ଚ୍ଚନା, ସ୍ପୋର୍ଟ୍ସ କମ୍ପ୍ଲେକ୍ସ ପରିଦର୍ଶନ, ବିକାଶନଗରରେ ସିଏସସି କ୍ୟାମ୍ପେନ୍ ଓ ବୀରନାରୀଙ୍କୁ ସମ୍ମାନିତ କରିବାର କାର୍ଯ୍ୟକ୍ରମ ରହିଛି। ଏହାପରେ ଗୋରୁମହିଷାଣୀସ୍ଥ ମଲ୍ଟି-ସ୍କିଲ୍ ସେଣ୍ଟରରେ ଶାଳ ଓ ମହୁଲ ଚାରା ରୋପଣ କରି ଅପରାହ୍ଣ ୧୨.୪୫ରେ ଦାଣ୍ଡବୋଷରୁ ବାୟୁସେନାର ହେଲିକପ୍ଟର ଯୋଗେ ନୂଆଦିଲ୍ଲୀ ପ୍ରତ୍ୟାବର୍ତ୍ତନ କରିବେ।

ରାଜସ୍ୱ ନିରୀକ୍ଷକଙ୍କୁ ଅଫିସରେ ଧମକ ଓ ଗାଳିଗୁଲଜ

ସମିତିସଭ୍ୟଙ୍କ ବିରୋଧରେ ଥାନାରେ ମାମଲା

ଭଦ୍ରକ,୨୫।୧୦(ସମିସ): ଭଦ୍ରକ ଜିଲ୍ଲା ଚାନ୍ଦବାଲି ତହସିଲ୍ ଅଧୀନ ନାଲଗୁଣ୍ଡା ରାଜସ୍ୱ ନିରୀକ୍ଷକ (ଆର୍ଆଇ)ଙ୍କ କାର୍ଯ୍ୟାଳୟରେ ଧସେଇ ପଶି ରାଜସ୍ୱ ନିରୀକ୍ଷକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ନାଲଗୁଣ୍ଡା ଗ୍ରାମ ପଞ୍ଚାୟତର ସମିତିସଭ୍ୟ ଅଭୟ ବଳଙ୍କ ବିରୋଧରେ ଚାନ୍ଦବାଲି ଥାନାରେ ଏତଲା ଦିଆଯାଇଛି।

ପ୍ରାପ୍ତ ସୂଚନା ଅନୁଯାୟୀ, ସରକାରୀ କାର୍ଯ୍ୟାଳୟରେ ପଶି କାର୍ଯ୍ୟରତ ରାଜସ୍ୱ ନିରୀକ୍ଷକ ସତ୍ୟରଞ୍ଜନ କରଙ୍କୁ ବିଭିନ୍ନ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା, ଧମକଚମକ ଦେବା ସହ ସରକାରୀ କାର୍ଯ୍ୟରେ ବାଧା ସୃଷ୍ଟି କରାଯାଇଥିବା ଅଭିଯୋଗ ହୋଇଛି। ଏହାର ପ୍ରତିବାଦରେ ଶ୍ରୀ କର ଏ ବାବଦରେ ଚାନ୍ଦବାଲି ତହସିଲ୍ଦାରଙ୍କୁ ଜଣାଇବା ପରେ ତହସିଲ୍ଦାର ଭାବତୋଷ ମଲ୍ଲିକ ଚାନ୍ଦବାଲି ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଚାନ୍ଦବାଲି ପୁଲିସ ଉକ୍ତ ଘଟଣାକୁ ଗୁରୁତ୍ୱର ଭାବେ ନେବା ସହ ଘଟଣାରେ ଏକ ମାମଲା(ନଂ-୩୭୭/୨୬) ରୁଜୁ କରି ତଦନ୍ତ ଚଳାଇଛନ୍ତି। ଏହି ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଆଲୋଚନା ଜୋର୍ ଧରିଛି। ସୂଚନାଯୋଗ୍ୟ, ଶ୍ରୀ ବଳ ଶାସକ ଦଳର ସମର୍ଥିତ ସମିତିସଭ୍ୟ ହୋଇଥିବାରୁ ପୁଲିସ ତାଙ୍କ ଉପରେ କିପରି କାର୍ଯ୍ୟାନୁଷ୍ଠାନ ନେଉଛି ତାହା ଉପରେ ସମସ୍ତଙ୍କର ନଜର ରହିଛି।

ଭାଲୁ ଆକ୍ରମଣରେ ମହିଳାଙ୍କ ମୃତ୍ୟୁ

ବୋରିଗୁମ୍ମା,୨୫।୧୦ (ସମିସ): ବୋରିଗୁମ୍ମା ବ୍ଲକ ଅନ୍ତର୍ଗତ ବୋଡ଼ିଗା ପଞ୍ଚାୟତର ତକିଗୁଡ଼ା ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗ୍ରାମର ପାର୍ବତୀ ମୁଦୁଲି ପରିବା ତୋଳିବା ପାଇଁ ବଗିଚାକୁ ଯାଇଥିଲେ, ସେହି ସମୟରେ ପରିବା ବଗିଚାରେ ମା' ଭାଲୁ ଦୁଇଟି ଛୁଆ ଭାଲୁ ସହିତ ସେଠାରେ ଥିଲେ। ମା' ଭାଲୁ ପାର୍ବତୀଙ୍କୁ ଅତର୍କିତ ଭାବେ ଆକ୍ରମଣ କରିଥିଲା। ମହିଳା ଜଣକ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ି ଚିତ୍କାର କରିବା ପରେ ଗାଁ ଲୋକେ ଭାଲୁକୁ ଘଉଡ଼ାଇ ଥିଲେ। ପାର୍ବତୀଙ୍କୁ ଉଦ୍ଧାର କରି କୁମୁଲି ମେଡିକାଲ୍ ନିଆଯାଇଥିଲା। ଅଧିକ ଚିକିତ୍ସା ପାଇଁ ତାଙ୍କୁ ବୋରିଗୁମ୍ମା ମେଡିକାଲ୍କୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଗାଁ ଲୋକେ ଅଭିଯୋଗ କରିଛନ୍ତ ଯେ, ପ୍ରାୟ ଦୁଇ ମାସ ହେଲା ବୋଡ଼ିଗା ଅଞ୍ଚଳରେ ଭାଲୁଙ୍କ ଉପଦ୍ରବ ବଢିଚାଲିଛି।

AFFIDAVIT

I, PRIYADARSHINI SETHI, W/O TUSAR KUMAR resident of At - Near Mangala Temple, PO - Kumarpur, PS - Gurudijhatia, Dist - Cuttack - 754028, Odisha declare by this Affidavit No. 3463 Dated - 25/08/2026, that now onwards I shall be known as **STHITI PRIYADARSHINI** for all future purposes.

AFFIDAVIT

I, TUSARKANT SETHY, S/O NIRANJAN SETHY resident of At - Near Mangala Temple, PO - Kumarpur, PS - Gurudijhatia, Dist - Cuttack - 754028, Odisha declare by this Affidavit No. 3464 Dated - 25/08/2026, that now onwards I shall be known as **TUSAR KUMAR** for all future purposes.

Notice (above 18 years of age)

By virtue of an affidavit sworn before Executive Magistrate(K) Udala, Mayurbhanj , dated 23-10-2026 I, Kaberi Parida, Address At- Ward No.3, Nagpal, Udala NAC, Po/Ps- Udala, Dist- Mayurbhanj, Pin- 757041, Odisha declare that I have changed my name from Sonalika Das to Kaberi Parida. Henceforth, I shall be known as **Kaberi Parida** for all purposes.

(Kaberi Parida)

Notice (above 18 years of age)

By virtue of an affidavit sworn before Notary Public, Udala, Mayurbhanj , dated 23-10-2026 I, Archana Kisku, Address At- Girishchandrapur Po-Bangra, Ps- Khunta, Dist- Mayurbhanj, Pin- 757074, Odisha declare that I have changed my name from Archana Murmu to Archana Kisku. Henceforth, I shall be known as **Archana Kisku** for all purposes.

(Archana Kisku)

Notice (above 18 years of age)

By virtue of an affidavit sworn before Notary Public, Udala, Mayurbhanj , dated 22-10-2026 I, Muni Singh, Address At- Talkunda Po-Talkunda, Ps- Khunta, Dist- Mayurbhanj, Pin- 757074, Odisha declare that I have changed my name from Mini Sing to Muni Singh. Henceforth, I shall be known as Muni Singh for all purposes.

(Muni Singh)

GOVERNMENT OF ODISHA 32001/1102/2627
DEPARTMENT OF WATER RESOURCES
"e" Procurement Notice- BAID 03 OF 2026-27
BID IDENTIFICATION NO. BAID 03 OF 2026-27

1	Name of the Work	Improvement / maintenance of irrigation canal / river embankment/ Building work for the year 2026-27.
2	Total No. of Package	19 Nos.
3	Tender Cost	Rs. 14.16 Lakhs to 84.65 Lakhs as per DTCN
4	Bid Security	Rs. 14200/- to Rs. 84700/- as per DTCN
5	Cost of Tender Paper (Online)	Rs. 6000/- to Rs. 10000/- as per DTCN
6	Period of Completion	As per DTCN
7	Availability of Tender online for bidding	From 27.10.2026 at 12.00 Noon to 05.11.2026 up to 5.30 P.M.
8	Date and place of opening	Dt. 06.11.2026 at 11.00 AM in the office of the Superintending Engineer, Baitarani Irrigation Division, Salapada
9	Tender Inviting Authority	Superintending Engineer, Baitarani Irrigation Division, Salapada

Further details can be seen from the website http://www.tendersorissa.gov.in / www.dowrodisha.gov.in Any addendum/ Corrigendum/ Cancellation to the above notice will be published in this web site only.

Superintending Engineer
Baitarani Irrigation Division,
Salapada

OIPR-32001/32439/1/26-27/0003

GOVERNMENT OF ODISHA 34001/1025/2627
OFFICE OF THE SUPERINTENDING ENGINEER, MALKANGIRI (R&B) DIVISION, MALKANGIRI
E-Procurement Notice
Bid Identification No. S.E (R&B)-MLK-17/2026-27

No. 5529 Date. 13.10.2026

1.	Name of the work:	Civil Work
2.	Total No. of Works:	01 Nos.
3.	Estimated cost:	84.75 lakhs
4.	Period of completion:	03(Three) months
5.	Date & time of availability of bid document in the portal:	From 17.00 hrs. of 28.10.2026 To 17.00 hrs. Of 09.11.2026
6.	Last date / Time for receipt of bids in the Portal:	17.00 hours of 09.11.2026
7.	Date of opening of Tender:	10.00 hours of 10.11.2026
8.	Name and address of the Officer Inviting Bid:	Superintending Engineer Malkangiri(R&B) Division

Further details can be seen from the e-procurement portal https://tendersorissa.gov.in

Superintending Engineer
Malkangiri(R&B) Division

OIPR-34001/34063/1/26-27/0015

ପାରାଦୀପରେ ଗଜଲକ୍ଷ୍ମୀ ପୂଜା

ଝଲସୁଛି ସବୁ ପୂଜା ମଣ୍ଡପ

ପାରାଦୀପ,୨୬।୧୦(ସମିସ)

ଶାରଦୀୟ ଗଜଲକ୍ଷ୍ମୀ ପୂଜା ପାଇଁ ବନ୍ଦର ସହର ଉତ୍ସବ ମୁଖର ହୋଇପଡିଛି। ଏନେଇ ଚଳଚଞ୍ଚଳ ହୋଇପଡିଛି ସହରରେ ଆୟୋଜିତ ପୂଜା ମଣ୍ଡପ ଗୁଡିକ। ନୂଆବଜାର ମାର୍କେଟ, ତାରିଣୀ ମାର୍କେଟ, ବିଲ୍ଡିଂ ମାର୍କେଟ, କ୍ୟାବିନ ମାର୍କେଟ, ଷଣ୍ଢକୁଦ, ନେହୁରୁବଙ୍ଗଳା ମାର୍କେଟ ପରିସରରେ ଲକ୍ଷ୍ମୀପୂଜା ଆୟୋଜିତ ହୋଇଛି। ଏହି ପୂଜା ସପ୍ତାହେ ବ୍ୟାପୀ ଚାଲିବ। ପୂଜା ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ଚାଲିବ ବୋଲି ଆୟୋଜକ ମାନଙ୍କ ପକ୍ଷରୁ ସୂଚନା ମିଳିଛି। ପ୍ରମୁଖ ସ୍ଥାନ ମାନଙ୍କରେ ଚଳିତ ବର୍ଷ ସୁନ୍ଦର ସୁନ୍ଦର ତୋରଣ ସାଙ୍ଗକୁ ସୁନ୍ଦର ଭାବେ ଗଜଲକ୍ଷ୍ମୀଙ୍କୁ ସଜା ଯାଇଛି। ତା’ ସାଙ୍ଗକୁ ଅଲୋକୀକରଣ ମୁଖ୍ୟ ଆକର୍ଷଣ ସାଜିଛି। ବିଶେଷକରି ନୂଆବଜାର ମାର୍କେଟ ଠାରେ ବ୍ୟବସାୟୀ ସଂଘ ପକ୍ଷରୁ ଆୟୋଜିତ ମଣ୍ଡପରେ ଝଲସୁଛି ଲକ୍ଷ୍ମୀଙ୍କ ମୃଣ୍ମୟୀ ମୂର୍ତ୍ତି। ଏହାର ସାଜସଜ୍ଜା ଭରପୁର ଆନନ୍ଦ ଦେଉଛି ବ୍ୟବସାୟୀ ଓ ସ୍ଥାନୀୟ ବାସିନ୍ଦାଙ୍କୁ। ତୋରଣର ନିର୍ମାଣ ଶୈଳୀ ମଧ୍ୟ ଚଳିତ ବର୍ଷ ଖୁବ ସୁନ୍ଦର ହୋଇଛି।

ମାଛଧରା ବନ୍ଦରରେ ଶୋଭାପାଉଛନ୍ତି ମା’

ପାରାଦୀପ,୨୬।୧୦(ସମିସ): ନେହୁରବଙ୍ଗଳା ସ୍ଥିତ ମେରାଇନ ପ୍ରାଥମିକ ମତ୍ସ୍ୟ ଉତ୍ପାଦନ ଓ ବାଣିଜ୍ୟ ସମବାୟ ସମିତି ଲିଃ ପକ୍ଷରୁ ମହାଆଡମ୍ବରରେ ଗଜଲକ୍ଷ୍ମୀ ପୂଜା ଅନୁଷ୍ଠିତ ହେଉଛି। ଏଥିରେ ମାଛଧରା ବନ୍ଦରର ସମସ୍ତ ଟ୍ରଲର ମାଲିକ, କର୍ମଚାରୀ ଏବଂ ବ୍ୟବସାୟୀମାନେ ଉପସ୍ଥିତ ରହି ମା’ଙ୍କ ପୂଜା କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ତେବେ ଏହି ଗଜଲକ୍ଷ୍ମୀ ପୂଜା ପାଇଁ ପୂରା ମାଛଧରା ବନ୍ଦର ଚଳଚଞ୍ଚଳ ହୋଇପଡିଛି। ସକାଳୁ ଗଜଲକ୍ଷ୍ମୀଙ୍କ ପୂଜାର୍ଚ୍ଚନା କରାଯିବା ସହ ହୋମ ଓ ପୁଷ୍ପାଞ୍ଜଳି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ଜୟଦେବ ସଦନରେ ‘କୁମାର ଉତ୍ସବ’

ପାରାଦୀପ,୨୬।୧୦(ସମିସ): ପାରାଦୀପ ବନ୍ଦର ଓ ଜଗନ୍ନାଥ ଲଳିତ କଳା ସଂସଦ ପକ୍ଷରୁ ସ୍ଥାନୀୟ ଜୟଦେବ ସଦନ ପରିସରରେ “କୁମାର ଉତ୍ସବ’ ମହାସମାରୋହରେ ପାଳିତ ହୋଇଯାଇଛି। ଓଡ଼ିଶାର ପାରମ୍ପରିକ କଳା, ସଂସ୍କୃତି ଓ ଲୋକପରମ୍ପରାର ପ୍ରଚାରପ୍ରସାର ସହ ନୂତନ ପିଢ଼ିର ଅନ୍ତର୍ନିହିତ ପ୍ରତିଭାକୁ ଲୋକଲୋଚନକୁ ଆଣିବା ଲକ୍ଷ୍ୟରେ ଆୟୋଜିତ ଏହି ଉତ୍ସବରେ ବିଭିନ୍ନ ପ୍ରତିଯୋଗିତା, ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆକର୍ଷଣର କେନ୍ଦ୍ର ପାଲଟିଥିଲା। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଜଗନ୍ନାଥ ଲଳିତ କଳା ସଂସଦର ସଭାପତି କ୍ୟାପଟେନ୍ ଅଲେଖ ଚରଣ ସାହୁ ଯୋଗଦେଇ ଉତ୍ସବର ଶୁଭାରମ୍ଭ କରିଥିଲେ। ଉତ୍ସବ ଅବସରରେ ଅପରାହ୍ନ ୪ଟାରୁ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ଜୁନିୟର ଓ ସିନିୟର ବର୍ଗରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଭାଗନେଇ ପ୍ରତିଯୋଗୀମାନେ ନିଜ ନିଜର ପ୍ରତିଭା, ଦକ୍ଷତା ଓ ସୃଜନଶୀଳତାର ପରିଚୟ ଦେଇଥିଲେ। ସନ୍ଧ୍ୟା ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ପକ୍ଷରୁ ମନୋରମ ନୃତ୍ୟ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କଳାକାରମାନଙ୍କ ଆକର୍ଷଣୀୟ ପ୍ରଦର୍ଶନ ଉପସ୍ଥିତ ଦର୍ଶକଙ୍କୁ ବେଶ୍ ଆକୃଷ୍ଟ କରିବା ସହ ଜୟଦେବ ସଦନ ପରିସରକୁ ଉତ୍ସବମୁଖର କରିଥିଲା। ଏହି ସାଂସ୍କୃତିକ ସନ୍ଧ୍ୟା ମାଧ୍ୟମରେ ଓଡ଼ିଶାର ସମୃଦ୍ଧ କଳା ଓ ପରମ୍ପରାର ଝଲକ ଦେଖିବାକୁ ମିଳିଥିଲା। ରାତି ୮ଟାରୁ ୯ଟା ପର୍ଯ୍ୟନ୍ତ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ମାନପତ୍ର ଓ ଉପଢୌକନ ପ୍ରଦାନ କରି ପୁରସ୍କୃତ କରାଯାଇଥିଲା। ଜଗନ୍ନାଥ ଲଳିତ କଳା ସଂସଦର ସମ୍ପାଦକ ପ୍ରଶାନ୍ତ ମହାରଣାଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପାଦିତ ହୋଇଥିଲା।

ବିଜୁ ମଇଦାନରେ କୁମାର ଉତ୍ସବ ଆୟୋଜିତ

ପାରାଦୀପ,୨୬।୧୦(ସମିସ): ପାରାଦୀପ ସମୁଦ୍ର ବେଳାଭୂମି ନିକଟ ବିଜୁ ମଇଦାନରେ ମୟୂରୀ କଳା ପରିଷଦ ଓ ପ୍ରିୟଦର୍ଶିନୀ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ କୁମାର ଉତ୍ସବ ମହାସମାରୋହରେ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଗନ୍ନାଥ ଲଳିତ କଳା ସଂସଦ ର ସମ୍ପାଦକ ପ୍ରଶାନ୍ତ ମହାରଣା, କାଉନସିଲର ଅଜିତ ଷଡଙ୍ଗୀ, କାଉନସିଲର କବିତା ସାହୁ, କାଉନସିଲର ସ୍ୱପ୍ନାରାଣୀ ଜେନା, କାଉନସିଲର ରୁନି ଲତା ପରିଡା, ନଳିନୀ ପ୍ରଭା ସାହୁ ଏବଂ ଚାପଳା ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।ଏଥିରେ ବହୁ ଛାତ୍ରଛାତ୍ରୀ, ଯୁବତୀ ଓ ବିଭିନ୍ନ ସଙ୍ଗଠନ ର ମହିଳାମାନେ ଯୋଗ ଦେଇ ସାଂସ୍କୃତିକ କାର୍ଯ୍ୟକ୍ରମରେ ଭାଗ ନେଇଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମରେ ବିଶେଷକରି ଓଡିଶାର ପରମ୍ପରାକୁ ନେଇ ପ୍ରଦର୍ଶିତ ବିଭିନ୍ନ ନୃତ୍ୟ ଗୀତ ପରିବେଷଣ କରାଯାଇଥିଲା। କୁମାରୀମାନଙ୍କ ମଧ୍ୟରେ କୁଇଜ, ପୁଚି, ଚିତା ପ୍ରତିଯୋଗିତା, ଚାନ୍ଦ ପୂଜା କାର୍ଯ୍ୟକ୍ରମ ମାନ କରାଯାଇଥିଲା। ପରେ କୃତୀ କୁମାରୀ ମାନଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ।

ଜଗତସିଂହପୁର ସାହିତ୍ୟ ପରିଷଦର ସାହିତ୍ୟ ଆସର

ଜଗତସିଂହପୁର/ବାଲିକୁଦା,୨୬।୧୦(ସମିସ): ଜଗତସିଂହପୁର ସାହିତ୍ୟ ପରିଷଦ ପକ୍ଷରୁ ବାଲିକୁଦା ବ୍ଲକ ଅନ୍ତର୍ଗତ ଅଳାବୋଲସ୍ଥିତ ନାଗା ମଠଠାରେ କୁମାର ଉତ୍ସବ ଅବସରରେ ବିଶେଷ ସାହିତ୍ୟ ଆସର ପରିଷଦର ପ୍ରତିଷ୍ଠାତା କବି ଅଜୟ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଆସରରେ ପରିଷଦର ସମ୍ପାଦକ ଉମାକାନ୍ତ ନାୟକ, କବି ବଂଶୀଧର ବେହେରା, କର୍ଣ୍ଣେଲ ଶଶାଙ୍କ ଶେଖର ସ୍ୱାଇଁ, ଶିକ୍ଷାବିତ ବିଜୟ କୁମାର ବିଶ୍ୱାଳ, ନାଟ୍ୟକାର ଗଣେଶ ମହାନ୍ତି, କବି ପରୀକ୍ଷିତ ମହାନ୍ତି ପ୍ରମୁଖ ଯୋଗ ଦେଇ ଅବକ୍ଷୟମୁଖୀ ଓଡ଼ିଆ ସାହିତ୍ୟ ଓ ଏହାର ସୁରକ୍ଷାରେ ଆମର ଦାୟିତ୍ୱ ଶୀର୍ଷକ ଆଲୋଚନା କରିଥିଲେ। ପରିଷଦର ସଂଗଠନ ସମ୍ପାଦକ ରମେଶ ଚନ୍ଦ୍ର ବହିରା ଅତିଥି ଆମନ୍ତ୍ରଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ।। ସାହିତ୍ୟିକ ରାମଚନ୍ଦ୍ର ସାହୁ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। କବୟିତ୍ରୀ ସ୍ମିତା ଦାସ, ଅମିତା ଦାସ ଓ ପ୍ରାକ୍ତନ ଶିକ୍ଷାବିତ ଅଶୋକ କୁମାର ସ୍ୱାଇଁ ପ୍ରମୁଖ କୁମାର ଉତ୍ସବ ତଥା ଅବକ୍ଷୟମୁଖୀ ଓଡ଼ିଆ ସାହିତ୍ୟ ଉପରେ ଆଲୋଚନା କରିଥିଲେ। କବୟିତ୍ରୀ କନକଲତା ପରିଡା କୁମାର ପୁନେଇ ଗୀତ ପରିବେଷଣ କରିଥିଲେ। କବି ପୂର୍ଣ୍ଣାନନ୍ଦ ମହାନ୍ତିଙ୍କ ସଂଯୋଜନାରେ ଶେଷଦେବ ଛୋଟରାୟ, ରବୀନ୍ଦ୍ରନାଥ ବେହେରା, ମହମ୍ମଦ ମନସୁର ଅଲ୍ଲୀ, କୃଷ୍ଣଚନ୍ଦ୍ର ଦାସ, ଆଦିତ୍ୟ ନାରାୟଣ ଚୌଧୁରୀ, କୁଞ୍ଜ ବିହାରୀ ସ୍ୱାଇଁ, ଅନାମ ଚରଣ ଓଝା, ଗଗନ ବିହାରୀ ବେହେରା, ହୃଦାନନ୍ଦ ବାରିକ, କାର୍ତ୍ତିକ ଚନ୍ଦ୍ର ମୁଦୁଲି, ପ୍ରଣବ ପ୍ରଧାନ, ସନ୍ତୋଷ କୁମାର ବିଶ୍ୱାଳ, ପ୍ରଫୁଲ୍ଲ କୁମାର ଷଡ଼ଙ୍ଗୀ, ଦେବଦ୍ୟୁତ ବିଶ୍ୱାଳ ଓ ରିତେଶ କୁମାର ସ୍ୱାଇଁ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। କବି ରଞ୍ଜିତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

ଦୁର୍ଘଟଣାରେ ଆହତ ଶିଶୁର ଚିକିତ୍ସା ପାଇଁ ସହାୟତା

ବାଲିକୁଦା,୨୬।୧୦(ସମିସ): ଦୁର୍ଘଟଣାରେ ଗୁରୁତର ଆହତ ହୋଇ ଚିକିତ୍ସାଧୀନ ଥିବା ଜଣେ ଶିଶୁର ଚିକିତ୍ସା ପାଇଁ ସହାୟତାର ହାତ ବଢ଼ାଇଛି ଜଗତସିଂହପୁର ଜିଲ୍ଲା ପ୍ରସନ୍ନପୁରସ୍ଥିତ ଜୟ ଜଗନ୍ନାଥ ସେବା ସଂଘ। ସଂଘର କର୍ମକର୍ତ୍ତାମାନେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପହଞ୍ଚି ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ବୁଝିବା ସହ ତା’ର ଚିକିତ୍ସା ନିମନ୍ତେ କିଛି ଅର୍ଥରାଶି ପ୍ରଦାନ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୨୪ ତାରିଖରେ ଦୁର୍ଘଟଣାର ସମ୍ମୁଖୀନ ହୋଇଥିବା ଶିଶୁଟି ହେଉଛି ବାଲିକୁଦା ବ୍ଲକ ଅନନ୍ତପୁର ପଞ୍ଚାୟତ ଅନ୍ତର୍ଗତ ବାହାକଣ ଖଡ଼ିକାଦଣ୍ଡ ଗ୍ରାମର ଅଭୟ ଓଝାଙ୍କ ପୁଅ ସୌମ୍ୟରଞ୍ଜନ ଓଝା। ଦୁର୍ଘଟଣା ପରେ ତାକୁ କିଛି ଦିନ ଧରି ଆଇସିୟୁରେ ରଖାଯାଇଥିବା ବେଳେ ବର୍ତ୍ତମାନ ସେ ଭୁବନେଶ୍ୱରସ୍ଥିତ ଶୈଶଭେରା ହେଲଥ କେୟାର ରେ ଚିକିତ୍ସିତ ହେଉଛି। ଶିଶୁଟିର ଉନ୍ନତ ଚିକିତ୍ସା ପାଇଁ ଅଧିକ ଅର୍ଥର ଆବଶ୍ୟକତା ଥିବାରୁ ପରିବାର ଚିନ୍ତାରେ ରହିଛି। ଏଭଳି ସମୟରେ ଜୟ ଜଗନ୍ନାଥ ସେବା ସଂଘର ସଭାପତି ବାବୁଲି ସ୍ୱାଇଁ, ଆଇନ ଉପଦେଷ୍ଟା ଅଭୟ କୁମାର ମାଝୀ, କୋଷାଧ୍ୟକ୍ଷ ସ୍ୱାଧୀନ ପ୍ରଧାନ ଏବଂ ସକ୍ରିୟ ସଦସ୍ୟ ମୁନା ପ୍ରଧାନଙ୍କ ସମେତ ସଂଘର ଅନ୍ୟ ସଦସ୍ୟମାନେ ହସ୍ପିଟାଲରେ ପହଞ୍ଚି ଶିଶୁଟିର ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଏଥିସହିତ ତା’ର ଚିକିତ୍ସାରେ ସହାୟତା ପାଇଁ ଅର୍ଥରାଶି ପ୍ରଦାନ କରିଥିଲେ।

ନଭେମ୍ବର ୪ ପଦଯାତ୍ରା ନିମନ୍ତେ ବିଜେଡିର ପ୍ରସ୍ତୁତି ବୈଠକ

ଜଗତସିଂହପୁର,୨୬।୧୦(ସମିସ): ଆସନ୍ତା ନଭେମ୍ବର ୪ ତାରିଖରେ ବିଜୁ ଜନତା ଦଳ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ପଦଯାତ୍ରା ପାଇଁ ଏକ ପ୍ରସ୍ତୁତି ବୈଠକ ସ୍ଥାନୀୟ ସିପି ସ୍ଥିତ ଜନସମ୍ପର୍କ କାର୍ଯ୍ୟାଳୟ ଠାରେ ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳ ଜିଲ୍ଲା ସଭାପତି ପ୍ରଶାନ୍ତ ମୁଦୁଲିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ବିଜୁ ଜନତା ଦଳ ରାଜ୍ୟ ଉପସଭାପତି ତଥା ପୂର୍ବତନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ଯୋଗ ଦେଇ ଉକ୍ତ ପଦଯାତ୍ରାର ସଫଳତା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଜଗତସିଂହପୁର ପୌରାଞ୍ଚଳ ଏବଂ ଜଗତସିଂହପୁର ବ୍ଲକ ଅଞ୍ଚଳର ଛାମୁଆ ନେତା ଓ କର୍ମୀ ମାନେ ଏଥିରେ ଯୋଗଦେଇ ଆଲୋଚନାରେ ଭାଗ ନେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ସମର୍ଥିତ ସରପଞ୍ଚ, ପୂର୍ବତନ ସରପଞ୍ଚ, ପଞ୍ଚାୟତ ସମିତି ସଭ୍ୟ/ ସଭ୍ୟା,ପାରିଷଦ ଓ ପୂର୍ବତନ ପାରିଷଦ ମାନେ ଯୋଗ ଦେଇଥିଲେ। ଅଧିକରୁ ଅଧିକ ମହିଳା ଯୁବଛାତ୍ର, ଓ କର୍ମୀ ମାନେ କିଭଳି ଏହି ପଦଯାତ୍ରାରେ ସାମିଲ ହୋଇପାରିବେ ତା ଉପରେ ବିଶେଷ ଭାବେ ଆଲୋକପାତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ, ଜଗତସିଂହପୁର ପଞ୍ଚାୟତ ସମିତି ଅଧକ୍ଷା କନକ ପ୍ରଭା ଲେଙ୍କା, ଉପାଧ୍ୟକ୍ଷ ରତିରଞ୍ଜନ ବେହେରା, ନଗର ବିଜେଡି ସଭାପତି ପ୍ରିୟବ୍ରତ ମହାପାତ୍ର, ଜଗତସିଂହପୁର ବ୍ଲକ ସଭାପତି କାଳନ୍ଦୀ ପତି, ରାଜ୍ୟ ଯୁବ ସାଧାରଣ ସମ୍ପାଦକ ପ୍ରଶାନ୍ତ ମଲ୍ଲିକ, ଯୁବ ବିଜେଡି ସଭାପତି ସୁମିତ ଲେଙ୍କା, ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବନୀକାନ୍ତ ଦାଶ, ନଗର ମହିଳା ସଭାନେତ୍ରୀ ମାନସୀ ନନ୍ଦ, ଜିଲ୍ଲା ପରିଷଦ ସଭ୍ୟ ବିବେକାନନ୍ଦ ବେହେରା, ଚିତ୍ତ ରଞ୍ଜନ ରାଉଳ, ଯୁବ ନେତା ସମ୍ବିତ ମହାନ୍ତି, ଛାତ୍ର ନେତା ବର୍ଣ୍ଣି ମହାପାତ୍ର ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।

କଂଗ୍ରେସର ସଚେତନତା ସଭା

ଜଗତସିଂହପୁର,୨୬।୧୦(ସମିସ): ଜଗତସିଂହପୁର ଜିଲ୍ଲାର ରଘୁନାଥପୁର ବ୍ଲକ କଂଗ୍ରେସ ପକ୍ଷରୁ ରେଢୁଆ ହାଟଠାରେ ଜିଲ୍ଲା ସଭାପତି ଦେବପ୍ରସାଦ ନାୟକଙ୍କ ନିର୍ଦ୍ଦେଶ ଓ କଂଗ୍ରେସ ନେତା ଇଂ. ହିମାଂଶୁ ଭୂଷଣ ମଲ୍ଲିକଙ୍କ ତତ୍ତ୍ୱାବୋଧନାରେ ଭୋଟ ଚୋରି ବିରୋଧରେ ଜନ ସଚେତନତା କାର୍ଯ୍ୟକ୍ରମ ଚୌପାଲ ବୈଠକ ଅନୁଷ୍ଠିତ ହୋଇଯାଇଛି। ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଓପିସିସି ସାଧାରଣ ସମ୍ପାଦକ ତଥା ଜିଲ୍ଲା କଂଗ୍ରେସ ପ୍ରଭାରୀ ବିଶ୍ୱଜିତ ଦାଶ, ଜିଲ୍ଲା କଂଗ୍ରେସ ଉପ ସଭାପତି ପ୍ରଶାନ୍ତ ଦାସ, ସମ୍ପାଦକ ମନମୋହନ ଗୋଚ୍ଛାୟତ, ନାରାୟଣ ନାୟକ, ରେଢୁଆ ପଞ୍ଚାୟତ କଂଗ୍ରେସ ସଭାପତି ପରିକ୍ଷିତ ନାୟକ, ସୁନୀଲ କୁମାର ଜେନା, ତ୍ରିଲୋଚନ ରାଉତ, ସୁବାସ ରାଟସିଂହ, ପ୍ରତାପ ସ୍ୱାଇଁ, ବିଭୁ ରଞ୍ଜନ ସ୍ୱାଇଁ, ଶଙ୍କର ବସ୍ତିଆ, ସାରଦା ଜେନା, ରମାକାନ୍ତ ଦାସ, ପ୍ରଦୀପ୍ତ ଦାସ, ସୁଧାଂଶୁ ବିଶ୍ୱାଳ, ହେମନ୍ତ ବେହେରା, ନୟିମ ଖାନ, ବିଚିତ୍ରା ନନ୍ଦ ନାୟକ, ପ୍ରଦୀପ୍ତ ନାୟକ, ଅଜିତ ଓଝା, ସନ୍ତୋଷ କୁମାର ସ୍ୱାଇଁ, ଗୋପାଳ ଚନ୍ଦ୍ର ଓଝା, ଯୋଗେନ୍ଦ୍ର ବାରିକ, ରାଜେଶ ଭୋଳ, ସନ୍ତୋଷ ପ୍ରଧାନ, ପ୍ରତ୍ୟୁଷ ନାୟକ, ସାଇ ପ୍ରଭଞ୍ଜନ ମହାପାତ୍ର, ମିଥୁନ ବେହେରା, ସର୍ବେଶ୍ୱର ସ୍ୱାଇଁ, ଶିବ ଶଙ୍କର ମହାନ୍ତି, ପୁରୁଣାବସନ୍ତ ପଞ୍ଚାୟତ ସମିତିସଭ୍ୟ ପ୍ରତାପ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

ସ୍ୱେଚ୍ଛାକୃତ ରକ୍ତଦାନ ଶିବିର

ପାରାଦୀପ,୨୬।୧୦(ସମିସ): ଶ୍ରୀସତ୍ୟସାଇ ବାବାଙ୍କ ୧୦୦ତମ ଜୟନ୍ତୀ ଅବସରରେ ପାରାଦୀପ ସ୍ଥିତ ଶ୍ରୀସତ୍ୟସାଇ ସେବାସଂଗଠନ ପକ୍ଷରୁ ରବିବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ନୂଆବଜାରସ୍ଥିତ ଶ୍ରୀସତ୍ୟସାଇ ମନ୍ଦିର ପରିସରରେ ଆୟୋଜିତ ଏହି ରକ୍ତଦାନ ଶିବିରକୁ ସତ୍ୟସାଇ ସେବା ସଂଗଠନର ରାଜ୍ୟ ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସତ୍ୟସାଇ ପାରାଦୀପ ମଣ୍ଡଳର ଆବାହକ ପ୍ରଶାନ୍ତ ମହାରଣାଙ୍କ ସମେତ ଅନ୍ୟ ସାଇ ଭକ୍ତ ମାନେ ଉପସ୍ଥିତ ଥିଲେ। ରେଡ୍‌କ୍ରସ ସୋସାଇଟି ସହଯୋଗରେ ଆୟୋଜିତ ଏହି ଶିବିରରୁ ସର୍ବମୋଟ ୩୨ ୟୁନିଟ୍ ରକ୍ତ ସଂଗୃହିତ ହୋଇଥିଲା।

ବାଲିଘର ପକ୍ଷରୁ ସାହିତ୍ୟ ଆସର

ତିର୍ତ୍ତୋଲ,୨୬।୧୦(ସମିସ): ଜିଲ୍ଲାର ପୁରାତନ ସାହିତ୍ୟ ଓ ସାମାଜିକ ଅନୁଷ୍ଠାନ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନ ଓ ବାଲିଘର ଫାଉଣ୍ଡେସନ ପକ୍ଷରୁ ତିର୍ତ୍ତୋଲ ବ୍ଲକ ଅର୍ନ୍ତଗତ ଇବ୍ରିସିଂ ଉତ୍ତରେଶ୍ୱରୀ ମନ୍ଦିର ପରିସରରେ ମାସିକ ସାହିତ୍ୟ ଆସର ଅନୁଷ୍ଠିତ ହୋଇଯାଇଛି। ଫାଉଣ୍ଡେସନର ଅଧ୍ୟକ୍ଷ କୈଳାସ ଚନ୍ଦ୍ର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଓ ସାମ୍ବାଦିକ ଅମରଜ୍ୟୋତି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଆସରରେ ମୁଖ୍ୟ ଅତିଥି ଭାବେ ସାମ୍ୟବାଦୀ ନେତା ଶଶୀଭୂଷଣ ସ୍ୱାଇଁ, ଅନ୍ୟତମ ଅତିଥି ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସକ ନାରାୟଣ ନାୟକ, ଆଇନଜୀବୀ ଡ. ବୀର ନାରାୟଣ ପାତ୍ର, ପଣ୍ଡିତ ନାଗମଣି କର, କବି ଶ୍ୟାମ ସୁନ୍ଦର ବେହେରା, ମନସୁର୍ ଅଲ୍ଲୀ, ଗୋବିନ୍ଦ ବିଶ୍ୱାଳ, ଆଶିଷ ପରିଜା, ଜାନକୀବଲ୍ଲଭ ଶତପଥି, ରବି ନାରାୟଣ ସାହୁ, ବୈଦ୍ୟନାଥ ସାହୁ, କୈଳାସ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗ ଦେଇ କୁମାର ପୂର୍ଣ୍ଣମୀ ପାଳନର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ବାଲିଘର ପକ୍ଷରୁ ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟକ ଭାସ୍କର ଚନ୍ଦ୍ର ଶତପଥିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏଥିରେ ଉପସ୍ଥିତ ଲେଖକ ମାନଙ୍କ ଦ୍ୱାରା ସ୍ୱରଚିତ କବିତା ପାଠ କରାଯାଇଥିଲା। ସାମ୍ବାଦିକ ଚନ୍ଦନ ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

‘ଭୋଟ ବଞ୍ଚାଅ-ଦେଶ ବଞ୍ଚାଅ’ ପ୍ରସଙ୍ଗରେ କଂଗ୍ରେସର ପ୍ରେସ ମିଟ୍

ଜଗତସିଂହପୁର,୨୬।୧୦(ସମିସ)

ଜଗତସିଂହପୁର ଜିଲ୍ଲା କଂଗ୍ରେସ କମିଟି ତରଫରୁ ଜିଲ୍ଲା ସଭାପତି ଦେବ ପ୍ରସାଦ ନାୟକଙ୍କ ନେତୃତ୍ୱରେ ‘ଭୋଟ ବଞ୍ଚାଅ- ଦେଶ ବଞ୍ଚାଅ’ ଶୀର୍ଷକରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦେଶରେ ଭୋଟ ଚୋରି ଓ ଯୋଗ୍ୟ ଭୋଟରଙ୍କ ନାଁ କଟାଯିବା ନେଇ କଂଗ୍ରେସ ପକ୍ଷରୁ ଦେଶବ୍ୟାପୀ ଆନ୍ଦୋଳନ ଡାକରା ୧ ଅକ୍ଟୋବରରୁ ୨୬ ନଭେମ୍ବର ପର୍ଯ୍ୟନ୍ତ ଦିଆଯାଇଛି। ଏଆଇସିସି ପକ୍ଷରୁ ସମସ୍ତ ରାଜ୍ୟ ୟୁନିଟ୍‌କୁ ଆସନ୍ତା ୨୬ ନଭେମ୍ବର ସମ୍ବିଧାନ ଦିବସ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ବ୍ୟାପକ ଆନ୍ଦୋଳନ, ଚୌପାଲ ବୈଠକ ଓ ପ୍ରତିବାଦ ସଭା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଓଡ଼ିଶାର ପ୍ରତିଟି ବ୍ଲକ୍, ପଞ୍ଚାୟତ ଏବଂ ଜିଲ୍ଲା ସ୍ତରରେ ‘ଭୋଟ୍ ବଞ୍ଚାଅ - ଦେଶ ବଞ୍ଚାଅ’ର ବାର୍ତ୍ତା ନେଇ କଂଗ୍ରେସ କର୍ମୀମାନେ ଜନସାଧାରଣଙ୍କ ପାଖକୁ ଯାଉଛନ୍ତି। ଗାନ୍ଧୀଜୀ-ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିଠାରୁ ପଦଯାତ୍ରା, ବାଇକ/ ସାଇକଲ ରାଲି/ମଶାଲ ଶୋଭାଯାତ୍ରା/ ମୋଦୀ-ଶାହ-ଜ୍ଞାନେଶଙ୍କ କୁଶପୁତ୍ତଳିକା ଦାହ/ସମ୍ବିଧାନର ୩୨୬ ଧାରା ପାଠ ଆଦି କାର୍ଯ୍ୟକ୍ରମ ହେଉଛି। ଆଗକୁ ଗ୍ରାମୀଣ ସଭା (ଚୌପାଲ) ଓ ଗ୍ରାମ୍ୟ ଖଟି (ଚାରପାଇ) ଆଦି ମଧ୍ୟମରେ ଲୋକଙ୍କୁ “ଭୋଟ୍-ଚୋରି’ ବିଷୟରେ ବ୍ୟାପକ ଭାବେ ସଚେତନ କରାଯିବ। ଆସନ୍ତା ୧ ନଭେମ୍ବରରେ ତଥା ୨୫ ଓ ୨୬ ନଭେମ୍ବରରେ ଲକ୍ଷଲକ୍ଷ କଂଗ୍ରେସ ନେତା ଓ କର୍ମୀ “ଚଲୋ ଦିଲ୍ଲୀ’ ଡାକରାରେ ଦିଲ୍ଲୀରେ ପହଞ୍ଚି ଗଣଆନ୍ଦୋଳନରେ ଯୋଗଦେବେ। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କୁ ତୁରନ୍ତ ବହିଷ୍କାର କରାଯାଉ, ଏହି ସାମ୍ବିଧାନିକ ସଂକଟ ସୃଷ୍ଟି କରିଥିବା ଏସଆଇଆର ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ରଦ୍ଦ କରାଯାଉ ଏବଂ ଏହି ବେଆଇନ ତାଲିକା ଆଧାରରେ ହୋଇଥିବା କିମ୍ବା ହେବାକୁ ଥିବା ନିର୍ବାଚନକୁ ଅସାମ୍ବିଧାନିକ ଘୋଷଣା କରାଯାଉ ବୋଲି କଂଗ୍ରେସ ଦାବି କରିଛି। ଏଥିରେ ଓପିସିସି ସାଧାରଣ ସମ୍ପାଦକ ତଥା ଜଗତସିଂହପୁର ଜିଲ୍ଲା କଂଗ୍ରେସ ପ୍ରଭାରୀ ବିଶ୍ୱଜିତ ଦାଶ, ଓପିସିସି ସାଧାରଣ ସମ୍ପାଦକ ନଟବର ବାରିକ, ତିର୍ତ୍ତୋଲ ନିର୍ବାଚନ ମଣ୍ଡଳୀ କଂଗ୍ରେସ ନେତା ହିମାଂଶୁ ଭୂଷଣ ମଲ୍ଲିକ, ନାଉଗାଁ ବ୍ଲକ କଂଗ୍ରେସ ସଭାପତି ବିଚିତ୍ରାନନ୍ଦ ଲେଙ୍କା, ବାଲିକୁଦା ବ୍ଲକ କଂଗ୍ରେସ ସଭାପତି ମହନି ଚରଣ ରାଉତ, ଜଗତସିଂହପୁର ନଗର କଂଗ୍ରେସ ସଭାପତି ପ୍ରଶାନ୍ତ କୁମାର ମହାପାତ୍ର, ଜଗତସିଂହପୁର ବ୍ଲକ କଂଗ୍ରେସ ସଭାପତି ଜ୍ଞାନରଞ୍ଜନ ପୃଷ୍ଟି, ବିରିଡ଼ି ବ୍ଲକ କଂଗ୍ରେସ ସଭାପତି ପ୍ରିୟବ୍ରତ ମିଶ୍ର, ରଘୁନାଥପୁର ବ୍ଲକ କଂଗ୍ରେସ ସଭାପତି ଆର୍ତ୍ତତ୍ରାଣ ପଣ୍ଡା, କୁଜଙ୍ଗ ବ୍ଲକ କଂଗ୍ରେସ ସଭାପତି ଶ୍ରୀକାନ୍ତ ଦାସ, ଡ. ଜଗଦାନନ୍ଦ, ଅନନ୍ତ ଚରଣ ପୃଷ୍ଟି, ପ୍ୟାରେଶ ପାତ୍ର, ନିହାର ରଞ୍ଜନ ଦାସ, ସାଇ ପ୍ରଭଞ୍ଜନ ମହାପାତ୍ର, ସୁଶୀଲ କୁମାର ଦାଶ ପ୍ରମୁଖ ଯୋଗଦେଇଥିଲେ।

ଖଡ଼ଗପ୍ରସାଦ ବ୍ରାହ୍ମଣୀ ନଦୀ ସେତୁ ନିର୍ମାଣ ପରେ ବି ଛାଡୁନି ବିବାଦ

ଆପ୍ରୋଚ ରୋଡ ନିର୍ମାଣକୁ ନେଇ ପ୍ରଶାସନ ଗ୍ରାମବାସୀ ମୁହାଁମୁହିଁ

ଢେଙ୍କାନାଳ,୨୫ ।୧୦(ସମିସ)

ଢେଙ୍କାନାଳର ଜିଲ୍ଲା ଓଡାପଡ଼ା ବ୍ଲକ ଖଡଗପ୍ରସାଦ ଠାରେ ବ୍ରାହ୍ମଣୀ ନଦୀ ଉପରେ ନିର୍ମିତ ହୋଇଥିବା ପୋଲ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । କିନ୍ତୁ ଆପ୍ରୋଚରୋଡ ନିର୍ମାଣକୁ ନେ ବିବାଦ ଯୋଗୁ ପୋଲ ଉଦଘାଟନ ହେବା ତ ଦୂରର କଥା ଖଡଗପ୍ରସାଦ ଠାରୁ ପରଜଙ୍ଗ ଅଞ୍ଚଳକୁ ଯୋଗାଯୋଗ ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି ।

ଢେଙ୍କାନାଳ ଜିଲ୍ଲା ଓଡ଼ାପଡ଼ା ବ୍ଲକ୍‌ର ବ୍ରାହ୍ମଣୀ ନଦୀରେପରଜଙ୍ଗ ବଡକମର-ଖଡଗପ୍ରସାଦକୁ ସଂଯୋଗ କରୁଥିବା ସେତୁ ଜିଲ୍ଲା ବିକାଶ ଦିଗରେ ଜିଲ୍ଲା ତଥା ଅଞ୍ଚଳବାସୀଙ୍କର ଏକ ସ୍ୱପ୍ନ ଥିଲା ।ପ୍ରାୟ ଶହେ ୧୪ କୋଟି ଟଙ୍କା ବିନିଯୋଗରେ ସେତୁ ନିର୍ମାଣ ହୋଇଛି । ଚାରି ବର୍ଷ ହେବବଡକମର-ଖଡଗପ୍ରସାଦ ସେତୁ କାମ ସରିଥିଲେ ମଧ୍ୟ ଦୁଃଖ ଏବଂ ପରିତାପର ବିଷୟ ଏବେ ବି ଯାତାୟତ ପାଇଁ ଏହା ଜନସାଧାରଣଙ୍କ ନିମନ୍ତେ ଲୋକାର୍ପିତ ହୋଇପାରିଲା ନାହିଁ ।ବ୍ରିଜ୍‌ର ଦୁଇ ପାଶ୍ୱର୍ରେ ଥିବା ଆପ୍ରୋଚ୍ ରୋଡ୍‌କୁ ୫୫ ନମ୍ବର ଜାତୀୟ ରାଜପଥ ଓ ୫୩ ଜାତୀୟ ରାଜପଥରେ ସଂଯୋଗ କାମ ହୋଇପାରୁନାହିଁ । ଆପ୍ରୋଜ ରୋଡ଼କୁ ନେଇ ଖଡଗପ୍ରସାଦବାସୀଙ୍କ ଆପତ୍ତି ଉଠାଇଥିବା ବେଳେ ପୋଲର ମୁଳ ଡିଜାଇନ୍ ଓ ସର୍ଭେ ଅନୁସାରେ ଆପ୍ରୋଚ୍ ରୋଡ୍ ନିର୍ମାଣ ନକରି ସରକାର ଖଡଗପ୍ରସାଦ ଗ୍ରାମର ଗ୍ରାମ୍ୟ ଜଙ୍ଗଲ ଓ ଗାଁ ରାସ୍ତା ଦେଇ ଆପ୍ରୋଚ୍ ରୋଡ୍ ନିର୍ମାଣ କରିବାକୁ ଯୋଜନା କରୁଛନ୍ତି । ଏହା କରାଗଲେ ଖଡଗପ୍ରସାଦ ସମେତ ଆଖପାଖ ଅଞ୍ଚଳର ଜନସାଧାରଣ ବହୁ ଅସୁବିଧାର ସମ୍ମୁଖୀନ ହେବେ ।ଏନେଇ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କ ଠାରୁ ନେଇ ଜିଲ୍ଲାପାଳ ଓ ମୁଖ୍ୟମନ୍ତ୍ରୀଙ୍କ ପର୍ଯ୍ୟନ୍ତ ଆପତ୍ତ ଅଭିଯୋଗ କରାଯାଇଛି ।ଏହି ସେତୁ କାର୍ଯ୍ୟକ୍ଷମ ହେଲେ ଗୋଟିଏ ପଟେ ହିନ୍ଦୋଳ ଓ ଓଡ଼ାପଡ଼ା ବ୍ଲକ୍ , ଅନ୍ୟପଟେ ପରଜଙ୍ଗ ବ୍ଲକ୍‌ର ହଜାର ହଜାର ଲୋକେ ଉପକୃତ ହେବେ ।କିନ୍ତୁ ଆପ୍ରୋଚ୍ ରୋଡ଼ ସମସ୍ୟାର ସମାଧାନ ହେଉ ନଥିବାରୁ ଅଞ୍ଚଳବାସୀଙ୍କ ସ୍ୱପ୍ନ ଏବେ ସ୍ୱପ୍ନ ହୋଇ ରହିଯାଇଛି ।ଖଡଗପ୍ରସାଦ ଗ୍ରାମବାସୀଙ୍କ ଅଭିଯୋଗ ସରକାର ପୂର୍ବରୁ ଯେଉଁ ନକ୍ସା ପ୍ରସ୍ତୁତ କରିଥିଲେ ସେଇ ମାଧ୍ୟମରେ ଆପ୍ରୋଚ୍ ରୋଗ ନନେଇ ଗ୍ରାମ୍ୟ ଜଙ୍ଗଲ ଦେଇ ନେବାକୁ ଅପଚେଷ୍ଟା କରୁଛନ୍ତି । ଯେଉଁଥିରେ ହଜାର ହଜାର ମୁଲ୍ୟବାନ୍ ଗଛ ବଳି ପଡିବା ସହିତ ଗାଁରେ ପାଞ୍ଚ ପାଞ୍ଚଟି ସ୍କୁଲ କଲେଜ ମଧ୍ୟ ରହିଛି । ଆଖପାଖ ଅଞ୍ଚଳର ହଜାର ହଜାର ପିଲା ଏହି ରାସ୍ତା ଦେଇ ପାଠ ପଢ଼ିବାକୁ ଯାଉଛନ୍ତି । ସ୍କୁଲର ବହୁ ବସ୍ ମଧ୍ୟ ଏହି ରାସ୍ତା ଦେଇ ଛାତ୍ରଛାତ୍ରୀଙ୍କୁ ନେଇ ଯାତାୟାତ କରୁଛି । ତେଣୁ ଏହି ଅଣ ଓସାରିଆ ରାସ୍ତାଦେଇ ଭାରି ଯାନ ଚଳାଚଳ ହେଲେ ପିଲାଙ୍କ ପାଠପଢ଼ାରେ ସମସ୍ୟା ଉପୁଜିବ ।ତେଣୁ ସରକାର ଆପ୍ରୋଚ୍ ରୋଡ଼ ଗ୍ରାମର ଶେଷ ସୀମା ଦେଇ ୫୫ ନମ୍ବର ଜାତୀୟ ରାଜପଥରେ ସଂଯୋଗ କରିବା ପାଇଁ ଦାବି କରିଛନ୍ତି । ଏନେଇ ଗ୍ରାମବାସୀଙ୍କ ସହ ଆଲୋଚନା କରାଯାଇଛି । ଖୁବଶୀଘ୍ର ଆପ୍ରୋଚ୍ ରୋଡ୍‌କୁ ନେଇ ଥିବା ସମସ୍ୟା ସମାଧାନ କରାଯିବ ବୋଲି ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ କହିଛନ୍ତି ।

ଢେଙ୍କାନାଳ ପ୍ରସିଦ୍ଧ ମା' ଗଜଲକ୍ଷ୍ମୀଙ୍କ ରବିବାରଠାରୁ ଆରମ୍ଭ ହୋଇଛି

ଗଜସାଥୀଙ୍କ ତାଲିମ ଶିବିର

ହିନ୍ଦୋଳ,୨୫ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ବନାଞ୍ଚଳ ରାସୋଳ ବନ କାର୍ଯ୍ୟାଳୟ ପରିସରରେ ଗଜସାଥୀଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଛି । ହାତୀ-ମଣିଷ ସଂଘର୍ଷ ଫଳରେ କେତେବେଳେ ମଣିଷ ତ କେତେବେଳେ ହାତୀର ମୃତ୍ୟୁ ଘଟୁଛି । ଏହାକୁ କମାଇବା ପାଇଁ ସଚେତନ ହେବା ସହ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ପାଳନ କରିବା ଉଚିତ । ଏହା ଗଜସାଥୀମାନଙ୍କ ଦ୍ୱାରା ହିଁ ସମ୍ଭବ । ତେଣୁ ଗ୍ରାମାଞ୍ଚଳରେ ସ୍ୱେଚ୍ଛାକୃତ ଭାବେ କାମ କରୁଥିବା ଗଜସାଥୀଙ୍କୁ ତାଲିମ ଦେବା ଦରକାର । ଏହି ପରିପ୍ରେକ୍ଷୀରେ ହିନ୍ଦୋଳ ବନାଞ୍ଚଳ ଦଣ୍ଡିରୀ, ଖଲିବୋରେଇ, ରାସୋଳ ସେକ୍ସନର ଗାଜସାଥୀମାନଙ୍କୁ ରାସୋଳ ବନ କାର୍ଯ୍ୟାଳୟ ପରିସରରେ ଏକ ତାଲିମ ଶିବିର ଆୟୋଜିତ ହୋଥିଲା । ଏଥିରେ ବନାଞ୍ଚଳ ଅଧିକାରୀ ତ୍ରିଲୋଚନ ଦେହୁରୀ, ଏଫଇଏସର ଜଗନ୍ନାଥ ନାୟକ, ଫ୍ରେହାର ଅରବିନ୍ଦ ମାଝୀ ଏବଂ ସିଆଇଏସର ବିଜୟ କୁମାର ଦାସ ଯୋଗଦେଇ ତାଲିମ ପ୍ରଦାନ କରିଥିଲେ । ଜଙ୍ଗଲ ଏବଂ ପରିବେଶ ସହ ଜୀବଜନ୍ତୁଙ୍କ ସୁରକ୍ଷା, ମନୁଷ୍ୟ ଏବଂ ବନ୍ୟଜନ୍ତୁଙ୍କ ମଧ୍ୟରେ ସୁସହାବସ୍ଥାନ ନିମନ୍ତେ ନିରନ୍ତର କାର୍ଯ୍ୟ କରିଆସୁଥିବା ହିନ୍ଦୋଳ ଜଙ୍ଗଲ ପରିବେଶ ସୁରକ୍ଷା ମଞ୍ଚ ଏବଂ ଆଲୁସିଂ ଗ୍ରାମ ସଂଗଠନକୁ ବନାଞ୍ଚଳ ଅଧିକାରୀ ସମ୍ମାନିତ କରିଥିଲେ ।

ଗଁଦିଆରେ ବଢୁଛି ହାତୀ ଆକ୍ରମଣଜନିତ ମୃତ୍ୟୁ ସଂଖ୍ୟା

ମାସକରେ ଗଡ଼ିଲାଣି ୪ ମୁଣ୍ଡ, ନରହନ୍ତାକୁ ସ୍ଥାନାନ୍ତର ଦାବି

ଗଁଦିଆ,୨୫ ।୧୦(ସମିସ): ହାତୀ-ମଣିଷ ସଙ୍ଘର୍ଷରେ ଗଁଦିଆରେ ମାସକରେ ହାତୀ ଆକ୍ରମଣରେ ୪ ନିରୀହ ଲୋକଙ୍କ ଜୀବନ ଗଲାଣି । ବନବିଭାଗ ଏହି ନରହନ୍ତା ଦନ୍ତାକୁ ଟ୍ରାଙ୍କୁଲାଇଜ୍ କରି ତୁରନ୍ତ ଅନ୍ୟତ୍ର ସ୍ଥାନାନ୍ତର କରିବା ପାଇଁ ଦାବି ହୋଇଛି । ସମସ୍ୟା ସମାଧାନ କରା ନ ଗଲେ ବଡ଼ଧରଣର ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି ।

ଢେଙ୍କାନାଳ ଜିଲ୍ଲାରେ ଥମୁନି ହାତୀ-ମଣିଷ ସଂଘର୍ଷ । କେତେବେଳେ ହାତୀର ଜୀବନ ଯାଉଛି ତ ଆଉ କେତେବେଳେ ନିରୀହ ମଣିଷଙ୍କ ଜୀବନ ନେଉଛି ହାତୀ । ଗତ ମାସକ ମଧ୍ୟରେ ଗଁଦିଆ ବ୍ଲକର ବିଭିନ୍ନ ଗ୍ରାମରେ ହାତୀ ଆକ୍ରମଣରେ ଚାରିଜଣଙ୍କ ମୃତ୍ୟୁ ପରେ ଅଞ୍ଚଳରେ ତୀବ୍ର ଉଦ୍‌ବେଗ ପ୍ରକାଶ ପାଇଛି । ଗତବାର ବିଳମ୍ବିତ ରାତିରେ ଷଡ଼ଙ୍ଗୀ ବନାଞ୍ଚଳ

ପଦକ୍ଷେପ ନ ନେଲେ ଆନ୍ଦୋଳନ ଚେତାବନୀ

ଅନ୍ତର୍ଗତ ଦଲାର ଗ୍ରାମର ଚାଷୀ ଶ୍ରୀଧର ଦେହୁରୀ (୫୫) ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି । ସେ ଭୁବନ ବ୍ଲକ ଚଣ୍ଡୀପାଳ ଗ୍ରାମର ମୂଳବାସିନ୍ଦା ହୋଇଥିବା ବେଳେ ଘର ଜ୍ୱାଇଁ ହୋଇ ଦଲାରରେ ରହୁଥିଲେ । ଗାଁ ନିକଟସ୍ଥ ଚାଷଜମିରେ ଏକ ଗୋଠଛଡ଼ା ଦନ୍ତା ଫସଲ ନଷ୍ଟ କରୁଥିବା ବେଳେ ଶ୍ରୀଧରଙ୍କ ସମେତ ତିନି ଜଣ ଚାଷୀ ତାକୁ ଘଉଡ଼ାଇବାକୁ ଯାଇଥିଲେ । ଏହି ସମୟରେ ହାତୀ ପାଲଟା ଆକ୍ରମଣ କରିଥିଲା । ଶ୍ରୀଧର ଗୁରୁତର ହୋଇଥିବା ବେଳେ ଅନ୍ୟ ଦୁଇ ଚାଷୀ ମୁରଲୀ ଦାଶ ଓ ବୁଲା ମଲ୍ଲିକ ଦୌଡ଼ି ପଳାଇ ଜୀବନ ବଞ୍ଚାଇଥିଲେ । ବନ ବିଭାଗ ଶ୍ରୀଧରଙ୍କୁ ଢେଙ୍କାନାଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେଇଥିଲା । ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ବ୍ଲକ ଅଧ୍ୟକ୍ଷା ରୀନାରାଣୀ ଖଟୁଆ ଡାକ୍ତରଖାନାରେ ପହଞ୍ଚି ମୃତକଙ୍କ ପରିବାରକୁ ସହଯୋଗ କରିଥିଲେ ।

ସେହିପରି ସେପ୍ଟେମ୍ବର ୨୧ ତାରିଖ ରମେଇ ଖମାର ଗ୍ରାମର ପ୍ରମୋଦ ଭୋଇ (୪୩)ଙ୍କର ହାତୀ ଆକ୍ରମଣରେ ମୃତ୍ୟୁ ହୋଇଥିଲା । ଅକ୍ଟୋବର ୬ ତାରିଖ ଷଡ଼ଙ୍ଗୀ ରେଞ୍ଜ ଅନ୍ତର୍ଗତ ବରଦା ଗ୍ରାମର ରୋହିତ ମହାନ୍ତିଙ୍କ ମୃତ୍ୟୁ ହୋଇଥିଲା । ଅକ୍ଟୋବର ୧୨ ତାରିଖ ଇଲେଇଜଙ୍ଗ ଗ୍ରାମର ଅଲେଖ ନାୟକ ନିଜ ଭଉଣୀଙ୍କ ଶବଦାହ କରି ଫେରୁଥିବା ବେଳେ ହାତୀ ଆକ୍ରମଣର ଶିକାର ହୋଇଥିଲେ । ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ହୋଇଥିଲା । ମାସକ ମଧ୍ୟରେ ଲଗାତର ହାତୀ ଆକ୍ରମଣରେ ୪ ଜଣଙ୍କ ମୃତ୍ୟୁ ଘଟଣା ଅଞ୍ଚଳବାସୀଙ୍କ ଚିନ୍ତା ବଢ଼ାଇଛି । ଏ ସମ୍ପର୍କରେ ଷଡ଼ଙ୍ଗୀ ରେଞ୍ଜର ରାକେଶ କୁମାର ଦଳେଇ କହିଛନ୍ତି, ବାରମ୍ବାର ଗ୍ରାମବାସୀଙ୍କୁ ସଚେତନ କରାଯାଉଛି । ଗାଁରେ ହାତୀ ଥିବା ସମୟରେ ତାକୁ ଉତ୍ୟକ୍ତ ନ କରିବାକୁ କୁହାଯାଉଛି । କିନ୍ତୁ କେତେକ ଲୋକ ଏହାକୁ ମାନୁନାହାନ୍ତି । ଫଳରେ ହାତୀ ଆକ୍ରମଣ କରୁଛି । ମୃତାହତଙ୍କୁ ସହାୟତା ଯୋଗାଇବା ପାଇଁ ବିଭାଗ ତତ୍କାଳ ପଦକ୍ଷେପ ନେଉଛି । ହାତୀ ଆକ୍ରମଣରେ ଜୀବନହାନି ସହ ଫସଲ ନଷ୍ଟ ଘଟଣା ଚାଷୀଙ୍କ ଚିନ୍ତା ବଢ଼ାଇଛି । ଏଭଳି ସ୍ଥିତିରେ ହାତୀର ଗତିବିଧି ଉପରେ ନଜର ରଖିବା, ଜନଜୀବନର ସୁରକ୍ଷା ଓ ମୃତକଙ୍କ ପରିବାରକୁ ଉଚିତ କ୍ଷତିପୂରଣ ପ୍ରଦାନ ଦିଗରେ ବନ ବିଭାଗ ଓ ପ୍ରଶାସନ ପଦକ୍ଷେପ ନେବାକୁ ଦାବି ହୋଇଛି ।

କବି ଯୋଗୀନାଥ ରାଉଳଙ୍କ ପରଲୋକ

ଗଁଦିଆ,୨୫ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଗଁଦିଆ ବ୍ଲକର ବିଶିଷ୍ଟ କବି ଯୋଗୀନାଥ ରାଉଳଙ୍କ ପରଲୋକ ହୋଇଛି । ଗଁଦିଆ ମାଟିର ଅନ୍ୟତମ ପ୍ରତିଭାବାନ କବି ଯୋଗୀନାଥଙ୍କ ବିୟୋଗରେ ସାହିତ୍ୟ ଜଗତରେ ଶୋକର ଛାୟା ଖେଳିଯାଇଛି । ୧୯୩୮ ଅଗଷ୍ଟ ୧୩ରେ ଜନ୍ମଗ୍ରହଣ କରିଥିବା ଏହି ସାହିତ୍ୟ ସାଧକ ୨୦୨୬ ଅକ୍ଟୋବର ୨୪ରେ କଟକ ଏସ୍‌ସିବି ମେଡିକାଲରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । କରଣୀ ଧରି ମନ୍ଦିର ଓ ଗୃହ ନିର୍ମାଣ କରୁଥିବା କବି ଯୋଗୀନାଥ ଲେଖନୀ ମାଧ୍ୟମରେ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ । 'ଶତ୍ରୁଘ୍ନ', 'ଉର୍ମିଳା', 'କନିଷ୍ଠ କୌରବ' ଓ 'ବିନ୍ଦୁରେ ସିନ୍ଧୁ ଦର୍ଶନ' ଭଳି ଅନେକ କୃତି ତାଙ୍କ ସାହିତ୍ୟ ସାଧନାର ପରିଚୟ ବହନ କରେ । ତାଙ୍କ ବିୟୋଗରେ ଏକ ଅଧ୍ୟାୟର ଅବସାନ ଘଟିଲା । ତାଙ୍କ ସୃଜନ ଓ ସାହିତ୍ୟିକ ଅବଦାନ ତାଙ୍କୁ ଚିରଦିନ ଅମର କରି ରଖିବ ବୋଲି ମତ ପ୍ରକାଶ ପାଇଛି ।

ଟାଟା ପାୱାର ହଟାଅ ଦାବି

ଭୁବନେଶ୍ୱରକୁ ବିଦ୍ୟୁତ୍ ଠିକା କର୍ମଚାରୀଙ୍କ ଦଣ୍ଡବତ ଯାତ୍ରା

ଢେଙ୍କାନାଳ,୨୫ ।୧୦(ସମିସ): ଢେଙ୍କାନାଳ ଜିଲ୍ଲାରୁ ଟାଟା ପାୱାର ହଟାଇବା ଦାବିରେ ବିଦ୍ୟୁତ ଠିକା କର୍ମଚାରୀଙ୍କ ଦ୍ୱାରା ଢେଙ୍କାନାଳରୁ ଭୁବନେଶ୍ୱର ପର୍ଯ୍ୟନ୍ତ ଦଣ୍ଡବତଯାତ୍ରା ଆରମ୍ଭ ହୋଇଛି । ଟାଟା ପାୱାରକୁ ହଟାଇବା ଏବଂ ବିଦ୍ୟୁତ ଠିକା କର୍ମଚାରୀଙ୍କ ସମସ୍ୟା ସମାଧାନ ଦାବିରେ ଆନ୍ଦୋଳନକୁ ଜୋରଦାର କରିଛି ଅଲ୍ ଓଡ଼ିଶା ବିଦ୍ୟୁତ ଠିକା କର୍ମଚାରୀ ମିଳିତ ମଞ୍ଚ । ରବିବାର ଢେଙ୍କାନାଳ କଲେଜ ବାଇପାସ୍‌ଠାରୁ ଦଣ୍ଡମୁଣ୍ଡିଆ ଶୋଭାଯାତ୍ରାରେ ବାହାରି ଶ୍ରମିକମାନେ ଭୁବନେଶ୍ୱର ଅଭିମୁଖେ ଯାତ୍ରା କରିଛନ୍ତି । ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିବା ସେମାନଙ୍କ ମୁଖ୍ୟ ଉଦ୍ଦେଶ୍ୟ ରହିଛି ।

ଆନ୍ଦୋଳନକାରୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟୁତ ବିଭାଗରେ ଦୀର୍ଘ ୧୪ରୁ ୧୫ ବର୍ଷ ଧରି କାର୍ଯ୍ୟ କରିବା ପରେ ମଧ୍ୟ ଠିକା କର୍ମଚାରୀମାନେ ଶୋଷଣର ଶିକାର ହେଉଛନ୍ତି । ଅନ୍ୟପକ୍ଷରେ, ଟାଟା ପାୱାର ଉପଭୋକ୍ତାମାନଙ୍କୁ ମଧ୍ୟ ଶୋଷଣ କରୁଥିବା ସେମାନେ ଅଭିଯୋଗ କରିଛନ୍ତି । କର୍ମଚାରୀଙ୍କୁ ଚାକିରିରୁ ଛଟେଇ କରି କମ୍ପାନୀ ମୁନାଫା ବଢ଼ାଇବାକୁ ଉଦ୍ୟମ କରୁଥିବା ଏବଂ ଏ କ୍ଷେତ୍ରରେ ସରକାର ନିରବ ରହୁଥିବା ମଧ୍ୟ ଆନ୍ଦୋଳନକାରୀ ଅଭିଯୋଗ ଉଠାଇଛନ୍ତି । ଏ ନେଇ ଡିଭିଜନ ସଭାପତି ଚନ୍ଦ୍ରଶେଖର କହିଛନ୍ତି ଯେ ଟାଟା ପାୱାର ଆସିବା ପରଠାରୁ ଉପଭୋକ୍ତା ଓ କର୍ମଚାରୀ ଉଭୟ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ତେଣୁ ଶକ୍ତିମନ୍ତ୍ରୀ ତୁରନ୍ତ ଏ ପ୍ରସଙ୍ଗରେ ହସ୍ତକ୍ଷେପ କରିବା ସହ ଟାଟା ପାୱାରକୁ ଓଡ଼ିଶାରୁ ହଟାଇବାକୁ ସେ ଦାବି କରିଛନ୍ତି । ଟାଟା ହଟାଅ, ଓଡ଼ିଶା ବଞ୍ଚାଅ ନାରା ଦେଇ ଆନ୍ଦୋଳନକୁ ଆଗକୁ ବଢ଼ାଇଛନ୍ତି । ସରକାର ତୁରନ୍ତ ଦାବି ପୂରଣ ନ କଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଅଲ୍ ଓଡ଼ିଶା ବିଦ୍ୟୁତ ଠିକା କର୍ମଚାରୀ ମିଳିତ ମଞ୍ଚ ଚେତାବନୀ ଦେଇଛି ।

ନାଳରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ଭୁବନ,୨୫ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ନୂଆ ଜିରାଳ ଗ୍ରାମ ନିକଟ ଏକ ନାଳରୁ ବୃଦ୍ଧଙ୍କ ମୃତଦେହ ଉଦ୍ଧାର କରାଯାଇଛି । ମୃତକ ହେଲେ ଭୁବନ ଥାନା ନୂଆଜିରାଳ ଗ୍ରାମର ସୁଦାମ ପାତ୍ର । ପ୍ରତିଦିନ ପରି ସୁଦାମ ନିଜ ଗାଈଗୋରୁଙ୍କ ପାଇଁ ଘାସ ଆଣି ଗାଧୋଇବା ପାଇଁ ନାଳକୁ ଯାଇଥିବା ବେଳେ ବୁଡ଼ି ଯାଇଥିଲେ । ଦୀର୍ଘ ସମୟ ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ପରିବାର ଲୋକ ବହୁ ଖୋଜା ଖୋଜି କରି ନାଳରୁ ତାଙ୍କ ମୃତଦେହ ଉଦ୍ଧାର କରିଥିଲେ । ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ କରୁଛି ।

କାଳୀପୂଜା ପାଇଁ ମାଟି ଅନୁକୂଳ

ଭୁବନ,୨୫ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ କାଳୀବଜାରଠାରେ କାଳୀପୂଜା ନିମନ୍ତେ ମାଟି ଉଠାଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପୂଜା ପ୍ରତିଷ୍ଠାନର ସଭାପତି ସୁବ୍ରତ କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ସମସ୍ତ ବ୍ୟବସାୟୀ ଭାଇ ଯୋଗଦେଇଥିଲେ । ଚଳିତ ବର୍ଷ କାଳୀପୂଜାକୁ ଜାକଜମକରେ ପାଳନ କରାଯିବ ବୋଲି ସଭାପତି ସାହୁ କହିଛନ୍ତି ।

ଭୁବନରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ

ଭୁବନ,୨୫ ।୧୦(ସମିସ): ଢେଙ୍କାନାଳ ଜିଲ୍ଲା ଭୁବନ ବ୍ଲକ୍ ଓ ଏନ୍‌ଏସିର ବିଭିନ୍ନ ଗ୍ରାମରେ ଗଜଲକ୍ଷ୍ମୀ ପୂଜା ଆରମ୍ଭ ହୋଇଛି । ଭୁବନ ଏନଏସି ବସଷ୍ଟାଣ୍ଡଠାରେ ଥିବା ମହାଲକ୍ଷ୍ମୀ ପୂଜ କମିଟି ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି । ଲକ୍ଷ୍ମୀଛକରେ ମଧ୍ୟ ରୀତିନୀତି ଅନୁସାରେ ପୂଜା ହେଉଛି । ଚଣ୍ଡୀକ ସାହିରେ ଦ୍ୱିତୀୟ ବାର୍ଷିକ ପୂଜା ଯଥାବିଧି ଅନୁଷ୍ଠିତ ହୋଇଛି । ମଣ୍ଡପରେ ଜଳକଳସ ସ୍ଥାପନ ପରେ ପୂଜକଙ୍କ ଦ୍ୱାରା ପୂଜାକାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଏଠାରେ ସୁନ୍ଦର ମୃଣ୍ମୟୀ ମୂର୍ତ୍ତି ସ୍ଥାପନ କରାଯିବା ସହ ମଣ୍ଡପକୁ ଆକର୍ଷଣୀୟ ସାଜସଜ୍ଜା କରାଯାଇଛି । ସୁଉଚ୍ଚ ତୋରଣ ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରୁଛି । ପୂଜା କମିଟିର ନାରାୟଣ ବାରିକ, ଜିତେନ୍ଦ୍ର ସାହୁ, ଦିଲୀପ ସେଠୀ, ସନାତନ ସାହୁ, ଜିତେନ୍ଦ୍ର ବାରକ ସହଯୋଗ କରୁଛନ୍ତି ।

ନବନିର୍ମିତ ପୋଲ ବିପଦସଙ୍କୁଳ; ପ୍ୟାଚ୍ ପକାଇ ମରାମତି

ପରଜଙ୍ଗ,୨୫ ।୧୦(ସମିସ)

ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ ନିକଟ ସରାଙ୍ଗ ବ୍ରାହ୍ମଣୀନଦୀ ପୋଲ ନିର୍ମାଣର ଦୁଇବର୍ଷ ମଧ୍ୟରେ ବିପଦସଙ୍କୁଳ ହୋଇପଡ଼ିଥିବା ଅଭିଯୋଗ ହୋଇଛି । ପୋଲ ସାରା ବଡ଼ବଡ଼ ଖାଲ ସୃଷ୍ଟି ହୋଇଥିବା ବେଳେ ଲୋକେ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି । ଦୋଷ ଲୁଚାଇବାକୁ ତରବରିଆ ଭାବେ କେବଳ ତାଳିପକା କାମ ଚାଲିଛି ।

ବ୍ରାହ୍ମଣୀ ନଦୀ ଉପରେ ୧୯୬୫ରେ ନିର୍ମିତ ବ୍ରାହ୍ମଣୀ ପୋଲରେ ଆଜିପର୍ଯ୍ୟନ୍ତ ବହୁଳ ଭାରୀଯାନ ଚଳାଚଳ କରୁଥିଲେ ମଧ୍ୟ ତାହା ସୁଦୃଢ଼ ହୋଇ ରହିଛି । କିନ୍ତୁ ୨୦୧୯ରେ କାର୍ଯ୍ୟ ଆରମ୍ଭ ହୋଇ ମାତ୍ର ଦୁଇବର୍ଷ ତଳେ ଲୋକାର୍ପିତ ହୋଇଥିବା ପୋଲ ବାରମ୍ବାର ବିପଦସଙ୍କୁଳ ହୋଇପଡ଼ିବା ଏବଂ ବାରମ୍ବାର ମରାମତି କରାଯିବା ଘଟଣାକୁ ଅଞ୍ଚଳବାସୀ ନିନ୍ଦା କରିଛନ୍ତି । ଏହି ପୋଲର ସ୍ଥାୟିତ୍ୱ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ଦୀର୍ଘ ୬ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ବ୍ରାହ୍ମଣୀ ନଦୀର ଜଟିଆ-ସନ୍ଥପଡ଼ା ଗ୍ରାମ ନିକଟରେ ନିର୍ମିତ ପୋଲ ଉପରେ ଦୈନନ୍ଦିନ ହଜାର ହଜାର ଟନ୍ ବୋଝେଇ ଭାରୀଯାନ ସାଙ୍ଗକୁ ବହୁଳ ମାତ୍ରାରେ ଗାଡ଼ି ଚଳାଚଳ କରିପାରୁଛି । ଏହି ପୋଲ ଆଜି ମଧ୍ୟ ନିଜ ଦୃଢ଼ତା ହରାଇ ନ ଥିବା ବେଳେ ୨ ବର୍ଷର ନୂଆ ପୋଲ ଅଳ୍ପ ଦିନ ମଧ୍ୟରେ ମରାମତି କାର୍ଯ୍ୟ ଆରମ୍ଭ ହୋଇଗଲାଣି । ଦିନକୁ ଦିନ ଗାଡ଼ି ଚଳାଚଳ ବୃଦ୍ଧି ପାଉଛି । ଯାହାକୁ ନେଇ ଅନେକ ସମୟରେ ଗାଡ଼ି ଚଳାଚଳରେ ବ୍ୟାଘାତ ସୃଷ୍ଟି ହେଉଛି ।

ସୂଚନାଯୋଗ୍ୟ, ଚଣ୍ଡିଖୋଲ-ଦୁବୁରୀ-ଭୁବନ-କାମାକ୍ଷାନଗର-ତାଳଚେର ଜାତୀୟ ରାଜପଥର ସମ୍ପ୍ରସାରଣ କାର୍ଯ୍ୟ ନିମନ୍ତେ ୨୦୧୯ରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସହଭାଗିତାରେ ଏହି ପୋଲର ଶିଳାନ୍ୟାସ କରାଯାଇଥିଲା । ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ମୁଖ୍ୟ ଠିକା ସଂସ୍ଥା ପକ୍ଷରୁ ତାଳଚେର-କାମାକ୍ଷାନଗର ପର୍ଯ୍ୟନ୍ତ ରାସ୍ତା ସମ୍ପ୍ରସାରଣ କାର୍ଯ୍ୟରେ ଅନ୍ୟ ଏକ ଉପଠିକାସଂସ୍ଥାକୁ ନିୟୋଜିତ କରିଥିଲେ । ଉକ୍ତ ରାଜପଥ କାର୍ଯ୍ୟ ମଧ୍ୟରେ ବ୍ରାହ୍ମଣୀ ପୋଲ ନିର୍ମାଣ କାର୍ଯ୍ୟ ରହିଥିଲା । ତେବେ ଧାର୍ଯ୍ୟ ସମୟଠାରୁ ବହୁ ବିଳମ୍ବରେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଥିଲା । ଟୋଲ୍ ଫି' ଆଦାୟ କରିବା ପାଇଁ ତରବରିଆ ଭାବେ ବ୍ରାହ୍ମଣୀ ନୂତନ ପୋଲ ନିର୍ମାଣ କରାଯାଇଥିବା ବେଳେ ଶେଷ ଆଡ଼କୁ ଅତି ନିମ୍ନମାନର କାମ ହେଉଥିବା ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଜାତୀୟ ରାଜପଥ କର୍ତ୍ତୃପକ୍ଷ ନିଦାବିଷ୍ଟ ସାଜିଥିଲେ । ନୂତନ ପୋଲ ଉପରେ ଗାଡ଼ି ଚଳାଚଳର କିଛି ମାସ ନ ଯାଉଣୁ ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହୋଇଥିବା ନଜରକୁ ଆସିଛି । ସପ୍ତାହ ହେବ ମରାମତି କାର୍ଯ୍ୟ ନିମନ୍ତେ ପୋଲର ତଳ ଭାଗରେ ଜଗ୍ ମାଧ୍ୟମରେ ପୋଲ୍ ଛିଡ଼ା କରି କାର୍ଯ୍ୟ ହୋଇଥିଲା । ନୂତନ ପୋଲ ଉପରେ ଗାଡ଼ି ଚଳାଚଳ ସମ୍ପୂର୍ଣ୍ଣ ଭାବେ ବନ୍ଦ ରଖାଯାଇଥିବା ଦେଖିବାକୁ ମିଳିଛି । ମରାମତିର ଏକ ବର୍ଷ ନ ପୂରୁଣୁ ପୁନଶ୍ଚ ବିଭିନ୍ନ ସ୍ଥାନରେ ଗାତ ସୃଷ୍ଟି ହୋଇଥିବାରୁ ପୁନର୍ବାର ମରାମତି କାର୍ଯ୍ୟ ଜାରି ରହିଛି । ସେହିପରି ପୁରୁଣା ପୋଲର ୧୩ ନମ୍ବର ଖମ୍ବଟି ଅର୍ଦ୍ଧଭଗ୍ନ ଅବସ୍ଥାରେ ଦଣ୍ଡାୟମାନ ଥିବା ନେଇ ଖବର ପ୍ରକାଶ ପରେ ବିଭାଗ ପକ୍ଷରୁ ଉକ୍ତ ପୋଲ ଉପରେ ଗାଡ଼ି ଚଳାଚଳରେ ନିଷେଧାଦେଶ ଜାରି କରାଯାଇ ବର୍ଷାଦିନ ପୂର୍ବରୁ ମରାମତି ଆରମ୍ଭ ହୋଇଥିଲା । ପୁରୁଣା ପୋଲ ଉପରେ କିଛି ମାସ ହେବ ଗାଡ଼ି ଚଳାଚଳ ବନ୍ଦ ରହିଥିଲା । ମାତ୍ର ନୂଆ ପୋଲ ଉପରେ ପୂର୍ବ ବର୍ଷ ଯେଉଁ ଗର୍ତ୍ତଗୁଡ଼ିକ ମରାମତି ହୋଇଥିଲା ପୁନଶ୍ଚ ଚଳିତ ବର୍ଷ ଗର୍ତ୍ତ ହେବାରୁ ବିପଦସଙ୍କୁଳ ଥାଇ ମଧ୍ୟ ପୁରୁଣା ପୋଲ ଉପରେ ଗାଡ଼ି ଚଳାଚଳ କରାଯାଇ ନୂଆ ପୋଲ ମରାମତି କରୁଥିବା ଦେଖିବାକୁ ମିଳିଛି । ସେହିପରି ଜଟିଆ ଗ୍ରାମ ପାର୍ଶ୍ୱର ଏକ

▶▶ ବଡ଼ ବଡ଼ ଖାଲ, ଦୋଷ ଲୁଚାଇବାକୁ ତାଳିପକା
▶▶ ଟୋଲ୍ ଫି' ଆଦାୟ ପାଇଁ ତରବରିଆ କାମ

ନମ୍ବର ଖମ୍ବ ଚତୁଃପାର୍ଶ୍ୱରେ ଫାଟ ରହିଥିବା ଅଭିଯୋଗ ପରେ କେବଳ ସିମେଣ୍ଟ ଛାଉଣି କରି ଛଡ଼ାଯାଇଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି । ଏଥିପ୍ରତି ବିଭାଗୀୟ ଅଧିକାରୀମାନଙ୍କ ଉଦାସୀନତା କାରଣରୁ କେତେବେଳେ ବି ବଡ଼ଧରଣର ଅଘଟଣକୁ ଏଡ଼ାଇ ଦିଆଯାଇ ନ ପାରେ । ଭାରୀଯାନ, ଯାତ୍ରୀବାହୀ ଗାଡ଼ି ଚଳାଚଳ ପାଇଁ ଉତ୍ତମ ରୂପେ ରାସ୍ତା ନିର୍ମାଣ କରାଯାଇ ଟୋଲ ଫି' ଆଦାୟ କରିବା ପରିବର୍ତ୍ତେ ୫୩ନଂ ଜାତୀୟ ରାଜପଥରେ ଅନେକ ସ୍ଥାନରେ ଗାତ ରହିବା ସହ ବ୍ରାହ୍ମଣୀ ନଦୀ ପୋଲ ଅସମ୍ପୂର୍ଣ୍ଣ ରଖି ଟାଣଟୁଣା ନୀତି ଅବଲମ୍ବନ କରାଯାଇ ବହୁଳ ଅର୍ଥ ବିଭାଗୀୟ କର୍ତ୍ତୃପକ୍ଷ ଆଦାୟ କରୁଛନ୍ତି । ନୂତନ ଓ ପୁରୁଣା ବ୍ରାହ୍ମଣୀ ପୋଲ, ରାସ୍ତା ଗର୍ତ୍ତ ଓ କାର୍ଯ୍ୟ ସମ୍ପୂର୍ଣ୍ଣ ହେବା ପର୍ଯ୍ୟନ୍ତ ଟୋଲ ଫି' ଆଦାୟ ସ୍ଥଗିତ ରଖାଯାଉ ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି ।

କୁମାର ପୂର୍ଣ୍ଣିମାରେ ଚାନ୍ଦ ବନ୍ଦାଣ

ବାରିପଦାରେ ଚାଞ୍ଚଲ୍ୟ
ଘର ବାରଣ୍ଡାରୁ ବିଏସ୍ଏଫ୍ ଯବାନଙ୍କ ୪ ବର୍ଷର ଝିଅ ନିଖୋଜ

ବାରିପଦା,୨୫।୧୦(ସମିସ): ଘର ବାରଣ୍ଡାରେ ଏଣେତେଣେ ବିଞ୍ଚି ହୋଇ ପଡ଼ିରହିଛି ଖେଳଣା ଓ ଚପଲ। ହେଲେ ନାହିଁ କୁନି ଝିଅ। ମା' ରୋଷେଇ ଘରୁ ଫେରିବା ବେଳକୁ ଚାହୁଁ ଚାହୁଁ ଉଭାନ ହୋଇଯାଇଛି ୪ ବର୍ଷର ଶିଶୁକନ୍ୟା। ଘର ଆଗରୁ ଏଭଳି ରହସ୍ୟଜନକ ଭାବେ ଶିଶୁ ନିଖୋଜ ହେବା ଘଟଣା ବାରିପଦା ସହରରେ ତୀବ୍ର ଚାଞ୍ଚଲ୍ୟ ଖେଳାଇ ଦେଇଛି। ଘଟଣାଟି କୌଣସି ଅପହରଣକାରୀ ଗ୍ୟାଙ୍ଗର କାରନାମା ବୋଲି ସନ୍ଦେହ ହେଉଥିବାବେଳେ ଶିଶୁକୁ ଖୋଜି ବାହାର କରିବାକୁ ଭଞ୍ଜପୁର ପୁଲିସର ୩ଟି ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସ୍ଥାନରେ ତନାଘନା ଚଳାଇଛି।

ସୂଚନା ମୁତାବକ, ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍)ରେ କାର୍ଯ୍ୟରତ ଯବାନ ସୁନୀଲ କୁମାର ସୋରେନଙ୍କ ପତ୍ନୀ ଚାନ୍ଦମଣି ସୋରେନ ନିଜ ସାଢ଼େ ଚାରିବର୍ଷର ଝିଅ ମାହି ମହିରା ସୋରେନ (ସିଦ୍ଧି)ଙ୍କ ସହ ଭଞ୍ଜପୁର ରେଳ ଷ୍ଟେସନ ନିକଟ ଯମୁନାଦେଇପୁର (ୱାର୍ଡ ନଂ୧୮) ଅଞ୍ଚଳରେ ଏକ ଭଡ଼ାଘରେ ରହୁଛନ୍ତି। ରବିବାର ପୂର୍ବାହ୍ନ ପ୍ରାୟ ୧୧ଟା ବେଳେ କୁନି ଝିଅ ସିଦ୍ଧି ଘର ବାରଣ୍ଡାରେ ଖେଳୁଥିଲା। ଏହି ସମୟରେ ମା' ଚାନ୍ଦମଣି ରୋଷେଇ କରିବା ପାଇଁ ମାତ୍ର କିଛି ମିନିଟ୍ ଘର ଭିତରକୁ ଯାଇଥିଲେ। କାମ ସାରି ବାହାରକୁ ଆସିବା ବେଳକୁ ଝିଅ ନ ଥିବା ଦେଖି ତାଙ୍କ ପାଦ ତଳୁ ମାଟି ଖସିଯାଇଥିଲା। ବାରଣ୍ଡାରେ କେବଳ

ଅପହରଣ ସନ୍ଦେହ; ୩ଟି ପୁଲିସ ଟିମ୍‌ର ତନାଘନା

ପଡ଼ିରହିଥିଲା ଶିଶୁର ଚପଲ ଓ ଖେଳଣା। ପରିବାର ଲୋକେ ଆଖପାଖ ଅଞ୍ଚଳ, ଗଳିକନ୍ଦିରେ ବହୁ ଖୋଜାଖୋଜି କରି ନିରାଶ ହେବା ପରେ ଶେଷରେ ଭଞ୍ଜପୁର ଥାନାର ଦ୍ୱାରସ୍ଥ ହୋଇଥିଲେ। ମା'ଙ୍କ ଲିଖିତ ଅଭିଯୋଗ ପାଇବା ପରେ ପୁଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଏହି ସମୟରେ ଭୁଗୁଡ଼ାକଟା ଅଞ୍ଚଳର ଜଣେ ମହିଳା ପୁଲିସକୁ ଗୁରୁତ୍ୱପୂର୍ଣ୍ଣ ସୂଚନା ଦେଇ କହିଛନ୍ତି ଯେ, ଜଣେ ଅଜଣା ବ୍ୟକ୍ତିଙ୍କ ସହ ଏକ ଛୋଟ ଝିଅ କାନ୍ଦି କାନ୍ଦି ଯାଉଥିବା ସେ ଦେଖିଥିଲେ। ତେବେ ଉକ୍ତ ଝିଅଟି ନିଖୋଜ ସିଦ୍ଧି କି ନୁହେଁ, ସେନେଇ ପୁଲିସ ସିସିଟିଭି ଫୁଟେଜ୍ ଓ ସ୍ଥାନୀୟ ପ୍ରତ୍ୟକ୍ଷଦର୍ଶୀଙ୍କ ଆଧାରରେ ଛାନ୍‌ଭିନ୍ ଚଳାଇଛି।

ଅନ୍ୟପକ୍ଷରେ, ସୀମାରେ ଦେଶବାସୀଙ୍କ ସୁରକ୍ଷା ପାଇଁ କାର୍ଯ୍ୟରତ ଥିବା ଯବାନ ପିତା ସୁନୀଲ କୁମାର ସୋରେନ ଏ ଖବର ପାଇ ସ୍ତବ୍ଧ ହୋଇପଡ଼ିଛନ୍ତି। ଘରେ ମା' ଓ ଆତ୍ମୀୟସ୍ୱଜନଙ୍କ କାନ୍ଦବୋବାଳିରେ ପରିବେଶ ଅତ୍ୟନ୍ତ ଶୋକାକୁଳ ହୋଇପଡ଼ିଛି। ଘଟଣାକୁ ଗମ୍ଭୀରତାର ସହ ନେଇ ଭଞ୍ଜପୁର ଥାନା ଅଧିକାରୀ ୩ଟି ତଦନ୍ତକାରୀ ଟିମ୍ ଗଠନ କରି ରେଳ ଷ୍ଟେସନ, ବସ୍‌ଷ୍ଟାଣ୍ଡ ଓ ସହରର ବିଭିନ୍ନ ପ୍ରବେଶ ପଥରେ ନାକାବନ୍ଦୀ ସହ ଚଢ଼ଉ ଜାରି ରଖିଛନ୍ତି। ଶିଶୁକୁ କେହି ଅପହରଣ କରି ନେଇଛି ନା, ଅନ୍ୟକୌଣସି ଘଟଣା ଘଟିଛି; ସେନେଇ ପୁଲିସ ଅନୁସନ୍ଧାନ ଜାରି ରଖିଥିବାବେଳେ ଶିଶୁକନ୍ୟାର ସୁରକ୍ଷିତ ଉଦ୍ଧାର ଉପରେ ଏବେ ପୂରା ସହରବାସୀଙ୍କ ନଜର ରହିଛି।

ଜାତୀୟ ସହରାଞ୍ଚଳ ସମ୍ମିଳନୀ ଉଦ୍‌ଯାପିତ
ଭବିଷ୍ୟତର ଆହ୍ୱାନ ଉପରେ ଆଲୋଚନା ଜରୁରୀ: କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର,୨୫।୧୦(ସମିସ): ସହରାଞ୍ଚଳ ପ୍ରଶାସନ, ନଗର ଯୋଜନା ଓ ଜନସେବା ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ବିଭିନ୍ନ କାର୍ଯ୍ୟକାରୀ ପରାମର୍ଶ ସହ ଜାତୀୟ ସହରାଞ୍ଚଳ ସମ୍ମିଳନୀ-୨୦୨୬ ଶେଷ ହୋଇଛି। ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ର ଗୃହ ନିର୍ମାଣ

ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରୀ ମନୋହର ଲାଲ ଖଟ୍ଟର ଯୋଗ ଦେଇ ଆମ ସହରଗୁଡ଼ିକ ଭବିଷ୍ୟତରେ ସାମ୍ନା କରିବାକୁ ଥିବା ଆହ୍ୱାନଗୁଡ଼ିକ ଉପରେ ଆଲୋଚନା କରିବା ହିଁ ଏହି ସମ୍ମିଳନୀର ଉଦ୍ଦେଶ୍ୟ ବୋଲି କହିଛନ୍ତି। ଏହି ଅବସରରେ ସେ ଅମୃତ ଯୋଜନା, ସ୍ୱଚ୍ଛ ଭାରତ ମିଶନ୍-ସହରାଞ୍ଚଳ ଏବଂ ପିଏମ୍ ସ୍ୱନିଧି ଭଳି ଜାତୀୟ ଅଭିଯାନ ମାଧ୍ୟମରେ ପାନୀୟଜଳ ଓ ପରିମଳ ସେବାର ସମ୍ପ୍ରସାରଣ, ଆବର୍ଜନା ପରିଚାଳନାରେ ଉନ୍ନତି, ସହରାଞ୍ଚଳ ଯାତାୟାତ ବ୍ୟବସ୍ଥାର ସୁଦୃଢ଼ୀକରଣ ଏବଂ ଆର୍ଥିକ ଅନ୍ତର୍ଭୁକ୍ତୀକରଣ କ୍ଷେତ୍ରରେ ହୋଇଥିବା ଅଗ୍ରଗତିକୁ ଉଲ୍ଲେଖ କରିଥିଲେ। ନିଯୁକ୍ତି କେନ୍ଦ୍ର ଓ ସାର୍ବଜନୀନ ପରିବହନ ବ୍ୟବସ୍ଥା ନିକଟରେ ସୁଲଭ ମୂଲ୍ୟରେ ଗୃହ ଉପଲବ୍ଧ କରାଇବା, ନିର୍ମାଣ କ୍ଷେତ୍ରରେ ପୁନଃଚକ୍ରଣ ବ୍ୟବସ୍ଥାର ପ୍ରୋତ୍ସାହନ ଏବଂ ପୁରୁଣା ଆବର୍ଜନାକୁ ବୈଜ୍ଞାନିକ ପଦ୍ଧତିରେ ନିଷ୍କାସନ କରିବା ଉପରେ ସେ ଗୁରୁତ୍ୱ ଦେଇଥିଲେ।

ଗୃହ ନିର୍ମାଣ ଓ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟର ସହରାଞ୍ଚଳ ବିକାଶ ସଚିବ ସତେନ୍ଦ୍ର ସିଂହ ସାତଟି ବୈଷୟିକ ଅଧିବେଶନର ମୁଖ୍ୟ ନିଷ୍କର୍ଷ ଉପରେ ଆଲୋକପାତ କରିଥିଲେ। ନୀତିଗତ ଆଲୋଚନାକୁ କାର୍ଯ୍ୟକାରୀଯୋଗ୍ୟ ସହରାଞ୍ଚଳ ସମାଧାନରେ ପରିଣତ କରିବା ଉପରେ ସେ ଜୋର୍ ଦେଇଥିଲେ। ଏହି ଅବସରରେ ନୀତି ଆୟୋଗର ସଦସ୍ୟ ରାଜୀବ ଗୌବା ଦେଶରେ ଦ୍ରୁତ ସହରୀକରଣକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ସହରାଞ୍ଚଳ ଶାସନ, ନଗର ଯୋଜନା ଓ ପୌର ଆର୍ଥିକ ବ୍ୟବସ୍ଥାରେ ବ୍ୟାପକ ସଂସ୍କାର ଆବଶ୍ୟକ ବୋଲି କହିଥିଲେ। ଏହି ସମ୍ମିଳନୀର ଦ୍ୱିତୀୟ ତଥା ଶେଷ ଦିନରେ ସହରାଞ୍ଚଳ ଶାସନ, ନଗର ଯୋଜନା, ଭିତ୍ତିଭୂମି ଏବଂ ଜନସେବା ପ୍ରଦାନ ବ୍ୟବସ୍ଥାକୁ ସୁଦୃଢ଼ କରିବା ଲାଗି ନୀତିଗତ ଆଲୋଚନାରୁ ମିଳିଥିବା ପରାମର୍ଶଗୁଡ଼ିକୁ କାର୍ଯ୍ୟକାରୀ ରୂପ ଦେବା ଉପରେ ଗୁରୁତ୍ୱ ଦିଆଯାଇଥିଲା।

ପରୀକ୍ଷାର୍ଥୀଙ୍କୁ ଭୁଆଁ ବୁଲାଉଛନ୍ତି ସରକାର
ନିଯୁକ୍ତି ପାଇଁ ଜାରି ହୋଇଛି 'ବିକଳାଙ୍ଗ ବିଜ୍ଞପ୍ତି': କଂଗ୍ରେସ

ଭୁବନେଶ୍ୱର,୨୫।୧୦(ସମିସ): ଓଡ଼ିଶା ୟୁନିଫର୍ମ ସର୍ଭିସ ଷ୍ଟାଫ ସିଲେକସନ କମିଶନ ପକ୍ଷରୁ ୭ ହଜାର ୨୬୮ ଟି ପଦବୀ ନିଯୁକ୍ତି ପାଇଁ ବିଜ୍ଞପ୍ତି ପ୍ରକାଶ ପାଇଛି। ହେଲେ ପ୍ରକାଶିତ ଏହି ବିଜ୍ଞପ୍ତିକୁ କଂଗ୍ରେସ ପକ୍ଷରୁ 'ବିକଳାଙ୍ଗ ବିଜ୍ଞପ୍ତି' କୁହାଯାଇଛି। ବିଜ୍ଞପ୍ତିରେ ଏସସି, ଏସଟି, ଏସିବିସି ସଂରକ୍ଷଣର ସୁଯୋଗ ନେଉଥିବ ସେ ଅଣସଂରକ୍ଷଣର ସୁଯୋଗ ପାଇପାରିବ ନାହିଁ ବୋଲି ଦର୍ଶାଯାଇଛି। ଏହା ସମ୍ପୂର୍ଣ୍ଣ ବେଆଇନ ଓ ଅଧ୍ୟକ୍ଷ କାହିଁକି ଏଭଳି ସର୍ତ୍ତ ବା ନିୟମ ଜାରି କଲେ ତାହା ଆଶ୍ଚର୍ଯ୍ୟଜନକ ବୋଲି କଂଗ୍ରେସ ପ୍ରଶ୍ନ କରିଛି। ଦଳ ପକ୍ଷରୁ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଛାତ୍ର କଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର କହିଛନ୍ତି,

କନେଷ୍ଟବଲ ସିଭିଲ ପଦବୀପାଇଁ ୪୨୧୯ ଟି ପଦବୀ ଖାଲି ପଡ଼ିଛି। ନିୟମ ଅନୁଯାୟୀ ଏସଟିଙ୍କ ପାଇଁ ୨୨.୫%, ଏସସିଙ୍କ ପାଇଁ ୧୬.୨% ଏବଂ ଏସ୍ଇବିସି ବର୍ଗଙ୍କ ପାଇଁ ୧୧.୨୫% ସଂରକ୍ଷଣ ରହିଛି। ଯଦି ସମୁଦାୟ ୪୨୧୯ ପଦବୀ ଖାଲି ରହିଛି ତାହାର ୧୧.୨୫ ପ୍ରତିଶତ ସଂରକ୍ଷଣ ଏସଇବିସି ବର୍ଗର ପାଇବେ। ତେବେ ହିସାବ ଅନୁଯାୟୀ ଏସିବିସି ବର୍ଗଙ୍କୁ ୪୭୦ ଟି ପଦବୀ ସଂରକ୍ଷଣ ଦେବା କଥା କିନ୍ତୁ ସେ ଦେଇଛନ୍ତି ମାତ୍ର ୮୫ଟି। ଏମାନେ ନିଶା ଖାଇ ହିସାବ କରୁଛନ୍ତି କି? ଏବଂ ଅନୁରୂପ ଭାବରେ ଯଦି ଏସଟି ସଂରକ୍ଷଣ କଥା ବିଚାରକୁ ନିଆଯାଏ ତେବେ ୨୨.୫ % ହିସାବରେ ତାଙ୍କ ପାଇଁ ୯୫୦ ଟି ପୋଷ୍ଟ ରହିବା କଥା। କିନ୍ତୁ ତାଙ୍କୁ ଦିଆଯାଇଛି ୭୪୧ଟି ପଦବୀ ଏବଂ ଅନୁରୂପ ଭାବରେ ଯଦି ଏସସି ବର୍ଗଙ୍କ କଥା ବିଚାରକୁ ନିଆଯାଏ ୧୬.୨% ହିସାବରେ ତାଙ୍କୁ ଦେବାକଥା ୬୭୫ଟି ପଦବୀ। କିନ୍ତୁ ତାଙ୍କୁ ଦିଆଯାଇଛି ୫୮ ଟି ପଦବୀ।

୨୦୨୨ ମସିହାରେ ଏସଏସବି ଓଡ଼ିଶା ପୋଲିସ ବୋର୍ଡ ଯେଉଁ ନୋଟିଫିକେସନ କରିଥିଲା, ସେଥିରେ ଉଲ୍ଲେଖ ରହିଛି ଯେ ଯେଉଁମାନେ ସଂରକ୍ଷଣ ପ୍ରାପ୍ତ ହେଉଛନ୍ତି ସେମାନେ ମଧ୍ୟ ଅଣସଂରକ୍ଷିତ ପଦ ପାଇଁ ଆବେଦନ କରିବାକୁ ଯୋଗ୍ୟ ବିବେଚିତ। ତେଣୁ ପ୍ରସଙ୍ଗ ହେଉଛି ଯେ ରାଜ୍ୟ ସରକାର ସମାନ ବିଭାଗରେ ସମାନ ବିଜ୍ଞପ୍ତିରେ ଦୁଇଟି ଭିନ୍ନ ଭିନ୍ନ ନିୟମ ପ୍ରୟୋଗ କରୁଛନ୍ତି ଯାହାକି ଏକ ସାଂଘାତିକ ଦଣ୍ଡନୀୟ ଅପରାଧ। ଏଥିରେ ସରକାରଙ୍କ ଭିତିରି ଉଦ୍ଦେଶ୍ୟ ବୁଝାପଡୁଛି। ମୁଖ୍ୟମନ୍ତ୍ରୀ ଜଣେ ଆଦିବାସୀ ହୋଇଥିଲେ ବି ଆଦିବାସୀଙ୍କର ହକ ଓ ଅଧିକାର କିପରି ଛଡ଼େଇ ନିଆଯାଉଛି। ତେବେ ଆଦିବାସୀ କେବଳ ମୁଖ୍ୟମନ୍ତ୍ରୀ ହୋଇଗଲେ ଆଦିବାସୀ ମାନଙ୍କର ଦୁଃଖ ଚାଲିଯିବ ସେ ଧାରଣା ଭୁଲ। ଏହି ବିଜ୍ଞପ୍ତିକୁ ସରକାର ତୁରନ୍ତ ରଦ୍ଦ କରି ନୂତନ ବିଜ୍ଞପ୍ତି କରନ୍ତୁ ବୋଲି ସେ ଦାବି କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ସାଂସଦ ରାମଚନ୍ଦ୍ର ହାଂସଦା ଉପସ୍ଥିତ ଥିଲେ।

ଜମ୍ବୁବତୀ-ଭୀମସେନ ସ୍ମୃତି ସମ୍ମାନ ଉତ୍ସବ
'ପିତାମାତାଙ୍କ ପୂଜନ ହିଁ ଜୀବନର ଶ୍ରେଷ୍ଠ ସାଧନା'

ଯାଜପୁର,୨୫।୧୦(ସମିସ): "ପିତାମାତାଙ୍କ ପୂଜନ ହିଁ ଜୀବନର ଶ୍ରେଷ୍ଠ ସାଧନା' ବୋଲି କହିଛନ୍ତି କମିଶନରେଟ ପୁଲିସ୍, ଭୁବନେଶ୍ୱର ମୁଖ୍ୟାଳୟ ଡେପୁଟି କମିଶନର ବିଷ୍ଣୁପ୍ରସାଦ ପତି। ଯାଜପୁର ବ୍ଲକ୍ ଅନ୍ତର୍ଗତ ଛତିଶଦେବିଲ ଗ୍ରାମପଞ୍ଚାୟତର ରଷିପୁର ଗ୍ରାମର ଜମ୍ବୁବତୀ-ଭୀମସେନ ସ୍ମୃତି ପରିଷଦ ପକ୍ଷରୁ ଜମ୍ବୁବତୀ-ଭୀମସେନ ପଞ୍ଚମ ସ୍ମୃତି ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦେଇ ସେ ଏପରି ମତବ୍ୟକ୍ତ କରିଛନ୍ତି। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଐତିହ୍ୟ ଓ ସଂସ୍କୃତି ଗବେଷକ ଶୁଭେନ୍ଦୁ ଭୂୟାଁ ଯୋଗଦେଇ, ବର୍ତ୍ତମାନ ଅବକ୍ଷୟମୁଖୀ ସମାଜରେ ଜ୍ୟେଷ୍ଠମାନଙ୍କ ପ୍ରତି ସମ୍ମାନ ଏବଂ ଭବିଷ୍ୟତ ପିଢ଼ି ଲାଗି ମାନବୀୟ ମୂଲ୍ୟବୋଧର ରକ୍ଷା ଲାଗି ଏଭଳି କାର୍ଯ୍ୟକ୍ରମ ପ୍ରେରଣାଦାୟୀ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସୁଜନପୁର ସେବା ସମବାୟ ସମିତିର ସଭାପତି କୁଳମଣି ବିଶ୍ୱାଳ ଯୋଗଦେଇ କହିଥିଲେ, ଏପରି କାର୍ଯ୍ୟକ୍ରମ ସମାଜ ଲାଗି ଉଦାହରଣ ସୃଷ୍ଟି କରିଛି। ସ୍ମୃତି ପରିଷଦର ସଭାପତି ସରୋଜ କୁମାର ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସୁଜନପୁର ଆଞ୍ଚଳିକ ପଞ୍ଚାୟତ ମହାବିଦ୍ୟାଳୟର ଅଧ୍ୟାପକ ସୁକାନ୍ତ କୁମାର ବିଶ୍ୱାଳ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ସଞ୍ଜୀବ ବିଶ୍ୱାଳ ବିବରଣୀ ପାଠ କରିବା ପରେ ଅତିଥି ମାନେ ବରିଷ୍ଠ ନାଗରିକମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସହକାରୀ ସମବାୟ ନିବନ୍ଧକ କଳିଙ୍ଗଚନ୍ଦ୍ର ବିଶ୍ୱାଳ, ୩ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଜୟ କୁମାର ବିଶ୍ୱାଳ, ବିଜୟ କୁମାର ଜେନା, ବାବାଜୀଚରଣ ବିଶ୍ୱାଳ, ଅବସରପ୍ରାପ୍ତ ସହକାରୀ

ଶିକ୍ଷକ ଅରୁଣକୁମାର ବିଶ୍ୱାଳ ଓ ଅବସରପ୍ରାପ୍ତ ରାଜସ୍ୱ ପର୍ଯ୍ୟବେକ୍ଷକ ବାଣେଶ୍ୱର ବିଶ୍ୱାଳଙ୍କୁ ଉପଢୌକନ, ସ୍ମୃତିଫଳକ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ସଭାଶେଷରେ ନୀଳମଣି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଯୁବନେତା ସଂଗ୍ରାମ ପାତ୍ର, ବିଶ୍ୱଜିତ ବିଶ୍ୱାଳ, ବାବନ ଚରଣ ବିଶ୍ୱାଳ, ମାନ୍ୟଗଣ୍ୟବ୍ୟକ୍ତି, ଶିକ୍ଷାବିତ୍, ଛାତ୍ରଛାତ୍ରୀ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ଅନନ୍ୟା ଅନ୍ୟତମା ବିଶ୍ୱାଳ, ସାଗରିକା ବିଶ୍ୱାଳ, ଜୟଶ୍ରୀ ବିଶ୍ୱାଳ, ନେହା ବଳ, ଅନୁସ୍କା ବିଶ୍ୱାଳ, ସ୍ୱାହା ବଳ ଓ କ୍ରିଷ୍ଣାକୁମାରୀ ବିଶ୍ୱାଳ ପ୍ରମୁଖ ମାନପତ୍ର ପାଠ କରିଥିଲେ।

ଓଲଟ ପାଲଟ

ବାତ୍ୟା ପାଇଁ ଏଠି ପାଗ ଅନୁକୂଳ
ଅଶୁଭ ଏ ଅକ୍ଟୋବର
ବାତ୍ୟା ଆସୁଛି ବାତ୍ୟା ଆସୁଛି
ଟିଭିରେ ଚାଲେ ପ୍ରଚାର
ଭୟେ ସବୁ ଥର ହର
ଆନ୍ଧ୍ର ମାଡ଼ରେ ଦକ୍ଷିଣ ଓଡ଼ିଶା
ହୋଇଯିବ ଛାର ଖାର
ମୁନଫା ଖୋର ଓ କଳା ବଜାରୀଏ
କରିବେ ଚଢ଼ା ବେପାର

- ଯାଯାବର

ନରାଜ ବୃହତ ଡାଟା ସେଣ୍ଟର
ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଏକାଧିକ ପ୍ରଶ୍ନ ରଖିଲେ ଶ୍ରୀକାନ୍ତ

ଭୁବନେଶ୍ୱର,୨୫।୧୦(ସମିସ): ଗତ ସେପ୍ଟେମ୍ବର ୨୩ ତାରିଖରେ ଅନୁଷ୍ଠିତ ୪୬ତମ ଉଚ୍ଚସ୍ତରୀୟ ଅନୁମୋଦନ କର୍ତ୍ତୃପକ୍ଷ ବୈଠକରେ ରାଜ୍ୟ ସରକାର ୨.୪୬ ଲକ୍ଷ କୋଟିର ୨୬ଟି ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏଥିମଧ୍ୟରେ ନରାଜଠାରେ ଆଦାନୀ ସହ ମିଳିତ ଭାବେ ଅତି ଉଚ୍ଚ କ୍ଷମତାସମ୍ପନ୍ନ ଡାଟା ସେଣ୍ଟର ପ୍ରସ୍ତାବିତ ପ୍ରକଳ୍ପ ଅନ୍ତର୍ଭୁକ୍ତ ରହିଛି। ଏହି ଡାଟା ସେଣ୍ଟରକୁ ନେଇ ରାଜ୍ୟ ସରକାରଙ୍କୁ ଏକାଧିକ ପ୍ରଶ୍ନ କରିଛନ୍ତି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସେ ଏନେଇ ଏକ ଚିଠି ଲେଖି ପ୍ରକଳ୍ପ ପାଇଁ ବିଦ୍ୟୁତ୍ ଓ ଜଳର ବିପୁଳ ଆବଶ୍ୟକତା, ନିଯୁକ୍ତି ସୃଷ୍ଟି ଏବଂ ପରିବେଶ ଉପରେ ସମ୍ଭାବ୍ୟ ପ୍ରଭାବ ନେଇ ସେ ସରକାରଙ୍କଠାରୁ ସ୍ପଷ୍ଟ ଓ ତଥ୍ୟଭିତ୍ତିକ ଉତ୍ତର ମାଗିଛନ୍ତି।

ଚିଠିରେ ଶ୍ରୀଯୁକ୍ତ ଜେନା ଉଲ୍ଲେଖ କରି କହିଛନ୍ତି ଯେ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୧,୦୦୦ ମେଗାୱାଟ୍ କ୍ଷମତାର ବିଦ୍ୟୁତ୍ ଆବଶ୍ୟକତା ରହିଛି। ୧ ଗିଗାୱାଟ କ୍ଷମତାର ଡାଟା ସେଣ୍ଟର ପୂର୍ଣ୍ଣ କ୍ଷମତାରେ ଚାଲିଲେ ଦୈନିକ ପ୍ରାୟ ୨.୪ କୋଟି ୟୁନିଟ୍ ବିଦ୍ୟୁତ୍ ଆବଶ୍ୟକ ହୋଇପାରେ। ଏହା ଓଡ଼ିଶାର ୪.୫ କୋଟି ଲୋକଙ୍କ ଘରୋଇ ବିଦ୍ୟୁତ୍ ବ୍ୟବହାର ସହ ସମାନ। ଏହି ବିଦ୍ୟୁତ୍ କେଉଁଠାରୁ ଆସିବ ଏବଂ କୋଇଲାଭିତ୍ତିକ ତାପଜ ବିଦ୍ୟୁତ୍‌ରୁ ଯୋଗାଣ ହେଲେ ପରିବେଶ ଉପରେ କ'ଣ ପ୍ରଭାବ ପଡ଼ିବ, ସେ ନେଇ ସେ ଜବାବ ମାଗିଛନ୍ତି। ସେହିପରି ବିଶାଖାପାଟଣାରେ ପ୍ରସ୍ତାବିତ ଡାଟା ସେଣ୍ଟରକୁ ମିଳୁଥିବା ବିଭିନ୍ନ ସୁବିଧା ଭଳି ନରାଜ ପ୍ରକଳ୍ପକୁ ମଧ୍ୟ ମାଗଣା ଜମି, ଜଳ, ଶସ୍ତା ବିଦ୍ୟୁତ୍ କିମ୍ବା ଦୀର୍ଘମିଆଦୀ ଟିକସ ରିହାତି ଦିଆଯିବ କି ନାହିଁ, ତାହା ସରକାର ସ୍ପଷ୍ଟ କରନ୍ତୁ ବୋଲି ସେ କହିଛନ୍ତି। ଡାଟା ସେଣ୍ଟର ପାଇଁ ଦୈନିକ ପ୍ରାୟ ୩୦ ନିୟୁତ ଲିଟର ଜଳ ଆବଶ୍ୟକ ହେବାର ସମ୍ଭାବନା ଦର୍ଶାଇ ଶ୍ରୀକାନ୍ତ ପ୍ରଶ୍ନ କରିଛନ୍ତିଏହି ପାଣି କେଉଁଠାରୁ ଆସିବ ବୋଲି ନିଜ ଚିଠିରେ ପ୍ରଶ୍ନ କରିଛନ୍ତି ଶ୍ରୀକାନ୍ତ। ଭୁବନେଶ୍ୱରରେ ଏବେ ବି ଜଳ ଯୋଗାଣର ଅଭାବ ରହିଥିବା ଏବଂ ଅତ୍ୟଧିକ ବୋରୱେଲ୍ ବ୍ୟବହାର ଯୋଗୁଁ ଭୂତଳ ଜଳସ୍ତର ହ୍ରାସ ପାଉଥିବା ସେ ଦର୍ଶାଇଛନ୍ତି। ମହାନଦୀ ଜଳ ପ୍ରଣାଳୀ ଉପରେ ମଧ୍ୟ ଚାପ ରହିଛି। ଏପରି ସ୍ଥିତିରେ ଡାଟା ସେଣ୍ଟରକୁ ଜଳ ଯୋଗାଇବା ଦ୍ୱାରା ଭୁବନେଶ୍ୱର-କଟକର ଲୋକଙ୍କ ପାନୀୟ ଜଳ ଓ କୃଷି ପାଇଁ ଜଳ ଉପଲବ୍ଧତା ପ୍ରଭାବିତ ନହେବ, ତାହା ସରକାର କିପରି ସୁନିଶ୍ଚିତ କରିବେ ବୋଲି ସେ ପଚାରିଛନ୍ତି। ସେହିପରି ନରାଜ ଡାଟା ସେଣ୍ଟର ପାଇଁ

- ବିଦ୍ୟୁତ୍, ପାଣି, ନିଯୁକ୍ତି ଓ ପରିବେଶ ନେଇ ମାଗିଲେ ସ୍ପଷ୍ଟ ଜବାବ
- ୧.୦୪ ଲକ୍ଷ କୋଟିର ପ୍ରକଳ୍ପ, ନିଯୁକ୍ତି କେତେ?

ସ୍ୱାଧୀନ ପରିବେଶୀୟ ପ୍ରଭାବ ଆକଳନ (ଇଆଇଏ) କରାଯାଇଛି କି ନାହିଁ, ଶ୍ରୀ ଜେନା ତାହା ସ୍ପଷ୍ଟ କରିବାକୁ ଦାବି କରିଛନ୍ତି। ଇଆଇଏ ହୋଇଥିଲେ ସମ୍ପୂର୍ଣ୍ଣ ରିପୋର୍ଟ ସାର୍ବଜନୀନ କରିବାକୁ ସେ ଦାବି କରିଛନ୍ତି। ପ୍ରକଳ୍ପ ସମ୍ପର୍କିତ ସମ୍ପୂର୍ଣ୍ଣ ଏମଓୟୁ, ଏଚଏଲସିଏ ବୈଠକର ବିସ୍ତୃତ ବିବରଣୀ ଓ ନିଷ୍ପତ୍ତି, ସମସ୍ତ ଚୁକ୍ତିନାମା, ବିଦ୍ୟୁତ୍ ଓ ଜଳ ଯୋଗାଣ ବ୍ୟବସ୍ଥା, ଟିକସ ରିହାତି ଏବଂ ଜମି ସମ୍ପର୍କିତ ସୁବିଧାର ସମ୍ପୂର୍ଣ୍ଣ ତଥ୍ୟ ସରକାର ସାର୍ବଜନୀନ କରନ୍ତୁ ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦାବି କରିଛନ୍ତି। ନରାଜ ପରିବର୍ତ୍ତେ ଏଭଳି ଏକ ବିକଳ୍ପ ସ୍ଥାନ ଚୟନ କରିବାକୁ ସେ ସରକାରଙ୍କୁ ପ୍ରସ୍ତାବ ଦେଇଛନ୍ତି, ଯେଉଁଠାରେ ଶୀତଳୀକରଣ ପାଇଁ ସମୁଦ୍ର ଜଳ ଏବଂ ବିଦ୍ୟୁତ୍ ପାଇଁ ସୌର ଓ ପବନ ଶକ୍ତିର ବ୍ୟବହାର ସମ୍ଭବ ହେବ। କର୍ପୋରେଟ୍ ସଂସ୍ଥାକୁ ଦିଆଯାଉଥିବା ରିହାତି ଓ ସୁବିଧା ବଦଳରେ ରାଜ୍ୟ ଏବଂ ଓଡ଼ିଶାବାସୀ ପ୍ରକୃତରେ କ'ଣ ପାଉଛନ୍ତି, ତାହା ଜାଣିବାର ଅଧିକାର ଲୋକଙ୍କର ରହିଛି ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ ଓ ତଥ୍ୟଭିତ୍ତିକ ଜବାବ ଦିଅନ୍ତୁ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

ନନ୍ଦନକାନନରେ ପୁଣି ଜୀବନ-ମୃତ୍ୟୁର ଖେଳ
ସମ୍ବର ଛୁଆର ଜନ୍ମ, କଳା ରାଜହଂସର ମୃତ୍ୟୁ

ବାରଙ୍ଗ, ୨୫।୧୦(ସମିସ): ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ ରବିବାର ପୁଣି ମିଶ୍ରିତ ଖବର ସାମ୍ନାକୁ ଆସିଛି। ଗୋଟିଏ ପଟେ ଗୋଟିଏ ସମ୍ବର ଛୁଆ ଜନ୍ମ ହୋଇଥିବା ବେଳେ ଅନ୍ୟପଟେ ଗୋଟିଏ କଳା ରାଜହଂସର ମୃତ୍ୟୁ ହୋଇଛି। ସୂଚନା ଅନୁସାରେ, ନବଜାତ ସମ୍ବର ଛୁଆଟି ମା' ସହିତ ରହିଛି ଏବଂ ତା'ର ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା କୁହାଯାଉଛି। ତେବେ କଳା ରାଜହଂସର ମୃତ୍ୟୁକୁ ନେଇ ବିଭିନ୍ନ ମହଲରୁ ପ୍ରଶ୍ନ ଉଠୁଛି। ବିଭିନ୍ନ ମହଲରୁ ଅଭିଯୋଗ ହେଉଛି ଯେ ବିଶେଷଜ୍ଞ ବ୍ୟବସ୍ଥା ଥିବା ସତ୍ତ୍ୱେ ପକ୍ଷୀମାନଙ୍କ ଖୁଆଡ଼ର ପରିଷ୍କାର ପରିଚ୍ଛନ୍ନତା, ପାଣିର ମାନ ଏବଂ ନିୟମିତ ସ୍ୱାସ୍ଥ୍ୟ ଯାଞ୍ଚରେ ଅବହେଳା ହେଉଛି କି? ଗତ କିଛି ଦିନରେ କ୍ରମାଗତ ମୃତ୍ୟୁ ପରେ ଏହି ମୃତ୍ୟୁ ଜନ୍ତୁ ବିଭାଗର ପରିଚାଳନା ବ୍ୟବସ୍ଥାକୁ ନେଇ ଚର୍ଚ୍ଚା ଜୋର୍ ଧରିଛି। ମୃତ୍ୟୁର ପ୍ରକୃତ କାରଣ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି।

ଆଶୁତୋଷ ପରିଡ଼ାଙ୍କୁ 'ଶାରଳା ପୁରସ୍କାର'
ଗୁରୁ ଦୁର୍ଗା ଚରଣ ରଣବୀର ଏବଂ ଦାମୋଦର ବେହେରାଙ୍କୁ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନ

ଭୁବନେଶ୍ୱର,୨୫।୧୦(ସମିସ): ଓଡ଼ିଆ କବି ଡ. ଆଶୁତୋଷ ପରିଡ଼ାଙ୍କୁ ୪୬ତମ ଶାରଳା ପୁରସ୍କାର ପ୍ରଦାନ କରାଯାଇଛି। ଇଣ୍ଡିଆନ୍ ମେଟାଲ୍ସ ପବ୍ଲିକ ଚାରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ପ୍ରତିଷ୍ଠିତ ଏହି ପୁରସ୍କାର ପ୍ରତିବର୍ଷ ଶ୍ରେଷ୍ଠ ସାହିତ୍ୟିକ କୃତି ପାଇଁ ପ୍ରଦାନ କରାଯାଇଥାଏ। ମୁଖ୍ୟ ଅତିଥି ଭାବେ ଗୀତିକାର, କବି ତଥା ଔପନ୍ୟାସିକ ଆର. ବୈରାମୁଥୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ଏହି ପୁରସ୍କାର ସ୍ୱରୂପ ଏକ ତାମ୍ର ଫଳକ, ପ୍ରଶସ୍ତି ପତ୍ର ଏବଂ ୬ ଲକ୍ଷ ଟଙ୍କାର ନଗଦ ଅର୍ଥରାଶି ପ୍ରଦାନ କରାଯାଇଛି। ଡ. ପରିଡ଼ାଙ୍କ କବିତା ସଙ୍କଳନ 'ବିଶ୍ୱାସ ଦେ ପୃଥିବୀ' ପାଇଁ ତାଙ୍କୁ ଏହି ସମ୍ମାନ ମିଳିଛି।

ଏହି ଅବସରରେ ପ୍ରଦର୍ଶନ କଳା କ୍ଷେତ୍ରରେ ଅବଦାନ ପାଇଁ କିମ୍ବଦନ୍ତୀ ଓଡ଼ିଶୀ ଗୁରୁ ଦୁର୍ଗା ଚରଣ ରଣବୀର ଏବଂ ଦୃଶ୍ୟ କଳା କ୍ଷେତ୍ରରେ ଉତ୍କର୍ଷତା ପାଇଁ ଭାସ୍କର୍ଯ୍ୟ ଶିଳ୍ପୀ ତଥା କଳା ଶିକ୍ଷାବିତ୍ ଦାମୋଦର ବେହେରାଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ଇଲା-ବଂଶୀଧର ପଣ୍ଡା କଳା ସମ୍ମାନରେ ସମ୍ମାନିତ କରାଯାଇଛି। ପ୍ରତ୍ୟେକ କଳାକାରଙ୍କୁ ପ୍ରଶସ୍ତି ପତ୍ର, ତାମ୍ର ଫଳକ ଏବଂ ୨.୫ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଉତ୍ସବରେ ସଭାପତିତ୍ୱ କରି ଇମ୍ପାକ୍ଟର ଟ୍ରଷ୍ଟି ପାରମିତା ପଣ୍ଡା, ଡ. ପରିଡ଼ାଙ୍କୁ ଅଭିନନ୍ଦନ ଜଣାଇବା ସହ 'ବିଶ୍ୱାସ ଦେ ପୃଥିବୀ'କୁ ଆମ ସମୟର ଏକ ଗଭୀର ପ୍ରତିଫଳନ ବୋଲି ବର୍ଣ୍ଣନା କରିଥିଲେ। ଜ୍ଞାନପୀଠ ପୁରସ୍କାର ବିଜେତା ଡ. ପ୍ରତିଭା ରାୟ ଏହି ଉତ୍ସବରେ ଉଦ୍‌ଘାଟକ ଏବଂ ଅତିଥି ଭାବେ ଯୋଗଦେଇ କହିଥିଲେ, ମୁଁ ଉପନ୍ୟାସ ଲେଖିପାରେ କିନ୍ତୁ ମୁଁ କବିତା ବ୍ୟାପକ ଭାବରେ ପଢେ। କାରଣ ଏହା ହେଉଛି ସାହିତ୍ୟର ହୃଦୟ, ଏବଂ ଏହା ବିନା ସାହିତ୍ୟର ଅସ୍ତିତ୍ୱ ରହିପାରିବ ନାହିଁ।

ପିଏସି ବୈଠକରେ କଂଗ୍ରେସର 'ପଞ୍ଚାୟତ' ମନ୍ଥନ

ଭୁବନେଶ୍ୱର,୨୫।୧୦(ସମିସ): ଆସନ୍ତା ବର୍ଷ ଓଡ଼ିଶାରେ ପଞ୍ଚାୟତ ନିର୍ବାଚନ ଅନୁଷ୍ଠିତ ହେବ। ହାତରେ ଆଉ ମାତ୍ର ମାସ କେଇଟା ବାକି ଅଛି। ସଦ୍ୟ ସମାପ୍ତ ହୋଇଥିବା ଛାତ୍ର ସଂସଦ ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ବିରୋଧୀ ଦଳ ଭାବେ ବିଜେଡି ଏବେ ବି ଶକ୍ତିଶାଳୀ ଅଛି। ଛାତ୍ର ନିର୍ବାଚନରେ ଏହାର ପ୍ରମାଣ ମିଳିଛି। ତେଣୁ ଆସନ୍ତା ଦିନରେ ଯଦି ବିଜେପି ସରକାରୁ ଯାଏ ତେବେ ବିଜେଡି ହିଁ ସରକାରଙ୍କ ପାଇଁ ଅଡୁଆ ସ୍ଥିତି ସୃଷ୍ଟି କରିବା ପ୍ରତିୟମାନ ହେଉଛି। ଏଭଳି ସ୍ଥିତିରେ ଆଗାମୀ ପଞ୍ଚାୟତ ନିର୍ବାଚନରେ କଂଗ୍ରେସର ପ୍ରଦର୍ଶନ କିପରି ରହିବ ଓ କାହିଁକି ଦଳ ଲୋକଙ୍କ ପାଖରେ ପହଞ୍ଚିପାରୁନି, ତାକୁ ନେଇ ରବିବାର କଂଗ୍ରେସ ଭବନରେ ଆୟୋଜିତ ପିଏସି ବୈଠକରେ ଅସନ୍ତୋଷ ପ୍ରକାଶ ପାଇଛି। କଂଗ୍ରେସର ବରିଷ୍ଠ ନେତାମାନେ ଏହି ପ୍ରସଙ୍ଗରେ ଉତ୍ତର ଆଶା କରିବା ସହ ଦଳ କାହିଁକି ତୃଣମୂଳସ୍ତରରେ ପହଞ୍ଚିପାରୁ ନାହିଁ, ସେନେଇ ଚିନ୍ତା ପ୍ରକଟ କରିଥିବା ଜଣାପଡ଼ିଛି। ତେବେ ନିଜ ଦଳର ନେତା ଓ ନିଜ ସାମର୍ଥ୍ୟ ଉପରେ ବିଶ୍ୱାସ କରିବା ଆରମ୍ଭ କଲେ କଂଗ୍ରେସକୁ ଓଡ଼ିଶାରେ କେହି ରୋକିପାରିବେ ନାହିଁ ବୋଲି ପିସିସି ପ୍ରଭାରୀ ଲାଲଜୀ ଦେଶାଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ପ୍ରଭାରୀ ଶ୍ରୀ ଦେଶାଇ ନିଜ ରାଜ୍ୟ ଗୁଜୁରାଟ ଉଦାହଣ ଦେଇ କହିଛନ୍ତି, ଗୁଜରାଟରେ ଦଳ

- ଏମ୍ଏମ୍‌ଡିଆର ପ୍ରସଙ୍ଗରେ ଆହୁରି ଶାଣିତ ହେବ ସ୍ୱର
- ଓଡ଼ିଶାରେ ଡାଟା ସେଣ୍ଟର ନିର୍ମାଣକୁ ତୀବ୍ର ବିରୋଧ
- ଦିଲ୍ଲୀ ସମାବେଶରେ ଓଡ଼ିଶାରୁ ଯିବେ ୫ ହଜାର କର୍ମୀ

୩୭ ପ୍ରତିଶତ ଭୋଟ ହାତେଇଥିବା ବେଳେ ୫ ହଜାର ଲୋକଙ୍କର ସମାବେଶଟିଏ ଆୟୋଜନ କରିବା କଷ୍ଟକର ହେଉଥାଏ। ତେବେ ଓଡ଼ିଶାରେ ମାତ୍ର ସାଢ଼େ ୧୩ ପ୍ରତିଶତ ଭୋଟ ହାତେଇ ମଧ୍ୟ ଦଳର ନେତାମାନେ ଅନାୟାସରେ ୫-୭ ହଜାର ଲୋକଙ୍କ ସମାବେଶ କରିଦେଇପାରନ୍ତି। ଏଥିରୁ ଗୋଟିଏ କଥା ସ୍ପଷ୍ଟ, ସଂଗଠିତ ଭାବେ ପରିଶ୍ରମ କଲେ ଦଳ ବିଜୟୀ ହେବା ସୁନିଶ୍ଚିତ ହେବ।

ପିସିସି ସଭାପତି ଭକ୍ତ ଚରଣ ଦାସ ଦଳର ରାଜ୍ୟ ସଂଗଠନ କିପରି ତୃଣମୂଳ ସ୍ତର ଯାଏ ପହଞ୍ଚିବା ଉପରେ ତା'ର ସୂଚନା ଦେବା ସହ ପଞ୍ଚାୟତ ନିର୍ବାଚନରେ ଦଳର ବଡ଼ ନେତାମାନେ ନିଜନିଜ ଜିଲ୍ଲାର ଦାୟିତ୍ୱ ନେବାକୁ ଆହ୍ୱାନ ଦେଇଥିଲେ। ଉପସ୍ଥିତ ବରିଷ୍ଠ ନେତାମାନେ ବିଭିନ୍ନ ପ୍ରସ୍ତାବ ଦେବାପରେ ସର୍ବସମ୍ମତ କ୍ରମେ ବିଭିନ୍ନ ପ୍ରସ୍ତାବ ଗୃହୀତ ହୋଇଥିଲା। ପଞ୍ଚାୟତ ନିର୍ବାଚନ ଐକ୍ୟବଦ୍ଧ ଭାବେ ଲଢ଼ିବାକୁ ସଂକଳ୍ପ ନିଆଯାଇଥିବା ବେଳେ ଏହି ନିର୍ବାଚନରେ ଓବିସି ସଂରକ୍ଷଣ ପାଇଁ କଂଗ୍ରେସ ପକ୍ଷରୁ ଦାବି କରାଯିବା ନିମନ୍ତେ ନିଷ୍ପତ୍ତି ହୋଇଛି। ଏହା ବ୍ୟତୀତ ଏମ୍ଏମ୍‌ଡିଆର ପ୍ରସଙ୍ଗରେ ମାତ୍ର ୪ ଟି ସମାବେଶରେ ଦଳ ସୀମିତ ନ ରହି ଏହି ଅଭିଯାନକୁ ଆହୁରି ଆଗକୁ ନେବାକୁ ଦାବି ହୋଇଛି। ଏଥିପାଇଁ ଏମ୍ଏମ୍‌ଡିଆର୍ ଓ ଏସଆଇଆର ପ୍ରସଙ୍ଗକୁ ଓଡ଼ିଶାର ଘରେଘରେ ପହଞ୍ଚାଯିବା ପାଇଁ ପଦକ୍ଷେପ ନିଆଯିବ ବୋଲି ଦଳ ନିଷ୍ପତ୍ତି ନେଇଛି। ଏହି ଦୁଇ ପ୍ରସଙ୍ଗ କ'ଣ, ତାହା ରାଜ୍ୟବାସୀଙ୍କୁ ସହଜରେ ବୁଝାଇବାକୁ ଆଇନଜୀବୀମାନଙ୍କୁ ଦଳ ପକ୍ଷରୁ ତୃଣମୂଳ ସ୍ତରକୁ ପଠାଯିବାକୁ ନରସିଂହ ମିଶ୍ର ପ୍ରସ୍ତାବ ଦେଇଛନ୍ତି। ଅନ୍ୟପଟେ ବିଭିନ୍ନ ରାଜ୍ୟରେ ଡାଟା ସେଣ୍ଟରକୁ ବିରୋଧ କରାଯାଉଥିବା ବେଳେ ଓଡ଼ିଶାରେ ଡାଟା ସେଣ୍ଟର ନିର୍ମାଣ ପାଇଁ ନିଷ୍ପତ୍ତିକୁ ତୀବ୍ର ବିରୋଧ କରାଯିବ ବୋଲି ନିଷ୍ପତ୍ତି ହୋଇଛି। ଏହା ଦ୍ୱାରା ଜଳ ଓ ବିଦ୍ୟୁତ ସଂକଟର ସମ୍ମୁଖୀନ ହେବ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ତା'ର ବିବରଣୀ ଦେଇ ଏହାକୁ ନିନ୍ଦା କରିଛନ୍ତି। ଅନ୍ୟପଟେ ନଭେମ୍ବର ୧ ଦିଲ୍ଲୀ ସମାବେଶରେ ଓଡ଼ିଶାରୁ ପ୍ରାୟ ୫ ହଜାର ଲୋକଙ୍କୁ ନେବା ପାଇଁ ଦଳ ଲକ୍ଷ୍ୟ ରଖିଛି। ଏଥିରେ ପିସିସି ପଦାଧିକାରୀଙ୍କ ସହ ସମସ୍ତ ଜିଲ୍ଲାସଭାପତି ଓ ଅନ୍ୟ ଲୋକଙ୍କୁ ମିଶାଇ ପ୍ରାୟ ୫ ହଜାର ଲୋକ କିପରି ଦିଲ୍ଲୀ ଯିବେ ସେନେଇ ଯୋଜନା କରାଯାଇଛି। ବୈଠକରେ ପୂର୍ବତନ ପିସିସି ସଭାପତି ନିରଂଜନ ପଟ୍ଟନାୟକ, ଜୟଦେବ ଜେନା ଓ ଶରତ ପଟ୍ଟନାୟକ, ପୂର୍ବତନ ସାଂସଦ ଓ ମନ୍ତ୍ରୀ ଜଗନ୍ନାଥ ପଟ୍ଟନାୟକ ଓ ପୂର୍ବତନ ମନ୍ତ୍ରୀ ସୁର ରାଉତରାୟ, ଛାତ୍ରକଂଗ୍ରେସ ସଭାପତି ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ଆଲୋଚନା କରିଥିଲେ।

ଆଜିର ରାଶିଫଳ

ମେଷ: ବରିଷ୍ଠ ଅଧିକାରୀ କାର୍ଯ୍ୟରେ ଖୁସି ହେବେ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ। କଥାରେ ମଧୁରତା ରଖିବେ।

ବୃଷ: ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

ମିଥୁନ: ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

କର୍କଟ: ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

ସିଂହ: ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ। ବ୍ୟବସାୟରେ ଲାଭ ହେବ।

କନ୍ୟା: ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

ତୁଳା: ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

ବିଛା: ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପିତାଙ୍କ ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

ଧନୁ: ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

ମକର: ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

କୁମ୍ଭ: ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

ମୀନ: ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।

ଆଜିର ଇତିହାସ

- ୧୮୬୩- ଫୁଟବଲ୍ ଆସୋସିଏସନ୍‌ର ଗଠନ ଲଣ୍ଡନରେ ହୋଇଥିଲା।
- ୧୯୫୧- ୱିନ୍‌ଷ୍ଟନ୍ ଚର୍ଚ୍ଚିଲ୍ ବ୍ରିଟେନର ପ୍ରଧାନମନ୍ତ୍ରୀ ହେଲେ।
- ୧୯୬୨- ଚୀନ୍‌ରେ ପ୍ରଥମ ଥର ପାଇଁ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରାଗଲା।
- ୧୯୯୯-ସର୍ବୋଚ୍ଚ ନ୍ୟାୟାଳୟ ଆଜୀବନ କାରାଦଣ୍ଡ ଅବଧି ୧୪ ବର୍ଷ କରିଲେ।
- ୨୦୧୨- ମିଆଁମାରରେ ହିଂସା କାରଣରୁ ୬୪ ଲୋକଙ୍କ ମୃତ୍ୟୁ।।

ଆସିବ 'ଜେଲର୍ ୩'

ସୁପରଷ୍ଟାର ରଜନୀକାନ୍ତଙ୍କ ଆକ୍ସନ୍-କମେଡି ଚଳଚ୍ଚିତ୍ର 'ଜେଲର୍ ୨' ବକ୍ସ ଅଫିସ୍‌ରେ ଧମାକା କରୁଛି। ନେଲସନ୍ ଦିଲୀପକୁମାରଙ୍କ ନିର୍ଦ୍ଦେଶିତ ଏହି ସିନେମା ଦର୍ଶକଙ୍କୁ ଭରପୂର ମନୋରଞ୍ଜନ ଯୋଗାଇବାରେ ସଫଳ ହୋଇଛି। ହେଲେ 'ଜେଲର୍ ୨'ର ଶେଷ ଭାଗରେ 'ଜେଲର୍ ୩' ଆସିବା ନେଇ ସୂଚନା ଦିଆଯାଇଛି ବୋଲି ସାମାଜିକ ଗଣମାଧ୍ୟମରେ ଏବେ ଜୋରଦାର ଚର୍ଚ୍ଚା ହେଉଛି। ଚଳଚ୍ଚିତ୍ରର ଶେଷ ଭାଗରେ ଏକ ବଡ଼ ଧରଣର ମୋଡ଼ ଦେଖିବାକୁ ମିଳିଛି, ଯାହା ଆଗାମୀ କାହାଣୀର ସୂଚନା ଦେଉଥିବା କୁହାଯାଉଛି। କାହାଣୀ ଅନୁଯାୟୀ, ନିଜ ପୁଅର ମୃତ୍ୟୁ ଅପରାଧରେ ଟାଇଗର ମୁଥୁବେଲ ପାଣ୍ଡିଆନ (ରଜନୀକାନ୍ତ)ଙ୍କୁ ପୋଲିସ ଗିରଫ କରି ନେଇଯାଉଛି। ଠିକ୍ ସେହି ସମୟରେ ପୋଲିସ ଜିପ୍ ଭିତରେ ଏକ ଚରିତ୍ର ବସିଛି। ଏହି କଳ୍ପି ହେଉଛି 'କାଡ୍ଡା'ଙ୍କର। ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଉଛି, ଟାଇଗର ଏବଂ କାଡ୍ଡାଙ୍କ ମଧ୍ୟରେ ଯେଉଁ ପୋଲିସ ଅଫିସର ଜଣଙ୍କ ସୁଟ୍‌ରେ ସାଜି ଫୋନ ବଢ଼ାଉଛନ୍ତି, ସେ ହେଉଛନ୍ତି ବିଜୟ ସେତୁପତି। ଏହି ଗୋଟିଏ ଦୃଶ୍ୟ ହିଁ ସ୍ପଷ୍ଟ କରିଦେଇଛି ଯେ, 'ଜେଲର୍ ୩'ର କାହାଣୀ ପ୍ରସ୍ତୁତ ହୋଇ ସାରିଛି। ଯଦିଓ ସେନ୍ ପିକ୍ଚର୍ସ ପକ୍ଷରୁ ଏନେଇ ବିଧିବଦ୍ଧ ଭାବେ କିଛି ଘୋଷଣା କରାଯାଇନାହିଁ, ତଥାପି ଗଣମାଧ୍ୟମ ରିପୋର୍ଟ ଅନୁଯାୟୀ, 'ଜେଲର୍' ସିରିଜ୍‌ର ତୃତୀୟ ଫିଲ୍ମ ଭାରତୀୟ ସିନେମାର ସବୁଠାରୁ ବଡ଼ ମଲ୍ଟିଷ୍ଟାରର ଫିଲ୍ମ ହେବାକୁ ଯାଉଛି। ନେଲସନ୍ ଦିଲୀପକୁମାର ବର୍ତ୍ତମାନ କାହାଣୀକୁ ଅଧିକ ଦମଦାର କରିବାରେ ଲାଗିଛନ୍ତି। ଚଳଚ୍ଚିତ୍ରର ପ୍ରିପ୍ରଡକ୍ସନ୍ କାମ ଏବଂ କଳାକାରମାନଙ୍କର ଡେଟ୍‌ସ୍‌କୁ ଦୃଷ୍ଟିରେ ରଖି ଏହାର ମୁଖ୍ୟ ସୁଟିଂ ୨୦୨୮ ମସିହା ପ୍ରାରମ୍ଭରେ ଆରମ୍ଭ ହୋଇପାରେ ବୋଲି କୁହାଯାଉଛି। 'ଜେଲର୍ ୨'ର କ୍ରେଜ୍ ଦେଖିବା ପରେ ଏହା ସୁନିଶ୍ଚିତ ଯେ, ଯେତେବେଳେ 'ଜେଲର୍ ୩' ପରଦାକୁ ଆସିବ, ତାହା ବକ୍ସ ଅଫିସ୍‌ର ସମସ୍ତ ରେକର୍ଡ ଭାଙ୍ଗିବାର କ୍ଷମତା ରଖିବ।

ସକାଳ ଔଷଧ ରାତିରେ ଖାଉଥିଲେ...

ଯଦି କେହି ସକାଳ ଔଷଧ ଖାଇବାକୁ ଭୁଲିଯାଉଥାନ୍ତି କିମ୍ବା ମନେ ନ ଥାଏ, ତେବେ ସେ ଏକକାଳୀନ ସକାଳ ଓ ସନ୍ଧ୍ୟା ଔଷଧ ଖାଇଥାନ୍ତି। ଅବଶ୍ୟ ଅନେକ ଲୋକ ଏମିତି କରନ୍ତି। ତେବେ ଡବଲ ଡୋଜ୍ କେତେ ଦୂର ସ୍ୱାସ୍ଥ୍ୟ ପାଇଁ ଠିକ୍, ସେସମ୍ପର୍କରେ ଅନେକ ଜାଣନ୍ତି ନାହିଁ। ଗାଜିଆବାଦର ଜିଲ୍ଲା ଏମଏମଜି ହସ୍ପିଟାଲର ଫାର୍ମାସି ବିଭାଗର ନରେନ୍ଦ୍ର ଶର୍ମା କହନ୍ତି, ସକାଳ ଔଷଧ ଖାଇବାକୁ ଭୁଲିଯାଇଥିଲେ ଏବଂ ଏକକାଳୀନ ଦୁଇଟି ଔଷଧ ସନ୍ଧ୍ୟାରେ ଖାଇବା କ୍ଷତିକାରକ। ଔଷଧ ହିସାବ ସମାନ କରିବା ଚକ୍କରରେ ଡବଲ ଡୋଜ୍ ନେବା ସ୍ୱାସ୍ଥ୍ୟ ପକ୍ଷେ କ୍ଷତିକାରକ ହୋଇପାରେ। ମୁଖ୍ୟତଃ ରକ୍ତଚାପ, ମଧୁମେହ, ହୃଦ୍ ଔଷଧ ଭଳି ଔଷଧ ଦିନରେ ଦୁଇଥର ଖାଇବାକୁ ପଡ଼ିଥାଏ। ତେବେ ସକାଳ ଔଷଧ ଖାଇବାକୁ ଭୁଲିଯାଇଥିଲେ ଏବଂ ସନ୍ଧ୍ୟାରେ ଡବଲ ଡୋଜ୍ ନେଲେ ଅଚାନକ ରକ୍ତରେ ଶର୍କରା କମିପାରେ। ଏପରିକି ରକ୍ତଚାପ କମ୍, ବେଶି ମଧ୍ୟ ହୋଇପାରେ। କେବଳ ସେତିକି ନୁହେଁ, ଏହା ଯୋଗୁଁ ମୁଣ୍ଡ ବୁଲାଇବା, ଚେତା ହରାଇବା ସମସ୍ୟା ବି ଦେଖା ଦେଇପାରେ। ସେହିପରି ରକ୍ତ ପତଳା କରିବା ଔଷଧ ଏକକାଳୀନ ଦୁଇଥର ଖାଇବା ଦ୍ୱାରା ଇଣ୍ଟର୍ନାଲ ବ୍ଲିଡିଂ ହୋଇପାରେ। ଏହାବ୍ୟତୀତ କିଛି ମାମଲାରେ ଡବଲ ଡୋଜ୍ ନେବା ଦ୍ୱାରା ତୁରନ୍ତ ପ୍ରତିକ୍ରିୟା ଦେଖାଯାଇଥାଏ। ଏହାଦ୍ୱାରା ପେଟ ଯନ୍ତ୍ରଣା, ବାନ୍ତି ଭଳି ସମସ୍ୟା ଦେଖା ଦେଇପାରେ। ଏହାପରେ ଅଧିକ ଔଷଧ ଖାଇଲେ ଲିଭର ଓ କିଡ଼ନୀ ଉପରେ ବି ପ୍ରଭାବ ପଡ଼ିଥାଏ। ଏହାସହ ଟକ୍ସିସିଟି ବିପଦ ବଢ଼ିବା ଆଶଙ୍କା ଥାଏ। ତେବେ ଔଷଧ ଖାଇବାକୁ ଭୁଲିଯାଇଥିଲେ ସନ୍ଧ୍ୟାରେ କେବଳ ଗୋଟିଏ ଔଷଧ ଖାଇବା ଉଚିତ। ତା'ସହ ଲୋକଙ୍କୁ ଔଷଧ ଖାଇବାର ସମୟ ସ୍ଥିର କରିବା ଦରକାର। ଅଲଗା ଅଲଗା ସମୟର ଔଷଧକୁ ଏକକାଳୀନ ଖାଇବା ଆଦୌ ଉଚିତ ନୁହେଁ।

ପଣ୍ଡିତ ଗୋଦାବରୀଶ ମିଶ୍ର



ଉତ୍କଳ ଭୂମିକୁ ଯେଉଁ କେତେଜଣ ମନୀଷୀ ନିଜ ଚିନ୍ତାଧାରା ଓ କର୍ମଦ୍ୱାରା ସମୃଦ୍ଧ କରିଛନ୍ତି, ସେମାନଙ୍କ ମଧ୍ୟରେ ସତ୍ୟବାଦୀ ଯୁଗର ପଞ୍ଚସଖା ଅନ୍ୟତମ। ଏହି ପଞ୍ଚସଖାଙ୍କ ଭିତରୁ ଜଣେ ଅନନ୍ୟ ବ୍ୟକ୍ତିତ୍ୱ ଥିଲେ ପଣ୍ଡିତ ଗୋଦାବରୀଶ ମିଶ୍ର। ସେ କେବଳ ଜଣେ କବି ବା ଲେଖକ ନ ଥିଲେ; ଏକାଧାରରେ ଥିଲେ ଜଣେ ଆଦର୍ଶ ଶିକ୍ଷକ, ସମାଜ ସଂସ୍କାରକ ଓ ଓଡ଼ିଶାର ଜଣେ ପ୍ରଖ୍ୟାତ ରାଜନେତା। ତାଙ୍କ ଜୀବନ କାହାଣୀ ତ୍ୟାଗ ଓ ଦେଶପ୍ରେମର ଏକ ଜ୍ୱଳନ୍ତ ଉଦାହରଣ। ଗୋଦାବରୀଶ ୧୮୮୬ ମସିହା ଆଜିର ଦିନରେ ଅବିଭକ୍ତ ପୁରୀ ଜିଲ୍ଲା ବାଣପୁର ନିକଟରେ ଶ୍ରୀନିବାସପୁର ଶାସନରେ ଜନ୍ମଗ୍ରହଣ କରିଥିଲେ। ସେ ସତ୍ୟବାଦୀ ପଞ୍ଚସଖାଙ୍କ ମଧ୍ୟରୁ ଜଣେ। ଉତ୍କଳମଣି ଗୋପବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣିତ ହୋଇ ସେବାକୁ ସେ ଜୀବନର ମୁଖ୍ୟ ବ୍ରତ ଭାବେ ଗ୍ରହଣ କରିଥିଲେ ଏବଂ ଆଜୀବନ ଜନସେବକ ଭାବେ କାର୍ଯ୍ୟ କରିଥିଲେ। ଗାନ୍ଧୀ ଓ ସୁଭାଷ, ଉଭୟ ଥିଲେ ତାଙ୍କ ଆଦର୍ଶ। ସତ୍ୟବାଦୀ ବନ ବିଦ୍ୟାଳୟରୁ ତାଙ୍କର ଶିକ୍ଷକ ଜୀବନ ଆରମ୍ଭ ହୋଇଥିଲା। ପରେ ସ୍ୱେଚ୍ଛାକୃତ ଭାବେ ଶିକ୍ଷକ ଜୀବନରୁ ଅବସର ନେବା ପରେ ସେ ବିଚ୍ଛିନ୍ନାଞ୍ଚଳରେ ସଂଗଠନ ଦାୟିତ୍ୱ ତୁଲାଇଥିଲେ। ଏହା ଥିଲା ତାଙ୍କ ରାଜନୈତିକ ଜୀବନର ପ୍ରଥମ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ପାରଳା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ମନ୍ତ୍ରିମଣ୍ଡଳରେ ସେ ଅର୍ଥ ଓ ଶିକ୍ଷା ମନ୍ତ୍ରୀ ଦାୟିତ୍ୱ ତୁଲାଇଥିଲେ। ଏହି ସମୟରେ ତାଙ୍କ ଉଦ୍ୟମରେ 'ଉତ୍କଳ ବିଶ୍ୱବିଦ୍ୟାଳୟ' ସ୍ଥାପନ ହୋଇଥିଲା। ବ୍ୟାସକବି ଫକୀରମୋହନଙ୍କଠାରୁ ଓଡ଼ିଆ ସାହିତ୍ୟରେ ଆତ୍ମଜୀବନୀ ଲେଖାଯିବା ଆରମ୍ଭ ହୋଇଥିଲା। ଏହାପରେ ପରେ ଲେଖା ହୋଇଥିବା ପଣ୍ଡିତ ଗୋଦାବରୀଶ ମିଶ୍ରଙ୍କ ଆତ୍ମଜୀବନୀ 'ଅର୍ଦ୍ଧଶତାବ୍ଦୀର ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ଲାଳିତ୍ୟ ଦୃଷ୍ଟିରୁ ଏହା ଏକ ସମୃଦ୍ଧ ଆତ୍ମଚରିତ। ଏହି ପୁସ୍ତକ ପାଇଁ ତାଙ୍କୁ ୧୯୬୧ ମସିହାରେ ମରଣୋତ୍ତର ଭାବରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଇତିହାସ, କିମ୍ବଦନ୍ତୀ ଓ ରୂପକଥାକୁ ଅବଲମ୍ବନ କରି ସେ କବିତା ରଚନା କରୁଥିଲେ। ଏସବୁ ମଧ୍ୟରେ 'କାଳିଜାଇ' ଗାଥା କବିତା ତାଙ୍କର ଏକ ସ୍ୱର୍ଣ୍ଣିମ ସୃଷ୍ଟି। ସରଳ, ସାବଲୀଳ ଭାଷା ଓ ସୁନ୍ଦର ଶବ୍ଦ ସଂଯୋଜନା ତାଙ୍କ କାବ୍ୟ କବିତାର ସ୍ୱତନ୍ତ୍ର ବୈଶିଷ୍ଟ୍ୟ ଥିଲା। 'ପୁରୁଷୋତ୍ତମଦେବ' ଓ 'ମୁକୁନ୍ଦଦେବ' ପରି କାଳଜୟୀ ନାଟକଗୁଡ଼ିକରେ ପ୍ରମାଣ ମିଳେ ତାଙ୍କର ଅନନ୍ୟ ଜାତୀୟତାବାଦ ଓ ଆତ୍ମତ୍ୟାଗର ଗାଥା। ସେ ସାମାଜିକ ସଂସ୍କାରଧର୍ମୀ, ପାରିବାରିକ ସମସ୍ୟାମୂଳକ, ପ୍ରଣୟ ଆଧାରିତ, ରାଜନୈତିକ ଚେତନାଧର୍ମୀ ଗଳ୍ପ ରଚନା କରି ସମୃଦ୍ଧ କରିଥିଲେ ଓଡ଼ିଆ ସାହିତ୍ୟକୁ। ଏହି ସାରସ୍ୱତ ସାଧକଙ୍କର ୧୯୫୬ ମସିହା ଜୁଲାଇ ୨୬ ତାରିଖରେ ଦେହାନ୍ତ ହୋଇଥିଲା।

ସ୍ୱସ୍ତି

ଏକାଦଶୀରେ ଦାନ

ଏକାଦଶୀ ଦିନ ଭଗବାନ ବିଷ୍ଣୁଙ୍କ ପୂଜା ଓ ବ୍ରତ ରଖାଯାଏ। ଶ୍ରଦ୍ଧା ଅନୁସାରେ ଉକ୍ତ ଦିନ ପୂଜା ପାଠ କରାଯାଏ। ତା'ସହ ଅସହାୟ ଲୋକଙ୍କୁ ନିଜ ସାମର୍ଥ୍ୟ ଅନୁସାରେ ଅନ୍ନ, ବସ୍ତ୍ର, ଅନ୍ୟ ଉପଯୋଗୀ ଜିନିଷ ଦାନ କରାଯାଏ।

ହିନ୍ଦୁ ଧାର୍ମିକ ପରମ୍ପରାରେ, ଅନ୍ନ ଖାଇବାକୁ ଏକାଦଶୀରେ ବାରଣ କରାଯାଏ। ଅନେକ ବ୍ରତଧାରୀ ଏହି ଦିନ ଅନ୍ନ ଏବଂ ଅନ୍ନ ତିଆରି ଜିନିଷ କିଛି ଖାଇ ନ ଥାନ୍ତି। ଏକାଦଶୀ ଦିନରେ ଅନ୍ନଦାନକୁ ନେଇ ସମସ୍ତ ହିନ୍ଦୁ ପରମ୍ପରାରେ ସମାନ ନିୟମ ନାହିଁ। କିଛି ଲୋକ ଏକାଦଶୀରେ ଡାଲି, ଫଳ ଏବଂ ଶସ୍ୟରୁ ତିଆରି ଖାଦ୍ୟ ଖାଇଥାନ୍ତି। ଆଉ କିଛି ଲୋକ ଏହି ଦିନ ଦରିଦ୍ର ଅସହାୟ ଲୋକଙ୍କୁ ଅନ୍ନଦାନ କରିବାକୁ ପୁଣ୍ୟକାର୍ଯ୍ୟ ବୋଲି ଭାବନ୍ତି। ତେଣୁ ଏକାଦଶୀରେ ଚାଉଳ ଦାନ କରିବାକୁ ଚାହୁଁଥିଲେ, ପାରିବାରିକ ପରମ୍ପରା ଓ ବ୍ରତ ନିୟମ ଅନୁସାରେ ନିର୍ଣ୍ଣୟ ନେଇପାରିବେ।

ତେବେ ଏହିଦିନ ଅନ୍ନଦାନ କରିବାକୁ ଚାହୁଁଥିଲେ ସାମର୍ଥ୍ୟ ଅନୁସାରେ, ଗହମ, ଡାଲି, ଫଳ, ଦୁଗ୍ଧ ଅସହାୟଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା କରିପାରିବେ। ଏହାବ୍ୟତୀତ ଗରିବ ଲୋକଙ୍କୁ ବସ୍ତ୍ର ଓ ଅନ୍ୟ ଜରୁରି ଜିନିଷ ଦେବାକୁ ଶୁଭ ବୋଲି କୁହାଯାଏ। ଦାନ ସମୟରେ ବସ୍ତୁର ଉପଯୋଗିତା ଏବଂ ସ୍ୱଚ୍ଛତା ଉପରେ ଧ୍ୟାନ ରଖିବା ଉଚିତ। ସେହିପରି ଅନ୍ନ ଦାନର ଘରେ କୌଣସି ବିଶେଷ ପରମ୍ପରା ଥିଲେ ତାହାକୁ ପାଳନ କରିବା ଭଲ।

ପୁଣ୍ୟ ମାସ କାର୍ତ୍ତିକ

ଆଜିଠୁ କାର୍ତ୍ତିକ ମାସ ଆରମ୍ଭ ହୋଇଛି। ହିନ୍ଦୁ ଧର୍ମରେ ଆଧ୍ୟାତ୍ମିକ ମାସ ଭାବେ ଏହାକୁ ବିବେଚନା କରାଯାଏ। ବର୍ଷର ସବୁ ମାସର କିଛି ମହତ୍ତ୍ୱ ଥିବା ବେଳେ ଧର୍ମ ମାସ ଭାବେ କାର୍ତ୍ତିକ ମାସର ବିଶେଷ ମହତ୍ତ୍ୱ ଅଛି। କୁହାଯାଏ, ଏହି ମାସର ପୁଣ୍ୟ ଅନ୍ୟ କୌଣସି ମାସରେ ନ ଥାଏ। ବର୍ଷ ଯାକର ପାପ ଏହି ଗୋଟିଏ ମାସରେ ଧୋଇ ହୋଇଯାଏ। ସମସ୍ତେ ଏହି ମାସକୁ ନିଷ୍ଠାର ସହ ପାଳନ କରନ୍ତି।

କାର୍ତ୍ତିକ ମାସରେ ବ୍ରତ ପାଳନ କଲେ ମୋକ୍ଷ ପ୍ରାପ୍ତି ହୁଏ ବୋଲି ହିନ୍ଦୁମାନଙ୍କର ବିଶ୍ୱାସ ଅଛି। ସନାତନ ଧର୍ମରେ କାର୍ତ୍ତିକ ମାସକୁ ସମ୍ପୂର୍ଣ୍ଣ ଭାବେ ଶୁଭ ବୋଲି କୁହାଯାଇଛି। ଏହି ମାସଟି ଶରତ ପୂର୍ଣ୍ଣିମାଠାରୁ ଆରମ୍ଭ କରି କୃତ୍ତିକା ନକ୍ଷତ୍ରଯୁକ୍ତ କାର୍ତ୍ତିକ ପୂର୍ଣ୍ଣିମା ପର୍ଯ୍ୟନ୍ତ ଚାଲିଥାଏ। ଜ୍ୟୋତିଷ ଶାସ୍ତ୍ର ଅନୁସାରେ, ସୂର୍ଯ୍ୟ ଯେତେବେଳେ ତାଙ୍କର ଦକ୍ଷିଣାୟନ ଆରମ୍ଭ କରନ୍ତି ଓ ତୁଳାରାଶିକୁ ପ୍ରବେଶ କରନ୍ତି, କାର୍ତ୍ତିକ ମାସ ଆରମ୍ଭ ହୁଏ।

ଏହିଦିନ ବ୍ରାହ୍ମ ମୁହୂର୍ତ୍ତରୁ ସ୍ନାନ କରିବା ଅତ୍ୟନ୍ତ ଶୁଭ ବୋଲି କୁହାଯାଏ। ତା'ସହ ନିଜ ସାମର୍ଥ୍ୟ ଅନୁସାରେ ଜିନିଷ ଦାନ କରିବା ଶୁଭ। ପବିତ୍ର ନଦୀ ନଚେତ ଗାଧୋଇବା ଜଳରେ ଗଙ୍ଗାଜଳ ମିଶାଇ ସ୍ନାନ କରିପାରିବେ। ସେହିପରି ଏହି ମାସ ବ୍ରତ ଓ ସାଧନା ଲାଗି ବି ଖୁବ୍ ମହତ୍ତ୍ୱପୂର୍ଣ୍ଣ। କିଛି ଲୋକ ଶ୍ରଦ୍ଧା ଓ ସାମର୍ଥ୍ୟ ଅନୁସାରେ ବିଶେଷ ତିଥିରେ ବ୍ରତ ରଖନ୍ତି। କାର୍ତ୍ତିକ ମାସରେ ଦୀପଦାନ ଓ ଦୀପ ଜାଳିବାର ବିଶେଷ ପରମ୍ପରା ଅଛି। ମନ୍ଦିର, ଘର ତଥା ଜଳାଶୟ ଆଖପାଖରେ ଦୀପ ଜଳାଯାଏ। କିଛି ଲୋକ ପ୍ରତିଦିନ ଘରର ମୁଖ୍ୟ ଦ୍ୱାରରେ ଦୀପ ଜଳାନ୍ତି।

ଅନ୍ୟପଟେ ଭଗବାନ ବିଷ୍ଣୁ ଏବଂ ଲକ୍ଷ୍ମୀ ମା'ଙ୍କ ପ୍ରିୟ ମାସ ହେଉଛି କାର୍ତ୍ତିକ। ଏହି ମାସରେ ତୁଳସୀ ପୂଜାର ସ୍ୱତନ୍ତ୍ର ବିଧାନ ଅଛି। କୁହାଯାଏ, ଏହି ମାସରେ ଭଗବାନ ବିଷ୍ଣୁ ଯୋଗନିଦ୍ରାରୁ ଜାଗ୍ରତ ହୁଅନ୍ତି। ଉକ୍ତ ମାସରେ ମା' ଲକ୍ଷ୍ମୀ ଧରାପୃଷ୍ଠରେ ଭ୍ରମଣ କରନ୍ତି ଏବଂ ଭକ୍ତଙ୍କୁ ଅପାର ଧନ ଦିଅନ୍ତି। ତେବେ କାର୍ତ୍ତିକ ମାସରେ ତୁଳସୀ ପୂଜାର ବିଶେଷ ମହତ୍ତ୍ୱ ଅଛି।

କର୍କଟ ରାଶିରେ କେତୁ ଗୋଚର

୬ ରାଶି ପାଇଁ ଶୁଭ

ବୈଦିକ ଜ୍ୟୋତିଷରେ କେତୁଙ୍କୁ ମାୟାବୀ ଗ୍ରହ ବୋଲି କୁହାଯାଏ। ସେହିପରି କର୍କଟ ରାଶିରେ କେତୁ ଗୋଚର ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଜ୍ୟୋତିଷୀୟ ଘଟଣା ବୋଲି କୁହାଯାଏ। ଡିସେମ୍ବର ୫ରୁ କେତୁ ଶତ୍ରୁ ରାଶି କର୍କଟକୁ ଗୋଚର କରିବେ। ୨୦୨୮ ଜୁନ୍ ୨୩ ପର୍ଯ୍ୟନ୍ତ ଏହି ରାଶିରେ ରହିବେ। ତେବେ କେତୁ ଗୋଚର ନକାରାତ୍ମକ ପ୍ରଭାବ ସହ ଜଡ଼ିତ ବୋଲି କୁହାଯାଏ। କେତୁ ସବୁବେଳେ ଖରାପ ପ୍ରଭାବ ଦିଅନ୍ତି। ହେଲେ କର୍କଟ ରାଶିରେ କେତୁ କିଛି ରାଶିଙ୍କୁ ଶୁଭ ଫଳ ପ୍ରଦାନ କରିବେ ଏବଂ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିବ। କେଉଁ ରାଶି ପାଇଁ କର୍କଟ ରାଶିରେ କେତୁ ଗୋଚର ଶୁଭ, ଜାଣିବା ସେ ସମ୍ପର୍କରେ।

ବୃଷ: କେତୁ ଗୋଚର ବୃଷ ରାଶି ପାଇଁ ଶୁଭ ଓ ଅତ୍ୟନ୍ତ ଲାଭକାରୀ ହେବ। ଜୀବନରେ ଆକସ୍ମିକ ସକାରାତ୍ମକ ପରିବର୍ତ୍ତନ ଆସିବ। ଅଚାନକ ଧନ ଲାଭ ହେବ। ଆୟର ନୂଆ ପଥ ଉନ୍ମୁକ୍ତ ହେବ। କୌଣସି ପୁରୁଣା କାମରେ ସଫଳତା ମିଳିପାରେ।

ମିଥୁନ: ମିଥୁନ ରାଶି ଲାଗି ଏହି ଗୋଚର ଭଲ ସମୟ। ଚାକିରିରେ ଉନ୍ନତି ପରିଲକ୍ଷିତ ହେବ। ବ୍ୟବସାୟରେ ସଫଳତା ପ୍ରାପ୍ତି ହେବ। ନିଜ ଲୋକଙ୍କ ସହଯୋଗ ମିଳିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ଚାକିରିରେ ଆଗକୁ ଯିବାର ନୂଆ ଅବସର ଜୁଟିବ। ଯାତ୍ରା ଲାଭକାରୀ ହେବ।

କନ୍ୟା: କେତୁ ଗୋର ଯୋଗୁଁ କନ୍ୟା ରାଶି ବ୍ୟକ୍ତିଙ୍କର ଆକସ୍ମିକ ଧନ ଲାଭ ହେବ। ଆୟର ନୂତନ ପଥ ଉନ୍ମୁକ୍ତ ହେବ। ଅଟକି ଥିବା କାର୍ଯ୍ୟ ପୂରା ହେବ। ସାମାଜିକ ମାନ ପ୍ରତିଷ୍ଠା ବୃଦ୍ଧି ପାଇବ। ବ୍ୟବସାୟରେ ସଫଳତା ମିଳିବ। କୌଣସି ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାରେ ସଫଳ ରହିବେ। ନିବେଶ ଲାଗି ଉତ୍ତମ ସମୟ।

ତୁଳା: କେତୁ ଗୋଚର ତୁଳା ରାଶି ପାଇଁ ଲାଭକାରୀ। ବ୍ୟକ୍ତିତ୍ୱ ବିକାଶ ହେବ। ମାନସିକ ଶାନ୍ତି ମିଳିବ। ପରିବାର ସଦସ୍ୟ ମଧ୍ୟରେ ତାଳମେଳ ରହିବ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଆୟରେ ଉନ୍ନତି ହେବ।

ମକର: ମକର ରାଶି ପାଇଁ କେତୁ ଗୋଚର ଶୁଭ ଫଳ ପ୍ରଦାନ କରିବ। ଆତ୍ମବିଶ୍ୱାସ ବୃଦ୍ଧି ପାଇବ। ମାନସିକ ଶାନ୍ତି ମିଳିବ। କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ଚାକିରିରେ ପରିବର୍ତ୍ତନ ଆସିବ।

କୁମ୍ଭ: କୁମ୍ଭ ରାଶି ବ୍ୟକ୍ତିବିଶେଷଙ୍କ ପାଇଁ କେତୁ ଗୋଚର ଲାଭକାରୀ ହେବ। ପ୍ରଭାବଶାଳୀ ଲୋକଙ୍କ ସହିତ ଦେଖାସାକ୍ଷାତ ହେବ। ଚାକିରି ଓ ବ୍ୟବସାୟରେ ଲାଭ ହେବ। ଜୀବନସାଥୀଙ୍କ ସହିତ ଭଲ ସମୟ ଅତିବାହିତ କରିବେ। ରୋଜଗାରରେ ଆଗକୁ ବଢ଼ିବାରେ ଉତ୍ତମ ଅବସର ଜୁଟିବ। ଅଚାନକ ଧନ ବୃଦ୍ଧି ହେବ। କୌଣସି ଭଲ ଖବରରେ ମନ ପ୍ରସନ୍ନ ରହିବ।

ବାପଘରୁ ଝିଅକୁ କ'ଣ ଦେବେ ନାହିଁ

ବାସ୍ତୁ ଶାସ୍ତ୍ର ଅନୁସାରେ, ବାପଘରୁ ଝିଅକୁ କିଛି ଜିନିଷ ଉପହାର ସ୍ୱରୂପ ଦେବା ଅନୁଚିତ। କେଉଁ ଜିନିଷ ଜଣେ ବିବାହିତା ମହିଳା ନିଜ ବାପଘରୁ ନେବା ଠିକ୍ ନୁହେଁ, ଜାଣିବା ସେ ସମ୍ପର୍କରେ।

- ବାସ୍ତୁ ଏବଂ ଜ୍ୟୋତିଷ ବିଶେଷଜ୍ଞଙ୍କ ମତରେ, ବିବାହିତା ଝିଅକୁ ବାପ ଘରୁ ଛୁରି, କଇଁଚି କିମ୍ବା ଅନ୍ୟ କୌଣସି ଧାରୁଆ ଜିନିଷ ଉପହାରରେ ଦେବା ଅନୁଚିତ। ଏଭଳି ଜିନିଷ ଦେବା ଦ୍ୱାରା ସମ୍ପର୍କରେ ତିକ୍ତତା ଦେଖାଦିଏ।
- ଧାରୁଆ ଜିନିଷ ବ୍ୟତୀତ ଆଚାର ଦେବା ଅନୁଚିତ। ଆଚାରର ଖଟାପଣ ଏବଂ ଏହାର ସମ୍ବନ୍ଧ ବାସ୍ତୁରେ ଶନିଙ୍କ ଶକ୍ତି ସହିତ ଜଡ଼ିତ। ଯାହାକି ସମ୍ପର୍କରେ ଦୂରତ୍ୱ ସୃଷ୍ଟିର କାରଣ ବୋଲି ବିବେଚନା କରାଯାଏ।
- ସେହିପରି ବିବାହିତା କନ୍ୟାକୁ ଉପହାରରେ ବାପ ଘରୁ କଣ୍ଟାଯୁକ୍ତ ଗଛ ଦେବା ବାସ୍ତୁ ସମ୍ମତ ନୁହେଁ। ବର୍ତ୍ତମାନ ଘର ସଜାଇବା ଲାଗି ଏଭଳି ଉପହାର ଟ୍ରେଣ୍ଡରେ ଥିଲେ ହେଁ ବାସ୍ତୁ ଏବଂ ଜ୍ୟୋତିଷ ବିଶେଷଜ୍ଞଙ୍କ ମତରେ କାକଟସ୍ ଗଛ ଦେବା ଭଲ ନୁହେଁ।
- ଉପହାରରେ ବିବାହିତା ଝିଅକୁ କଳା ରଙ୍ଗ ପୋଷାକ ଦେବା ବାସ୍ତୁ ଦୃଷ୍ଟିରୁ ଅନୁଚିତ। ଏହି ରଙ୍ଗ ଅନେକ ସମୟରେ ନକାରାତ୍ମକ ଶକ୍ତିକୁ ଆକର୍ଷିତ କରିଥାଏ। ସମ୍ପର୍କରେ ଦୂରତ୍ୱର କାରଣ ହୋଇଥାଏ।
- ବିବାହିତା ଝିଅକୁ ଗ୍ୟାସ୍ ଚୁଲା ଦିଅନ୍ତୁ ନାହିଁ। କୌଣସି ଜ୍ୱଳନଶୀଳ ଜିନିଷ ଉପହାରରେ ଦେବା ଅନୁଚିତ।



ଫ୍ରେଞ୍ଚ ଓପନରେ ସିନ୍ଧୁ ରନର୍ସଅପ୍

ପ୍ୟାରିସ, ୨୬ ।୧୦ (ଏଜେନ୍ସି): ଦୁଇଥରର ଅଲିମ୍ପିକ ପଦକ ବିଜୟିନୀ ପିଭି ସିନ୍ଧୁ ରବିବାର ଶେଷ ହୋଇଥିବା ଫ୍ରେଞ୍ଚ ଓପନ୍ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାରେ ରନର୍ସଅପ୍ ହୋଇଛନ୍ତି । ମହିଳା ସିଙ୍ଗଲ୍ସ ଫାଇନାଲରେ ଡିଫେଣ୍ଡିଂ ଅଲିମ୍ପିକ ଓ ବିଶ୍ୱ ଚାମ୍ପିଅନ ଦକ୍ଷିଣ କୋରିଆର ଆନ୍ ସେ ୟଙ୍ଗ୍‌'ଙ୍କଠାରୁ ୧୬-୨୧, ୨୧-୧୧, ୨୧-୧୨ ଗେମରେ ସିନ୍ଧୁ ହାରିଯାଇଥିଲେ । ଏରେନା ଗ୍ରାଣ୍ଡ ପ୍ୟାରିସରେ ଅନୁଷ୍ଠିତ ଏହି ଲଢ଼େଇ ଏକ ଘଣ୍ଟା ଧରି ଚାଲିଥିଲେ ମଧ୍ୟ ସିନ୍ଧୁଙ୍କୁ ପରାଜୟର ସାମ୍ନା କରିବାକୁ ପଡ଼ିଥିଲା । ବିଶ୍ୱର ଏକ ନମ୍ବର ଖେଳାଳି ୟଙ୍ଗ୍‌'ଙ୍କ ବିପକ୍ଷରେ ସିନ୍ଧୁଙ୍କ ପରାଜୟଧାରା ଜାରି ରହିଛି । ଏହି ଦୁଇ ଖେଳାଳି ମୋଟ୍ ଉପରେ ୧୧ଥର ସାମ୍ନାସାମ୍ନି ହୋଇଥିବାବେଳେ ସମସ୍ତ ମ୍ୟାଚରେ ୟଙ୍ଗ ବିଜୟୀ ହୋଇଛନ୍ତି । ରବିବାର ବିଜୟ ସହ ୟଙ୍ଗ କ୍ରମାଗତ ୫୦ଟି ମ୍ୟାଚରେ ଅପରାଜେୟ ରହିଛନ୍ତି ।

ସିଜନର ପ୍ରଥମ ଟାଇଟଲ୍ ଜିତିଲେ ଭାମ୍ବ୍ରୀ

ଅଲ୍‌ମାଟୀ, ୨୬ ।୧୦ (ଏଜେନ୍ସି): କାଜାଖସ୍ତାନରେ ଅନୁଷ୍ଠିତ ଅଲ୍‌ମାଟୀ ଓପନ୍ ଟେନିସ ଟୁର୍ଣ୍ଣାମେଣ୍ଟର ପୁରୁଷ ଡବଲ୍ସରେ ଭାରତର ୟୁକି ଭାମ୍ବ୍ରୀ ଚାମ୍ପିଅନ ହୋଇଛନ୍ତି । ଆମେରିକାର

ର୍‌ୟାନ ସେଗରମାନଙ୍କୁ ସାଥୀ କରି ଖେଳୁଥିବା ଭାମ୍ବ୍ରୀ ଫାଇନାଲରେ ୭-୬ (୩/୭), ୬-୭ (୧/୭), ୧୦-୨ ସେଟରେ ଟପ୍ ସିଡ୍ ଅଷ୍ଟ୍ରିଆର ଲୁକାସ ମିଡଲର ଓ ନେଲ ଓବରଲେଇଟନରଙ୍କୁ ହରାଇଥିଲେ । ଭାରତର ଏକ ନମ୍ବର ଖେଳାଳି ଭାମ୍ବ୍ରୀଙ୍କ କ୍ୟାରିୟରର ଏହା ୫ମ ଓ ସିଜନର ପ୍ରଥମ ଡବଲ୍ସ ଟାଇଟଲ୍ ହୋଇଛି । ୩୪ ବର୍ଷୀୟ ଭାମ୍ବ୍ରୀ ଏଥିପୂର୍ବରୁ ୨୦୨୩ରେ ମାଲୋରକା ଓପନ, ୨୦୨୪ରେ ମ୍ୟୁନିକ ଓପନ୍ ଓ ୨୦୨୫ରେ ଦୁବାଇ ଟୁର୍ଣ୍ଣାମେଣ୍ଟରେ ଚାମ୍ପିଅନ ହୋଇଥିଲେ ।

■ ୧୫ ବର୍ଷରୁ କମ୍ ଫିଫା ବିଶ୍ୱକପ୍

କାମେରୁନ୍‌କୁ ହରାଇଲା ଭାରତ

ନୂଆଦିଲ୍ଲୀ,୨୬।୧୦(ଏଜେନ୍ସି): କାମେରୁନ୍‌କୁ ୨-୧ ଗୋଲରେ ହରାଇ ଭାରତ ଆଜରବୈଜାନ୍‌ର ବାକୁଠାରେ ଚାଲିଥିବା ୧୫ ବର୍ଷରୁ କମ୍ ଫିଫା ବିଶ୍ୱକପ୍‌ରେ କ୍ରମାଗତ ବିଜୟ ହାସଲ କରିଛି । ପ୍ରଥମ ମୁକାବିଲାରେ ଲାଓସକୁ ପରାସ୍ତ କରିଥିବା ଭାରତ ତାହା ତୃତୀୟ ଲିଗ୍ ମ୍ୟାଚ୍‌ରେ ଗ୍ରେନେଡାକୁ ରବିବାର ଭେଟିବ । ଏହି ବିଜୟ ଫଳରେ ଗ୍ରୁପ୍-କେ'ରେ ଭାରତ ଏକମାତ୍ର ଦଳ ଭାବେ ଉଭୟ ମ୍ୟାଚ୍‌ରେ ବିଜୟୀ ହୋଇଛି । ଫାରେଲି ଏନ୍‌ଗୋବୋ ଆତ୍ମଘାତୀ ଗୋଲ ଦେବା ଫଳରେ ଭାରତ ୧-୦ ଗୋଲରେ ଆଗୁଆ ରହିଥିଲା । ମହମ୍ମଦ୍ ସୋହେଲ ଖାନ୍ ଭାରତ ପକ୍ଷରୁ ଆତ୍ମଘାତୀ ଗୋଲ ଦେବା ଫଳରେ ଖେଳ ସମାନସ୍ତରକୁ ଆସିଯାଇଥିଲା । ଦ୍ୱିତୀୟାର୍ଦ୍ଧରେ ଆର୍ ଲାଲରେମ୍ରୁଆଟଫେଲା ଗୋଲ ଦେଇ ଭାରତକୁ ୨-୧ରେ ଅଗ୍ରଣୀ କରାଇଥିଲେ । ଏହା ପରେ ଭାରତୀୟ ଦଳର ଗୋଲରକ୍ଷକ ଜେନିତ ଏକ ପେନାଲ୍ଟି ସହ ଏକାଧିକ ଗୋଲ ଦେବାର ସୁଯୋଗକୁ ପ୍ରତିହାତ କରିବା ଫଳରେ ଭାରତ ଏହି ମ୍ୟାଚ୍‌ରେ ବିଜୟୀ ହୋଇଥିଲା । ଏହି ମୁକାବିଲାରେ ଭାରତ ଆରମ୍ଭରୁ ଆକ୍ରମଣାତ୍ମକ ଖେଳିବା ଫଳରେ ଅସ୍ତବ୍ୟସ୍ତ କାମେରୁନ୍ ଆତ୍ମଘାତୀ ଗୋଲ ସ୍କୋର କରିବାକୁ ବାଧ୍ୟ ହୋଇଥିଲା ।

ହରମନପ୍ରୀତ ଓ ଦୀପ୍ତିଙ୍କ ଶତକ, ବୈଷ୍ଣବୀଙ୍କ ଚତୁର ବୋଲିଂ

ଦିନକିଆ ସିରିଜ୍ କବ୍‌ଜା କଲା ଭାରତ

ଭଦୋଦରା,୨୬।୧୦(ଏଜେନ୍ସି):

ହରମନପ୍ରୀତ୍ କୌରଙ୍କ ଶତକ, ଦୀପ୍ତି ଶର୍ମାଙ୍କ ଅଲରାଉଣ୍ଡ ସଫଳତା ଓ ବୈଷ୍ଣବୀ ଶର୍ମାଙ୍କ ଚତୁର ବୋଲିଂ ବଳରେ ଏଠାରେ ରବିବାର ଖେଳାଯାଇଥିବା ଦ୍ୱିତୀୟ ମହିଳା ଦିନକିଆରେ ଭାରତ ୧୨୧ ରନ୍‌ରେ ଜିମ୍ବାୱେକୁ ପରାସ୍ତ କରିଛି । ଏହା ଫଳରେ ପ୍ରଥମ ଦିନକିଆକୁ ୯ ୱିକେଟରେ ଜିତିଥିବା ଭାରତ ଗୋଟିଏ ମ୍ୟାଚ୍ ବାକିଥାଇ ଆଗୁଆ ସିରିଜ୍ ଜିତିନେଇଛି । ଏହି ବିଜୟ ଫଳରେ ଭାରତ ୨-୦ରେ ଅପରାଜେୟ ଅଗ୍ରଣୀ ନେବାରେ ସଫଳ ହୋଇଛି । ସିରିଜ୍‌ର ତୃତୀୟ ତଥା ଶେଷ ଦିନକିଆ ବୁଧବାର ଖେଳାଯିବ ।

ଏହି ମ୍ୟାଚ୍‌ରେ ପୂର୍ବତନ ଅଧିନାୟିକା ହରମନପ୍ରୀତ୍ ୧୨୧ ବଲ୍‌ରୁ ୧୫ଚୌକା ସହ ୧୨୬ ଓ ଦୀପ୍ତି ୮୬ ବଲ୍‌ରୁ ମଧ୍ୟ ୧୫ ଚୌକା ସହ ୧୦୬ ରନ୍ କରିଥିଲେ । ଏମାନେ ଚତୁର୍ଥ ୱିକେଟରୁ ୧୫୩ ରନ୍ ଉଠାଇ ଭାରତ ଲାଗି ରେକର୍ଡ ପାର୍ଟନରସିପ୍ ସଂଗ୍ରହ କରିଥିଲେ । ପ୍ରଥମ ଦିନକିଆରେ ଶତକ ହାସଲ କରିଥିବା ପ୍ରତୀକା ରାୱଲ ମଧ୍ୟ ୬୧ ରନ୍ କରିଥିଲେ । ଏହି ୩ ବ୍ୟାଟରଙ୍କ ଦମ୍‌ଦାର ପ୍ରଦର୍ଶନ ବଳରେ ପ୍ରଥମେ ବ୍ୟାଟିଂ କରିଥିବା ଭାରତ ନିର୍ଦ୍ଧାରିତ ୫୦ ଓଭରରେ ୬ ୱିକେଟ ହରାଇ ୩୨୮ ରନ୍‌ର ବିଶାଳ ସ୍କୋର ସଂଗ୍ରହ କରିଥିଲା । ପ୍ରତିପକ୍ଷ ଦଳର ନମ୍‌ଭେଲୋ ସିବାନ୍ଦା ୨ଟି ୱିକେଟ ନେଇଥିଲେ ।

ଜବାବରେ ୩୨୯ ରନ୍‌ର ଟାର୍ଗେଟକୁ ପିଛା କରି ଜିମ୍ବାୱେ ଲଢୁଆ ବ୍ୟାଟିଂ ସହ ଭାରତକୁ ସଂଘର୍ଷ କରିବାକୁ ବାଧ୍ୟ କରିଥିଲା । କିନ୍ତୁ ସ୍ପିନର ବୈଷ୍ଣବୀ ଶର୍ମା ବୋଲିଂ କରିବାକୁ ଆସିବା ପରେ ସବୁକିଛି ଓଲଟପାଲଟ ହୋଇଯାଇଥିଲେ । ସେ ଜଣଙ୍କ ପରେ ଜଣେ ଜିମ୍ବାୱେ ବ୍ୟାଟରଙ୍କୁ ବୋକା ବନାଇ ୪ଜଣଙ୍କୁ ପାଭିଲିୟନ ପଠାଇଥିଲେ । ବ୍ୟାଟିଂରେ କମାଲ ଦେଖାଇଥିବା ଦୀପ୍ତି ମଧ୍ୟ ୩ଜଣ ଖେଳାଳିଙ୍କୁ ଆଉଟ କରି ଭାରତର ବିଜୟରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ଏମାନଙ୍କ ଚତୁର ବୋଲିଂ ବଳରେ ଜିମ୍ବାୱେ ୪୮.୫ ଓଭରରେ ୨୦୭ ରନ୍ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ ଓପନର ମୋଡେଷ୍ଟର ମୁପାଚିକ୍ୱା ସର୍ବାଧିକ ୪୯, ନଂ-୩ ଚିପୋ ମୁଗେରୀ-ତିରିପାନୋ ୪୬, ବିଲଭଡ ବିଜା ୩୪, ଯୋଶେଫାଇନ ଏନ୍‌କୋମୋ ଓ ନ୍ୟାଶା ଗ୍ୱାଞ୍ଜୁରା ୨୦ ରନ୍ ଲେଖାଏଁ କରିଥିଲେ ।

ସଂକ୍ଷିପ୍ତ ସ୍କୋର

ଭାରତ : ୩୨୮/୬, ୫୦ ଓଭର (ହରମନପ୍ରୀତ୍-୧୨୬, ଦୀପ୍ତି ଶର୍ମା-୧୦୬, ପ୍ରତୀକା ରାୱଲ-୬୧, ନମ୍‌ଭେଲୋ ସିବାନ୍ଦା-୨/୩୮) ।

ଜିମ୍ବାୱେ : ୨୦୭/୧୦, ୪୮.୫ ଓଭର (ମୋଡେଷ୍ଟର ମୁପାଚିକ୍ୱା-୪୯, ଚିପୋ ମୁଗେରୀ-ତିରିପାନୋ-୪୬, ବୈଷ୍ଣବୀ ଶର୍ମା-୪/୩୯, ଦୀପ୍ତି ଶର୍ମା-୩/୩୨) ।

ପ୍ଲେୟର ଅଫ୍ ଦି ମ୍ୟାଚ୍: ହରମନପ୍ରୀତ୍

ରିବାକିନା, ସିନିଆକୋଭା ଚାମ୍ପିଅନ

ନିଙ୍ଗବୋ, ୨୬ ।୧୦ (ଏଜେନ୍ସି): ଚାଇନାରେ ରବିବାର ଶେଷ ହୋଇଥିବା ନିଙ୍ଗବୋ ଓପନ ଟେନିସ ଟୁର୍ଣ୍ଣାମେଣ୍ଟରେ କାଜାଖସ୍ତାନର ଏଲିନା ରିବାକିନା ଚାମ୍ପିଅନ ହୋଇଛନ୍ତି । ବିଶ୍ୱର ଏକ ନମ୍ବର ଖେଳାଳି ରିବାକିନା ଫାଇନାଲରେ ୬-୨, ୬-୨ ସିଧାସଳଖ ସେଟରେ କାନାଡାର ଲେଲା ଫର୍ଣ୍ଣାଣ୍ଡିଜଙ୍କୁ ହରାଇ ଟାଇଟଲ୍ ବଜାୟ ରଖିବାରେ ସଫଳ ହୋଇଛନ୍ତି । ଅପରପକ୍ଷରେ ଟୋକିଓରେ ଅନୁଷ୍ଠିତ ଜାପାନ ଓପନରେ ଚେକ ଗଣରାଜ୍ୟର କାଟେରିନା ସିନିଆକୋଭା ଚାମ୍ପିଅନ ହୋଇଛନ୍ତି । ରବିକାର ଖେଳାଯାଇଥିବା ଫାଇନାଲରେ ସିନିଆକୋଭା ୬-୧, ୬-୦ ସିଧାସଳଖ ସେଟରେ ଆମେରିକାର ଆଶଲିନ କର୍ଗରଙ୍କୁ ପରାସ୍ତ କରିଥିଲେ । ୨୨ ବର୍ଷୀୟା ସିନିଆକୋଭା ୩ ବର୍ଷର ପ୍ରତୀକ୍ଷାର ଅନ୍ତ ଘଟାଇ ପ୍ରଥମ ଟାଇଟଲ୍ ଜିତିବାରେ ସଫଳ ହୋଇଛନ୍ତି ।

ଦ୍ୱିତୀୟ ଅନ୍‌ଅଫିସିଆଲ୍ ଟେଷ୍ଟ

ଦେବଦତ୍ତ ପାଡ଼ିକଲଙ୍କ ଅର୍ଦ୍ଧଶତକ

ଲିନକିନ,୨୬।୧୦(ଏଜେନ୍ସି): ନ୍ୟୁଜିଲାଣ୍ଡ ବିପକ୍ଷ ୨ ଟିକିଆ ସିରିଜ୍ ପୂର୍ବରୁ ଟେଷ୍ଟ ବିଶାରଦଙ୍କୁ ନେଇ ଚାଲିଥିବା ଅନ୍‌ଅଫିସିଆଲ ଟେଷ୍ଟରେ ଦେବଦତ୍ତ ପାଡ଼ିକଲ ପ୍ରଥମ ଭାରତୀୟ ଭାବେ ଅର୍ଦ୍ଧଶତକ ହାସଲ କରିଛନ୍ତି । ପ୍ରଥମ ଇନିଂସରେ ୨୦୪ ରନ୍‌ରେ ପଛୁଆ ଥିବା ଭାରତ-ଏ' ଦ୍ୱିତୀୟ ଇନିଂସରେ ୨ ୱିକେଟ ହରାଇ ୧୦୬ ରନ୍ କରିନେଇଛି । ଏଥିରେ ପାଡ଼ିକଲ ୫୬ ଓ ସାଇ ସୁଦର୍ଶନ ୩୯ ରନ୍‌ରେ ବ୍ୟାଟିଂ କରୁଥିଲେ । ଏହି ଟେଷ୍ଟରେ ଭାରତ ପକ୍ଷରୁ ଏହା ପ୍ରଥମ ଅର୍ଦ୍ଧଶତକ । ପ୍ରଥମ ଇନିଂସରେ ଦଳ ମାତ୍ର ୧୧୩ ରନ୍ କରିଥିଲାବେଳେ ଯଶ ରାଠୋଡ ସର୍ବାଧିକ ୪୪ ଓ ପାଡ଼ିକଲ ୩୨ ରନ୍ କରିଥିଲେ । ଓପନର ଯଶସ୍ୱୀ ଜୟସ୍ୱାଲ ପ୍ରଥମ ଇନିଂସରେ ୧୭ ଓ ଦ୍ୱିତୀୟ ଇନିଂସରେ ଖାତା ଖୋଲି ପାରି ନାହାନ୍ତି । ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସରେ ୩୧୭ ରନ୍ କରିଥିଲା । ଓପନର ରାହିସ୍ ମାରିଉ ସର୍ବାଧିକ ୭୬ରନ୍ କରିଥିଲାବେଳେ ଅତିରିକ୍ତରୁ ୪୬ ରନ୍ ମିଳିଥିଲା । ଏହା ମଧ୍ୟରୁ ବାଇ ୧୯, ଲେଗ୍‌ବାଇ ୧୯, ନୋ ବଲ୍ ୬ଟି ଓ ୱାଇଡ୍ ବଲ ୨ଟି ବୋଲିଂ କରାଯାଇଥିଲା । ଭାରତ-ଏ' ପକ୍ଷରୁ ଅଂଶୁଲ କାମ୍ବୋଜ ଓ ଆକିବ ନବି ୩ଟି ଲେଖାଏଁ, ଆକଶ ଦୀପ ୨ଟି ୱିକେଟ ପାଇଥିଲେ । ଭାରତ-ନ୍ୟୁଜିଲାଣ୍ଡ ଟେଷ୍ଟ ସିରିଜ୍‌ର ପ୍ରଥମ ମୁକାବିଲା ନଭେମ୍ବର ୧୯ ରୁ ଆରମ୍ଭ ହେବ ।

ଆଣ୍ଡରସନଙ୍କ ସହ ୨୫ ବର୍ଷର ସମ୍ପର୍କ ତୁଟାଇଲା ଲଙ୍କାଶାୟର

ଲଣ୍ଡନ, ୨୬ ।୧୦ (ଏଜେନ୍ସି): ଇଂଲଣ୍ଡର ପୂର୍ବତନ ଦ୍ରୁତ ବୋଲର ଜେମ୍ସ ଆଣ୍ଡରସନଙ୍କ ସହ କାଉଣ୍ଟି କ୍ରିକେଟ୍ କ୍ଲବ ଲଙ୍କାଶାୟର ଦୀର୍ଘ ଅଢ଼େଇ ବର୍ଷର ସମ୍ପର୍କ ତୁଟାଇଛି । ଆଗାମୀ ୨୦୨୭ ସିଜନ ଲାଗି ଲଙ୍କାଶାୟର କ୍ଲବ ଆଣ୍ଡରସନଙ୍କ ସହ ଚୁକ୍ତି ନବୀକରଣ କରିନାହିଁ । ଏହାପରେ ଆଣ୍ଡରସନ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟ ସେୟାର କରି ଲଙ୍କାଶାୟର ସହ ତାଙ୍କର

୨୫ ବର୍ଷର ସମ୍ପର୍କର ଅନ୍ତ ଘଟିଥିବା ଘୋଷଣା କରିଥିଲେ । ଉଲ୍ଲେଖଯୋଗ୍ୟ ୪୪ ବର୍ଷୀୟ ଆଣ୍ଡରସନ ୨୦୨୪ରେ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଥିଲେ । କିନ୍ତୁ ସେ ତାଙ୍କ ଘରୋଇ କାଉଣ୍ଟି ଦଳ ଲଙ୍କାଶାୟର ପକ୍ଷରୁ ଖେଳିବା ଜାରି ରଖିଥିଲେ । ମାତ୍ର ୧୭ ବର୍ଷ ବୟସରେ ୨୦୦୦ ମସିହାରେ ଲଙ୍କାଶାୟର କ୍ଲବରେ ଯୋଗ ଦେଇଥିବା ଆଣ୍ଡରସନ ମୋଟ୍ ୫୭୬ଟି ୱିକେଟ ନେଇଛନ୍ତି ।

ଭାରତରେ ପ୍ରଥମଥର ଆୟୋଜିତ ହେବ ବିଶ୍ୱ ଭାରୋତ୍ତୋଳନ

ଅହମ୍ମଦାବାଦ, ୨୬ ।୧୦ (ଏଜେନ୍ସି): ଅହମ୍ମଦାବାଦରେ ୨୦୨୯ ମସିହାରେ ବିଶ୍ୱ ସିନିଅର ଭାରୋତ୍ତୋଳନ ଚାମ୍ପିଅନସିପ୍ ଆୟୋଜିତ ହେବ । ଅନ୍ତର୍ଜାତୀୟ ଭାରୋତ୍ତୋଳନ ମହାସଂଘ (ଆଇଡବ୍ଲ୍ୟୁଏଫ) ପକ୍ଷରୁ ରବିବାର ଏହି ଘୋଷଣା କରାଯାଇଛି । ଫଳରେ ଭାରତ ପ୍ରଥମଥର ଲାଗି ଏହି ସମ୍ମାନଜନକ ପ୍ରତିଯୋଗିତାକୁ ଆୟୋଜନ କରିବାର ଅଧିକାର ପାଇଛି । ସେହିଭଳି ଏହି ପ୍ରତିଯୋଗିତାର ୨୦୩୦ ସଂସ୍କରଣ ଆୟୋଜନ ଅଧିକାର ରୁଷିଆର ରାଜଧାନୀ ମସ୍କୋକୁ ମିଳିଛି । ରବିବାର ଚାଇନାର ନିଙ୍ଗବୋରେ ଅନୁଷ୍ଠିତ ଆଇଡବ୍ଲ୍ୟୁଏଫ୍‌'ର କାର୍ଯ୍ୟନିର୍ବାହୀ ବୋର୍ଡ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି ।

ସିନିଅର ନ୍ୟାସନାଲ ଆକ୍ୱାଟିକ୍

ପ୍ରଥମ ଦିବସରେ ଓଡ଼ିଶାକୁ ୩ ପଦକ

ଭୁବନେଶ୍ୱର, ୨୬ ।୧୦ (ସମିସ): ଗୁଜରାଟର ଅହମ୍ମଦାବାଦରେ ରବିବାର ସର୍ଟ କୋର୍ସ ସିନିଅର ନ୍ୟାସନାଲ ଆକ୍ୱାଟିକ ଚାମ୍ପିଅନସିପ୍ ଉଦ୍‌ଘାଟିତ ହୋଇଯାଇଛି । ପ୍ରଥମ ଦିବସରେ ଓଡ଼ିଶାକୁ ଗୋଟିଏ ଲେଖାଏ ସ୍ୱର୍ଣ୍ଣ, ରୌପ୍ୟ ଓ କାଂସ୍ୟ ସହ ମୋଟ୍ ୩ଟି ପଦକ ମିଳିଛି । ଅଭିଜ୍ଞ ସନ୍ତରଣକାରୀ ପ୍ରତ୍ୟାଶା ରାୟ ମହିଳା ୧୦୦ ମିଟର ବ୍ୟାକ୍‌ଷ୍ଟ୍ରୋକରେ ସ୍ୱର୍ଣ୍ଣିମ ସଫଳତା ପାଇଥିଲେ । ସେହିଭଳି ଚାରି ଗୁଣା ୧୦୦ ମିଟର ଫ୍ରିଷ୍ଟାଇଲ ରିଲେରେ ଓଡ଼ିଶା ମହିଳା ସନ୍ତରଣକାରୀ ଦଳ ରୌପ୍ୟ ପଦକ ବିଜୟୀ ହୋଇଛି । ୪ ମିନିଟ ୦୩.୫୦ ସେକେଣ୍ଡରେ ଏହି ଦୂରତାକୁ ଫିନିଶ କରି ଓଡ଼ିଶା ଦ୍ୱିତୀୟ ସ୍ଥାନରେ ରହିଥିଲା । ପ୍ରତ୍ୟାଶା, ସ୍ରିଷ୍ଟି ଉପାଧ୍ୟାୟ, ସୋନିଆ ପଟେଲ ଓ ଅଂଶିକା ଆରାଧନା ସାହୁ ପଦକ ବିଜୟୀ ଓଡ଼ିଶା ମହିଳା ଦଳର ସଦସ୍ୟା ରହିଥିଲେ । ଏହି ଇଭେଣ୍ଟରେ ଶକ୍ତିଶାଳୀ କର୍ଣ୍ଣାଟକ ଦଳ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲା ।

ଅପରପକ୍ଷରେ ମହିଳା ୧୦୦ ମିଟର ବଟରଫ୍ଲାଏ ଇଭେଣ୍ଟରେ ଓଡ଼ିଶାର ସ୍ରିଷ୍ଟି ୩ୟ ସ୍ଥାନରେ ରହି କାଂସ୍ୟ ପଦକ ଜିତିଛନ୍ତି ।

ଜାତୀୟ ଲନ୍‌ବଲ : ସେମିରେ ଶୁଭ୍ରାଂଶୁ, ରାଜେଶ୍ୱରୀ

ବଲାଙ୍ଗିର,୨୬।୧୦(ସମିସ): ଓଡ଼ିଶାର ଶୁଭ୍ରାଂଶୁ ଡାଙ୍ଗ ଓ ରାଜେଶ୍ୱରୀ ସେଠ୍ ଏଠାରେ ଚାଲିଥିବା ଜାତୀୟ ଲନ୍‌ବଲ ଚାମ୍ପିଅନସିପ୍‌ର ସେମିଫାଇନାଲରେ ପ୍ରବେଶ କରିଛନ୍ତି । ବଲାଙ୍ଗିରର ଆର୍‌ଏନ୍ ସିଂଦେଓ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଚାଲିଥିବା ଏହି ଚାମ୍ପିଅନସିପ୍‌ର ୨୫ ବର୍ଷରୁ କମ୍ ପୁରୁଷ ବିଭାଗରେ ଶୁଭ୍ରାଂଶୁ ଏବଂ ମହିଳା ବିଭାଗରେ ରାଜେଶ୍ୱରୀ ସେମିଫାଇନାଲରେ ପ୍ରବେଶ କରି ଓଡ଼ିଶାର ଦମ୍ ତଥା ପ୍ରଭାବୀ ପ୍ରଦର୍ଶନ କରିବାରେ ସଫଳ ହୋଇଛନ୍ତି । ଆଜି ଖେଳାଯାଇଥିବା କ୍ୱାର୍ଟର ଫାଇନାଲ ମୁକାବିଲାରେ ଶୁଭ୍ରାଂଶୁ ଏକତରଫା ଭାବେ ତାଙ୍କ ଦିଲ୍ଲୀ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୧-୧୧ରେ ଏବଂ ରାଜେଶ୍ୱରୀ ତାଙ୍କ ମେଘାଳୟ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୨୧-୪ରେ ପରାସ୍ତ କରିଥିଲେ । ଆସନ୍ତାକାଲି ସୋମବାର ଚାମ୍ପିଅନସିପ୍‌ର ଚୂଡ଼ାନ୍ତ ଦିବସ । ୧୮ ବର୍ଷରୁ କମ୍ ପ୍ରତିଯୋଗିତା ସହ ଏହି ଜାତୀୟ ପ୍ରତିଯୋଗିତା ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଆୟୋଜକ ଓଡ଼ିଶା ଲନ୍‌ବଲ ସଂଘ ସମ୍ପାଦକ ସୁମିତ ରଞ୍ଜନ ପୁରୋହିତ ଜଣାଇଛନ୍ତି ।

ସଦାବଙ୍କ ଶତକ; ପାକିସ୍ତାନର ନାଟକୀୟ ବିଜୟ

ଲାହୋର, ୨୬ ।୧୦ (ଏଜେନ୍ସି): ବ୍ୟାଟିଂକ୍ରମର ୮ମ ସ୍ଥାନରେ ଆସିଥିବା ସଦାବ ଖାନ(୧୧୩)ଙ୍କ ଅବିଶ୍ୱସନୀୟ ଅପରାଜିତ ଶତକୀୟ ପାଳି ବଳରେ ରବିବାର ରାତିରେ ଏଠାରେ ଅନୁଷ୍ଠିତ ତ୍ରି-ରାଷ୍ଟ୍ରୀୟ ଦିନକିଆ ସିରିଜର ଏକ ରୋମାଞ୍ଚକ ମ୍ୟାଚରେ ପାକିସ୍ତାନ ୧ ୱିକେଟରେ ଇଂଲଣ୍ଡକୁ ପରାସ୍ତ କରିଛି । ଏହି ମ୍ୟାଚରେ ୨୪୨ ରନକୁ ପିଛା କରିଥିବା ପାକିସ୍ତାନ ୧୫୪ ରନରେ ୯ଟି ୱିକେଟ ହରାଇ ନିଶ୍ଚିତ ପରାଜୟ ଦ୍ୱାରରେ ରହିଥିଲା । ତେବେ ସଦାବ ଖାନ ଓ ୧୧ ନମ୍ବର ବ୍ୟାଟର ହାରିସ ରୌଫ (୭*) ଶେଷ ୱିକେଟ ଯୋଡ଼ିରେ ୮୦ ବଲରୁ ୮୯ ରନ ଉଠାଇ ପାକିସ୍ତାନକୁ ନାଟକୀୟ ବିଜୟ ଭେଟି ଦେଇଥିଲେ ।

ରାଜ୍ୟ ସ୍ପିଡ୍ ସ୍କେଟିଂ ଚାମ୍ପିଅନସିପ୍ ଉଦ୍‌ଯାପିତ

ଭୁବନେଶ୍ୱର, ୨୬ ।୧୦ (ସମିସ): ଓଡ଼ିଶା ରାଜ୍ୟ ସ୍ପିଡ୍ ସ୍କେଟିଂ ଚାମ୍ପିଅନସିପ ରବିବାର ଉଦ୍‌ଯାପିତ ହୋଇଯାଇଛି । କଳିଙ୍ଗ ଷ୍ଟାଡିୟମ, ବୁଦ୍ଧ ପାର୍କ ଓ ସ୍ୱସ୍ତି ପ୍ରିମିୟମ ରୋଡ୍‌ରେ ୩ ଦିନ ଧରି ଆୟୋଜିତ ଏହି ପ୍ରତିଯୋଗିତାରେ ରାଜ୍ୟର ୩୨୦ ସ୍କେଟର୍ ଅଂଶଗ୍ରହଣ କରିଥିଲେ । ଯେଉଁଥିରେ ପୁରୀ, କୋରାପୁଟ, ସୁବର୍ଣ୍ଣପୁର, କଟକ ସଂଘ ଓ ଏକାମ୍ର ସ୍କେଟିଂ ଏକାଡେମୀ, ଉକ୍ରଲ ୟୁନିକର୍ନ ରୋଲର ସ୍ପୋର୍ଟ୍ସ ଏକାଡେମୀ, କଳିଙ୍ଗ ରୋଲର ସ୍ପୋର୍ଟ୍ସର ସ୍କେଟର ସାମିଲ ରହିଥିଲେ । ଏହି ପ୍ରତିଯୋଗିତାରୁ ୨୧୩ଜଣ ସ୍କେଟର୍ ବେଙ୍ଗାଲୁରୁରେ ହେବାକୁ ଥିବା ଆଗାମୀ ଜାତୀୟ ଚାମ୍ପିଅନସିପକୁ ଯୋଗ୍ୟତା ଅର୍ଜନ କରିଛନ୍ତି । ଏହି ଚାମ୍ପିଅନସିପ୍ ଓଡ଼ିଶା ସ୍ପିଡ୍ ସ୍କେଟିଂ ଆସୋସିଏସନ ଓ କ୍ରୀଡ଼ା ଏବଂ ଯୁବସେବା ବିଭାଗ ଆନୁକୂଲ୍ୟରେ ଆୟୋଜିତ ହୋଇଥିଲା । ପ୍ରତିଯୋଗିତା ଶେଷରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଓ ଏକାମ୍ର ବିଧାୟକ ବାବୁ ସିଂ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ ।

କିଟ୍‌ରେ ରଣଜୀ ମୁକାବିଲା ଆଜିଠାରୁ

ପ୍ରଥମ ପଏଣ୍ଟ ଲକ୍ଷ୍ୟରେ ଓଡ଼ିଶା-ସର୍ଭିସେସ୍

ଭୁବନେଶ୍ୱର,୨୬।୧୦(ସମିସ)

ଆୟୋଜକ ଓଡ଼ିଶା ଏବଂ ଭ୍ରମଣକାରୀ ଦଳ ସର୍ଭିସେସ୍ ମଧ୍ୟରେ ସ୍ଥାନୀୟ କିଟ୍ କ୍ରିକେଟ ଷ୍ଟାଡିୟମ୍‌ରେ ତୃତୀୟ ରାଉଣ୍ଡ ରଣଜୀ ମୁକାବିଲା ଆସନ୍ତାକାଲିଠାରୁ ଆରମ୍ଭ ହେବ । ଏହି ମୁକାବିଲା ପୂର୍ବରୁ ଉଭୟ ଦଳ ୨ଟି ଲେଖାଏଁ ମ୍ୟାଚ୍ ଖେଳିଛନ୍ତି । ଉଭୟ ମ୍ୟାଚ୍‌ରେ ଦୁଇ ଦଳ ପରାଜିତ ହୋଇଛନ୍ତି । ଓଡ଼ିଶା ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ଗୁଜରାଟ ନିକଟରୁ ୧୦ ୱିକେଟରେ ଓ ଦ୍ୱିତୀୟ ମ୍ୟାଚ୍‌ରେ କେରଳମଠାରୁ ଏକ ଇନିଂସ ଓ ୩୬ ରନ୍‌ରେ ହାରିଛି ଓଡ଼ିଶା । ସେହିପରି ସର୍ଭିସେସ୍ ଖେଳିଥିବା ପ୍ରଥମ ମ୍ୟାଚ୍‌ରେ ମହାରାଷ୍ଟ୍ରଠାରୁ ୧୨୭ ରନ୍‌ରେ ଓ ଦ୍ୱିତୀୟ ମ୍ୟାଚ୍‌ରେ ବେଙ୍ଗଲଠାରୁ ୬୦ ରନ୍‌ରେ ପରାଜିତ ହୋଇଛି । ପରାଜୟର ବ୍ୟବଧାନ ଦେଖିଲେ ଓଡ଼ିଶା ଅପେକ୍ଷା ସର୍ଭିସେସ୍ ସାମାନ୍ୟ ଉନ୍ନତ ପ୍ରଦର୍ଶନ କରିଛି । ପ୍ରଦର୍ଶନକୁ ଗୁରୁତ୍ୱ ଦେଲେ ଓଡ଼ିଶା ବିପକ୍ଷରେ ସର୍ଭିସେସ୍‌ର ଶକ୍ତି କିଛି ଅଧିକ ରହିଛି ବୋଲି ଧରିନେବାକୁ ହେବ । ସେହିପରି ଦୁଇ ଦଳ ମଧ୍ୟରେ ଖେଳାଯାଇଥିବା ଗତ ୫ଟି ମୁକାବିଲାରେ ଉଭୟ ଦଳ ସମାନ ସ୍ଥିତିରେ ରହିଛନ୍ତି । ୨୦୧୯ରେ ଓଡ଼ିଶା ଏକ ଇନିଂସ ଓ ୩୧ ରନ୍‌ରେ ଜିତିଥିଲାବେଳେ ୨୦୨୫ରେ ସର୍ଭିସେସ୍ ୧୦ ୱିକେଟରେ ଜିତିଥିଲା । ଅନ୍ୟ ୩ଟି ମ୍ୟାଚ୍ ଡ୍ର ରହିଥିଲା ।

ଏବେ ପ୍ରଥମ ଦୁଇ ରାଉଣ୍ଡ ଖେଳକୁ ଦେଖିଲେ ଓଡ଼ିଶା ଦଳ ଭଲ ଆରମ୍ଭ କରିଥିଲେ ମଧ୍ୟ ବେଶିସମୟ ତାହା ରଖିପାରୁ ନାହିଁ । କିଟରେ ଉଭୟ ଦଳ ପ୍ରଥମ ପଏଣ୍ଟ ଲକ୍ଷ୍ୟ ନେଇ ଖେଳିବେ ବୋଲି ଆଶା କରାଯାଉଛି ।

ଓଡ଼ିଶା ଦଳ ନିକଟରେ ଜାତୀୟ କ୍ରିକେଟକୁ ପ୍ରଭାବିତ କରିଲାଭଳି ଖେଳାଳି ନାହାନ୍ତି । କେବଳ ଶୁଭ୍ରାଂଶୁ ସେନାପତି ଜାତୀୟସ୍ତରରେ ପ୍ରଭାବ ପକାଇପାରିବେ । କିନ୍ତୁ ତାଙ୍କ ସହ ଅନ୍ୟମାନେ ବ୍ୟାଟିଂରେ ଫେଲ ମାରିଛନ୍ତି । ଓପନର ଗୌରବ ଚୌଧୁରୀ ଓ ସନ୍ଦୀପ ପଟ୍ଟନାୟକ କିଛିଟା ବଡ଼ ସ୍କୋର କରିଛନ୍ତି । ବୋଲିଂରେ ବାଦଲ ବିଶ୍ୱାଳ ଗୋଟିଏ ମ୍ୟାଚ୍‌ରେ ବା ଗୁଜରାଟ ବିପକ୍ଷରେ ଭଲ ଖେଳିଥିଲେ । ଏବେ ଦଳର କିଛି ପରିବର୍ତ୍ତନ କରାଯିବା ନିଶ୍ଚିତ । ବିଶେଷ କରି ବାମହାତୀ ସ୍ପିନର ସୟଦ ମହମ୍ମଦ୍ ତୁଫୈଲଙ୍କୁ ସୁଯୋଗ ମିଳିବ ବୋଲି ଆଶା କରାଯାଉଛି । ଏହା ମଧ୍ୟରେ ଦଳରେ ଆଉ ୩ଜଣ ଖେଳାଳି ଯଥା ଅନିଲ ପରିଡ଼ା, ଶୁଭମ ନାୟକ ଓ ଆଜି ଆହତ ପ୍ରଶାନ୍ତ ରଣାଙ୍କ ସ୍ଥାନରେ ଓମ୍‌କାର ମହାନ୍ତିଙ୍କୁ ସାମିଲ କରାଯାଇଛି । ଅନ୍ୟପକ୍ଷରେ ରଜତ ପାଲିୱାଲ, ରବି ଚୌହାନ, ପୁଲକିତ ନାରଙ୍ଗ କିମ୍ବା ଅର୍ଜୁନ ଶର୍ମା ଏଠାରେ ମ୍ୟାଚ୍ ବିଜୟୀ ପ୍ରଦର୍ଶନ କରିବାର ସମ୍ଭାବନାକୁ ଏଡ଼ାଇଦେଇ ହେବ ନାହିଁ । ଅନ୍ୟପକ୍ଷରେ ଓଡ଼ିଶା ଦଳ ଏଲିଟ୍ ଗ୍ରୁପ୍-ସି'ରେ ଥିବା ସମକକ୍ଷ ଦଳ ବିପକ୍ଷରେ ପୂରା ପଏଣ୍ଟ ଆଶାରେ ପଡ଼ିଆକୁ ଓହ୍ଲାଇବ ।

ବାତ୍ୟା ଅର୍ଣ୍ଣବର ପ୍ରଭାବ ପଡ଼ିପାରେ

ବଙ୍ଗୋପସାଗରରେ ଆଜି କେନ୍ଦ୍ରୀଭୂତ ହୋଇଥିବା ଲଘୁଚାପ ଆସନ୍ତାକାଲି ବାତ୍ୟା ଅର୍ଣ୍ଣବରେ ପରିଣତ ହେବ । ଏହା ପରେ ଆସନ୍ତା ୨୮ ତାରିଖ ସକାଳରୁ ପୂର୍ବାହ୍ଣ ମଧ୍ୟରେ ଓଡ଼ିଶାର ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶର କାକିନାଡାଠାରେ ସ୍ଥଳଭାଗ ଛୁଇଁବ (ଲ୍ୟାଣ୍ଡଫଲ କରିବ) । ଏହି ସମୟରେ ଏବଂ ପୂର୍ବରୁ ଭୀଷଣ ବର୍ଷା ହେବା ସାଙ୍ଗକୁ ପବନ ବହିବ ବୋଲି ପାଣିପାଗ ବିଭାଗ ସୂତ୍ରରୁ ଅନୁମାନ କରାଯାଇଛି । ଓଡ଼ିଶାର ଅବିଭକ୍ତ ଗଞ୍ଜାମ ଓ କୋରାପୁଟ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ଅନୁମାନ କରାଯାଇଛି । ଏହି ମୁକାବିଲାଟି ଭୁବନେଶ୍ୱରରେ ହେଉଥିଲେ ମଧ୍ୟ ବର୍ଷା ହେବାର ଆଶଙ୍କା ରହିଛି । ଅତୀତରେ ଏଭଳି ଘଟିଛି ଓ ଏବେ ମଧ୍ୟ ୨୮ ଓ ୨୯ ତାରିଖରେ ଏହା ହେବ ବୋଲି ଆଶଙ୍କା ପ୍ରକାଶ ପାଇଛି । ଫଳରେ ମୁକାବିଲାର ଶେଷ ଦୁଇଦିନ ବର୍ଷାଦ୍ୱାରା ବାଧାପ୍ରାପ୍ତ ହେବାର ଯଥେଷ୍ଟ ଆଶଙ୍କା ରହିଛି ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ରଞ୍ଜିତ୍ ମହାନ୍ତି
EXECUTIVE EDITOR: RANJIT MOHANTY